# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୧୭/୨୦୨୩ (୧୬ ପୃଷ୍ଠା) | Bhubaneswar, Tuesday, October 17/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୩୨୩ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 323 | ମୂଲ୍ୟ ₹୭/-





## ସଂକ୍ଷେପରେ

### ଉତ୍ତରାଖଣ୍ଡରେ ଭୂକମ୍ପ

**ପିଥୋରାଗଡ଼,୧୬ା୧୦:** ଉତ୍ତରାଖଣ୍ଡର ପିଥୋରାଗଡ଼ ଜିଲାରେ ସୋମବାର ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୪ ଥିଲା ବୋଲି ନ୍ୟାଶନାଲ୍ ସେଣ୍ଟର ଫର୍ ସିସ୍ମୋଗ୍ରାଫି ପକ୍ଷରୁ କୁହାଯାଇଛି। ପିଥୋରାଗଡ଼ଠାରୁ ଉତ୍ତରପୂର୍ବ ଦିଗରେ ୪୮ କି.ମି. ଦୂରରେ ଓ ୫ କିଲୋମିଟର ଗଭୀରରେ ଭୂକମ୍ପର କେନ୍ଦ୍ରସ୍ଥଳ ବୋଲି ଜଣାପଡ଼ିଛି। ସକାଳ ୯ଟା ୧୧ ମିନିଟ୍‌ରେ ଭୂକମ୍ପ ଅନୁଭୂତ ହୋଇଥିଲା। ଏହା ପୂର୍ବରୁ ଗତ ୫ ତିଖରେ ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲାରେ ୩.୨ ତୀବ୍ରତର ଆଉ ଏକ ଭୂକମ୍ପ ହୋଇଥିଲା।

### ଅସଦାଚରଣରୁ ଗୁଳିକାଣ୍ଡ: ୧୦ ଆହତ

**ମାହୋବା (ୟୁପି),୧୬ା୧୦:** ଉତ୍ତର ପ୍ରଦେଶର ମାହୋବା ଜିଲାର ବେନ୍ଦୋ ଗ୍ରାମରେ ଅସଦାଚରଣକୁ କେନ୍ଦ୍ରକରି ଗୁଳିମାଡ଼ ଘଟଣାରେ ୧୦ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଗୁରୁତର ୭ ଜଣଙ୍କୁ ମାହୋବା ଜିଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ବି.ଏ. ବଢୁଥିବା ଜଣେ ଛାତ୍ରୀଙ୍କୁ ଜିତେନ୍ଦ୍ର ତିୱାରୀ ନାମକ ଯୁବକ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ଜିତେନ୍ଦ୍ର ଓ ତାଙ୍କ ବାପା ଅଭିଯୋଗକାରୀ ଛାତ୍ରୀଙ୍କ ଘରେ ପହଞ୍ଚି ଗୁଳି ଚଳାଇବାରୁ ୧୦ ଜଣ ଆହତ ହୋଇଥିଲେ। ଛାତ୍ରୀଙ୍କ କହିବା ଅନୁଯାୟୀ ସେ କଲେଜ ଯାଉଥିବାବେଳେ ସପ୍ତାହେ ହେଲା ଜିତେନ୍ଦ୍ର ତାଙ୍କୁ ବାଟରେ ହଇରାଣ କରିଆସୁଥିବଲେ।

### ଆଷ୍ଟି-ଅହମଦନଗର ଟ୍ରେନ୍‌ରେ ନିଆଁ



**ମୁମ୍ବାଇ,୧୬ା୧୦:** ମହାରାଷ୍ଟ୍ରର ବିଡ୍ ଜିଲା ଅନ୍ତର୍ଗତ ଆଷ୍ଟି ସହରରୁ ଅହମଦନଗର ଯାଉଥିବା ଡେମୁ ଟ୍ରେନ୍‌ର ୫ଟି ବଗିରେ ସୋମବାର ଅପରାହ୍ନରେ ନିଆଁ ଲାଗିଯାଇଥିଲା। ଫଳରେ ଯାତ୍ରୀମାନଙ୍କୁ ତୁରନ୍ତ ଟ୍ରେନ୍‌ରୁ ଓହ୍ଲାଇ ଦିଆଯାଇଛି। ନାରାୟଣଡୋହ ଏବଂ ଅହମଦନଗର ଷ୍ଟେଶନ ମଧ୍ୟବର୍ତ୍ତୀ ସ୍ଥାନରେ ଏହି ଅଗ୍ନିକାଣ୍ଡ ଘଟିଛି। ଗାର୍ଡ ପାଖ ବ୍ରେକ୍ ଭ୍ୟାନ୍ ଏବଂ ଏହା ନିକଟରେ ଥିବା ୪ଟି ବଗିରେ ନିଆଁ ଲାଗିଯାଇଥିଲା। ୪ଟି ଦମକଳ ନିଆଁକୁ ଆୟତ୍ତ କରିଥିଲେ। ଏଥିରେ କେହି ମୃତାହତ ହୋଇନାହାନ୍ତି। ଘଟଣାସ୍ଥଳକୁ ରିଲିଫ୍ ଟ୍ରେନ୍ ପଠାଯାଇଛି।



ମହାରାଷ୍ଟ୍ରର ରତ୍ନଗିରି ଜିଲା ଅନ୍ତର୍ଗତ ଚିପ୍‌ଲୁନ୍‌ଠାରେ ମୁମ୍ବାଇ-ଗୋଆ ରାଜପଥର ଏକ ନିର୍ମାଣାଧୀନ ଫ୍ଲାଏଓଭର ସୋମବାର ଭୁଶୁଡ଼ି ପଡ଼ିଛି।

ଇଲେକ୍ଟୋରାଲ ବଣ୍ଡ୍‌କୁ ଚ୍ୟାଲେଞ୍ଜ

## ସାମ୍ବିଧାନିକ ପୀଠରେ ହେବ ଶୁଣାଣି

**ନୂଆଦିଲ୍ଲୀ,୧୬ା୧୦**

ରାଜନୈତିକ ଦଳଗୁଡ଼ିକୁ ଚାନ୍ଦା ଦେବା ଲାଗି ପ୍ରଚଳିତ ବିବାଦୀୟ ଇଲେକ୍ଟୋରାଲ ବଣ୍ଡ୍‌କୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ଅଦାଲତ ସୋମବାର ସେଗୁଡ଼ିକୁ ସାମ୍ବିଧାନିକ ପୀଠକୁ ପଠାଇଦେଇଛନ୍ତି। ଆସନ୍ତା ୩୦ରେ ଉକ୍ତ ୫ ଜଣିଆ ପୀଠରେ ପିଟିଶନଗୁଡ଼ିକର ଶୁଣାଣି ହେବ। ମାମଲାର ଗୁରୁତ୍ୱକୁ ଉପଲବ୍ଧ କରି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଜେ.ବି. ପର୍‌ଡିୱାଲ ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ ବୃହତ୍ତର ପୀଠକୁ ପଠାଇବା ଲାଗି ନିଷ୍ପତ୍ତି ନେଇଥିଲେ। ଇଲେକ୍ଟୋରାଲ ବଣ୍ଡ୍‌କୁ ଚ୍ୟାଲେଞ୍ଜ କରି ୨୦୧୭ରେ ସର୍ବୋଚ୍ଚ ଅଦାଲତରେ ପିଟିଶନ ଦାଏର ହୋଇଥିଲା। ପଞ୍ଜୀକୃତ ରାଜନୈତିକ ଦଳଗୁଡ଼ିକ, ଯେଉଁମାନେ ଲୋକ ସଭା ଓ ରାଜ୍ୟ ବିଧାନସଭା ନିର୍ବାଚନରେ ୧ ପ୍ରତିଶତରୁ ଅଧିକ ଭୋଟ ପାଇଥିବେ, ସେମାନେ ଇଲେକ୍ଟୋରାଲ ବଣ୍ଡ୍ ଜରିଆରେ ଚାନ୍ଦା ସଂଗ୍ରହ କରିବା ବ୍ୟବସ୍ଥା ରହିଥିଲା।

# ବନ୍ଧକଙ୍କୁ ମୁକ୍ତ କର, ମାନବୀୟ ସହାୟତାକୁ ଅନୁମତି ଦିଅ

ହମାସ୍, ଇସ୍ରାଏଲ୍‌କୁ ଜାତିସଂଘ ମୁଖ୍ୟଙ୍କ ନିବେଦନ

**ଜାତିସଂଘ,୧୬ା୧୦**

ଇସ୍ରାଏଲ୍ ଏବଂ ହମାସ୍ ମଧ୍ୟରେ ଯୁଦ୍ଧକୁ ୧୦ ଦିନ ବିତିଥିବାବେଳେ ଉଭୟ ପକ୍ଷରୁ ୪,୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଲାଣି। ହଜାର ହଜାର ଲୋକ ଆହତ ହୋଇଛନ୍ତି। ୨୩ ଲକ୍ଷ ଲୋକ ବସବାସ କରୁଥିବା ହମାସ୍ ଶାସିତ ଗାଜା ଷ୍ଟ୍ରିପ୍‌କୁ ଇସ୍ରାଏଲ୍ ସମ୍ପୂର୍ଣ୍ଣ ଅବରୋଧ କରି ରଖିଛି। ସେଠାକୁ ଖାଦ୍ୟ, ପାଣି, ଇନ୍ଧନ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଅବରୋଧକୁ ଆହୁରି ଜୋର୍‌ଦାର କରାଯିବ ବୋଲି ଇସ୍ରାଏଲ୍ ପ୍ରତିରକ୍ଷା ମନ୍ତ୍ରୀ ୟୋଭ୍ ଗାଲାଣ୍ଟ ସୋମବାର କହିଛନ୍ତି। ଇସ୍ରାଏଲରୁ ଅପହରଣ କରିନେଇ ବନ୍ଧକ ରଖିଥିବା ଲୋକମାନଙ୍କୁ ବିନା ସର୍ତ୍ତରେ ତୁରନ୍ତ ମୁକ୍ତ କରିଦେବାକୁ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ହମାସ୍‌କୁ ଆହ୍ୱାନ ଦେଇଛନ୍ତି। ଏହା ବ୍ୟତୀତ ଗାଜା ଷ୍ଟ୍ରିପ୍‌ର ଜନସାଧାରଣଙ୍କୁ ମାନବୀୟ ସହାୟତା ତୁରନ୍ତ ପହଞ୍ଚାଇବା ଲାଗି ଅନୁମତି ଦେବାକୁ ଇସ୍ରାଏଲ୍‌କୁ ଗୁଟେରେସ୍ ନିବେଦନ କରିଛନ୍ତି। ଏହା ଉଭୟ ଦେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିରେ କୌଣସି ମୂଳଚାଲ ହେବା ଉଚିତ ନୁହେଁ। ତୁରନ୍ତ ଏହାକୁ କାର୍ଯ୍ୟକାରୀ କରିବା ଉପରେ ଗୁଟେରେସ୍ ଜୋର୍ ଦେଇଛନ୍ତି।

ଜାତିସଂଘ ମୁଖ୍ୟ କହିଛନ୍ତି, ଗାଜାରେ ପାଣି, ବିଜୁଳି ଅଭାବ



ଆଣ୍ଟୋନିଓ ଗୁଟେରେସ୍

ସାଙ୍ଗକୁ ଅତ୍ୟାବଶ୍ୟକ ସାମଗ୍ରୀ ସରିଆସିଲାଣି। ଜାତିସଂଘର ଖାଦ୍ୟ, ଅଣଖାଦ୍ୟ ସାମଗ୍ରୀ, ଔଷଧ ଓ ଇନ୍ଧନ ଆଦି ଇଜିପ୍ଟ, ଜୋର୍ଡାନ, ୱେଷ୍ଟବ୍ୟାଙ୍କ ଏବଂ ଇସ୍ରାଏଲ୍‌ରେ ଗଚ୍ଛିତ ରହିଛି। ଯୋଗାଣ ପାଇଁ ମଧ୍ୟ ଜାତିସଂଘ କର୍ମଚାରୀ ଓ ଏନ୍‌ଜିଓ ସହଯୋଗୀମାନେ ଉପଲବ୍ଧ ରହିଛନ୍ତି। ଏହିସବୁ ସାମଗ୍ରୀ ତୁରନ୍ତ ଗାଜା ଜନସାଧାରଣଙ୍କ ପାଇଁ ଯୋଗାଇ ଦିଆଯିବା ଆବଶ୍ୟକ ବୋଲି ଗୁଟେରେସ୍ କହିଛନ୍ତି।

## ଦୂତାବାସ ଯାଇ ପାଲେଷ୍ଟିନୀୟଙ୍କୁ ସମର୍ଥନ ଜଣାଇଲେ ବିରୋଧୀ ନେତା

**ନୂଆଦିଲ୍ଲୀ,୧୬ା୧୦(ପି.ଟି.)**

ଗାଜା ଷ୍ଟ୍ରିପ୍ ଉପରେ ଇସ୍ରାଏଲ୍ ଆକ୍ରମଣ ଜାରି ରଖିଥିବାବେଳେ ଭାରତର ବିରୋଧୀ ଦଳ ନେତାମାନେ ସୋମବାର ନୂଆଦିଲ୍ଲୀସ୍ଥିତ ପାଲେଷ୍ଟାଇନ୍ ଦୂତାବାସ ଯାଇ ଏହାର ଜନସାଧାରଣଙ୍କୁ ସମର୍ଥନ ଜଣାଇଛନ୍ତି। ଦୂତାବାସ ଯାଇଥିବା ନେତାମାନଙ୍କ ମଧ୍ୟରେ ଅଛନ୍ତି ବିଏସ୍‌ପି ଏମ୍‌ପି ଡାନିସ୍ ଅଲି, ପୂର୍ବତନ କଂଗ୍ରେସ ଏମ୍‌ପି ମଣିଶଙ୍କର ଆୟାର ଏବଂ ଜେଡିୟୁ ନେତା କେ.ସି. ତ୍ୟାଗୀ। ଏମାନଙ୍କ ବ୍ୟତୀତ ସିପିଆଇ (ଏମ୍‌ଏଲ୍)ର ସାଧାରଣ ସମ୍ପାଦକ ଦୀପଙ୍କର ଭଟ୍ଟାଚାର୍ଯ୍ୟ ଏବଂ ସମାଜବାଦୀ ପାର୍ଟି ଏମ୍‌ପି ଜାଭେଦ ଅଲି ଖାନ୍ ପାଲେଷ୍ଟାଇନ୍ ଦୂତାବାସ ଯାଇଥିଲେ। ବିଶ୍ୱର ସବୁ ଲୋକଙ୍କ ପାଇଁ ଆମେ ସ୍ୱର ଉତ୍ତୋଳନ କରୁଛୁ। ଗାଜାରେ କେବଳ ମନଇଚ୍ଛା ଲୋକମାନଙ୍କୁ ହତ୍ୟା କରାଯାଉନାହିଁ, ବିଶ୍ୱକୁ ତୃତୀୟ



ଦୀପଙ୍କର ଭଟ୍ଟାଚାର୍ଯ୍ୟ

ବିଶ୍ୱଯୁଦ୍ଧ ଆଡ଼କୁ ଠେଲିଦିଆଯାଉଛି। ଏହା ବିରୋଧରେ ଶାନ୍ତି ପାଇଁ ଜୋର୍‌ଦାର ସ୍ୱର ଉତ୍ତୋଳନ କରିବାକୁ ପଡ଼ିବ ବୋଲି ଭଟ୍ଟାଚାର୍ଯ୍ୟ କହିଛନ୍ତି। ହମାସ୍ ଆତଙ୍କବାଦୀମାନେ ଇସ୍ରାଏଲ୍ ଉପରେ ଆକ୍ରମଣ କରିବା ଏବଂ ଜେରୁଜେଲମ୍ ଏହାର ଜବାବ ଦେବାକୁ ନେଇ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଇସ୍ରାଏଲ୍‌ର ଆକ୍ରମଣରେ ଗାଜା ଷ୍ଟ୍ରିପ୍‌ର ୨,୬୦୦ରୁ ଅଧିକ ଲୋକ ପ୍ରାଣ ହରାଇଲେଣି ଯାହା ବିଶ୍ୱ ପାଇଁ ଚିନ୍ତାର ବିଷୟ ହୋଇଛି।

# ହୃଦ୍‌ସ୍ପନ୍ଦନ ବନ୍ଦ କରିପାରିବୁ ନାହିଁ



**ନୂଆଦିଲ୍ଲୀ,୧୬ା୧୦**

୨୬ ସପ୍ତାହରେ ଗର୍ଭପାତ ଆବେଦନକୁ ଖାରଜ କଲେ ସୁପ୍ରିମକୋର୍ଟ

୨୬ ସପ୍ତାହର ଗର୍ଭବତୀ ଥିବା ଜଣେ ବିବାହିତା ମହିଳାଙ୍କ ଗର୍ଭପାତ ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଗର୍ଭସ୍ଥ ଶିଶୁଠାରେ କୌଣସି ଅସ୍ୱାଭାବିକତା ନ ଥିବା ଏମ୍ସ ରିପୋର୍ଟ ଆଧାରରେ ସର୍ବୋଚ୍ଚ ଅଦାଲତ ଉପରୋକ୍ତ ରାୟ ଦେଇଛନ୍ତି। ମାଆଙ୍କ ଜୀବନ ପ୍ରତି ବିପଦ ନ ଥିବାରୁ ୨୬ ସପ୍ତାହ ୫ ଦିନର ଭ୍ରୂଣକୁ ମାରିଦେବା ପାଇଁ ଅନୁମତି ଦେଇ ଡାକ୍ତରୀ ଗର୍ଭପାତ (ଏମ୍‌ଟିପି) ଆଇନର ଧାରା ୩ ଏବଂ ୫ର ଉଲ୍ଲଂଘନ କରାଯାଇପାରିବ ନାହିଁ ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି। ଆମେ ହୃଦ୍‌ସ୍ପନ୍ଦନ ବନ୍ଦ କରିପାରିବୁ ନାହିଁ ବୋଲି ସିଜେଆଇ ସ୍ପଷ୍ଟ କରିଦେଇଛନ୍ତି। ଏହି ମାମଲାରେ ସମସ୍ତ ଡାକ୍ତରୀ ଖର୍ଚ୍ଚ ସରକାର ବହନ କରିବାକୁ ଅଦାଲତ କହିଛନ୍ତି। ମହିଳା ଜଣକ ଯଦି ନବଜାତଙ୍କୁ ଲାଳନ ପାଳନ କରିବାକୁ ନ ଚାହାନ୍ତି, ତେବେ ପୋଷ୍ୟ ସନ୍ତାନ ଭାବେ ଦେଇପାରିବେ ବୋଲି ମଧ୍ୟ ଖଣ୍ଡପୀଠ କହିଛନ୍ତି।

ଏମ୍‌ଟିପି ଆଇନ ଅନୁଯାୟୀ ଜଣେ ବିବାହିତା ମହିଳାଙ୍କ ନିମନ୍ତେ ଗର୍ଭପାତର ସର୍ବାଧିକ ସମୟସୀମା ୨୪ ସପ୍ତାହ ରହିଛି। ଏପରିକି ବଳାତ୍କାର ପୀଡ଼ିତା ଏବଂ ମହିଳା ଭିନ୍ନକ୍ଷମ ତଥା ନାବାଳିକାଙ୍କ କ୍ଷେତ୍ରରେ ମଧ୍ୟ ଏହି ନିୟମ ପ୍ରଯୁଜ୍ୟ। ୨ ପିଲାର ମାଆ ଜଣକ ଅବସାଦଗ୍ରସ୍ତ ଥିବା ଏବଂ ଆର୍ଥିକ ଏବଂ ଆବେଗିକ ଦୃଷ୍ଟିରୁ ସେ ତୃତୀୟ ସନ୍ତାନର ପାଳନ ପୋଷଣ କରିବା ସ୍ଥିତିରେ ନ ଥିବା ଦର୍ଶାଇ ଗର୍ଭପାତ ପାଇଁ ଅଦାଲତଙ୍କ ଅନୁମତି ଲୋଡ଼ିଥିଲେ।

## ରାଜ୍ୟ ସଭା ସଚିବାଳୟକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

ରାଘବ ଚଢ଼ାଙ୍କ ନିଲମ୍ବନ ମାମଲା



**ନୂଆଦିଲ୍ଲୀ,୧୬ା୧୦**

ଆମ୍ ଆଦ୍‌ମୀ ପାର୍ଟି ଏମ୍‌ପି ରାଘବ ଚଢ଼ାଙ୍କୁ ରାଜ୍ୟ ସଭାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ନିଲମ୍ବନ କରାଯାଇଥିବାରୁ ସେ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସର୍ବୋଚ୍ଚ ଅଦାଲତ ଏନେଇ ସୋମବାର ରାଜ୍ୟ ସଭା ସଚିବାଳୟକୁ ଜବାବ ମାଗିଛନ୍ତି। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ଜେ.ବି. ପର୍‌ଡିୱାଲ ଏବଂ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ସଚିବାଳୟକୁ ନୋଟିସ ଜାରି କରିବା ସହ ମାମଲାରେ ସହାୟତା କରିବାକୁ ଆର୍ଟର୍ନି ଜେନେରାଲ ଏନ୍. ଭେଙ୍କଟରମଣୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପିଟିଶନ୍‌ର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୩୦କୁ ଧାର୍ଯ୍ୟ କରାଯାଇଛି। ଚଢ଼ାଙ୍କୁ ଯେଉଁଭଳି ଭାବେ ନିଲମ୍ବନ କରାଗଲା, ତାହା ଉପରେ ତାଙ୍କ ଓକିଲ ରାକେଶ ଦ୍ୱିବେଦୀ ପ୍ରଶ୍ନ ଉଠାଇଥିଲେ। ନିଲମ୍ବନ ଅବଧି ଗୋଟିଏ ନିର୍ଦ୍ଦିଷ୍ଟ ଅଧିବେଶନରୁ ଅଧିକ ହୋଇପାରିବ ନାହିଁ ବୋଲି ସେ କହିଥିଲେ। ଏଏପି ନେତାଙ୍କ ନିଲମ୍ବନ ରାଜ୍ୟ ସଭା ରୁଲ୍ସ ଅଫ୍ ପ୍ରୋସିଜିଓର ଆଣ୍ଡ କଣ୍ଡକ୍ଟ ଅଫ୍ ବିଜ୍‌ନେସ୍‌ର ନିୟମ ୨୫୬ର ଉଲ୍ଲଂଘନ ବୋଲି ସେ ଦର୍ଶାଇଥିଲେ। ସୂଚନାଯୋଗ୍ୟ, ଚଢ଼ା ରାଜ୍ୟ ସଭାରେ ଆଣିଥିବା ଏକ ପ୍ରସ୍ତାବରେ ୫ ଜଣ ସଦସ୍ୟଙ୍କ ଦସ୍ତଖତ ଜାଲ୍ ଥିବା ଜଣାପଡ଼ିଥିଲା। ଏହାକୁ ନିୟମର ଉଲ୍ଲଂଘନ, ଅସଦାଚରଣ ବୋଲି ଦର୍ଶାଯାଇ ଗତ ଅଗଷ୍ଟ ୧୧ରେ ଚଢ଼ାଙ୍କୁ ରାଜ୍ୟ ସଭାରୁ ନିଲମ୍ବନ କରାଯାଇଥିଲା।

DSPL - 290

ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ବିଦ୍ୟୁତ୍ ସୁରକ୍ଷା ନିୟମାବଳୀ



❖ ପୂଜା ପେଣ୍ଡାଲ ଓ ସାଜସଜାର ନିର୍ମାଣ କାର୍ଯ୍ୟ ସମୟରେ ବିଦ୍ୟୁତ୍ ବିଭାଗର ପରାମର୍ଶ ନେଇ ନିକଟସ୍ଥ ବିଦ୍ୟୁତ୍ ତାରଠାରୁ ଯଥେଷ୍ଟ ଦୂରତା ବଜାୟ ରଖନ୍ତୁ। ଏହା ସହିତ ସ୍ଥାନୀୟ ବିଦ୍ୟୁତ୍ ନିରୀକ୍ଷକଙ୍କ ଦ୍ୱାରା ବିଦ୍ୟୁତ୍ ସୁରକ୍ଷାର ଯାଞ୍ଚ ମଧ୍ୟ ଅନିବାର୍ଯ୍ୟ ଅଟେ।

❖ ଦୁର୍ଗାପୂଜା ଭସାଣି ନିର୍ଦ୍ଧାରିତ ମାର୍ଗରେ ସୁରକ୍ଷିତ ଭାବରେ ନେବା ପାଇଁ ବିଦ୍ୟୁତ୍ ବିତରଣ ସଂସ୍ଥାର ସ୍ଥାନୀୟ କାର୍ଯ୍ୟାଳୟରେ ଲିଖିତ ଭାବେ ଜଣାନ୍ତୁ।

ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) - ତଥା - ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ
ଶକ୍ତି ବିଭାଗ, ଓଡ଼ିଶା ସରକାର

04025/13/0019/2324

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୧୭/୨୦୨୩ | Bhubaneswar, Tuesday, October 17/2023 | ପୃଷ୍ଠା-୧



## ଭାରତୀୟ ଦଳରେ ଆର୍ଯ୍ୟନ

ଅଲିମ୍ପିକ୍ସ ଯୋଗ୍ୟତା ପରେ ଏସିଆନ୍ ପୁରୁଷ ହ୍ୟାଣ୍ଡବଲ ଟୁର୍ଣ୍ଣାମେଣ୍ଟ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି ଓଡ଼ିଶାର ଆର୍ଯ୍ୟନ ବ୍ରାହ୍ମିନ୍

୧୨

୦୮

## ଘୁଞ୍ଚିଲା କଙ୍ଗନାଙ୍କ 'ଏମର୍ଜେନ୍ସି' ରିଲିଜ୍

ଆସନ୍ତା ନଭେମ୍ବର ୨୪ରେ ରିଲିଜ୍ ହେବାକୁ ଥିବା ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାୱତ୍‌ଙ୍କ ଫିଲ୍ମ 'ଏମର୍ଜେନ୍ସି' ଆସନ୍ତା ବର୍ଷ ଶେଷ ଆଡ଼କୁ ମୁକ୍ତିଲାଭ କରିବ ବୋଲି ସେ ସୂଚନା ଦେଇଛନ୍ତି।






ପାଲେଷ୍ଟାଇନ୍ ସମର୍ଥନରେ ନାଗରିକ ସଚେତନତା କର୍ମୀମାନେ ନୂଆଦିଲ୍ଲୀର ଯନ୍ତର ମନ୍ତରଠାରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। **(ଫଟୋ: ଚମନ ଗୌତମ)**

# ୧୭ ବର୍ଷ ପରେ ୨ ଅଭିଯୁକ୍ତ ଦୋଷମୁକ୍ତ

**ପ୍ରୟାଗରାଜ/ ନୂଆଦିଲ୍ଲୀ,୧୬।୧୦(ପି.ଟି.)**

୨୦୦୬ ନିଠାରି ସିରିଏଲ୍ ହତ୍ୟା ମାମଲାରେ ତଥ୍ୟ ପ୍ରମାଣ ଅଭାବରୁ ଅଭିଯୁକ୍ତ ମନିନ୍ଦର ସିଂ ପାନ୍ଧେର ଓ ତାଙ୍କ ଘରୋଇ ସହାୟକ ସୁରେନ୍ଦ୍ର କୋଲିଙ୍କୁ ଆଲ୍ଲାହାବାଦ ହାଇକୋର୍ଟ ସୋମବାର ଦୋଷମୁକ୍ତ କରିଦେଇଛନ୍ତି। ପାନ୍ଧେରଙ୍କ ନୋଏଡା ବଙ୍ଗଳା ପଥରେ ଥିବା ଡ୍ରେନ୍‌ରୁ ନାବାଳିକାମାନଙ୍କ କଙ୍କାଳ ମିଳିବା ପରେ ଏହି ହୃଦୟ ବିଦାରକ ଅପରାଧ ଲୋକଲୋଚନକୁ ଆସିଥିଲା। ଉଭୟ ଅଭିଯୁକ୍ତଙ୍କୁ ଗାଜିଆବାଦର ସିବିଆଇ ଅଦାଲତ ଦୋଷୀସାବ୍ୟସ୍ତ କରି ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ। ଉକ୍ତ



ମନିନ୍ଦର ସିଂ ପାନ୍ଧେର | ସୁରେନ୍ଦ୍ର କୋଲି

ଦଣ୍ଡାଦେଶକୁ କୋଲି ଏବଂ ପାନ୍ଧେର ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ମାମଲାରେ ଅନେକ ସନ୍ଦେହକୁ ପ୍ରମାଣିତ କରିବାରେ ତଦନ୍ତକାରୀ ସଂସ୍ଥା ବିଫଳ ହୋଇଥିବା ଜଷ୍ଟିସ୍ ଅଶ୍ୱନୀ କୁମାର ମିଶ୍ରା ଏବଂ ଏସ୍.ଏଚ୍.ଏ. ରିଜ୍‌ଭିଙ୍କ ଖଣ୍ଡପୀଠ କହିଛନ୍ତି।

### ନିଠାରି ସିରିଏଲ୍ ହତ୍ୟା ମାମଲା

### ଜେଲରେ ରହିବେ କୋଲି

ହାଇକୋର୍ଟଙ୍କ ଏହି ରାୟ ପରେ ପାନ୍ଧେର ଜେଲରୁ ବାହାରିବା ପାଇଁ ପଥ ପରିଷ୍କାର ହୋଇଯାଇଛି ବୋଲି ତାଙ୍କ ଓକିଲ ମନୀଷା ଭଣ୍ଡାରୀ କହିଛନ୍ତି। ତେବେ କୋଲିଙ୍କୁ ଜେଲରେ ରହିବାକୁ ପଡ଼ିପାରେ। କାରଣ ସେ ଏବେ ବି ଗୋଟିଏ ମାମଲାରେ ଆଜୀବନ ଜେଲଦଣ୍ଡ ଭୋଗୁଛନ୍ତି। ଅନ୍ୟପକ୍ଷରେ ନୂଆଦିଲ୍ଲୀରେ ଜଣେ ସିବିଆଇ ଅଧିକାରୀ ☞ପୃଷ୍ଠା-୨

# କୋର୍ଟ ରୁମ୍‌ରେ ପଥର ଫିଙ୍ଗିଲେ

## ଅଭିଯୁକ୍ତଙ୍କୁ ଗିରଫ କରି କାରଣ ଖୋଜୁଛି ପୋଲିସ

**ଗଞ୍ଜାମ ଜିଲା ଛତ୍ରପୁର ଏସ୍‌ଡିଜେଏମ୍ କୋର୍ଟରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। କୋର୍ଟ କାର୍ଯ୍ୟ ଆରମ୍ଭ ହେବାର କିଛି ସମୟ ପୂର୍ବରୁ ଜଣେ ବୃଦ୍ଧ ଅଦାଲତ ପ୍ରକୋଷ୍ଠକୁ ପ୍ରବେଶ କରି ପଥର ଫିଙ୍ଗିଛନ୍ତି। ଏଥିରେ କାହାର କିଛି କ୍ଷତି ହୋଇ ନ ଥିବାବେଳେ କୋର୍ଟ ରୁମ୍‌ରେ ଥିବା କମ୍ପ୍ୟୁଟର ଆଦି ଆସବାବପତ୍ର ଭାଙ୍ଗି ନଷ୍ଟ ହୋଇଯାଇଛି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତେବେ କୋର୍ଟ ରୁମ୍‌ରେ ଜଣେ ବ୍ୟକ୍ତିଙ୍କ ଏଭଳି କାଣ୍ଡପରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି।**

**ଛତ୍ରପୁର,୧୬।୧୦**
**(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)**

ଗଞ୍ଜାମ ଜିଲା ଭଞ୍ଜନଗର ଥାନା ବଡ଼କୋଦଣ୍ଡ ଗ୍ରାମର ସୁବାସ ଚନ୍ଦ୍ର ସାହୁ(୬୫) ସୋମବାର ପୂର୍ବାହ୍ନ ୧୦ଟା ୩୫ ମିନିଟରେ ହଠାତ୍ ଏସ୍‌ଡିଜେଏମ୍ କୋର୍ଟ ଭିତରକୁ ପ୍ରବେଶ କରିଥିଲେ। ସେ ସମୟରେ ମାଜିଷ୍ଟ୍ରେଟ ନିଜ ଚ୍ୟାମ୍ବରରେ ଥିବାବେଳେ ବେଞ୍ଚ କ୍ଲର୍କ ଓ ଷ୍ଟେନୋ କୋର୍ଟ ରୁମରେ ଉପସ୍ଥିତ ଥିଲେ। ଏହି ସମୟରେ ସମସ୍ତଙ୍କ ଅଗୋଚରରେ ସୁବାସ ନିଜ ବ୍ୟାଗରୁ ପଥର ଖଣ୍ଡ ବାହାର କରି କମ୍ପ୍ୟୁଟର ଏବଂ ଆସବାବପତ୍ର ଉପରକୁ ଫିଙ୍ଗିଥିଲେ। ବେଞ୍ଚ କ୍ଲର୍କ ପ୍ରଫୁଲ୍ଲ ନାୟକ ଏହାଦେଖି ତୁରନ୍ତ ଛତ୍ରପୁର ପୋଲିସକୁ ଖବର ଦେଇଥିଲେ। ଥାନା ସବ୍‌ଇନ୍‌ସପେକ୍ଟର ଲକ୍ଷ୍ମୀପ୍ରିୟା ମଲ୍ଲିକ ଓ ଅନ୍ୟ ପୋଲିସ କର୍ମଚାରୀ ପହଞ୍ଚି ସୁବାସଙ୍କୁ କାବୁ କରି ନେଇଥିଲେ। ଏନେଇ ୬୯୫/୨୩ରେ ଏକ ମାମଲା ରୁଜୁ ହୋଇଛି। ସୁବାସଙ୍କ କୋର୍ଟରେ କୌଣସି ମାମଲାର ଶୁଣାଣି ନ ଥିଲା କି କୋର୍ଟ ସମନ ବି ନ ଥିଲା। ହେଲେ ସେ କାହିଁକି ଆସି ପଥରମାଡ଼ କଲେ ତାହା ସ୍ପଷ୍ଟ ହୋଇପାରିନି। ଅପରପକ୍ଷରେ ସୁବାସ କାହିଁକି ଏପରି କଲେ ସେନେଇ କିଛି ବିଶେଷ କହି ନ ଥିଲେ ସୁଦ୍ଧା ତାଙ୍କ ☞ପୃଷ୍ଠା-୨

# କିନ୍ନରଙ୍କୁ ସ୍ୱତନ୍ତ୍ର ଜାତି ବିବେଚନା କରିବାକୁ ମନାକଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୬।୧୦**

କିନ୍ନରମାନଙ୍କୁ ଅଲଗା ଜାତି ଭାବେ ବିବେଚନା କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ସୋମବାର କହିଛନ୍ତି। ବିହାର ସରକାର କିନ୍ନର ସମ୍ପ୍ରଦାୟଙ୍କୁ ସ୍ୱତନ୍ତ୍ର ଜାତି ନୁହେଁ ବରଂ ଜାତି ତାଲିକାରେ ଏକ ସ୍ୱତନ୍ତ୍ର ବର୍ଗ ଭାବେ ସାମିଲ କରିବାକୁ ନେଇଥିବା ନିଷ୍ପତ୍ତି ବିରୋଧରେ ଆଗତ ପିଟିଶନ୍‌ର ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ ଉପରୋକ୍ତ ରାୟ ଦେଇଛନ୍ତି। ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି, ବିହାର ସରକାର ଜାତି ତାଲିକାରେ କିନ୍ନରମାନଙ୍କୁ ଏକ ଅଲଗା ସ୍ତମ୍ଭ ଦେଇଛନ୍ତି, ଯେପରି ସେମାନଙ୍କ ତଥ୍ୟ ରାଜ୍ୟରେ ଉପଲବ୍ଧ ହେବ। କିନ୍ନର ଆଦୌ ଏକ ଜାତି ନୁହେଁ। ଏବେ ୩ଟି ବର୍ଗ- ପୁରୁଷ, ମହିଳା ଓ କିନ୍ନର ରହିଛି, ଯାହାର ତଥ୍ୟ ଉପଲବ୍ଧ ବୋଲି ଖଣ୍ଡପୀଠ କହିଛନ୍ତି।

କିନ୍ନରମାନଙ୍କୁ ତୃତୀୟ ଲିଙ୍ଗ ଭାବେ କେତେକ ସୁବିଧା ସୁଯୋଗ ଦିଆଯାଇପାରିବ, କିନ୍ତୁ ସ୍ୱତନ୍ତ୍ର ଜାତି ଭାବେ ନୁହେଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଦେଇଛନ୍ତି। କିନ୍ନର ସମ୍ପ୍ରଦାୟ ବିଭିନ୍ନ ଜାତିର ଥାଇପାରନ୍ତି। ତେଣୁ ସେମାନଙ୍କୁ ଗୋଟିଏ ସ୍ୱତନ୍ତ୍ର ଜାତିର ପରିଚୟ ଦେବା ☞ପୃଷ୍ଠା-୨

# ୨୦୨୮ ଅଲିମ୍ପିକ୍ସରେ ସ୍ଥାନ ପାଇଲା କ୍ରିକେଟ

**ମୁମ୍ବାଇ, ୧୬।୧୦(ପି.ଟି.)**

କ୍ରିକେଟ୍‌ପ୍ରେମୀଙ୍କ ଲାଗି ଖୁସି ଖବର। ଲସ୍‌ଆଞ୍ଜେଲ୍ସ ଅଲିମ୍ପିକ୍ସ-୨୦୨୮ ପ୍ରୋଗ୍ରାମ୍‌ରେ କ୍ରିକେଟ୍ ଆନୁଷ୍ଠାନିକ ଭାବେ ସ୍ଥାନ ପାଇଛି। ଏହା ଟି୨୦ ଫର୍ମାଟ୍‌ରେ ଖେଳାଯିବ। କ୍ରିକେଟ୍ ବ୍ୟତୀତ ଅନ୍ୟ କେତୋଟି ଖେଳକୁ ଲସ୍‌ଆଞ୍ଜେଲ୍ସ ଗେମ୍ସରେ ସାମିଲ କରିବା ଲାଗି ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ର କାର୍ଯ୍ୟନିର୍ବାହୀ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଯୁଦ୍ଧରୁ ଲାଭ**






## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଡହ ଡହ ଯାଉ ଦହି ପଖାଳ
କାଞ୍ଜି ସଙ୍ଗତେ ଓଉର ଫାଳ
ତହିଁ ସଙ୍ଗେ ସାରୁ ଭଜା
ଏକା ସାଙ୍ଗରେ ଖାଇବୁ ଯେବେ
ଯମପୁରକୁ ଯା ଯା।

ସାଧାରଣତଃ ଯାଉ ଦହି ପଖାଳ କାଞ୍ଜି ସହିତ ଓଉ ଏବଂ ସାରୁ ଭଜା ଖାଇବା ଲାଗି ବାରଣ କରାଯାଇଥାଏ। କାରଣ ଏପରି କ୍ରମରେ ଖାଦ୍ୟ ଖାଇଲେ ଦେହ ଅସୁସ୍ଥ ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଡେଇଁ ପଡୁଥିବ ରୋଟକୁ,
ପଇସା ନ ଥିବ ହାଟକୁ।

ଆଜିର ଅର୍ଥସର୍ବସ୍ୱ ଦୁନିଆରେ ଅର୍ଥ ହିଁ ସବୁକିଛି। ହାତରେ ସାମାନ୍ୟ ଅର୍ଥ ନ ଥିବା ବ୍ୟକ୍ତି ଦାମିକିଆ ଜିନିଷ କିଣିବା ଲାଗି ଆଗଭର ହୋଇପଡ଼ିବା ନିରର୍ଥକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




# ଲାଞ୍ଚ ଟଙ୍କାରେ ଫ୍ଲାଟ୍ କିଣି ମା'ଙ୍କୁ ଉପହାର ଦେଇଥିଲେ

### ସିବିଆଇ ଦ୍ୱାରା ଗିରଫ ଡାକ୍ତରଙ୍କ ଗୁମର ଖୋଲୁଛି

- ଲାଞ୍ଚ ଟଙ୍କା ନେଇଥିବା ସମ୍ପର୍କୀୟଙ୍କୁ ହେବ ଜେରା
- ଆଜି ଜାମିନ ଆବେଦନର ଶୁଣାଣି



ଭୁବନେଶ୍ୱର,୧୬।୧୦(ସତ୍ୟଜିତ୍ ରାଉତ)

ଜାହାଜ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟ ଯାଞ୍ଚ ରିପୋର୍ଟ ଦେବାକୁ ଲାଞ୍ଚ ନେଇ ସିବିଆଇ ଦ୍ୱାରା ଗିରଫ ହୋଇଥିବା ପାରାଦୀପ ବନ୍ଦର ସ୍ୱାସ୍ଥ୍ୟ ସଂଗଠନ (ପିଏଚ୍ଓ)ର ଡାକ୍ତର ରାଜେନ୍ଦ୍ର ନାରାୟଣ ପାଣିଗ୍ରାହୀଙ୍କ ବହୁ ଗୁମର ଫିଟିବାରେ ଲାଗିଛି। ସୋମବାର ଦ୍ୱିତୀୟ ପର୍ଯ୍ୟାୟ ରିମାଣ୍ଡ ଅବଧି ଶେଷ ହେବା ପରେ ରାଜେନ୍ଦ୍ର ଜେଲ ଯାଇଛନ୍ତି। ତେବେ ଏହି ରିମାଣ୍ଡ ଅବଧି ସମୟରେ ଡାକ୍ତରଙ୍କ ବିପୁଳ ସମ୍ପତ୍ତି ବିଷୟରେ ସିବିଆଇ ତଥ୍ୟ ପାଇଛି। ଲାଞ୍ଚ ଟଙ୍କାରେ ରାଜେନ୍ଦ୍ର ଭୁବନେଶ୍ୱର ନୟାପଲ୍ଲୀରେ ଏକ ଫ୍ଲାଟ୍ କିଣି ମା'ଙ୍କୁ ଉପହାର ଦେଇଥିଲେ ବୋଲି ସିବିଆଇ ଜାଣିବାକୁ ପାଇଛି। ଜଣେ ବିଲ୍ଡରଙ୍କଠାରୁ ୮୦ ଲକ୍ଷ ଟଙ୍କାରେ ସେ ଏହି ୩ ବିଏଚ୍କେ ଫ୍ଲାଟ୍ କିଣିଥିଲେ। ତେଣୁ ଉକ୍ତ ବିଲ୍ଡରଙ୍କୁ ସିବିଆଇ ଖୁବ୍‌ଶୀଘ୍ର ପଚରାଉଚରା କରିପାରେ ବୋଲି ସୂଚନା ମିଳିଛି। ସେହିପରି ଅଭିଯୁକ୍ତ ରାଜେନ୍ଦ୍ର ଲାଞ୍ଚ ଟଙ୍କାକୁ ସମ୍ପର୍କୀୟ ଲୋକଙ୍କୁ ଦେଇଥିବା ସିବିଆଇ ପାଖରେ ମାନିଛନ୍ତି। ଏପରିକି ସେମାନଙ୍କ ତାଲିକା ମଧ୍ୟ ସେ ଦେଇଛନ୍ତି। ଏହି ଦିଗକୁ ନେଇ ରାଜେନ୍ଦ୍ରଙ୍କ ସମ୍ପର୍କୀୟଙ୍କୁ ସିବିଆଇ ପର୍ଯ୍ୟାୟକ୍ରମେ କାର୍ଯ୍ୟାଳୟକୁ ଡାକି ଜେରା କରିବ ବୋଲି ମଧ୍ୟ ଜଣାପଡ଼ିଛି। ଦ୍ୱିତୀୟ ପର୍ଯ୍ୟାୟରେ ୩ ଦିନର ରିମାଣ୍ଡ ଅବଧି ମଙ୍ଗଳବାର ସରିବାକୁଥିବା ବେଳେ ଗୋଟିଏ ଦିନ ପୂର୍ବରୁ ସିବିଆଇ ସ୍ୱତନ୍ତ୍ର କୋର୍ଟରେ ରାଜେନ୍ଦ୍ରଙ୍କୁ ହାଜର କରାଯାଇଥିଲା। ରାଜେନ୍ଦ୍ରଙ୍କ ପକ୍ଷରୁ ତାଙ୍କ ଓକିଲ ଜାମିନ ଆବେଦନ କରିଥିଲେ। ତେବେ ଏହାର ଶୁଣାଣି ମଙ୍ଗଳବାର ହେବ ବୋଲି କୋର୍ଟ ଧାର୍ଯ୍ୟ କରିଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ପାରାଦୀପ ବନ୍ଦର ସହ କାରବାର କରୁଥିବା ଶିପିଂ କମ୍ପାନୀର କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ରିପୋର୍ଟ ଦେବାକୁ ଟଙ୍କା ଦାବି କରୁଥିଲେ ରାଜେନ୍ଦ୍ର। ଏମିନେନ୍ସ ଶିପିଂ ନାମକ କମ୍ପାନୀର କର୍ମଚାରୀ ଆଲୋକ ରାଉତଙ୍କୁ ଏହି ରିପୋର୍ଟ ପାଇଁ ରାଜେନ୍ଦ୍ର ୭୦ ହଜାର ଟଙ୍କା ମାଗିଥିଲେ। ଏନେଇ ଆଲୋକ ସିବିଆଇ ନିକଟରେ ଅଭିଯୋଗ କରିଥିଲେ। ଯୋଜନା ଅନୁସାରେ ଆଲୋକଙ୍କଠାରୁ ରାଜେନ୍ଦ୍ର ୫୪ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଗୁରୁବାର ସିବିଆଇ ତାଙ୍କୁ ଗିରଫ କରିଥିଲା।

# ଓଡ଼ିଆ ଏମିରେଟ୍ସ କର୍ମଚାରୀ ନିଖୋଜ, ଅପହରଣ ସନ୍ଦେହ

ନୂଆଦିଲ୍ଲୀ, ୧୬।୧୦(ଆଇଏଏନ୍ଏସ୍)

ଏମିରେଟ୍ସ ଇଣ୍ଟରନ୍ୟାଶନାଲ ଫାସିଲିଟିଜ୍‌ର ଓଡ଼ିଆ କର୍ମଚାରୀ ରଞ୍ଜନ ସ୍ୱାଇଁ (୩୦) ଆବୁଧାବିରୁ ଆସି ନୂଆଦିଲ୍ଲୀରେ ପହଞ୍ଚିବା ପରେ କେଉଁଆଡ଼େ ନିଖୋଜ ହୋଇଯାଇଥିବା ଖବର ମିଳିଛି। ଉଡାନ ହେବାର ୫୦ ଦିନ ବିତିଯାଇଥିଲେ ମଧ୍ୟ ତାଙ୍କ ବିଷୟରେ କୌଣସି ସୂଚନା ମିଳିପାରି ନ ଥିବାରୁ ପରିବାର ଲୋକେ ଅପହରଣ ସନ୍ଦେହ କରିଛନ୍ତି।

ଆଇଏଏନ୍ଏସ୍‌ର ହସ୍ତଗତ ହୋଇଥିବା ଏତଲା ଅନୁଯାୟୀ ଖୋର୍ଦ୍ଧା ଜିଲାର ରଞ୍ଜନ ସ୍ୱାଇଁ ୩ ବର୍ଷ ତଳେ ଆବୁଧାବିସ୍ଥିତ ଏମିରେଟ୍ସ ଇଣ୍ଟରନ୍ୟାଶନାଲ ଫାସିଲିଟିଜ୍ ମ୍ୟାନେଜମେଣ୍ଟରେ କର୍ମଚାରୀ ଭାବେ ଯୋଗ ଦେଇଥିଲେ। ଗତ ଅଗଷ୍ଟ ୧୮ରେ ସେ ଭାରତ ଫେରିବେ ବୋଲି ତାଙ୍କ ଭଉଣୀଙ୍କୁ ଜଣାଇବା ସହ ତାଙ୍କ ଟିକେଟ ମଧ୍ୟ ଶେୟାର କରିଥିଲେ। କିନ୍ତୁ ଅଦ୍ୟାବଧି ତାଙ୍କ ବିଷୟରେ କୌଣସି ଖବର ନାହିଁ। ଏଫ୍ଆଇଆର୍‌ରେ ଦର୍ଶାଯାଇଛି ଯେ ପରିବାର ଲୋକ ୩ ରୁ ୪ ଦିନ ଅପେକ୍ଷା କରିବା ପରେ ସମ୍ପୃକ୍ତ କମ୍ପାନୀକୁ ଯୋଗାଯୋଗ କରିଥିଲେ। କମ୍ପାନୀ ପକ୍ଷରୁ କୁହାଯାଇଥିଲା ଯେ ରଞ୍ଜନ ତାଙ୍କ ବନ୍ଧୁ ଫାଇମ୍ ଅହମ୍ମଦଙ୍କ ସହ ନିର୍ଦ୍ଧାରିତ ସମୟରେ ଭାରତ ଅଭିମୁଖେ ଯାତ୍ରା କରିଥିଲେ। ଏଥିସହିତ ସ୍ୱେଚ୍ଛାସେବୀ ସଙ୍ଗଠନ 'ଗ୍ଲୋବାଲ ଓଡ଼ିଆ'ର ସଦସ୍ୟମାନେ ଏ ନେଇ ୟୁଏଇ ସରକାରଙ୍କ ସହ ଯୋଗାଯୋଗ କରିଥିଲେ। ସେଠାକାର କର୍ତ୍ତୃପକ୍ଷ ମଧ୍ୟ ରଞ୍ଜନ ଆବୁଧାବୀ ଛାଡ଼ିଥିବା ବିଷୟ ସ୍ପଷ୍ଟ କରିଥିଲେ।

୫୦ ଦିନ ହେବ ରଞ୍ଜନଙ୍କ ବିଷୟରେ କୌଣସି ସୂଚନା ମିଳିପାରୁ ନ ଥିବାରୁ ପରିବାରବର୍ଗ ଘୋର ମନସ୍ତାପ ମଧ୍ୟରେ ଅଛନ୍ତି। ସେ ଘରର ଏକମାତ୍ର ରୋଜଗାରିଆ ପୁଅ। ପରିବାର ଲୋକ ଏବେ ଆର୍ଥିକ ଦୁର୍ଦ୍ଦିନ ଦେଇ ଗତି କରୁଛନ୍ତି। ସମ୍ପୃକ୍ତ ଏନ୍‌ଜିଓ ଏବଂ ପରିବାର ସଦସ୍ୟ ବିଭିନ୍ନ ବ୍ୟକ୍ତିଙ୍କ ସହ ଯୋଗାଯୋଗ କରିବା ପରେ କିଛି ଲୋକ ତାଙ୍କ ମୁକ୍ତି ପାଇଁ ଅର୍ଥ ମାଗୁଥିବା ବିଷୟ ଜଣାପଡ଼ିଛି ବୋଲି କହିଛନ୍ତି। ତେଣୁ ତାଙ୍କ ଜୀବନ ପ୍ରତି ବିପଦ ରହିଛି। ତାଙ୍କୁ ଦିଲ୍ଲୀ କିମ୍ବା ଆଖପାଖ ଅଞ୍ଚଳରୁ ଅପହରଣ କରାଯାଇଥିବା ସନ୍ଦେହ କରାଯାଉଛି ବୋଲି ଏତଲାରେ ଦର୍ଶାଯାଇଛି। ପରିବାର ଲୋକେ କହିଛନ୍ତି, ରଞ୍ଜନ ପ୍ରାରମ୍ଭିକ ଅବସ୍ଥାରେ ଏକ ନିଯୁକ୍ତି କମ୍ପାନୀ ଜରିଆରେ ତିନିବର୍ଷ ତଳେ ଆବୁଧାବି ଯାଇଥିଲେ। ତାଙ୍କ ଯାତ୍ରା ପାଇଁ ସେ ଋଣ କରିଥିଲେ। ତେଣୁ ଯେତେବେଳେ ତାଙ୍କ ପହଞ୍ଚିବା ଡେରି ହେଲା କିଛି ଦିନ ପରେ ପୋଲିସରେ ଅଭିଯୋଗ କରିଥିଲୁ। ଫଳରେ ଓଡ଼ିଶା ପୋଲିସ ଦିଲ୍ଲୀ ଯାଇଥିଲା। ସେଠାକୁ ଓଡ଼ିଶା ପୋଲିସ ଯାଇ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ (ଆଇଜିଆଇ) ପୋଲିସ ସହାୟତାରେ ତାଙ୍କ ବିଷୟରେ କିଛି ସୁରାକ ପାଇଥିଲା। କିନ୍ତୁ କୌଣସି ଅଗ୍ରଗତି ନ ଘଟିବାରୁ ସେଠାରେ ୧୫ ଅକ୍ଟୋବରରେ ଏକ ଏଫ୍ଆଇଆର୍ ଦାଏର କରାଯାଇଥିଲା ବୋଲି ପରିବାର ଲୋକ କହିଛନ୍ତି। ଇତିମଧ୍ୟରେ ଦିଲ୍ଲୀ ପୋଲିସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଏ ସଂକ୍ରାନ୍ତରେ ଭାରତୀୟ ପିଙ୍ଗଳ କୋଡ୍‌ର ଧାରା ୩୬୫ (ଅପହରଣ) ଅନୁଯାୟୀ ପରିବାର ଲୋକ ଆଇଜିଆଇ ପୋଲିସ ଷ୍ଟେଶନରେ ଏକ ଏଫ୍ଆଇଆର୍ କରିଛନ୍ତି ଏବଂ ତଦନ୍ତ ଜାରି ରହିଛି।


ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ସୋମବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନୋରମା ଚୌଧୁରୀଙ୍କ ପୁସ୍ତକ 'ଅଷ୍ଟନାୟିକା'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ୨୦୨୮ ଅଲିମ୍ପିକ୍ସରେ...

ବୋର୍ଡ ସୁପାରିସ କରିଥିଲା ଏଠାରେ ଆଇଓସିର ୧୪୧ତମ ଅଧିବେଶନରେ ତାହା ଗୃହୀତ ହୋଇଯାଇଛି। ଅନ୍ୟ ଖେଳଗୁଡ଼ିକ ହେଲା ସ୍କ୍ୱାଶ୍, ବେସ୍‌ବଲ/ସଫ୍ଟବଲ୍, ଲାକ୍ରୋସେ ଏବଂ ଫ୍ଲାଗ୍ ଫୁଟ୍‌ବଲ। ସୋମବାର ଏଥିଲାଗି ଭୋଟ ଗ୍ରହଣ ହୋଇଥିଲା। ସଦସ୍ୟମାନେ ହାତଟେକି ସେମାନଙ୍କ ମତ ସାବ୍ୟସ୍ତ କରିଥିଲେ। ଆଇଓସିର ମୋଟ୍ ୯୯ ସଦସ୍ୟଙ୍କ ମଧ୍ୟରୁ ମାତ୍ର ୨ଜଣ ଏହି ଖେଳଗୁଡ଼ିକ ସାମିଲ କରାଯିବା ବିପକ୍ଷରେ ମତ ଦେଇଥିଲେ। ଭୋଟ ଗ୍ରହଣ ପରେ ଆଇଓସି ସଭାପତି ଥୋମାସ୍ ବାକ୍ ଲସ୍‌ଆଞ୍ଜେଲ୍ସ ଗେମ୍ସ କାର୍ଯ୍ୟକ୍ରମରେ ସାମିଲ କରାଯାଇଥିବା ଖେଳଗୁଡ଼ିକର ନାମ ଘୋଷଣା କରିଥିଲେ। ଇଟାଲୀର ଅଲିମ୍ପିକ୍ସ ଚାମ୍ପିୟନ ଶୁଟର ତଥା ଲସ୍‌ଆଞ୍ଜେଲ୍ସ-୨୮ର ନିର୍ଦ୍ଦେଶକ ନିକୋଲୋ କାମ୍ପ୍ରିଆନି ଆଲୋଚନା ବେଳେ ଭାରତୀୟ କ୍ରିକେଟ ସୁପରଷ୍ଟାର ବିରାଟ କୋହଲି କିପରି ଲୋକପ୍ରିୟତା ହାସଲ କରିପାରିଛନ୍ତି ସେ ବିଷୟରେ ବଖାଣିଥିଲେ। ବର୍ତ୍ତମାନ ଯୁଗରେ କ୍ରିକେଟ ହେଉଛି ସବୁଠାରୁ ଦ୍ୱିତୀୟ ଲୋକପ୍ରିୟ ଖେଳ। ବିଶ୍ୱବ୍ୟାପୀ ଏହି ଖେଳର ପ୍ରାୟ ୨.୫ ବିଲିୟନ ପ୍ରଶଂସକ ରହିଛନ୍ତି। କେହି ହୁଏତ ପ୍ରଶ୍ନ ଉଠାଇପାରନ୍ତି ଲସ୍‌ଆଞ୍ଜେଲ୍ସରେ କାହିଁକି, ଯୁକ୍ତରାଷ୍ଟ୍ର ଆମେରିକାରେ ମଧ୍ୟ କ୍ରିକେଟ୍‌ର ପ୍ରସାର ଘଟିଲାଣି। ଚଳିତବର୍ଷ ଏହି ଦେଶରେ ମେଜର କ୍ରିକେଟ ଲିଗ୍ ଖେଳାଯାଇଛି। ଯାହା ଆଶା କରାଯାଉଥିଲା ତା'ଠାରୁ ଅଧିକ ସଫଳତାର ସହ ଏହା ସମ୍ପନ୍ନ ହୋଇଛି। ଆସନ୍ତାବର୍ଷ ଲାଗି ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଟି୨୦ ବିଶ୍ୱକପ୍ ଆୟୋଜନ କରାଯାଇଛି। ଇଟାଲିଆନ ଜଣଙ୍କ କହିଥିଲେ କି ବିରାଟ ହେଉଛନ୍ତି ତାଙ୍କର ଜଣେ ବନ୍ଧୁ। ବିଶ୍ୱରେ ସେ ହେଉଛନ୍ତି ସବୁଠାରୁ ତୃତୀୟ ଲୋକପ୍ରିୟ ଆଥ୍‌ଲେଟ। ସୋସିଆଲ ମିଡିଆରେ ତାଙ୍କର ୩୪୦ ନିୟୁତ ଫଲୋଅର ରହିଛନ୍ତି, ଯାହା ଲିବ୍ରନ୍ ଜେମ୍ସ, ଟମ୍ ବ୍ରାଡି ଓ ଟାଇଗର ଉଡ୍ସଙ୍କ ମିଳିତ ଭାବେ ଯେତେ ଫଲୋଅର ଅଛନ୍ତି ତା'ଠାରୁ ଅଧିକ। ତେଣୁ ଲସ୍‌ଆଞ୍ଜେଲ୍ସ-୨୮ରେ କ୍ରିକେଟ ଖେଳକୁ ସାମିଲ କରିବା ଯଥାର୍ଥ। ବିଶ୍ୱର ସବୁଠାରୁ ଜନବହୁଳ ଦେଶ ଭାରତରେ କ୍ରିକେଟ୍ ଅଧିକ ଲୋକପ୍ରିୟ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ଅଲିମ୍ପିକ ବିଡ୍‌କୁ ବିସିସିଆଇର ସମର୍ଥନ ଦ୍ୱାରା ଲସ୍‌ଆଞ୍ଜେଲ୍ସ ଗେମ୍ସ କାର୍ଯ୍ୟକ୍ରମରେ କ୍ରିକେଟ୍‌ର ଏଣ୍ଟ୍ରି ପଥ ସୁଗମ ହୋଇଥିଲା। ବିସିସିଆଇ କ୍ରିକେଟକୁ ଅଲିମ୍ପିକ୍ସରେ ସାମିଲ କରିବା ସପକ୍ଷରେ ନ ଥିଲା। କାରଣ ଏହାଦ୍ୱାରା କ୍ରିକେଟ୍ ଉପରେ ଏହାର କର୍ତ୍ତୃତ୍ୱ ହ୍ରାସ ପାଇବ ବୋଲି ଆଶଙ୍କା ରହିଥିଲା। ମାତ୍ର ୨୦୨୧ରେ ବିସିସିଆଇ ଏହାର ଆଭିମୁଖ୍ୟରେ ପରିବର୍ତ୍ତନ ଆଣିଥିଲା। ଅଲିମ୍ପିକ୍ସରେ ସାମିଲ ପରେ କ୍ରିକେଟ୍‌ର ପ୍ରସାର ଘଟିବ। ଖେଳର ଗ୍ଲୋବାଲ ମାର୍କେଟ ପରିସୀମା ବୃଦ୍ଧି ପାଇବ ବୋଲି ବିସିସିଆଇ ସମ୍ପାଦକ ଜୟ ଶାହା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଏହା ପୂର୍ବରୁ ୧୯୦୦ ଅଲିମ୍ପିକ୍ସରେ କ୍ରିକେଟ୍‌କୁ ସାମିଲ କରାଯାଇଥିଲା। ସେଥର ଗ୍ରେଟ୍ ବ୍ରିଟେନ୍ ଫାଇନାଲରେ ଫ୍ରେଞ୍ଚ ଟିମ୍‌କୁ ହରାଇଥିଲା।

## କୋର୍ଟ ରୁମ୍‌ରେ...


ସୁବାସ ଚନ୍ଦ୍ର ସାହୁ

ଦୁଃଖ କେହି ଶୁଣିଲେ ନାହିଁ ବୋଲି ପୋଲିସ କୋର୍ଟକୁ ନେବାବେଳେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ ପ୍ରକାଶ କରୁଥିବା ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ, କିଛିବର୍ଷ ପୂର୍ବେ ସୁବାସ ଜଣେ ଜିଲାପାଳଙ୍କ ଗାଡ଼ି ଉପରକୁ ପଥର ଫିଙ୍ଗିବାକୁ ଉଦ୍ୟମ କରିଥିଲେ। ତେବେ ସେ ସମ୍ପର୍କରେ କିମ୍ବା ତାଙ୍କ ବିରୋଧରେ ଅନ୍ୟ କିଛି ମାମଲା ଅଛି କି ନାହିଁ ସେ ନେଇ ଛତ୍ରପୁର ପୋଲିସ ତଦନ୍ତ କରୁଛି। ଛତ୍ରପୁର ଥାନାଠାରୁ ମାତ୍ର ୧୦୦ମିଟର ଦୂରରେ ଥିବା କୋର୍ଟରେ ଏପରି ଘଟଣା ଘଟିଥିବାରୁ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ସପ୍ତାହରେ ଏକ ହତ୍ୟା ମାମଲାରେ ସାକ୍ଷ୍ୟଗ୍ରହଣ ପୂର୍ବରୁ ସାକ୍ଷୀଙ୍କୁ ଅପହରଣ କରାଯାଇଥିଲା। ପରେ ଛତ୍ରପୁର ପୋଲିସ ଭୁବନେଶ୍ୱରରୁ ଉକ୍ତ ସାକ୍ଷୀଙ୍କୁ ଉଦ୍ଧାର କରିଥିଲା।

## କିନ୍ନରଙ୍କୁ ସ୍ୱତନ୍ତ୍ର...

ସମ୍ଭବପର ହୋଇ ନ ପାରେ। ବିହାର ପ୍ରଥମ ରାଜ୍ୟ ଯିଏ ଜାତି ଆଧାରିତ ସର୍ଭେ ତଥ୍ୟ ପ୍ରକାଶ କରିଛି। ଉକ୍ତ ରିପୋର୍ଟ ଅନୁଯାୟୀ ଜନସଂଖ୍ୟାର ୩୬ ପ୍ରତିଶତ ଅତ୍ୟନ୍ତ ପଛୁଆ ବର୍ଗର ହୋଇଥିବାବେଳେ ୨୭.୧ ପ୍ରତିଶତ ପଛୁଆ ବର୍ଗ, ୧୯.୭ ପ୍ରତିଶତ ଅନୁସୂଚିତ ଜାତି ଏବଂ ସାଧାରଣ ବର୍ଗ ୧୫.୫ ପ୍ରତିଶତ ରହିଛନ୍ତି। ବିହାରର ମୋଟ ଜନସଂଖ୍ୟା ୧୩.୧ କୋଟିରୁ ଅଧିକ। ଗତ ଅଗଷ୍ଟରେ ବିହାର ସରକାର ଜାତି ଜନଗଣନା ସମ୍ପୂର୍ଣ୍ଣ କରିଥିଲେ। ଏହି ସର୍ଭେ ସମସ୍ତଙ୍କ ପାଇଁ ଲାଭଦାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଜୋର୍ ଦେଇଥିଲେ। ଏଥିସହିତ ଅବହେଳିତଙ୍କ ସମେତ ସମାଜର ବିଭିନ୍ନ ବର୍ଗର ବିକାଶରେ ଏହା ସହାୟକ ହେବ ବୋଲି ସେ କହିଥିଲେ।

## ୧୭ ବର୍ଷ ପରେ...

କହିଛନ୍ତି, ତାଙ୍କ ଟିମ୍ ହାଇକୋର୍ଟଙ୍କ ରାୟର କପିକୁ ଅପେକ୍ଷା କରିଛନ୍ତି। ଏହାକୁ ଅନୁଧ୍ୟାନ କରିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯାଇପାରିବ। ଏବେ ଗାଜିଆବାଦ ଜେଲରେ ଥିବା କୋଲି ୧୨ଟି ମାମଲାରେ ମୃତ୍ୟୁଦଣ୍ଡ ପାଇଥିବାବେଳେ ଆଲ୍ଲାହାବାଦ ହାଇକୋର୍ଟ ସେଗୁଡ଼ିକର ଶୁଣାଣି କରିଥିଲେ। ତାଙ୍କର ପୂର୍ବତନ ମାଲିକ ପାନ୍ଧେର ନୋଏଡା ଜେଲରେ ରହିଛନ୍ତି। ତାଙ୍କୁ ୨ଟି ମାମଲାରେ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଥିଲା।

୨୦୦୭ରେ ଉଭୟଙ୍କ ବିରୋଧରେ ମୋଟ ୧୯ ମାମଲା ରୁଜୁ ହୋଇଥିଲା। ତଥ୍ୟ ପ୍ରମାଣ ଅଭାବରୁ ସେଥିରୁ ୩ଟି ମାମଲାକୁ ସିବିଆଇ ବନ୍ଦ କରିଦେଇଥିଲା। ଅବଶିଷ୍ଟ ୧୬ ମାମଲା ମଧ୍ୟରୁ ୩ଟିରେ କୋଲି ଦୋଷମୁକ୍ତ ହୋଇଥିବାବେଳେ ଗୋଟିଏ ମାମଲାରେ ତାଙ୍କୁ ଦିଆଯାଇଥିବା ମୃତ୍ୟୁଦଣ୍ଡକୁ କୋହଳ କରାଯାଇ ଆଜୀବନ କାରାଦଣ୍ଡ କରାଯାଇଥିଲା। ହାଇକୋର୍ଟଙ୍କ ଉକ୍ତ ନିଷ୍ପତ୍ତିକୁ ଉତ୍ତରପ୍ରଦେଶ ସରକାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିବାବେଳେ ତାହା ବିଚାରାଧୀନ ରହିଛି। ଅବଶିଷ୍ଟ ୧୨ ମାମଲାରେ କୋଲି ଦୋଷମୁକ୍ତ ହୋଇଛନ୍ତି। ସେହିପରି ପାନ୍ଧେରଙ୍କ ବିରୋଧରେ ଆରମ୍ଭରୁ ୬ଟି ମାମଲା ରୁଜୁ ହୋଇଥିଲା। ଗୋଟିଏ ମାମଲା ସିବିଆଇ ରୁଜୁ କରିଥିବାବେଳେ ଅନ୍ୟ ୫ଟି ମୃତ ନାବାଳିକାମାନଙ୍କ ପରିବାର ପକ୍ଷରୁ ରୁଜୁ ହୋଇଥିଲା। ପୂର୍ବରୁ ସେସନ୍ସ କୋର୍ଟ ୩ଟି ମାମଲାରେ ତାଙ୍କୁ ଦୋଷମୁକ୍ତ କରିଥିବାବେଳେ ୨୦୦୯ରେ ଆଲ୍ଲାହାବାଦ ହାଇକୋର୍ଟ ଗୋଟିଏ ମାମଲାରେ ଦୋଷମୁକ୍ତ କରିଥିଲେ। ଅବଶିଷ୍ଟ ୨ ମାମଲାରେ ସୋମବାର ପାନ୍ଧେରଙ୍କୁ ଦୋଷମୁକ୍ତ କରାଯାଇଛି।

ସୂଚନାଯୋଗ୍ୟ, ୨୦୦୬ ଡିସେମ୍ବର ୨୯ରେ ନୋଏଡାର ନିଠାରିଠାରେ ଥିବା ପାନ୍ଧେରଙ୍କ ଘର ପଛପଟ ଡ୍ରେନ୍‌ରୁ ୮ ପିଲାଙ୍କ କଙ୍କାଳ ମିଳିବା ପରେ ଏହି ସମ୍ବେଦନଶୀଳ ହତ୍ୟାକାଣ୍ଡର ପର୍ଦ୍ଦାଫାଶ୍ ହୋଇଥିଲା। ଉକ୍ତ ଡ୍ରେନ୍‌କୁ ଅଧିକ ଖୋଳିବା ପରେ ଆଉ କେତେକ କଙ୍କାଳର ସନ୍ଧାନ ମିଳିଥିଲା। ଅଧିକାଂଶ କଙ୍କାଳ ଉକ୍ତ ଅଞ୍ଚଳରୁ ନିଖୋଜ ଥିବା ନାବାଳିକା ଓ ଯୁବତୀମାନଙ୍କର ଥିଲା। ୧୦ ଦିନ ମଧ୍ୟରେ ଏହାର ତଦନ୍ତ ଦାୟିତ୍ୱ ସିବିଆଇ ନେଇଥିଲା।

### ମାମଲାର ଘଟଣାକ୍ରମ

- **୨୦୦୬ ଡିସେମ୍ବର ୨୯:** ନୋଏଡା ସେକ୍ଟର ୩୧ ଅନ୍ତର୍ଗତ ନିଠାରି ଗ୍ରାମରେ ଥିବା ଡି-୫ ବଙ୍ଗଳା ପଛ ଡ୍ରେନ୍‌ରୁ ଅଖାରେ ବନ୍ଧା ହୋଇଥିବା ୧୫ଟି କଙ୍କାଳ ଓ ପୋଷାକ ମିଳିଥିଲା। ବଙ୍ଗଳା ମାଲିକ ମନିନ୍ଦର ସିଂ ପାନ୍ଧେର ଓ ତାଙ୍କ ଘରୋଇ ସହାୟକ ସୁରେନ୍ଦ୍ର କୋଲିଙ୍କୁ ବଳାତ୍କାର ଓ ହତ୍ୟା ଅଭିଯୋଗରେ ନୋଏଡ଼ା ପୋଲିସ ଗିରଫ କରିଥିଲା।
- **ଡିସେମ୍ବର ୩୦:** ଅଧିକ କଙ୍କାଳ ମିଳିଥିଲା। ପିଲାମାନଙ୍କ ନିଖୋଜ ସମ୍ପର୍କରେ ୨ ବର୍ଷ ପୂର୍ବରୁ ଅଭିଯୋଗ ହୋଇଥିଲେ ମଧ୍ୟ ଆବଶ୍ୟକ ତଦନ୍ତ କରି ନ ଥିବା ୫ ପୋଲିସଙ୍କୁ ନିଲମ୍ବନ କରାଯାଇଥିଲା।
- **୨୦୦୭ ଜାନୁୟାରୀ ୧୧:** ସିବିଆଇ ତଦନ୍ତ ଭାର ଗ୍ରହଣ କରିଥିଲା। କୋଲିଙ୍କ ନାଁରେ ୧୬ ମାମଲାରେ ଚାର୍ଜଶିଟ୍ ହୋଇଥିବାବେଳେ ପାନ୍ଧେରଙ୍କ ନାଁରେ ଗୋଟିଏ ମାମଲା ରୁଜୁ ହୋଇଥିଲା। ପରେ ଅନ୍ୟ ୫ଟି ମାମଲାରେ କୋର୍ଟ ତାଙ୍କୁ ସହ ଅଭିଯୁକ୍ତ ଭାବେ ସମନ କରିଥିଲେ।
- **୨୦୦୯ ଫେବୃୟାରୀ ୧୩:** ପ୍ରଥମ ନିଠାରି ମାମଲାରେ ଗାଜିଆବାଦର ଏକ ଅଦାଲତ କୋଲି ଓ ପାନ୍ଧେରଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ। ପରେ ଆଲ୍ଲାହାବାଦ ହାଇକୋର୍ଟ ପାନ୍ଧେରଙ୍କୁ ସବୁ ମାମଲାରୁ ଦୋଷମୁକ୍ତ କରିଥିଲେ। କୋଲିଙ୍କ ମୃତ୍ୟୁଦଣ୍ଡକୁ ହାଇକୋର୍ଟ ୨୦୧୫ରେ ଆଜୀବନ କାରାଦଣ୍ଡରେ ପରିବର୍ତ୍ତନ କରିଥିଲେ।
- **୨୦୧୦ରୁ ୨୦୧୬:** ଅନ୍ୟ ୬ ମାମଲାରେ କୋଲିଙ୍କୁ ମୃତ୍ୟୁଦଣ୍ଡାଦେଶ ମିଳିଥିଲା।
- **୨୦୧୭ ଜୁଲାଇ ୨୨:** ଅଷ୍ଟମ ମାମଲାରେ ଜଣେ ୨୦ ବର୍ଷୀୟାଙ୍କୁ ଅପହରଣ ଓ ହତ୍ୟା ମାମଲାରେ କୋଲି ଏବଂ ପାନ୍ଧେରଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଥିଲା।
- **୨୦୧୭ ଡିସେମ୍ବର ୮:** ୨୫ ବର୍ଷୀୟ ଘରୋଇ ସହାୟକଙ୍କୁ ହତ୍ୟା ନେଇ ନବମ ମାମଲାରେ ପାନ୍ଧେର ଓ କୋଲି ଫାଶୀ ଦଣ୍ଡାଦେଶ ପାଇଥିଲେ।
- **୨୦୧୯ରୁ ୨୦୨୧:** ଆଉ ୩ ମାମଲାରେ କୋଲିଙ୍କୁ ମୃତ୍ୟୁ ଦଣ୍ଡାଦେଶ ହୋଇଥିଲା।
- **୨୦୨୧ ମାର୍ଚ୍ଚ ୨୬:** ଜଣେ ୧୦ ବର୍ଷୀୟାଙ୍କୁ ଅପହରଣ, ବଳାତ୍କାର ଉଦ୍ୟମ, ହତ୍ୟା ଓ ପ୍ରମାଣ ନଷ୍ଟ ନେଇ ୧୩ତମ ମାମଲାରେ କୋଲିଙ୍କୁ ଗାଜିଆବାଦ କୋର୍ଟ ଦୋଷମୁକ୍ତ କରିଥିଲେ।
- **୨୦୨୩ ଅକ୍ଟୋବର ୧୬:** ପ୍ରମାଣ ଅଭାବରୁ ଆଲ୍ଲାହାବାଦ ହାଇକୋର୍ଟ କୋଲି ଏବଂ ପାନ୍ଧେରଙ୍କୁ ସବୁ ମାମଲାରୁ ଦୋଷମୁକ୍ତ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସପ୍ତମ ଚନ୍ଦ୍ର ହେତୁ ନୂତନ କର୍ମାରମ୍ଭ ସକାଶେ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରେ। ଆନୁଷ୍ଠାନିକ, ସଭାସମିତି, ଧର୍ମକାର୍ଯ୍ୟ, ବନ୍ଧୁମିଳନ ପାଇଁ ଶୁଭ ପ୍ରମାଣିତ ହେବ। କିନ୍ତୁ ମତାନ୍ତର କିମ୍ବା ମନାନ୍ତରଜନିତ ମାନସିକ ଅଶାନ୍ତିର ଆଶଙ୍କା ମଧ୍ୟ ରହିଛି। ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ।

**ବୃଷ** କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବାରେ ପ୍ରତିବନ୍ଧକ ରହିବ ନାହିଁ। ଆଜିର ଯାତ୍ରା ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଅନ୍ୟମାନଙ୍କୁ ସାମୟିକ ସହଯୋଗ ଦେଇ ପରୋକ୍ଷ ଭାବରେ ପ୍ରଶଂସିତ ହେବେ। ନୂତନ ଯାନବାହନ, ଜମିଜମା, କ୍ରୟବିକ୍ରୟ ନେଇ ଆଲୋଚନାରେ ଅଗ୍ରଗତି ଘଟିବ।

**ମିଥୁନ** ବିଭିନ୍ନ ସମସ୍ୟାଜନିତ ମନ ଅସ୍ଥିର ରହିବ ଓ ସନ୍ତାନ ହେତୁକ ମାନସିକ ଆଘାତ ପାଇପାରନ୍ତି। କର୍ମକ୍ଷେତ୍ରରେ ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବେ, କିନ୍ତୁ ହୁଏତ ତାହାକୁ ଅସ୍ୱୀକାର କରିଦେଇପାରନ୍ତି। ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବ।

**କର୍କଟ** ଆଜି କାର୍ଯ୍ୟବ୍ୟସ୍ତତା କାରଣରୁ କୌଣସି ଗୋଟିଏ ସ୍ଥାନରେ ସ୍ଥିର ଭାବେ ରହିପାରିବେ ନାହିଁ। ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଶିଳ୍ପ, ବାଣିଜ୍ୟ, ପ୍ରଶାସନ ଓ ପରିବହନ କ୍ଷେତ୍ରରୁ ସମସ୍ୟା ଦୂରହୋଇଯିବ। ଅଭିଳାଷ ପୂରଣ ଅଭାବରେ ମାନସିକ ଅବସାଦ ହେତୁ ବିରସମନା ରହିବେ।

**ସିଂହ** ପରୋକ୍ଷ ଶତ୍ରୁତା କାରଣରୁ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସମ୍ପର୍କ ଯୋଡ଼ିବାରେ ଆପଣଙ୍କ କୌଶଳ କିଛି ମାତ୍ରାରେ ସାହାଯ୍ୟ କରିବ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ।

**କନ୍ୟା** ଆଜି ଦିନରେ ସବୁ ସୁବିଧା ଥିଲେ ମଧ୍ୟ କୌଣସି କାମ ସହଜରେ ସମ୍ପନ୍ନ ହେବ ନାହିଁ। ଗଠନମୂଳକ କିମ୍ବା ସାମୂହିକ କାମରେ, ରାଜନୈତିକ କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। ଋଣ ସୂତ୍ରରେ ଅର୍ଥଲାଭ କରିବେ। ଶ୍ରମଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବକରି ପାରନ୍ତି। ଆଲୋଚନା କ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ।

**ତୁଳା** ନିଜର ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ। ସତର୍କତା ଅଭାବରୁ ଜିନିଷପତ୍ର ହଜିଯିବା ସମ୍ଭାବନା ରହିଛି। ପ୍ରକାଶନ, ପ୍ରଶାସନ, ନିର୍ମାଣ ଓ ପରିବହନ ପାଇଁ ଦିନଟି ଭଲ। ସମସ୍ୟା ସମାଧାନ ସକାଶେ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ବିଛା** ଆକସ୍ମିକ ଭାବେ ପ୍ରିୟଜନଙ୍କ ସହ ଏକ ସାଧାରଣ କିମ୍ବା ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ପରିବାରରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ବ୍ୟବସାୟ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଓ ସାହାଯ୍ୟ ମଧ୍ୟ କରିବେ।

**ଧନୁ** ସମସ୍ୟା ଯଦିଓ ଆସିବ ତଥାପି ବେଶି ସମୟ ରହିବ ନାହିଁ। ସରଳ ଭାବେ ଅନ୍ୟମାନଙ୍କୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ଅଫିସରେ କୌଣସି ସମସ୍ୟା ମନକୁ ବାରମ୍ବାର ଆନ୍ଦୋଳିତ କରିବ। ସାମାଜିକ ସ୍ତରରେ କିଛିଟା ଅସୁବିଧାର ସମ୍ମୁଖୀନ ହେବାର ସମ୍ଭାବନା ରହିଛି।

**ମକର** ଯେତେ ଭଲ କାମ କଲେ ମଧ୍ୟ କର୍ମକ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିବ। ପରିବାର ଭିତରେ ସ୍ତ୍ରୀଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। ଅନ୍ୟମାନଙ୍କ କଥାକୁ ସତ୍ୟ ମନେକରି ମନରେ ସନ୍ଦେହ ଦେଖାଦେଇପାରେ। ଶିଳ୍ପ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ଅଳ୍ପ ସମୟ ମଧ୍ୟରେ ଦୂରେଇଯିବ।

**କୁମ୍ଭ** ଅଭାବବୋଧ ଲାଗି ରହିବା କାରଣରୁ ବ୍ୟସ୍ତତା ବଢ଼ି ବଢ଼ି ଯିବ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। ପ୍ରକାଶନ, ପ୍ରଶାସନ ଓ ପରିବହନରେ ସମସ୍ୟାର ସମାଧାନ ରାସ୍ତା ଖୋଲିଯିବ। ପ୍ରଥମେ କାମଟି କରିସାରିବା ପରେ ଚିନ୍ତାକରି ମନସ୍ତାପ କରିବାକୁ ପଡ଼ିପାରେ।

**ମୀନ** ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରତିଷ୍ଠା ସାଙ୍ଗକୁ ପ୍ରଶଂସିତ ହେବେ। ଆର୍ଥିକ ସ୍ୱଚ୍ଛଳତା ବଢ଼ିଯିବା କାରଣରୁ ଓ ପ୍ରିୟ ବନ୍ଧୁଙ୍କ ସାନିଧ୍ୟ ଲାଭରୁ ଖୁସି ହେବେ। ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ କରିବାରେ ସଫଳ ହେବେ।

ଆଜି ଆଶ୍ୱିନ ଶୁକ୍ଳ ତୃତୀୟା ମଙ୍ଗଳବାର, ମାସାନ୍ତ, ଅକ୍ଟୋବର ୧୭ ତାରିଖ, ବିଶ୍ୱ ଦାରିଦ୍ର୍ୟ ଦୂରୀକରଣ ଦିବସ। ରାଶି ନକ୍ଷତ୍ର : ବିଶାଖା/ତୁଳା, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ.୦୫।୪୫ ଗତେ, ଘ.୦୬।୩୧ ମଧ୍ୟେ, ଘ.୦୮।୩୮ ଗତେ, ଘ.୧୧।୦୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୨୫ ଗତେ, ଘ.୦୩।୫୧ ମଧ୍ୟେ ରାହୁକାଳ।

# ‘୨୮ ସୁଦ୍ଧା ଶ୍ରୀମନ୍ଦିର ୪ ଦ୍ୱାର, ରତ୍ନଭଣ୍ଡାର ଖୋଲ’




ପିସିସି ସଭାପତି ଶରତ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି। ଗୁଣ୍ଡିଚା ମନ୍ଦିର ସମ୍ମୁଖରୁ ବାହାରିଥିବା ଶୋଭାଯାତ୍ରାରେ ସାମିଲ୍ କଂଗ୍ରେସ କର୍ମୀ ଓ ନେତୃବୃନ୍ଦ।

## ଦାବି ପୂରଣ ନ ହେଲେ ରାଜ୍ୟବ୍ୟାପୀ ଆନ୍ଦୋଳନ

### କଂଗ୍ରେସ ପକ୍ଷରୁ ବିଶାଳ ପଦଯାତ୍ରା, ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ପୁରୀ, ୧୬।୧୦(ଅଜିତ ମହାନ୍ତି)

ଶ୍ରୀମନ୍ଦିର ୪ ଦ୍ୱାର ଖୋଲିବା, ରତ୍ନଭଣ୍ଡାର ସୁରକ୍ଷା, ମହାପ୍ରଭୁଙ୍କ ଜମିଜମା ସମସ୍ୟାର ସମାଧାନ ସହ ସ୍ଥାନୀୟ ଲୋକଙ୍କ ବିଭିନ୍ନ ସମସ୍ୟା ନେଇ ସୋମବାର ରାଜ୍ୟ ପ୍ରଦେଶ କଂଗ୍ରେସର ଆହ୍ୱାନ କ୍ରମେ ପୁରୀ କଂଗ୍ରେସ କମିଟି ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି। ବଡ଼ଦାଣ୍ଡରେ ଶତାଧିକ କଂଗ୍ରେସ ନେତା ଓ କର୍ମୀ ଦଳୀୟ ପତାକା ଧରି ଶୋଭାଯାତ୍ରାରେ ସାମିଲ ହେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ଗୁଣ୍ଡିଚା ମନ୍ଦିରଠାରୁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରାରେ ଆସିଥିଲେ। ତେବେ କଂଗ୍ରେସ କର୍ମୀ ଓ ନେତାଙ୍କୁ ପୋଲିସ ପ୍ରଥମେ ମରୀଚିକୋଟ ଛକଠାରେ ବ୍ୟାରିକେଡ ପକାଇ ଅଟକାଇବାକୁ ଚେଷ୍ଟା କରିଥିଲା। ଫଳରେ କଂଗ୍ରେସ କର୍ମୀ ଏବଂ ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। କଂଗ୍ରେସ କର୍ମୀମାନେ ବ୍ୟାରିକେଡ୍‌କୁ ପକାଇ ଧସେଇ ପଶିବା ସହ ଶ୍ରୀମନ୍ଦିର କାର୍ଯ୍ୟାଳୟ ଅଭିମୁଖେ ମାଡ଼ି ଚାଲିଥିଲେ। ସେମାନଙ୍କୁ ପୋଲିସ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ଅଟକାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଶ୍ରୀମନ୍ଦିର ୪ଦ୍ୱାର ନ ଖୋଲିବା ଯୋଗୁ ଭକ୍ତମାନେ ଘଣ୍ଟାଘଣ୍ଟା ଧରି ଧାଡ଼ିରେ ଠିଆ ହୋଇ ଯନ୍ତ୍ରଣା ଭୋଗୁଥିବା ବେଳେ ଆଗକୁ କାର୍ତ୍ତିକ ମାସରେ ପୁରୀରେ ଲକ୍ଷାଧିକ ହବିଷିଆଳିଙ୍କ ଭିଡ ଜମିବ। ତେଣୁ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଶେଷ ହେଲେ ୪ ଦ୍ୱାର ଖୋଲାଯିବା ପରିବର୍ତ୍ତେ ଆସନ୍ତା ୨୮ ତାରିଖ ସୁଦ୍ଧା ଖୋଲିବାକୁ କଂଗ୍ରେସ ଦାବି କରିଛି। ତେବେ ପଦଯାତ୍ରା ବେଳେ ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିଥିଲା। ହାତରେ ଗିନି ଧରି ରାଜ୍ୟ ସରକାରଙ୍କ ନିଦ ଭାଙ୍ଗିବାକୁ ପ୍ରୟାସ କରିଥିଲେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି। ପରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ୪ ଦ୍ୱାର ତୁରନ୍ତ ଖୋଲିବା, ରତ୍ନଭଣ୍ଡାର ଖୋଲି ଅଳଙ୍କାର ଗଣତି ଓ ମରାମତି କରିବା, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମିଜମା ସମସ୍ୟାର ସ୍ଥାୟୀ ସମାଧାନ ସହ ପ୍ରଜାଙ୍କ ନାଁରେ ରେକର୍ଡ ଏବଂ ଶ୍ରୀଜଗନ୍ନାଥଙ୍କ ଅମୃତ ମଣୋହି ସମ୍ପତ୍ତି ବେଦାନ୍ତ ମାଲିକାନାରୁ ପ୍ରଜାଙ୍କ ନାମରେ ମାଲିକାନା କରିବା ସହ ଅନ୍ୟାନ୍ୟ ଦାବିରେ କଂଗ୍ରେସ ବିଶାଳ ସମାବେଶ କରିଥିଲା। ଏସବୁ ପ୍ରସଙ୍ଗ ନେଇ କଂଗ୍ରେସ ରାଜ୍ୟ ସରକାରଙ୍କୁ ଦାୟୀ କରିଛି। ତେବେ ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, କଂଗ୍ରେସ ଦଳର ଏକ ପ୍ରତିନିଧି ମଣ୍ଡଳୀ ଆସି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ସଂକ୍ରାନ୍ତରେ ପରବର୍ତ୍ତୀ ସମୟରେ ସମୀକ୍ଷା କରାଯିବ। ତେବେ ରତ୍ନଭଣ୍ଡାର ସମ୍ପର୍କରେ କୋର୍ଟ ଦେଇଥିବା କମିଟି ଗଠନର କାର୍ଯ୍ୟକାରୀତା ସମ୍ପର୍କରେ ପ୍ରଶ୍ନର ଉତ୍ତରକୁ ସେ ଏଡାଇଯିବା ସହ ନିଜ ଉପରୁ ଦୋଷ ଛଡାଇବାକୁ ଚେଷ୍ଟା କରିଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ରାଜ୍ୟ ସରକାର ଆସନ୍ତା ୨୮ ତାରିଖ ସୁଦ୍ଧା ଯଦି ଦାବି ପୂରଣ ନ କରନ୍ତି ତା’ହେଲେ କଂଗ୍ରେସ ତା’ର କାର୍ଯ୍ୟପନ୍ଥା ସ୍ଥିର କରିବା ସହ ସାରା ରାଜ୍ୟରେ ବିକ୍ଷୋଭକୁ ଜୋରଦାର କରିବ ବୋଲି ପିସିସି ସଭାପତି ପଟ୍ଟନାୟକ କହିଛନ୍ତି। ଏହି ଜନସମାବେଶରେ ପିସିସି ସଭାପତିଙ୍କ ସମେତ ରାଜ୍ୟ ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ଜୟଦେବ ଜେନା, ଜିଲା କଂଗ୍ରେସ ସଭାପତି ଜୟନାରାୟଣ ପଟ୍ଟନାୟକ, ବିଧାୟକ ସୁରେଶ ରାଉତରାୟ, ତାରାପ୍ରସାଦ ବାହିନୀପତି, ପୂର୍ବତନ ଏମ୍‌ପି ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ବିଜୟଲକ୍ଷ୍ମୀ ସାହୁ, ସୁରେଶ ମହାପାତ୍ର, ଶରତ ରାଉତ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ରାଜ୍ୟ ଉପସଭାପତି ଶିବାନନ୍ଦ ରାୟ, ରାଜ୍ୟ ସାଧାରଣ ସମ୍ପାଦକ ବିଶ୍ୱ ଦାସ, ସିଦ୍ଧାର୍ଥ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନିୟମିତ ହେବ ସମସ୍ତ ମିନି ଅଙ୍ଗନୱାଡ଼ି କେନ୍ଦ୍ର

#### ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

ଭୁବନେଶ୍ୱର, ୧୬।୧୦
(ଅନିଲ ଦାସ)

ରାଜ୍ୟରେ ଥିବା ସମସ୍ତ ୭୫୭୯ ମିନି ଅଙ୍ଗନୱାଡ଼ି କେନ୍ଦ୍ରକୁ ନିୟମିତ ଅଙ୍ଗନୱାଡ଼ି କେନ୍ଦ୍ର ଭାବେ ପରିଣତ କରାଯିବ। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏହାଦ୍ୱାରା ରାଜ୍ୟରେ ଶିଶୁ ଯତ୍ନ କାର୍ଯ୍ୟକ୍ରମ ଆହୁରି ବ୍ୟାପକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ ରାଜ୍ୟରେ କୋମଳମତି ଶିଶୁ ମାନଙ୍କର ଯତ୍ନ ଓ ପ୍ରାରମ୍ଭିକ ଶିକ୍ଷା ଲାଭ ନିମନ୍ତେ କାର୍ଯ୍ୟ କରୁଛି। ରାଜ୍ୟର ଏହି ୭୫୭୯ ମିନି ଅଙ୍ଗନୱାଡ଼ି କେନ୍ଦ୍ରର ଉନ୍ନୀତକରଣ ପାଇଁ ମୋଟ ୫୫ କୋଟି ୨୧ ଲକ୍ଷ ୩୦ ହଜାର ୧୫୦ ଟଙ୍କା ଖର୍ଚ୍ଚ ହେବ। ଏଥିରୁ ରାଜ୍ୟ ସରକାର ୩୬ କୋଟି ୪୦ ଲକ୍ଷ ୯୫ ହଜାର ୧୬୦ ଟଙ୍କା ବହନ କରୁଥିବା ବେଳେ କେନ୍ଦ୍ର ସରକାର ୧୮ କୋଟି ୮୦ ଲକ୍ଷ ୩୪ ହଜାର ୯୯୦ ଟଙ୍କା ବହନ କରୁଛନ୍ତି। ଅନୁଦାନ ଅର୍ଥରେ ମେଡିସିନ୍ କିଟ୍, ଆସବାବପତ୍ର ଓ ଅନ୍ୟାନ୍ୟ ଉପକରଣ ତଥା ପ୍ରଶାସନିକ ଖର୍ଚ୍ଚ ମଧ୍ୟ ଅନ୍ତର୍ଭୁକ୍ତ ବୋଲି ସୂଚିତ କରାଯାଇଛି।

### ଦେବଗଡ଼ ବାର୍‌କୋଟଠାରେ ପ୍ରତିଷ୍ଠା ହେବ ନୂତନ ଜେଏମ୍‌ଏଫ୍‌ସି କୋର୍ଟ

ଭୁବନେଶ୍ୱର, ୧୬।୧୦
(ଅନିଲ ଦାସ)

ଦେବଗଡ଼ ଜିଲା ବାର୍‌କୋଟଠାରେ ନୂତନ ଅତିରିକ୍ତ ସିଭିଲ୍ ଜଜ୍ (କନିଷ୍ଠ ଡିଭିଜନ) ତଥା ଜେଏମ୍‌ଏଫ୍‌ସି କୋର୍ଟ ପ୍ରତିଷ୍ଠା ହେବ। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଅନୁମୋଦନ କରିଛନ୍ତି। ତ୍ୱରିତ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଜିଲାବାସୀଙ୍କ ପାଇଁ ଏହି କୋର୍ଟ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି। ଏହି ନୂତନ କୋର୍ଟ ପାଇଁ ଆଇନ ବିଭାଗ ପକ୍ଷରୁ ଆବଶ୍ୟକ ୧୨ ଗେଜେଟେଡ୍ ଓ ଅଣଗେଜେଟେଡ୍ ପଦବୀ ସୃଷ୍ଟି କରାଯାଇଛି। ବିଭିନ୍ନ କାରଣରୁ ପଡ଼ିରହିଥିବା ମାମଲାଗୁଡ଼ିକ ତୁରନ୍ତ ଫଇସଲା ନିମନ୍ତେ ଏହି ନୂତନ କୋର୍ଟ ସହାୟକ ହେବ ବୋଲି ସରକାର ଆଶା ରଖିଛନ୍ତି।

## ଗୀତିକାର ବିନୋଦିନୀ ଦେବୀଙ୍କ ପରଲୋକ

- ଓଡ଼ିଆ ଚଳଚ୍ଚିତ୍ରର ପ୍ରଥମ ମହିଳା ଗୀତିକାର ଥିଲେ
- ‘ମଲାଜହ୍ନ’ରୁ ଆରମ୍ଭ ହୋଇଥିଲା ଯାତ୍ରା



ଭୁବନେଶ୍ୱର, ୧୬।୧୦
(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଚଳଚ୍ଚିତ୍ରର ପ୍ରଥମ ମହିଳା ଗୀତିକାର ବିନୋଦିନୀ ଦେବୀଙ୍କର ସୋମବାର ଅନୁଗୋଳଠାରେ ପରଲୋକ ଘଟିଛି। ତାଙ୍କୁ ୮୬ ବର୍ଷ ହୋଇଥିଲା। ସେ ଦୀର୍ଘଦିନ ଧରି ମସ୍ତିଷ୍କାଘାତରେ ଶଯ୍ୟାଶାୟୀ ଥିଲେ। ସେଠାରେ ସେ ତାଙ୍କ ସାନପୁଅଙ୍କ ପାଖରେ ରହି ଚିକିତ୍ସିତ ହେଉଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ବିୟୋଗରେ ସମଗ୍ର ସଙ୍ଗୀତ ଜଗତରେ ଶୋକର ଛାୟା ଖେଳିଯାଇଛି।

୧୯୩୭ ମସିହାରେ କଟକ ଜିଲା ତିଗିରିଆଠାରେ ବିନୋଦିନୀଙ୍କ ଜନ୍ମ। ଓଡ଼ିଆ ସୁଗମ ଓ ଚଳଚ୍ଚିତ୍ର ସଙ୍ଗୀତରେ ସେଥିଲେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଗୀତିକାର। ୧୯୬୫ରେ ଚଳଚ୍ଚିତ୍ର ‘ମଲାଜହ୍ନ’ରୁ ଆରମ୍ଭ ହୋଇଥିଲା ତାଙ୍କ ଗୀତିକାର ଜୀବନର ଯାତ୍ରା। ଓଡ଼ିଆ ସଙ୍ଗୀତର ବେତାଜ ବାଦଶାହା ଅକ୍ଷୟ ମହାନ୍ତି ହିଁ ତାଙ୍କୁ ପ୍ରଥମେ ମଲାଜହ୍ନ ସିନେମାରେ ଓ ପରବର୍ତ୍ତୀ କାଳରେ ଅନ୍ୟ ସିନେମାରେ ଗୀତ ଲେଖିବାର ସୁଯୋଗ ଦେଇଥିଲେ। ଏଥିସହ ୧୯୫୮ ମସିହାରୁ ସେ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଗୀତିକବି। ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ଆକାଶବାଣୀ, ଦୂରଦର୍ଶନ, ଚଳଚ୍ଚିତ୍ର ଓ ଅନ୍ୟ ପ୍ରସାରଣ ମାଧ୍ୟମ ପାଇଁ ବହୁ ଗୀତ ରଚନା କରିଛନ୍ତି। ୧୯୭୮ରେ ‘ତଅପୋଇ’, ୧୯୭୯ରେ ‘ଶ୍ରୀଜଗନ୍ନାଥ’, ୧୯୮୩ରେ ‘ମହାସତୀ ସାବିତ୍ରୀ’ ଓ ୨୦୦୭ରେ ‘ଜୟ ଜଗନ୍ନାଥ’ ଚଳଚ୍ଚିତ୍ର ପାଇଁ ଗୀତ ରଚନା କରିଥିଲେ। ତାଙ୍କ ସିନେମା ଗୀତ ମଧ୍ୟରେ ‘ଚୋରାବାଲିରେ’, ‘ରଜତ ଟଳମଳ ଖଇର ପାଞ୍ଚପଲ’, ‘ମୁଁ ଯେ ଭରା ବସନ୍ତ ଶାଖାରେ ଏକାକୀ କଜଳ ପାତି’, ‘ମୁଁ ତୁମ ବଧୂ ନୁହେଁ ବନ୍ଧୁ’, ‘କାଳିଆ ଆସିଲା’, ‘ନିରିମାଖୀ କୁଆଁରୀ ମୁଁ ଓ ‘ଏଇ କଳା ମୋର କଳଙ୍କ’ ଅନ୍ୟତମ। ଲୋକକଳ୍ପନାକୁ ବିନିଯୋଗ କରି ଚଳଚ୍ଚିତ୍ର ଗୀତରେ ସାଧାରଣ ପଦ୍ୟ ଭାଷା ସହ ଅସାଧାରଣ ଭାବର ସ୍ୱଷ୍ଟ ଓ ସ୍ୱଚ୍ଛନ୍ଦ ନିୟମ ନିର୍ମାଣ କରି ସେ ଉଦାହରଣ ସୃଷ୍ଟି କରିଥିଲେ। ସେହିପରି ଲୋକଭାଷା ଓ ଲୋକକଳ୍ପନାର ଚମତ୍କାର ଶବ୍ଦ ରସାୟନ ତାଙ୍କ ଗୀତିକବିତା ସବୁରେ ଦେଖିବାକୁ ମିଳେ। ଅନୁବାଦ ଓ ଶିଶୁ ସାହିତ୍ୟରେ ମଧ୍ୟ ସେ ପ୍ରବୀଣା ଥିଲେ। ପ୍ରକାଶିତ ଗୀତିଗ୍ରନ୍ଥ ମଧ୍ୟରେ ୧୯୮୬ରେ ଶିଶୁଗୀତି ସଙ୍କଳନ ‘ଖୋକାଟିଏ ଖୋକିଟିଏ’, ୧୯୯୬ରେ ଭକ୍ତିଗୀତି ସଙ୍କଳନ ‘ଅମୃତା’, ୧୯୯୯ରେ ଶିଶୁଗୀତି ସଙ୍କଳନ ‘ଟିକି ଟିକି ନାଲି କାଇଁଚ’, ୨୦୦୦ରେ ଆଧୁନିକ ଗୀତି ସଙ୍କଳନ ‘ଏଇ କଳା ମୋର କଳଙ୍କ’ ଆଦି ରହିଛି।

## ଇଣ୍ଡିଆନ୍ ଆଇଡଲ୍‌ରେ ବଲାଙ୍ଗୀର ଯୁବକ

ବଲାଙ୍ଗୀର, ୧୬।୧୦
(ବୀରେନ୍ଦ୍ର କୁମାର ଝାଙ୍କର)



ଯୁବ କଣ୍ଠଶିଳ୍ପୀ ଅଜୟ ଅମର ସିଂଦେଓ ଗୀତ ଗାଉଛନ୍ତି।

ଜାତୀୟସ୍ତରର ମର୍ଯ୍ୟାଦାଜନକ କଣ୍ଠ ସଙ୍ଗୀତ ପ୍ରତିଯୋଗିତା ଇଣ୍ଡିଆନ୍ ଆଇଡଲ୍ ସିଜନ୍ ୧୪ର ଅଡିଶନ୍ ରାଉଣ୍ଡରେ ବଲାଙ୍ଗୀରର ଉଦୀୟମାନ ଯୁବ କଣ୍ଠଶିଳ୍ପୀ ଏବଂ ସଙ୍ଗୀତଜ୍ଞ ଅଜୟ ଅମର ସିଂଦେଓଙ୍କୁ ଗୋଲଡେନ୍ ଟିକେଟ ମିଳିଛି। ସୋନି ଟିଭି ପ୍ରାୟୋଜିତ ଲୋକପ୍ରିୟ ଇଣ୍ଡିଆନ୍ ଆଇଡଲ ଅଡିଶନ୍ ରାଉଣ୍ଡରେ ଯୋଗ୍ୟ ବିବେଚିତ ଅଜୟ ଅମରଙ୍କ ଏପିଶୋଡ ଗତ ଶନିବାର ପ୍ରସାରିତ ହେବା ପରେ ବିପୁଳ ଲୋକପ୍ରିୟତା ସାଉଣ୍ଟିଛନ୍ତି। ଇଣ୍ଡିଆନ ଆଇଡଲ୍ ପ୍ରତିଯୋଗିତାରେ ଭାଗ ନେବାକୁ ଅଜୟ ସେପ୍ଟେମ୍ବର ମାସରେ ମୁମ୍ବାଇ ଯାଇଥିଲେ।

ଅଡିଶନ୍ ରାଉଣ୍ଡରେ ଦେଶର ବିଭିନ୍ନ ରାଜ୍ୟରୁ ହଜାର ହଜାର କଣ୍ଠଶିଳ୍ପୀ ଏବଂ ସଙ୍ଗୀତଜ୍ଞ ସେମାନଙ୍କ ପ୍ରତିଭା ଦେଖାଇବାକୁ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବିଚାରକଭାବେ କଣ୍ଠଶିଳ୍ପୀ କୁମାର ସାନୁ, ଶ୍ରେୟା ଘୋଷାଲ ଏବଂ ସଙ୍ଗୀତଜ୍ଞ ବିଶାଳ ଦାଦଲାନୀ ଯୁବ କଣ୍ଠଶିଳ୍ପୀ ଅଜୟଙ୍କ ଗୀତ ଏବଂ ଭାଓଲିନ୍ ବାଦନ ଶୁଣିବା ପରେ ପ୍ରଶଂସା କରିଥିଲେ। ଅଜୟ ଚର୍ଚ୍ଚିତ ହିନ୍ଦୀ ଚଳଚ୍ଚିତ୍ର ଅଗ୍ନିପଥରେ ପ୍ରଖ୍ୟାତ ସ୍ୱର ସାଧକ ସୋନୁ ନିଗମ ଗାଇଥିବା ଲୋକପ୍ରିୟ ଅଭି ମୁଝ୍‌ମେ କହିଁ...ଗୀତକୁ ନିଖୁଣ ଭାବେ ଗାଇଥିଲେ। ଭାଓଲିନ୍ ବଜାଇ ଅଜୟଙ୍କ ଗୀତ ଗାଇବା ଶୈଳୀକୁ ବିଚାରକ କୁମାର ସାନୁ ପ୍ରଶଂସା କରିଥିଲେ। ଅଜୟଙ୍କ ବାପା ତଥା ଗୁରୁ ଦିଲୀପ କୁମାର ସିଂଦେଓଙ୍କୁ ଇଣ୍ଡିଆନ୍ ଆଇଡଲ ମଞ୍ଚକୁ ଡାକି ଅଭିନନ୍ଦନ ଜଣାଇବା ସହ ଅଜୟଙ୍କ ସଙ୍ଗୀତ ସାଧନା ଏବଂ କଳା ପ୍ରତିଭାର ଭୂୟସୀ ପ୍ରଶଂସା କରି ଇଣ୍ଡିଆନ୍ ଆଇଡଲର ଗୋଲଡେନ୍ ଟିକେଟ ପ୍ରଦାନ କରିଥିଲେ। ଅଜୟଙ୍କ ମାତା ନଳିନୀ ସିଂ ମଧ୍ୟ ଅଡିଶନ୍ ଶୋ ପାଇଁ ମୁମ୍ବାଇ ଯାଇଥିଲେ।

ଅଜୟଙ୍କ ପିତା ଦିଲୀପ ସିଂଦେଓ ବଲାଙ୍ଗୀର ସହରର ଜଣେ ଜଣାଶୁଣା ସଙ୍ଗୀତଜ୍ଞ। କଳାଧାମ୍ ଆର୍ଟ ଇନଷ୍ଟିଚ୍ୟୁଟ୍ ନାଁର ତାଙ୍କର ଏକ ସଙ୍ଗୀତ, ନୃତ୍ୟ ଏବଂ ଚିତ୍ରକଳା ସ୍କୁଲ ରହିଛି। ପିଲାଦିନରୁ ଅଜୟଙ୍କୁ ତାଙ୍କ ପିତା ସଙ୍ଗୀତ ଶିକ୍ଷା ଦେଉଛନ୍ତି। ଗୀତ ଗାଇବା ସହ ଭାଓଲିନ୍, ଗିଟାର, ହାରମୋନିୟମ୍, ତବଲା, କି-ବୋର୍ଡ ବାଦନରେ ସିଦ୍ଧହସ୍ତ ଅଜୟ। ବଲାଙ୍ଗୀର କଦମପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ରାଜେନ୍ଦ୍ର କଲେଜରେ ପାଠ ପଢ଼ିଥିବା ଅଜୟ ଏବେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ପର୍‌ଫର୍ମିଙ୍ଗ୍ ଆର୍ଟରେ ସ୍ନାତକୋତ୍ତର ଶେଷବର୍ଷ ଛାତ୍ର ଭାବେ ଅଧ୍ୟୟନରତ। ଅଜୟ ପୂର୍ବରୁ ଓଡ଼ିଶାରେ ଜୀ ସାର୍ଥକ ସାରେଗାମା ୨୦୨୨-୨୩ରେ ବିଜେତା ରହିଛନ୍ତି। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ସେଣ୍ଟର ଫର୍ କଲ୍‌ଚର, ରିସର୍ଚ୍ଚ ଆଣ୍ଡ ଟ୍ରେନିଂ(ସିସିଆର୍‌ଟି) ପକ୍ଷରୁ ସଙ୍ଗୀତରେ ଗବେଷଣା ପାଇଁ ତାଙ୍କୁ ଫେଲୋଶିପ୍ ପ୍ରଦାନ କରାଯାଇଛି। ଆଗାମୀ ଏପିଶୋଡଗୁଡ଼ିକରେ ମଧ୍ୟ ଅଜୟ ବିପୁଳ ସଫଳତା ପାଇବେ ବୋଲି ଆଶା କରାଯାଉଛି।

## ୫୨୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ

### ଜୁଡିସିଆଲ କୋର୍ଟ ପିଅନ ଗିରଫ

କେନ୍ଦୁଝର, ୧୬।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଜିରୋ ଟଲେରାନ୍ସ ରକ୍ଷା କରିବାକୁ ଧଳାଜହର କାରବାର ଉପରେ ଧରପଗଡ଼ କରୁଛି। ଟିମ୍ ରବିବାର ରାତିରେ କେନ୍ଦୁଝର ଟାଉନ ପୋଲିସ ସହାୟତାରେ ବ୍ରାଉନସୁଗାର କାରବାର ବେଳେ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ଏକ କାର ସହ ୫୨୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଦେବାନନ୍ଦ ସାମଲ (୩୭)। ସେ କେନ୍ଦୁଝର ଜୁଡିସିଆଲ କୋର୍ଟରେ ପିଅନ ଭାବେ କାମ କରନ୍ତି ବୋଲି ଜଣାପଡ଼ିଛି।

ସୂଚନା ଅନୁସାରେ, ଅଭିଯୁକ୍ତ ଏକ ମାରୁତି କାରରେ ଟାଉନ ଥାନା ଅନ୍ତର୍ଗତ ସିଲୁଆଁ ଗ୍ରାମ ନିକଟରେ ବ୍ରାଉନସୁଗାର କାରବାର କରୁଥିଲେ। କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ଟିମ୍ ଖବର ପାଇ ଟାଉନ ଥାନା ପୋଲିସ ସହାୟତାରେ ଚଢ଼ାଉ କରିଥିଲା। ବ୍ରାଉନସୁଗାର, କାର ଜବତ କରି ଦେବାନନ୍ଦଙ୍କୁ ଧରି ଟାଉନ ଥାନାକୁ ହସ୍ତାନ୍ତର କରିଥିଲା। ତାଙ୍କଠାରୁ ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ପ୍ରାୟ ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ସୂଚନା ମିଳିଛି। ଏ ନେଇ ଏକ ମାମଲା (ନଂ. ୩୮୦/୨୩)ଏନ୍‌ଡିପିଏସ୍ ଆଇନ ୧୯୮୫, ଧାରା ୨୧(ସି)ରେ ରୁଜୁ କରି ଏସ୍‌ଟିଏଫ୍ ତଦନ୍ତ ଜାରି ରଖିଛି।

## ବିନା ବର୍ଷାରେ ଧସିଲା ନିର୍ମାଣାଧୀନ ନଦୀବନ୍ଧ

### ନିମ୍ନମାନର କାର୍ଯ୍ୟ ଅଭିଯୋଗ

ଯାଜପୁର, ୧୬।୧୦
(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାର କୋରେଇ, ଯାଜପୁର, ଦଶରଥପୁର ଓ ବିଞ୍ଝାରପୁର ବ୍ଲକ ଅଞ୍ଚଳବାସୀଙ୍କ ପାଇଁ ବୈତରଣୀ ନଦୀରେ ବନ୍ୟା ନିୟନ୍ତ୍ରଣ ଯୋଜନା ଚାଲିଛି। ବିପୁଳ କୋଟି ଟଙ୍କା ଖର୍ଚ୍ଚ କରାଯାଇ ନଦୀବନ୍ଧ ନିର୍ମାଣ ହେଉଛି। ଅଥଚ ବଜେଟ ଅନୁସାରେ ଆବଶ୍ୟକ ନିର୍ମାଣ ସାମଗ୍ରୀ ବ୍ୟବହାର ନ ହୋଇ ନିମ୍ନମାନର କାର୍ଯ୍ୟ ହେଉଥିବାରୁ ନିର୍ମାଣ ସମୟରେ ହିଁ ନଦୀବନ୍ଧ ଧସିଯାଉଛି। ବୈତରଣୀ ନଦୀର ଡାହାଣ ପାର୍ଶ୍ୱ ବ୍ରହ୍ମଚାରୀ ପାଟଣାଠାରୁ ଅର୍ଦ୍ଧାଉଳିଆ ପର୍ଯ୍ୟନ୍ତ ନିର୍ମାଣାଧୀନ ନଦୀବନ୍ଧର କୁଆଁରସାହି ଗ୍ରାମ ନିକଟରେ ରବିବାର ରାତିରେ ମାଟି ଧସିପଡ଼ିଛି। ନଦୀବନ୍ଧର ପ୍ରାୟ ୫ ଫୁଟ ଉଚ୍ଚତା ଓ ୧୬୦ ଫୁଟ ଲମ୍ବ ଅଂଶ ନଦୀ ଭିତରକୁ ଧସି ଯାଇଥିବା ଦେଖିବାକୁ ମିଳିଛି। ଏଥିରୁ ନଦୀବନ୍ଧ ନିର୍ମାଣରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

ଯାଜପୁର ଜିଲା ଦେଇ ପ୍ରବାହିତ ବୈତରଣୀ ଏବଂ ଏହାର ଶାଖା କାଣୀ ନଦୀର ବନ୍ୟାଜଳ ତଟାଞ୍ଚଳବାସୀଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଉଛି। ଗତ ୧୭ ବର୍ଷରେ ନିୟମିତ ବ୍ୟବଧାନରେ ୬ଟି ବଡ଼ ବନ୍ୟା ଲୋକଙ୍କ ଜୀବନକୁ ବିପଦରେ ପକାଇ ଆସିଛି। ୨୦୨୦ ଅଗଷ୍ଟ ବନ୍ୟାରେ ଜିଲାର ନଦୀବନ୍ଧଗୁଡ଼ିକରେ ୨୫ଟି ଘାଇ ସୃଷ୍ଟି ହୋଇ ପ୍ରାୟ ୧୦ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲାବେଳେ ଏଥିରେ ୧୨ ଜଣଙ୍କ ମୃତ୍ୟୁ ହୋଇଥିଲା। ‘ଜୀବନ ପାଇଁ ଯୋଜନାର ଅଭାବ’ ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ଜଳ ସମ୍ପଦ ବିଭାଗ ପକ୍ଷରୁ ଇତିମଧ୍ୟରେ ବନ୍ୟା ନିୟନ୍ତ୍ରଣ ପାଇଁ ଷ୍ଟେଟ୍ ପାଇପ୍‌ଲାଇନ ପ୍ରୋଜେକ୍ଟ ଜରିଆରେ ବିଭିନ୍ନ ନଦୀବନ୍ଧ ପୁନରୁଦ୍ଧାର କରିବାକୁ ଅର୍ଥ ମଞ୍ଜୁର ହୋଇଛି। ଓଡ଼ିଶା କନଷ୍ଟ୍ରକ୍ସନ କମ୍ପାନୀ(ଓସିସି) ପକ୍ଷରୁ ଏହି ନଦୀବନ୍ଧଗୁଡ଼ିକର ନିର୍ମାଣ କାର୍ଯ୍ୟ ଚାଲିଥିବା ସୂଚନା ମିଳିଛି।



ବୈତରଣୀ ନଦୀ କୁଆଁରସାହି ବନ୍ଧରେ ମାଟି ଧସିଛି।

ତେବେ ବର୍ଷା ହୋଇ ନ ଥିବା ସତ୍ତ୍ୱେ କୁଆଁରସାହି ଗ୍ରାମ ନିକଟରେ ଅଚାନକ ନିର୍ମାଣାଧୀନ ନଦୀବନ୍ଧରୁ ମାଟି ଧସିଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ବର୍ଷା ହେଲେ ବନ୍ୟା ଦାଉରୁ ରକ୍ଷା ପାଇବା ଭଗବାନ ଭରସା ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ୮ କିମି ଲମ୍ବ ଏହି ନଦୀବନ୍ଧ ନିର୍ମାଣ ପାଇଁ ପ୍ରାୟ ୧୨ କୋଟି ଟଙ୍କା ମଞ୍ଜୁର ହୋଇଛି। ଏଥିରେ ନଦୀବନ୍ଧ ସୁଦୃଢ଼ୀକରଣ କରାଯିବା ସହିତ ବନ୍ଧ ଉପରେ ୭.୫ ମିଟର ଚଉଡା ସବୁଦିନିଆ ରାସ୍ତା ନିର୍ମାଣ ହେଉଛି। ନଦୀ ବନ୍ଧ ଅଚାନକ ଧସିବା ସମ୍ପର୍କରେ ବିଭାଗୀୟ ଏସ୍‌ଡିଓ ଅନ୍ତର୍ଯାମୀ ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି, ନଦୀରେ ଜଳସ୍ତର କମିବା ପରେ ବନ୍ଧର ନିମ୍ନଭାଗରେ ଥିବା ପଙ୍କିଳ ମାଟି ଯୋଗୁ ବନ୍ଧର କିଛି ଅଂଶ ଦବିଯାଇଛି। ଯୁଦ୍ଧକାଳୀନ ଭିତ୍ତିରେ ଏହାର ମରାମତି କାର୍ଯ୍ୟ ଆରମ୍ଭ କରାଯାଇଛି ବୋଲି ସେ କହିଛନ୍ତି।




“ଅନ୍ୟମାନେ ତୁମ ସମ୍ବନ୍ଧେ କ’ଣ କହୁଛନ୍ତି, କରୁଛନ୍ତି ଓ ଭାବୁଛନ୍ତି– ସେକଥାକୁ ନେଇ ଯଦି ତୁମେ ଆଘାତ ପାଉଥାଅ ବା ବ୍ୟଥିତ ହେଉଥାଅ– ତା’ହେଲେ ତୁମେ ଜଣେ ଦୁର୍ବଳ ମଣିଷ ଏବଂ ତୁମେ କେବେ ଏକାନ୍ତ ଭାବେ ଭଗବାନଙ୍କ ପ୍ରଭାବର ଅଧୀନ ହୋଇ ବଞ୍ଚୁ ନାହଁ। –ଶ୍ରୀମା



# ଯୁଦ୍ଧରୁ ଲାଭ

୭ ଅକ୍ଟୋବରରେ ଇସ୍ରାଏଲର ଏକ ସଙ୍ଗୀତ ଉତ୍ସବ ଉପରେ ଇସ୍‌ଲାମିକ ଉଗ୍ରବାଦୀ ହମାସ୍ କ୍ରୁରତାପୂର୍ଣ୍ଣ ଆକ୍ରମଣ କରିଥିଲା। ଏଥିରେ ୨୬୦ ଇସ୍ରାଏଲୀଙ୍କ ମୃତ୍ୟୁ ଘଟିବା ସହ ୧୦୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଇସ୍ରାଏଲ ଏହାର ପ୍ରତିଶୋଧ ନେବାକୁ ଯାଇ ହମାସ୍‌ର ଅାଡ୍ଡା ଗାଜା ଉପରେ ଆକ୍ରମଣ ଜାରି ରଖିଛି। ଆକ୍ରମଣ ପରେ ଗାଜାରୁ ୫ ଲକ୍ଷରୁ ଊର୍ଦ୍ଧ୍ୱ ପାଲେଷ୍ଟିନୀୟ ବିସ୍ଥାପିତ ହେବା ସହ ୭୨୪ ଶିଶୁଙ୍କ ସମେତ ୨୬୦୦ ଲୋକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ବିସ୍ଥାପିତଙ୍କ ସହ ଶିଶୁମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଉଲ୍ଲେଖନୀୟ ଯେ, ଚଳିତ ଦଶନ୍ଧିର ପ୍ରାରମ୍ଭରେ ଆଫଗାନିସ୍ତାନରୁ ଆମେରିକା ସେନା ପ୍ରତ୍ୟାହାର ପରେ ତାଲିବାନ୍ ତାହାର ବର୍ବରତା ଆରମ୍ଭ କରିଥିଲା। ଏଥିରେ ବିସ୍ଥାପିତ ହୋଇଥିବା ପାଖାପାଖି ୮ ଲକ୍ଷ ଲୋକଙ୍କ ମଧ୍ୟରେ ୫୭% ପିଲା ଓ ୨୧% ମହିଳା ଥିଲେ। ଏହାପରେ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଦେଢ଼ ବର୍ଷ ହେଲା ଜାରି ରହିଛି। ତେବେ ଏହି ଯୁଦ୍ଧ ଆରମ୍ଭ ହେବାର ମାତ୍ର ୧ ମାସ ମଧ୍ୟରେ ଦେଶର ମୋଟ ଶିଶୁଙ୍କ ସଂଖ୍ୟା ୭.୫ ମିଲିୟନ (୭୫ ଲକ୍ଷ) ମଧ୍ୟରୁ ଅଧାରୁ ଅଧିକ ଅର୍ଥାତ୍ ୪.୩ ମିଲିୟନ (୪୩ ଲକ୍ଷ) ବିସ୍ଥାପିତ ହୋଇଥିଲେ। ଏହି ପିଲାମାନଙ୍କ ମଧ୍ୟରୁ ୧୮ ଲକ୍ଷ ଦେଶ ବାହାରେ ଶରଣାର୍ଥୀ କ୍ୟାମ୍ପରେ ଓ ଅନ୍ୟମାନେ ଦେଶ ଭିତରେ ବିଭିନ୍ନ ସ୍ଥାନରେ ଅଛନ୍ତି। କେବଳ ଯୁଦ୍ଧ ନୁହେଁ; ଆଫ୍ରିକୀୟ ଦେଶ ୟେମେନ, କଙ୍ଗୋ, ସୋମାଲିଆ, ମାଲି, ନାଇଜେରିଆ, ବୁର୍କିନା ଫାସୋ ଆଦି ଦେଶରେ ଜାତିଗତ ହିଂସା ଯୋଗୁ ପରିବାର ସହ ପିଲାମାନେ ବିସ୍ଥାପିତ ହେଉଛନ୍ତି। ଏସିଆରେ ମ୍ୟାନ୍‌ମାର, ଆଫଗାନିସ୍ଥାନରେ ଏହା ଅଧିକ ଘଟୁଥିବାବେଳେ ଭାରତରେ ବି ଜାତିଗତ ହିଂସା କାରଣରୁ ବିସ୍ଥାପିତ ପରିବାର ସହ ପିଲାମାନେ କ୍ୟାମ୍ପରେ ରହୁଛନ୍ତି।

ଅତୀତରେ ଭାରତର ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ଆସାମ, ତ୍ରିପୁରା, ମଣିପୁର ଏବଂ ଜମ୍ମୁ-କଶ୍ମୀରରେ ହିଂସା କାରଣରୁ ପିଲାମାନେ ବିସ୍ଥାପିତ ହୋଇଛନ୍ତି। ଏବେ ମଣିପୁରରେ ପାଖାପାଖି ୬ ମାସ ହେଲା ମେଇତି ଓ କୁକି ସମ୍ପ୍ରଦାୟ ମଧ୍ୟରେ ଲାଗିରହିଥିବା ଜାତିଗତ ହିଂସାରେ ୭୦ ହଜାରରୁ ଊର୍ଦ୍ଧ୍ୱ ଲୋକ ବିସ୍ଥାପିତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୧୪,୦୦୦ରୁ ଅଧିକ ପିଲା ଅଛନ୍ତି ଓ ମିଜୋରାମର ସ୍କୁଲଗୁଡ଼ିକରେ ସେମାନଙ୍କ ନାମ ଲେଖାଯାଇଛି। ଏହା ସ୍ପଷ୍ଟ ଯେ, ଶିଶୁର ସର୍ବାଙ୍ଗୀନ ଉନ୍ନତି କେବଳ ଶିକ୍ଷା ଦ୍ୱାରା ସମ୍ଭବ ନୁହେଁ। ସାମାଜିକ ସୁରକ୍ଷା, ଉପଯୁକ୍ତ ପାରିବାରିକ ଯତ୍ନ ପିଲାଙ୍କ ଶାରୀରିକ ଓ ବୌଦ୍ଧିକ ବିକାଶର ଆଧାର। ବିସ୍ଥାପନ ପରେ ଥଇଥାନ ଶିବିରରେ ଭୟ ଓ ଅସୁରକ୍ଷା ବଳୟରେ ଥିବା ପରିବାରଠାରୁ ପିଲାମାନେ ଏସବୁରୁ ବଞ୍ଚିତ ହୁଅନ୍ତି। ଏହାଯୋଗୁ ସେମାନଙ୍କ ମାସିକ ସ୍ତର ପ୍ରଭାବିତ ହୋଇଥାଏ ବୋଲି ମନସ୍ତତ୍ତ୍ୱବିତ୍‌ଙ୍କ ମତ। ବିଶ୍ୱର ପ୍ରତ୍ୟେକ ଦେଶରେ ବିସ୍ଥାପିତ ହେଉଥିବା ପିଲାମାନେ ଶାରୀରିକ ଓ ଯୌନ ହିଂସାରେ ଅଧିକ ଶିକାର ହେଉଛନ୍ତି ଏବଂ ଅପପୁଷ୍ଟି ସେମାନଙ୍କ ଚିର ସାଥୀ ବୋଲି ୟୁନାଇଟେଡ୍ ନେଶନ୍ସ ଚିଲ୍ଡ୍ରେନ୍ସ ଫଣ୍ଡ (ୟୁନିସେଫ୍) ରିପୋର୍ଟରୁ ଜଣାପଡ଼ିଛି। ଏତଦ୍ ବ୍ୟତୀତ ଜାତିଗତ ସଂଘର୍ଷରେ ଲିପ୍ତ ଉଗ୍ରବାଦୀ ଗୋଷ୍ଠୀ ବିସ୍ଥାପିତ ଶିଶୁମାନଙ୍କୁ ସଂଘର୍ଷରେ ନିୟୋଜିତ କରୁଛନ୍ତି, ଯାହାର ଉଦାହରଣ ସୋମାଲିଆ ଓ ନାଇଜେରିଆରେ ହୋଇଥିବା କେତୋଟି ଆକ୍ରମଣରେ ଦେଖିବାକୁ ମିଳିଛି।

**ପ୍ରାୟ ପୃଥିବୀର ସବୁ ଦେଶରେ ଶିଶୁ ଏବଂ ମା’କୁ ଲକ୍ଷ୍ୟକରି ହିଂସା ବଢ଼ୁଥିବାର କାରଣ ବୁଝିବା କଷ୍ଟକର ନୁହେଁ। ସେହିମାନେ ସବୁଠାରୁ ଦୁର୍ବଳ ହୋଇଥିବାରୁ ଯୁଦ୍ଧ, ଧର୍ମ ଏବଂ ଜାତିଗତ ସଂଘର୍ଷରେ ତାଙ୍କୁ ହିଁ ଶିକାର କରିବା ସହଜ ହୋଇଯାଉଛି।**

ୟୁନିସେଫ୍ ରିପୋର୍ଟ ମୁତାବକ ଚରମ ଜଳବାୟୁ ବିପର୍ଯ୍ୟୟ କାରଣରୁ ଗତ ୬ ବର୍ଷ ହେଲା ପ୍ରତିଦିନ ୨୦,୦୦୦ ଶିଶୁ ବିସ୍ଥାପିତ ହେଉଛନ୍ତି। ଏହି ହାର ଫିଲିପାଇନ୍ସ, ଚାଇନା ଓ ଭାରତରେ ଅଧିକ। ଜଳବାୟୁ ପରିବର୍ତ୍ତନ ପ୍ରଭାବ ଯୋଗୁ ବିଶ୍ୱର ସାମ୍ପ୍ରତିକ ସ୍ଥିତିରେ କ୍ଷୁଧା ଓ ଦାରିଦ୍ର୍ୟ ବଢ଼ୁଥିବାବେଳେ ଯୁଦ୍ଧ ଏବଂ ଆଞ୍ଚଳିକ ସଂଘର୍ଷ ବିସ୍ଥାପିତ ପିଲାମାନଙ୍କ ପାଇଁ ବିପଦ ଭାବେ ଉଭା ହୋଇଛି। ଏହି ପ୍ରଚ୍ଛଦପଟରେ ଦେଖିବାକୁ ଗଲେ ସମଗ୍ର ପୃଥିବୀରେ ବୃଦ୍ଧି ପାଉଥିବା ଅଶାନ୍ତ ପରିସ୍ଥିତି ପିଲାମାନଙ୍କୁ ଅଧିକ କ୍ଷତି ପହଞ୍ଚାଉଛି। ପ୍ରାୟ ପୃଥିବୀର ସବୁ ଦେଶରେ ଶିଶୁ ଏବଂ ମା’କୁ ଲକ୍ଷ୍ୟକରି ହିଂସା ବଢ଼ୁଥିବାର କାରଣ ବୁଝିବା କଷ୍ଟକର ନୁହେଁ। ସେହିମାନେ ସବୁଠାରୁ ଦୁର୍ବଳ ହୋଇଥିବାରୁ ଯୁଦ୍ଧ, ଧର୍ମ ଏବଂ ଜାତିଗତ ସଂଘର୍ଷରେ ତାଙ୍କୁ ହିଁ ଶିକାର କରିବା ସହଜ ହୋଇଯାଉଛି। ଅଧିକାଂଶ ଦେଶର ବ୍ୟବସ୍ଥା ଏହିଭଳି ପରିସ୍ଥିତିକୁ ସାହାଯ୍ୟ କରୁଥିବାବେଳେ ଜାତିସଂଘ ଭଳି ସଂସ୍ଥା କୌଣସି ପରିବର୍ତ୍ତନ ଆଣିପାରିବ ବୋଲି ବିଶ୍ୱାସ ହେଉନାହିଁ। ଏଥିରେ କେବଳ ମାନସିକତାର ପରିବର୍ତ୍ତନ ସମ୍ଭବତଃ ଭବିଷ୍ୟତକୁ ବଦଳାଇପାରିବ। ଏଥିସହିତ ଗୁରୁତ୍ୱପୂର୍ଣ୍ଣ ହୋଇଯାଉଛି ବ୍ୟବସାୟିକ ସ୍ୱାର୍ଥ। ସବୁବେଳେ ଯୁଦ୍ଧ ଏବଂ ଅଶାନ୍ତ ପରିସ୍ଥିତି ସୃଷ୍ଟି କରିବା ପଛରେ ବିରାଟକାୟ ବ୍ୟବସାୟିକ ଲାଭ ରହିଛି। ତହିଁରେ ପରିବର୍ତ୍ତନ ନ ହେବା ପର୍ଯ୍ୟନ୍ତ ଏହିଭଳି ପରିସ୍ଥିତି ବୃଦ୍ଧି ହେବାରେ ଲାଗିବ। ଅନ୍ୟ ଶବ୍ଦରେ କହିବାକୁ ଗଲେ ଶାନ୍ତି ଯୋଗୁ ବ୍ୟବସାୟ ମଉଳିଯାଏ, ଯୁଦ୍ଧରେ ବ୍ୟବସାୟ ବୃଦ୍ଧି ହୁଏ।

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 3 | 8 | | | | | | 7 | |
| 4 | | | | | | | 2 | 1 |
| | 6 | | 4 | | | | | |
| | | 5 | 8 | | | | | |
| | | | 1 | 9 | | | 3 | 8 |
| | | | | 3 | 4 | | 5 | |
| | | | | | 9 | | | |
| 5 | | | | | | 6 | | 3 |
| | 9 | | | 7 | | | 1 | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 7 | 3 | 9 | 4 | 1 | 8 | 5 | 6 |
| 6 | 1 | 5 | 7 | 2 | 8 | 3 | 9 | 4 |
| 8 | 9 | 4 | 6 | 5 | 3 | 7 | 1 | 2 |
| 1 | 2 | 9 | 8 | 3 | 4 | 6 | 7 | 5 |
| 5 | 8 | 6 | 1 | 7 | 9 | 4 | 2 | 3 |
| 4 | 3 | 7 | 5 | 6 | 2 | 1 | 8 | 9 |
| 3 | 5 | 8 | 2 | 1 | 6 | 9 | 4 | 7 |
| 9 | 6 | 2 | 4 | 8 | 7 | 5 | 3 | 1 |
| 7 | 4 | 1 | 3 | 9 | 5 | 2 | 6 | 8 |

ଗତକାଲିର ଉତ୍ତର

# ମତଦାନ ଓ ଗଣତନ୍ତ୍ର



ଲଳିତ ମୋହନ ମିଶ୍ର

ଗଣତାନ୍ତ୍ରିକ ରାଷ୍ଟ୍ରମାନଙ୍କ ସଫଳତା ମୂଳଦୁଆ ହେଲା ସୁଚିନ୍ତିତ ତଥା ଅବାଧ ଓ ମୁକ୍ତ ମତଦାନ। ଛୋଟ ଛୋଟ ଗଣତାନ୍ତ୍ରିକ ରାଷ୍ଟ୍ରମାନଙ୍କରେ ଲୋକମାନେ ନିର୍ବାଚନରେ ମତଦାନ ବେଳେ ରାଜନୈତିକ ଦଳମାନଙ୍କର ଆଦର୍ଶ ଓ ନୀତି ତଥା ପ୍ରାର୍ଥୀମାନଙ୍କର ଆଭିମୁଖ୍ୟ ଉପରେ ତଥ୍ୟ ସଂଗ୍ରହ କରିବା ସମ୍ଭବ ହୋଇଥିବାବେଳେ ବଡ଼ ବଡ଼ ଗଣତାନ୍ତ୍ରିକ ରାଷ୍ଟ୍ରମାନଙ୍କରେ ଏହା ସମ୍ଭବପର ହୋଇ ନ ଥାଏ। ବିଶେଷକରି ଯେଉଁ ବଡ଼ ବଡ଼ ଗଣତାନ୍ତ୍ରିକ ରାଷ୍ଟ୍ରମାନଙ୍କରେ ସାକ୍ଷରତା ଓ ଶିକ୍ଷାର ମାନଦଣ୍ଡ ଦୁର୍ବଳ, ସେ ଦେଶମାନଙ୍କର ନାଗରିକମାନେ ସୁଚିନ୍ତିତ ମତଦାନ ନ କରି ଭାବପ୍ରବଣତା ଆଧାରରେ ନିର୍ବାଚନରେ ମତଦାନ କରିଥାଆନ୍ତି। ଏହାଫଳରେ ଗଣତନ୍ତ୍ର ଦୁର୍ବଳ ହୋଇଥାଏ। ଗଣତାନ୍ତ୍ରିକ ଶାସନର ମୂଳଲକ୍ଷ୍ୟ ହେଲା ସମସ୍ତ ଲୋକଙ୍କର ଜୀବନଧାରଣ ମାନଦଣ୍ଡର ବୃଦ୍ଧି। ଯଦି ଏହା ହେଉନାହିଁ ତେବେ ବୁଝିବାକୁ ହେବ ଯେ ଗଣତାନ୍ତ୍ରିକ ବ୍ୟବସ୍ଥା ଦୁର୍ବଳ। ୟୁଏନ୍‌ଡିପି ବା ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ ଦ୍ୱାରା ପ୍ରସ୍ତୁତ ‘ହ୍ୟୁମାନ ଡେଭଲପମେଣ୍ଟ ଇଣ୍ଡେକ୍ସ’ ବା ମାନବ ବିକାଶ ସୂଚୀ-୨୦୨୩ ବିବରଣୀରେ ଭାରତର ସ୍ଥାନ ୧୯୧ଟି ଦେଶ ମଧ୍ୟରୁ ୧୩୨ । ଏହା ସୂଚନା ଦିଏ ଯେ ସ୍ୱାଧୀନତା ପରଠାରୁ ଆମ ଦେଶରେ ଯଥେଷ୍ଟ ବିକାଶ ହୋଇଥିଲେ ମଧ୍ୟ ସବୁଲୋକଙ୍କ ପାଖରେ ବିକାଶର ସୁଫଳ ଆଜି ସୁଦ୍ଧା ପହଞ୍ଚିପାରିନାହିଁ। ଲୋକେ ବିକାଶ ପ୍ରସଙ୍ଗରେ ନିର୍ବାଚନରେ ମତଦାନ କରୁ ନ ଥିବାରୁ ଲୋକଙ୍କ ସ୍ଥିତିରେ ରୂପାନ୍ତରଣ ନ ହେବା ସ୍ୱାଭାବିକ। ଏଠାରେ ଆମ ଦେଶରେ ମତଦାନ ବ୍ୟବସ୍ଥା ଉପରେ ଆଲୋଚନା କରିବା।

ମତଦାନଜନିତ ପ୍ରଥମ ସମସ୍ୟା ହେଲା, ଲୋକେ ମତଦାନ ନ କରିବା ବା ‘ନୋଟା’ରେ ଭୋଟ୍ ଦେବା। ୨୦୧୯ଲୋକସଭା ନିର୍ବାଚନରେ ୬୭.୪୦ ପ୍ରତିଶତ ମତଦାନ ହେଲା । ଏହାର ୩୭% ଭୋଟ୍ (ଅର୍ଥାତ୍ ମୋଟ୍ ମତଦାତାଙ୍କ ୨୫% ଭୋଟ) ପାଇ ଭାରତୀୟ ଜନତା ପାର୍ଟି କେନ୍ଦ୍ରରେ ସରକାର ଗଠନ କଲା। ମତଦାନ ହାର ବୃଦ୍ଧି ନ ହେଲେ, କମ୍ ମତଦାନ ପାଇ ବି ଏକ ଦଳ ସରକାର ଗଠନ କରିପାରୁଛି, ଯାହାକି ସୁସ୍ଥ ଗଣତାନ୍ତ୍ରିକ ବ୍ୟବସ୍ଥା ନୁହେଁ। ୨୦୧୯ ସାଧାରଣ ଲୋକ ସଭା ନିର୍ବାଚନରେ ସବୁଠୁ ଶିକ୍ଷିତ ରାଜ୍ୟ କେରଳରେ ୭୭ ପ୍ରତିଶତ ମତଦାନ ହୋଇଥିବା ବେଳେ ସବୁଠୁ ବଡରାଜ୍ୟ ଉତ୍ତରପ୍ରଦେଶରେ ୫୯.୨୦ ପ୍ରତିଶତ ମତଦାନ ହୋଇଥିଲା। ପୁରୁଷ ଅପେକ୍ଷା ମହିଳାମାନେ ଏବଂ ଗ୍ରାମୀଣ ଅପେକ୍ଷା ସହରୀ ମତଦାତାମାନେ କମ୍ ମତଦାନ କରିବା ଲକ୍ଷ୍ୟ କରାଯାଉଛି। ତେବେ ଓଡ଼ିଶାରେ ୭୩ ପ୍ରତିଶତ ମତଦାନ ଦେବା ଓ ମହିଳାଙ୍କ ମତଦାନ ୭୪ ପ୍ରତିଶତ ହେବା ଭଲ କଥା । କମ୍ ମତଦାନ ସମସ୍ୟାର ସମାଧାନ ହେବା ଆବଶ୍ୟକ ଓ ମତଦାନ ହାର ୯୦ପ୍ରତିଶତ ଉପରକୁ ରହିବା ଉଚିତ।

ଦ୍ୱିତୀୟ ମତଦାନ ସମସ୍ୟା କ୍ଷେତ୍ର ହେଲା ‘ନୋଟା’ (କାହାକୁ ମତଦାନ ନ କରିବା)ରେ ମତଦାନ। ୨୦୧୯ ଲୋକ ସଭା ନିର୍ବାଚନରେ ୧ ପ୍ରତିଶତ ମତଦାତା ‘ନୋଟା’ରେ ମତଦାନ



କରିଥିଲେ। ତେବେ ବିହାର ପରି କେତେକ ରାଜ୍ୟରେ ଲୋକ ସଭା ନିର୍ବାଚନରେ ୨ପ୍ରତିଶତ ମତଦାତା ‘ନୋଟା’ରେ ଭୋଟ ଦେବା ଦେଖାଯାଇଥିଲା। ନାଗାଲାଣ୍ଡରେ ସବୁଠୁ କମ୍ (୦.୨୧%) ନୋଟା ମତଦାନ ହୋଇଥିଲା। ସବୁଠୁ ଶିକ୍ଷିତ ରାଜ୍ୟ କେରଳରେ ୦.୫୧ପ୍ରତିଶତ ଏବଂ ସବୁଠୁ ବଡ଼ ରାଜ୍ୟ ଉତ୍ତରପ୍ରଦେଶରେ ୦.୮୪ ପ୍ରତିଶତ ନୋଟା ମତଦାନ ହୋଇଥିବାବେଳେ ଓଡ଼ିଶାରେ ୧.୩୧ ପ୍ରତିଶତ ମତଦାନ ହୋଇଥିଲା। ତେବେ ଓଡ଼ିଶାର ନବରଙ୍ଗପୁର ଲୋକ ସଭା ଆସନରେ ସର୍ବାଧିକ ନୋଟା ମତଦାନ (୩.୮୪%) ଥିଲା। ସେହିପରି ଓଡ଼ିଶାର ଆଦିବାସୀ ବହୁଳ ଅଞ୍ଚଳରେ ଉପକୂଳ ଅଞ୍ଚଳ ଅପେକ୍ଷା ଅଧିକ ନୋଟା ମତଦାନ ହୋଇଥାଏ। ମତଦାନ ହାର ଦେଶରେ କମ୍ ଥିବାବେଳେ ନୋଟା ବ୍ୟବସ୍ଥାରେ ଆଉ ୧% ଭୋଟ ହ୍ରାସ ହେଉଛି। କେତେକ ସ୍ଥାନରେ ନୋଟା- ଭୋଟଠାରୁ ଜିତିବା ଓ ହାରିବା ଭୋଟ୍ ବ୍ୟବଧାନ କମ୍ ରହୁଛି। ତେଣୁ ନୋଟା ବ୍ୟବସ୍ଥା ରହିବ କି ଏହାର ଉଚ୍ଛେଦ ହେବ, ତା’ ଉପରେ ଆଲୋଚନ ହେବା ଆବଶ୍ୟକ।

ମତଦାନ ନ କରିବା ବିଷୟରେ ଆଲୋଚନା ପରେ ଏବେ ଯେଉଁମାନେ ମତଦାନ କରୁଛନ୍ତି ସେମାନେ କିପରି ମତଦାନ କରୁଛନ୍ତି ତାହା ଉପରେ ଆଲୋଚନା କରିବା। ନିର୍ବାଚନରେ ମତଦାନ ଜଣେ ନାଗରିକର ବ୍ୟକ୍ତିଗତ ସାମ୍ବିଧାନିକ ଅଧିକାର। ସେ ଅବାଧ ଓ ମୁକ୍ତ ଭାବେ ମତଦାନ କରିବା ସହିତ ସୁଚିନ୍ତିତ ଭାବେ ମତଦାନ କରିବା ଆବଶ୍ୟକ। କେତେକ ନିର୍ବାଚନମଣ୍ଡଳୀ ଓ କେତେକ ରାଜ୍ୟ ବ୍ୟତୀତ ଦେଶରେ ଆଉ ଡରେଇ ଧମକେଇ ମତଦାନ କରାଯାଉ ନାହିଁ। ବ୍ୟକ୍ତି ଭୋଟ ଦେବାବେଳେ ଲକ୍ଷ୍ୟାତ୍ମକ ଭାବରେ ତା’ର, ତା’ ପରିବାର, ତା’ ଗାଁ ଓ ସହର, ତା’ ରାଜ୍ୟ ଓ ଦେଶର କ’ଣ ମୌଳିକ ସମସ୍ୟା ଅଛି ତାହାର ଏକ ସୂଚୀ ପ୍ରସ୍ତୁତ କରି ସେଗୁଡ଼ିକୁ କେଉଁ ଦଳ ସମାଧାନ କରିବାରେ ସକ୍ଷମ ହେବ ସେ ବିଷୟ ଭାବି ସେହି ଦଳକୁ ଭୋଟଦେବା କଥା। କିନ୍ତୁ ମତଦାତା ଏସବୁ ବିଶ୍ଳେଷଣ ନ କରି ମତଦାନ କରନ୍ତି। ଏପରି କି ଜାତିମୁଖିଆ, ଗାଁ ମୁଖିଆ, କ୍ଲବ ମୁଖିଆ, ମହିଳା ସଂଘ ମୁଖିଆଙ୍କ କଥାରେ ପଡ଼ି ସାମୂହିକ ଚାପରେ ଓ ମନ୍ଦିରରେ ନିୟମ କରି ଲୋକେ ଭୋଟଦେବା ଦେଖାଯାଉଛି।

ଅପରପକ୍ଷରେ, ଦଳମାନେ ଗଣମାଧ୍ୟମ ଓ ପ୍ରଚାରତନ୍ତ୍ରା ସାହାଯ୍ୟରେ ନିର୍ବାଚନ ପ୍ରସଙ୍ଗ ସ୍ଥିର କରୁଛନ୍ତି ଓ ତାକୁ ମତଦାତାଙ୍କ ଉପରେ ଲଦି ଦେଉଛନ୍ତି । ଯେଉଁ ପ୍ରସଙ୍ଗ ସହଜ, ଯାହା ବ୍ୟବସ୍ଥାକୁ ବିଶେଷ ପରିବର୍ତ୍ତନ କରିବନି, ଯାହା ଭାବପ୍ରବଣତା ସହ ଜଡ଼ିତ, ସେ ବିଷୟ ସବୁକୁ ନିର୍ବାଚନ ପ୍ରସଙ୍ଗ ଦଳମାନେ କରୁଛନ୍ତି । ଧର୍ମ, ଜାତି, ଲିଙ୍ଗ, ଭାଷା, ଆଞ୍ଚଳିକତା ଇତ୍ୟାଦି ଅପ୍ରସଙ୍ଗକୁ ଦଳମାନେ ପ୍ରସଙ୍ଗ କରିଥାଆନ୍ତି। ତେଣୁ ମତଦାତାମାନେ ଭାବପ୍ରବଣତା ଆଧାରରେ ମତଦାନ କରନ୍ତି।

ସେହିପରି ନିର୍ବାଚନରେ ଭାବପ୍ରବଣତା ମତଦାନର ଆଉ ଏକ କାରଣ ହେଲା ଟଙ୍କା କାରବାର। ନିର୍ବାଚନ କମିଶନ ଏହା ବନ୍ଦ କରିବାରେ ସକ୍ଷମ ହେଉନାହାନ୍ତି। ବ୍ୟକ୍ତିର ସାମାଜିକ ଆଭିମୁଖ୍ୟ ଅପେକ୍ଷା ‘ଆର୍ଥିକ କ୍ଷମତା’ ଏବେ ଦଳମାନଙ୍କର ପ୍ରାର୍ଥୀ ଚୟନର ଆଧାର ହେଲାଣି। ରାଜନୈତିକ ଦଳମାନେ ମଧ୍ୟ ଇଲେକ୍ଟୋରାଲ ବଣ୍ଡ ମାଧ୍ୟମରେ ଚାନ୍ଦା ଗ୍ରହଣ ବୃଦ୍ଧି କଲେଣି। ଟଙ୍କା ବହୁଳ ନିର୍ବାଚନରେ ଦଳମାନେ କର୍ପୋରେଟ୍‌ମାନଙ୍କଠାରୁ ନିର୍ବାଚନ ଚାନ୍ଦା ନେବା ଯୋଗୁ ନିର୍ବାଚନ ପରେ ସେମାନଙ୍କୁ ଅଧିକ ବ୍ୟାପାରିକ ସୁବିଧା ଦେଉଛନ୍ତି। ଫଳରେ ଦେଶରେ ଧନୀ-ଦାରିଦ୍ର୍ୟ ତାରତମ୍ୟ ବୃଦ୍ଧିପାଉଛି। ପ୍ରଥମ ପଦକ୍ଷେପ ସ୍ୱରୂପ ନାଗରିକମାନେ ଦଳମାନଙ୍କ ଆର୍ଥିକ ସ୍ଥିତି ଜାଣିବା ପାଇଁ ନିର୍ବାଚନ କମିଶନ ଦଳମାନଙ୍କର ଆୟର ଉତ୍ସକୁ ‘ଆର୍‌ଟିଆଇ ଆଇନ’ ଅଧୀନକୁ ଆଣିବା ଆବଶ୍ୟକ। କେହି କେହି ମଧ୍ୟ ନିର୍ବାଚନରେ କଳାଟଙ୍କା ଖର୍ଚ୍ଚ ରୋକିବା ପାଇଁ ସରକାରଙ୍କ ଦ୍ୱାରା ଦଳମାନଙ୍କର ନିର୍ବାଚନ ଖର୍ଚ୍ଚ ସମ୍ପୂର୍ଣ୍ଣ ବହନ କରିବାକୁ ମତ ଦେଉଛନ୍ତି।

ଅନ୍ୟ ଏକ ଭାବପ୍ରବଣ ମତଦାନର ଉତ୍ସ ହେଲା, ସମାଜର ଗରିବ ଶ୍ରେଣୀ ଓ ପଛୁଆବର୍ଗଙ୍କୁ ମାଗଣା ଦେବା ପାଇଁ ଦଳମାନେ ନିର୍ବାଚନ ପ୍ରତିଶ୍ରୁତି ଦେବା। ଏହା ମାଗଣା ଚାଉଳ, ମାଗଣା ବସ୍ ସେବା, ମାଗଣା ବିଦ୍ୟୁତ୍ ସେବା, ମାଗଣା ମୋବାଇଲ ଆଦିରେ ପହଞ୍ଚିଲାଣି।। ଆର୍ଥିକ ଢାଞ୍ଚାରେ ପରିବର୍ତ୍ତନ କରି ଦାରିଦ୍ର୍ୟ ଓ ବେକାରି ଦୂରୀକରଣ କରିବା ପ୍ରତିଶ୍ରୁତି ଦେବା ଅପେକ୍ଷା ମାଗଣା ବାଣ୍ଟିବା କାର୍ଯ୍ୟ ଅତି ସହଜ ହେଉଥିବାରୁ ରାଜନୈତିକ ଦଳମାନେ ତାହା କରୁଛନ୍ତି। ଲୋକଙ୍କୁ ଏ ଦିଗରେ ସଚେତନ କରିବା ପାଇଁ ନିର୍ବାଚନ କମିଶନର କାମ କରିବା ଆବଶ୍ୟକ।

୨୦୨୪ ସାଧାରଣ ଲୋକ ସଭା ନିର୍ବାଚନ ଆସନ୍ତା ଏପ୍ରିଲ ଓ ମେ’ ମାସରେ ହେବାର ସୂଚନା ରହିଛି। ତେବେ ଏହି ନିର୍ବାଚନରେ ଦେଶର ଆର୍ଥିକ ଢାଞ୍ଚାରେ ପରିବର୍ତ୍ତନ ଉପରେ ବିତର୍କ ନ ହୋଇ ନିର୍ବାଚନ ପ୍ରସଙ୍ଗ ଓବିସି, ଜାତି, ଧର୍ମ, ଜାତୀୟତାବାଦ, ଭ୍ରଷ୍ଟାଚାର ନିବାରଣ ଆଦି ଭାବପ୍ରବଣତା ବିଷୟ ହେବା ଅନୁମାନ କରାଗଲାଣି। ଦେଶରେ ଦାରିଦ୍ର୍ୟ ଓ ବେରୋଜଗାରିର ସମାଧାନ କରିବାକୁ ହେଲେ ୧୯୯୧ରୁ ଦେଶରେ ଚାଲିଥିବା ଉଦାରୀକରଣ-ଜଗତୀକରଣ-ଘରୋଇକରଣ ଆର୍ଥିକ ଢାଞ୍ଚାର ପୁନର୍ଗଠନ ହେବା ଆବଶ୍ୟକ। ଏହା କେନ୍ଦ୍ର ସରକାର କରିପାରିବେ। ଯଦି ନିର୍ବାଚନରେ ଏ ପ୍ରସଙ୍ଗ ନ ରହେ ତେବେ ନିର୍ବାଚନରେ ଯେକୌଣସି ଦଳ କେନ୍ଦ୍ର ସରକାର ଗଢ଼ିଲେ ଗରିବ ଓ ମଧ୍ୟବିତ୍ ଶ୍ରେଣୀର ବିଶେଷ ଲାଭ ନ ହେବା ସ୍ପଷ୍ଟ।

ମୋ-୭୦୦୮୨୩୩୭୨୯

# ଭାରତରେ ମହାକାଶ ପ୍ରଯୁକ୍ତି



ସୌରଜିତ ପ୍ରଧାନୀ

ଭାରତ ମହାକାଶ ଦୌଡ଼ ଏକ ନୂତନ ଯୁଗରେ ପ୍ରବେଶ କରୁଛି। ଗତ ୨୦ ବର୍ଷମଧ୍ୟରେ ଦେଶ ଅଧିକ ସଫଳତା ହାସଲ କରିଛି, ଯେଉଁଥିରେ ରହିଛି ମଙ୍ଗଳୟାନ-୧ର ସଫଳ ଅଭିଯାନଠାରୁ ଆରମ୍ଭ କରି ଚନ୍ଦ୍ରର ଅନ୍ଧାର ପାର୍ଶ୍ୱକୁ ଖୋଜିବା ପାଇଁ ଚନ୍ଦ୍ରୟାନ-୩ ଏବଂ ସର୍ବଶେଷ ଆଦିତ୍ୟ-ଏଲ୍୧ ସୌର ନିରୀକ୍ଷଣ ପ୍ରକଳ୍ପର ସଫଳତା। ଆଜି ବିଶ୍ୱ ମହାକାଶ ଅର୍ଥବ୍ୟବସ୍ଥାରେ ଭାରତକୁ ଏକ ଅଗ୍ରଣୀ ରାଷ୍ଟ୍ର ଭାବେ ପ୍ରତିଷ୍ଠିତ କରିବା ପାଇଁ ଘରୋଇ ଉଦ୍ୟୋଗର ଯୋଗଦାନ ଅଧିକ ରହିଛି।

ସରକାରୀ କ୍ଷେତ୍ରରେ ଏକ ଶୀର୍ଷ ମାନ୍ୟତାପ୍ରାପ୍ତ ମହାକାଶ ଗବେଷଣା ସଂସ୍ଥା ଭାବେ ଇସ୍ରୋ କାର୍ଯ୍ୟ କରିଆସୁଛି। ଏହାର ସଫଳ ଅଭିଯାନ ଘରୋଇ ସଂସ୍ଥା ସହିତ ସହଯୋଗକୁ ଉତ୍ସାହିତ କରିଛି। ଏହା ମହାକାଶ ଉଦ୍ୟୋଗ ପାଇଁ ଏକ ସୁଦୃଢ଼ ମୂଳଦୁଆ ସ୍ଥାପନ କରିଛି ଏବଂ ଡିଜିଟାଲ ଯୁଗର ମହାକାଶ ପ୍ରଯୁକ୍ତି ଷ୍ଟାର୍ଟଅପ ପାଇଁ ସୁଯୋଗ ସୃଷ୍ଟି କରିଚାଲିଛି। ଭାରତୀୟ ଜାତୀୟ ମହାକାଶ ପ୍ରୋତ୍ସାହନ ଏବଂ ପ୍ରାଧିକରଣ କେନ୍ଦ୍ର (IN-SPACE) ପ୍ରତିଷ୍ଠା, ଦ୍ୱିତୀୟ ନୋଡାଲ ଏଜେନ୍ସି ସ୍ୱୟଂଶାସିତ ଭାବେ ମହାକାଶ ବିଭାଗ ଏବଂ ‘ମେକ୍ ଇନ୍ ଇଣ୍ଡିଆ’ କାର୍ଯ୍ୟକ୍ରମ ଏହି କ୍ଷେତ୍ରର ଏକ ଅନୁକୂଳ ବାତାବରଣ ସୃଷ୍ଟି କରିଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗତ ଦଶନ୍ଧି ମଧ୍ୟରେ ମହାକାଶ ପ୍ରଯୁକ୍ତି ଷ୍ଟାର୍ଟଅପର ଅଭିବୃଦ୍ଧି ଫଳରେ ନୂତନ ଦୃଷ୍ଟିକୋଣ, ପ୍ରଯୁକ୍ତି ଉଦ୍ଭାବନ ଏବଂ ଏକ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ଷେତ୍ର ସୃଷ୍ଟି ହୋଇଛି। ଅବଶ୍ୟ, ସମସ୍ତ ଘରୋଇ ମିଶନ ଏବେ ଗଭୀର ମହାକାଶ ଅନୁଧ୍ୟାନ ଓ ଅନୁସନ୍ଧାନ ହେଉ କିମ୍ବା ପ୍ରତିରକ୍ଷାଠାରୁ ଆରମ୍ଭ କରି ପରିବେଶ ଏବଂ ବିପର୍ଯ୍ୟୟ ପରିଚାଳନା ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଆଗକୁ ବଢ଼ିପାରୁଛି। ବିଭିନ୍ନ କକ୍ଷପଥ ସ୍ତର କିମ୍ବା ରିମୋଟ ସେନ୍ସିଂ ଏବଂ ଉପଗ୍ରହ ତଥ୍ୟ ବିଶ୍ଳେଷଣ ପାଇଁ ବସ୍ତୁ ପ୍ରେରଣ କରିବାଠାରୁ ଆରମ୍ଭ କରି କୃଷି ଓ ମତ୍ସ୍ୟଠାରୁ ଆରମ୍ଭ କରି ଏବଂ ଦୂରସଞ୍ଚାର, ସାମୁଦ୍ରିକ କାର୍ଯ୍ୟକଳାପ କାର୍ଯ୍ୟକଳାପରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛନ୍ତି।

ସରକାର ଏବଂ ଘରୋଇ କ୍ଷେତ୍ରର ସହଯୋଗ ଓ ସମର୍ଥନରେ ନବଗଠିତ ମହାକାଶ ପ୍ରଯୁକ୍ତି (ସ୍ପେସ୍ ଟେକ୍) ଷ୍ଟାର୍ଟଅପ ଭାରତୀୟ ମହାକାଶ ଶିଳ୍ପରେ ଅଭିବୃଦ୍ଧିକୁ ଆଗେଇ ନେବାର କେତେକ ପ୍ରମୁଖ କାରଣ ରହିଛି। ଭାରତୀୟ ମହାକାଶ ପ୍ରଯୁକ୍ତି କମ୍ପାନୀଗୁଡ଼ିକ ନିଜର ଇଞ୍ଜିନିୟରିଂ ନୀତି ଆଧାରରେ ସମସ୍ୟା ସମାଧାନ ପାଇଁ ବେଶ୍ ଜଣାଶୁଣା। ଏହା ଘରୋଇ ଗ୍ରାହକଙ୍କୁ ଆକର୍ଷିତ କରିବା ସହ ଷ୍ଟାର୍ଟଅପଗୁଡ଼ିକୁ ଅନ୍ତର୍ଜାତୀୟ ସ୍ତରରେ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ଭାବେ ସ୍ଥାନିତ କରୁଛି।

ଜ୍ଞାନର ଆଦାନପ୍ରଦାନ, ପ୍ରଯୁକ୍ତି ହସ୍ତାନ୍ତର ଏବଂ ମିଳିତ ଅଭିଯାନକୁ ସୁଗମ କରିବା ଲାଗି ଭାରତ ଅନ୍ତର୍ଜାତୀୟ ମହାକାଶ ଏଜେନ୍ସି ଏବଂ ନିଗମଗୁଡ଼ିକ ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି। ଏବେ ସୁଦ୍ଧା ଭାରତ ୬୫ରୁ ଅଧିକ ଦେଶ ସହିତ ସମ୍ପର୍କ ସ୍ଥାପନ କରି ଆସୁଛି। ୟୁରୋପୀୟ ସେଣ୍ଟର ଫର ମିଡିୟମ-ରେଞ୍ଜ ୱେଦର ଫୋରକାଷ୍ଟ (ECM-WF) ଭଳି ଅନ୍ତର୍ଜାତୀୟ ବହୁପକ୍ଷୀୟ ସଂସ୍ଥା ସହିତ



ଉପକରଣ ସହାୟତା ପାଇଁ ଚୁକ୍ତି ସ୍ୱାକ୍ଷର ହୋଇଛି। ଏହି ନୀତିରେ ମହାକାଶ ଆଧାରିତ ଯୋଗାଯୋଗ, ରାଷ୍ଟ୍ରର ଆବଶ୍ୟକତା ଏବଂ ବାଣିଜ୍ୟିକ, ସୁରକ୍ଷିତ ଏବଂ ସାମାଜିକ ଯୋଗାଯୋଗ କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ପାଇଁ ଉପଯୁକ୍ତ ପ୍ରଯୁକ୍ତିବିଦ୍ୟା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହା ସ୍ଥାନୀୟ ଏବଂ ବିଶ୍ୱ ଯୋଗାଯୋଗ ସେବା ବଜାର ପାଇଁ ଦ୍ୱାର ଉନ୍ମୁକ୍ତ କରିଛି। ଭାରତୀୟ ଅନ୍ତରୀକ୍ଷ ନୀତିରେ ଭାରତ ମଧ୍ୟରେ ରିମୋଟ ସେନ୍ସିଂ ଆପ୍ଲିକେଶନକୁ ପରିଚାଳନା କରିବା ଓ ସରକାରୀ ଅନୁମୋଦନ ହାସଲ କରିବା ପାଇଁ ସ୍ପଷ୍ଟ ଏବଂ ବ୍ୟାପକ ଢାଞ୍ଚା ଓ ବିସ୍ତୃତ ବ୍ୟବସ୍ଥିତ ପ୍ରକ୍ରିୟା ବିଷୟରେ ଉଲ୍ଲେଖ କରାଯାଇଛି। ଏହାଦ୍ୱାରା ଅଂଶୀଦାରମାନେ ଏହି କ୍ଷେତ୍ରରେ ସକ୍ରିୟ ଭାବେ ଭାଗ ନେବା ଲାଗି ପ୍ରୋତ୍ସାହିତ ହେବେ ଏବଂ ମହାକାଶ ପ୍ରଯୁକ୍ତିର ବ୍ୟବସାୟୀକରଣକୁ ଆଗକୁ ବଢ଼ାଇବେ।

ଭାରତୀୟ ଅନ୍ତରୀକ୍ଷ ନୀତି ୨୦୨୩ର ଉଦ୍ଦେଶ୍ୟ ହେଉଛି ଘରୋଇ କ୍ଷେତ୍ରକୁ ଅନ୍ତରୀକ୍ଷ ଉଦ୍ୟୋଗରେ ଏକୀକୃତ କରିବା ପାଇଁ ଏକ ଢାଞ୍ଚା ପ୍ରତିଷ୍ଠା କରିବା, ଯାହାଦ୍ୱାରା ଇସ୍ରୋ ଗବେଷଣା ଏବଂ ବିକାଶ ମାଧ୍ୟମରେ ଅନ୍ତରୀକ୍ଷ ପ୍ରଯୁକ୍ତିକୁ ଆଗକୁ ବଢ଼ାଇବା ଉପରେ ଧ୍ୟାନ କେନ୍ଦ୍ରିତ କରିପାରିବ। ଏହି ନୀତି ମହାକାଶ ସମ୍ବନ୍ଧୀୟ ସଂସ୍କାରରେ ଆବଶ୍ୟକୀୟ ସ୍ୱଚ୍ଛତା ଆଣିବ ଏବଂ ଘରୋଇ କ୍ଷେତ୍ରର ଭାଗୀଦାରିକୁ ପ୍ରୋତ୍ସାହିତ କରିବ; ଯାହାଫଳରେ ଭାରତରେ ମହାକାଶ ଅର୍ଥବ୍ୟବସ୍ଥାର ବିକାଶକୁ ପ୍ରୋତ୍ସାହନ ମିଳିବ ବୋଲି ଆଶା କରାଯାଉଛି।

ଭାରତ ଏକ ମହାକାଶ-କେନ୍ଦ୍ରିତ ପିଏଲଆଇ ଯୋଜନା ପ୍ରଚଳନ କରିବା ଉଚିତ; ଯାହା ଅତ୍ୟଧିକ ପରିମାଣର ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ପାଇଁ ସମାନ ଏବଂ ସ୍ୱଦେଶୀ କ୍ଷମତା ନିର୍ମାଣ ଏବଂ କ୍ରୟକୁ ପ୍ରୋତ୍ସାହିତ କରିବ। ସରକାର, ଶିକ୍ଷାନୁଷ୍ଠାନ ଏବଂ ଘରୋଇ କ୍ଷେତ୍ର ମଧ୍ୟରେ ସହଯୋଗ ଦ୍ୱାରା ନବସୃଜନ ଏବଂ ଜ୍ଞାନ ସମ୍ପ୍ରସାରଣ ସମ୍ଭବ ହୋଇପାରିବ।

ନୂତନ ଉତ୍କ୍ଷେପଣ ସୁବିଧା, ପରୀକ୍ଷଣ ଏବଂ ଏକୀକରଣ କେନ୍ଦ୍ର, ଗ୍ରାଉଣ୍ଡ ଷ୍ଟେଶନ ଏବଂ ଅତିରିକ୍ତ ଭିତ୍ତିଭୂମିର ବିକାଶ ଭାରତକୁ ସବୁଠାରୁ ପ୍ରତିଯୋଗିତାମୂଳକ ବଜାରରେ ପରିଣତ କରିବ ଏବଂ ଷ୍ଟାର୍ଟଅପ ସେହି ଅନୁସାରେ ଲାଭବାନ ହେବେ। ସରଳ ଭାଷାରେ କହିଲେ, ମହାକାଶ ପ୍ରଯୁକ୍ତି କ୍ଷେତ୍ରରେ ପ୍ରଗତିକୁ ପ୍ରୋତ୍ସାହନ ଦେବା ପାଇଁ ଗବେଷଣା ଓ ବିକାଶ, ପ୍ରଯୁକ୍ତି ଏବଂ ବ୍ୟବସାୟିକ ନବସୃଜନ ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବା ଜରୁରୀ। ସରକାରୀ ଏବଂ ଘରୋଇ ସଂସ୍ଥାମାନେ ମିଳିତ ଭାବେ ଏହି କ୍ଷେତ୍ରରେ ସଚେତନତା ବୃଦ୍ଧି ପାଇଁ କାର୍ଯ୍ୟ କରିବା ଆବଶ୍ୟକ। ବିଶେଷ କରି ସିଷ୍ଟମ ଇଞ୍ଜିନିୟରିଂ, ଏରୋସ୍ପେସ ଇଞ୍ଜିନିୟରିଂ, ସାଟେଲାଇଟ ଟେକ୍ନୋଲୋଜି, ଡାଟା ଆନାଲିଟିକ୍ସ ଏବଂ ସ୍ପେସ ଲ’ ଭଳି ଶିକ୍ଷା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଧିକ ପୁଞ୍ଜିନିବେଶ କରାଯାଉଛି। ଶେଷରେ, ମହାକାଶ ପ୍ରତିଯୋଗିତାରେ ବିଜୟୀ ହେବା ପାଇଁ ଏକ କୁଶଳୀ ଶ୍ରମଶକ୍ତି ଗୁରୁତ୍ୱପୂର୍ଣ୍ଣ।

**ଏଡ୍‌ଟେକ ଷ୍ଟାର୍ଟଅପ HOUSOର ପ୍ରତିଷ୍ଠାତା**
ମୋ:୯୯୬୭୧୦୨୨୬୪

## ଏଇ ଭାରତରେ

ରାସ୍ତାକଡ଼ରେ ବହୁ ଅସହାୟ ଶିଶୁ ବୁଲୁଥିବା ଦେଖାଯାଏ। ସେମାନଙ୍କ ପରିବାର ବି ରାସ୍ତାକଡ଼ରେ ରହି ସେମାନଙ୍କୁ ଭିକ୍ଷା ପାଇଁ ପ୍ରେରିତ କରିଥାନ୍ତି। ଏହା ବ୍ୟତୀତ ରାସ୍ତାକଡ଼ ଢାବା କିମ୍ବା ବିଭିନ୍ନ ପ୍ଲାଷ୍ଟିକ୍ ସଂଗ୍ରହ କେନ୍ଦ୍ରରେ ଏମାନେ ପରିବାର ସଦସ୍ୟଙ୍କ ସହ କାମ ବି କରିଥାନ୍ତି। କମ୍ ବୟସରେ ନିଶା ସେବନକରି ଏହି ପିଲାମାନେ ଖାଇବା ଭୁଲିଯାଆନ୍ତି। ଫଳରେ ସେମାନଙ୍କ ସ୍ୱାସ୍ଥ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଥାଏ। ଏଭଳି ଅବସ୍ଥାରେ ରହୁଥିବା ପିଲାମାନଙ୍କୁ କୋଲକାତାର ମୋଇନ ବାନାର୍ଜୀ ଉଦ୍ଧାରକରି ଶିକ୍ଷାର ମୁଖ୍ୟ ସ୍ରୋତରେ ଯୋଡ଼ିବାରେ ଲାଗିଛନ୍ତି। ପ୍ରଥମେ ୭ରୁ ୧୧ ବର୍ଷ ବୟସର ପାଖାପାଖି କେତେଜଣ ଶିଶୁଙ୍କୁ ଉଦ୍ଧାରକରି ଶିକ୍ଷକଙ୍କ ସହାୟତାରେ ପଢ଼ାଇବା ଆରମ୍ଭ କରିଥିଲେ। ଏଥିପାଇଁ ସେ କାମ କରୁଥିବା ମହାଜୀବନ ସଂସ୍ଥାର ସହଯୋଗ ଲୋଡ଼ିଥିଲେ। ଏହା ସହ ଚାଇଲ୍ଡଲାଇଫ୍ ଏନ୍‌ଜିଓ ସହଯୋଗରେ ପିଲାମାନଙ୍କୁ ଚିକିତ୍ସା ସୁବିଧା ଯୋଗାଇଦେବା ସହ ସେମାନଙ୍କ କାଉନସେଲିଂ କରୁଛନ୍ତି। ଏବେ ସେ ପାଖାପାଖି ୪୦ଜଣ ଶିଶୁଙ୍କୁ ନିଶା କବଳରୁ ମୁକ୍ତକରି ସ୍କୁଲକୁ ଆଣିପାରିଛନ୍ତି। ଏହି ପିଲାମାନଙ୍କ ପରିବାର ମଧ୍ୟ ଶିକ୍ଷାର ମହତ୍ତ୍ୱ ଉପଲବ୍ଧି କରିବା ପରେ ଶିକ୍ଷା ପାଇଁ ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି।

## ୨୫ ବର୍ଷ ତଳେ ଧରିତ୍ରୀ

୧୭ ଅକ୍ଟୋବର ୧୯୯୮

- ଆସାମର ନାଗାଓଁ ଜିଲ୍ଲାରେ ଦୁଇଟି ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୧୧ ଜଣଙ୍କ ମୃତ୍ୟୁ।
- ଭାରତୀୟ ଗ୍ରାଣ୍ଡମାଷ୍ଟର ବିଶ୍ୱନାଥ ଆନନ୍ଦଙ୍କ ରଚିତ ‘ମାଇଁ ବେଷ୍ଟ ଗେମ୍ସ ଅଫ୍ ଚେସ୍’ ବ୍ରିଟିଶ ଚେସ୍ ଫେଡେରେସନର ବୁକ୍ ଅଫ୍ ଦି ଇୟର ପୁରସ୍କାର ପାଇଁ ମନୋନୀତ।

## ଚିରନ୍ତନୀ

ରୋଧିଦିଅ ରୋଧିଦିଅ ଏ କାରାଦୁଆର,
ଘୋଟିଆସୁ ଭଇରବ ଘନ ଅନ୍ଧକାର,
ଏ ଆଲୋକ ଏ ଆକାଶ
ପରାଣେ ଦିଏ ପରାସ,
ସୁଦୂର ସ୍ମୃତିର ଆଣେ ବିରହ ଝଙ୍କାର,
ଲଗାଏ ମରମେ ମମ ମହା ହାହାକାର।
–(ବନ୍ଦୀର ବିଳାପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସେବାୟତ ଡ୍ରେସ୍‌କୋଡ୍ ମାନିବେ ତ

ମହାଶୟ,

ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ସ୍ୱତନ୍ତ୍ରତା ରହିଛି। ତାକୁ ଦକ୍ଷିଣ ଭାରତୀୟ ପ୍ରଣାଳୀରେ ପରିଚାଳିତ କରିବା ଆମ ପାଇଁ ଅପମାନ ନୁହେଁ କି? ଶାଳୀନ ପୋଷାକର ଅର୍ଥ କ’ଣ ସେମାନେ ବୁଝାଇପାରିବେ କି? ଯଦି ପୂରା ଶରୀର ଢାଙ୍କୁଥିବା ପୋଷାକ ଶାଳୀନ, ତେବେ ପୂଜକ ଓ ସେବାୟତ ତାହା ପାଳନ କରିବେ ତ? ମନ୍ଦିର ଭିତରେ ଏପରିକି ଗର୍ଭଗୃହ ମଧ୍ୟରେ ସବୁଠି ଅଶାଳୀନ ଭାଷା ପ୍ରୟୋଗ ସେବାୟତମାନେ ବନ୍ଦ କରିବେ କି? ଯଦି ଏ ସବୁ ପାଳନ ନ ହୁଏ, ତେବେ କିଏ ଉତ୍ତରଦାୟୀ ରହିବେ? ଯେତେବେଳେ ହଜାର ହଜାର ଭକ୍ତ ଖୁଆଡ଼ ଭିତରେ ଗରମ ଓ ଯନ୍ତ୍ରଣାରେ ଛଟପଟ ହୋଇ ଠିକ୍ ଭାବେ ଦର୍ଶନ କରିପାରୁ ନାହାନ୍ତି, କାହା ସ୍ୱାର୍ଥ ଏହାଦ୍ୱାରା ସାଧିତ ହେବ।

**–ଡ. ରାଜୀବ ଷଡ଼ଙ୍ଗୀ, ସୂର୍ଯ୍ୟନିଳୟମ୍, କୁଣ୍ଡି, କୁମୁଡା ଜୟପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୭ ଅକ୍ଟୋବର, ୨୦୨୩



## ସଂକ୍ଷେପରେ

### ଡୋକରିଚଞ୍ଚରାରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

**କୋକସରା, ୧୬।୧୦ (ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ):** କଳାହାଣ୍ଡି ବିଶ୍ୱବିଦ୍ୟାଳୟ ପକ୍ଷରୁ ରବିବାର କୋକସରା ବ୍ଲକ ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରିଚଞ୍ଚରାଠାରେ ଜାତୀୟ ସେବା ଯୋଜନା ଏନଏସଏସ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଏନଏସଏସ ସଂଯୋଜକ ଚିତ୍ତରଞ୍ଜନ ଖୁଣ୍ଟିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ପର୍ଯ୍ୟଟନସ୍ଥଳକୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଅଳିଆ ଆବର୍ଜନା ନ କରିବାକୁ ପରାମର୍ଶ ଦିଆଯାଇଛି। ଆମର ଏହି ପର୍ଯ୍ୟଟନସ୍ଥଳୀ ଆମ ପାଇଁ ଗୌରବ ଏଣୁ ସ୍ୱଚ୍ଛତା ରଖିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଛନ୍ତି। ଛାତ୍ରୀଛାତ୍ରମାନେ ଶ୍ରୀରାମ ମନ୍ଦିର ସମେତ ପର୍ଯ୍ୟଟନସ୍ଥଳୀର ଅନେକ ସ୍ଥାନରେ ପଡ଼ିଥିବା ମଇଳା ଆବର୍ଜନା ସଫା କରିଥିଲେ। ଆଗକୁ ମଧ ଏହି ପ୍ରୟାସ ଜାରି ରହିବ ବୋଲି ଏନଏସଏସ ଅଧିକାରୀ କହିଛନ୍ତି। ମହିଳା ୟୁନିଟ ସଂଯୋଜକ ରୋଜମେରି ଏକ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଗୁଡହାଣ୍ଡି ଉନ୍ନୟନ ସମିତି ପକ୍ଷରୁ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ଏନଏସଏସ ଟିମ ଓ ଛାତ୍ରୀଛାତ୍ରଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ବେହେରାରେ ଅଗ୍ରସେନ ଜୟନ୍ତୀ

**ବେହେରା, ୧୬।୧୦ (ଭୂପେଶ ତିୱାରୀ)** କଳାହାଣ୍ଡି ଧର୍ମଗଡ଼ ବ୍ଲକ ବେହେରା ମାରୱାଡ଼ି ସମାଜ ପକ୍ଷରୁ ଜି.ଏମ.ପବ୍ଲିକ ସ୍କୁଲଠାରେ ଅଗ୍ରସେନ ଜୟନ୍ତୀ ପାଳିତ ହୋଇଯାଇଛି। ଦନ୍ତେଶ୍ୱରୀଙ୍କ ମନ୍ଦିରରୁ ଏକ ଶୋଭାଯାତ୍ରା ବାହାରି ଦୁଲୁଦୁଲି ବାଜା ତଥା ବିଭିନ୍ନ ବାଦ୍ୟ ସହ ବାଣ ଫୁଟାଇ, ସମସ୍ତେ ମୁଣ୍ଡରେ ପଗଡ଼ି ବାନ୍ଧି ସୁସଜ୍ଜିତ ରଥରେ ରାଜା ଅଗ୍ରସେନଙ୍କ ଫଟୋଚିତ୍ରକୁ ରଖି ପୂଜାର୍ଚ୍ଚନା କରି ନଗର ପରିକ୍ରମା କରିବା ପରେ ଭବନକୁ ଫେରିଥିଲେ। ଏହି ଜୟନ୍ତୀ ପାଇଁ କୌତୁକିଆ ଖେଳ, ସାଧାରଣ ଜ୍ଞାନ, ପୁରୁଣା ପରମ୍ପରା, ଧାର୍ମିକ ରୀତିନୀତି, ନୈତିକ ଶିକ୍ଷା ଆଦି ବିଭିନ୍ନ ଦିଗ ଉପରେ ପର୍ଯ୍ୟବସିତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମହାସଭା ଅଧକ୍ଷ ବିକାଶ ଅଗ୍ରୱାଲ, ଲଳିତ ଅଗ୍ରୱାଲ, ନବ କିଶୋର ଅଗ୍ରୱାଲ, ରମେଶ ଅଗ୍ରୱାଲ, ସୁରେଶ ଅଗ୍ରୱାଲ, ସନ୍ତୋଷ ଅଗ୍ରୱାଲ, ଟିଙ୍କୁ ଅଗ୍ରୱାଲ, ବିନୋଦ ଅଗ୍ରୱାଲ, ସୁମିତ ଅଗ୍ରୱାଲ, ଗୁଲାବ ଅଗ୍ରୱାଲ, ରାଜେଶ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ। ମହିଳା ସମିତି ଅଧକ୍ଷା ଶୁଶିଳା ଅଗ୍ରୱାଲ, କୋଷାଧକ୍ଷ ସୁମିତ୍ରା ଅଗ୍ରୱାଲ, ସମ୍ପାଦିକା ବନ୍ଦନା ଅଗ୍ରୱାଲ ପ୍ରମୁଖଙ୍କ ଯୋଗଦାନ ରହିଥିଲା। ମାରୱାଡ଼ି ସମିତି, ମାରୱାଡ଼ି ଯୁବା ମଞ୍ଚ, ମାରୱାଡ଼ି ସମ୍ମେଳନ, ମହିଳା ମଞ୍ଚ ଓ ଜାଗୃତି ଶାଖା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଡାକ୍ତରୀ ଛାତ୍ରୀଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା।

### ମୋ ଦେଶ ମୋ ମାଟି ପାଇଁ ସଂଗୃହୀତ ମାଟି ହସ୍ତାନ୍ତର

**କୋକସରା, ୧୬।୧୦ (ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ):** କଳାହାଣ୍ଡି ଜିଲା ଧର୍ମଗଡ଼ ନିର୍ବାଚନମଣ୍ଡଳୀ ଅଧୀନ କୋକସରା ସଦର ମହକୁମାଠାରୁ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ସୋମବାର ବ୍ଲକ ପ୍ରଭାରୀ ଦାୟିତ୍ୱରେ ଥିବା ଭାଜପା ଜିଲା ଉପ ସଭାପତି ଲକ୍ଷ୍ମୀକାନ୍ତ ବାଗ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। ବ୍ଲକର କୋକସରା, ମୋଟେର ଓ ଆମପାଣି ମଣ୍ଡଳର କର୍ମକର୍ତ୍ତାମାନେ ଯୋଗଦେଇ ସଂଗୃହିତ ମାଟିକୁ ଏକ ଶୋଭାଯାତ୍ରାରେ ବାହାରି ମାଟି ସଂଗ୍ରହର ଉଦ୍ଦେଶ୍ୟ ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ପରେ ହନୁମାନ ମନ୍ଦିର ନିକଟରେ ସଂଗୃହିତ ମାଟିକୁ ଭୁବନେଶ୍ୱର ଓ ସେଠାରୁ ଦିଲ୍ଲୀ ପଠାଇବା ପାଇଁ ବରିଷ୍ଠ ଭାଜପା ନେତା ଜନାର୍ଦ୍ଦନ ପଣ୍ଡା ଓ ମଣ୍ଡଳ ପ୍ରଭାରୀ ଗରୁଡ଼ ଧଜ ମାଝି ମାଟି କଳସକୁ ହସ୍ତାନ୍ତର କରିଥିଲେ। କାର୍ଯ୍ୟକ୍ରମରେ ଏମ୍‌ପି ପ୍ରତିନିଧି ସୁଧୀର କୁମାର ପାତ୍ର, କୋକସରା ପ୍ରଭାରୀ ଗରୁଡ଼ ଧଜ ମାଝି, କୋକସରା ମଣ୍ଡଳ ସମ୍ପାଦକ ତ୍ରିନାଥ ଶବର, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଭଜମନ ନାଏକ, ନରେନ୍ଦ୍ର ପ୍ରଧାନୀ, ନାନକ ଅଗ୍ରୱାଲ, ନବୀନ ପ୍ରଧାନୀ, ଧର୍ମାନନ୍ଦ ନେଗି, ଜବାହାର ଲାଲ ପ୍ରଧାନୀ, ନୀଳକଣ୍ଠ ମାଝି, ସୁଜିତ ସିଂ ରାଜପୁତ, ଉପସଭାପତି ଗୋପାଳ ଅଗ୍ରୱାଲ, ସମ୍ପାଦକ ମନୋଜ ନାଏକ ଓ ଦଳୀୟକର୍ମୀ ଉପସ୍ଥିତ ରହିଥିଲେ।

# ଠିକାଦାରଙ୍କ କାମକୁ ବିରୋଧ

**ନୂଆପଡ଼ା, ୧୬।୧୦ (ମକାରୁ ବେମାଲ)**



ଶୋଭାଯାତ୍ରାରେ ସ୍ୱୟଂ ସହାୟକ ମହିଳା।

ନୂଆପଡା ଜିଲା ଖରିଆର ରୋଡ ବିଜ୍ଞାପିତ ଅଞ୍ଚଳ ପରିଷଦ ୱାର୍ଡ ନଂ. ୫ରେ ଚାଲିଥିବା ଟ୍ରାକ କାମକୁ ମହିଳା ଗୋଷ୍ଠୀ କରିବା ପରିବର୍ତ୍ତେ ଠିକାଦାର କରୁଛନ୍ତି। ଏହାକୁ ବିରୋଧ କରିଛନ୍ତି ମହିଳା ଗୋଷ୍ଠୀ। ଏ ନେଇ ସ୍ଥାନୀୟ ଏସ୍‌ଏଚ୍‌ଜି ମହିଳାମାନେ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ଘେରାଉ କରି ବିକ୍ଷୋଭ ପ୍ରଦଶ ନ କରିଥିଲେ। ୱାର୍ଡ ନଂ. ୪, ୫ ଓ ୯ରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ଖରିଆର ରୋଡ ବଜାର ପଡାଠାରୁ ଏକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରି ନଗରପାଳ, ନିର୍ବାହୀ ଅଧିକାରୀ ଓ କାଉନସିଲରମାନଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ଏନ୍‌ଏସି କାର୍ଯ୍ୟାଳୟ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନଗରପାଳ ଓ ନିର୍ବାହୀ ଅଧିକାରୀ ଅନୁପସ୍ଥିତ ଥିବାରୁ ସିଇଓ ସଞ୍ଜୁକ୍ତା ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଖରିଆର ରୋଡ ୱାର୍ଡ ନଂ. ୫ର ଦାଦାଚ୍ରେ ବିଦ୍ୟାଳୟ ସମ୍ମୁଖରେ ୨ ଲକ୍ଷ ୧୨ ହଜାର ୬ ଶହ ଟଙ୍କା ବ୍ୟୟ ଅଟକଳରେ ଚାଲିଥିବା ଟ୍ରାକ କାମ ଓ କମଲେଶ ଶର୍ମା ଘରଠାରୁ ଅମର ଅଗ୍ରୱାଲ ଘର ପର୍ଯ୍ୟନ୍ତ ୨ ଲକ୍ଷ ୫୦ ହଜାର ୫ ଶହ ବ୍ୟୟ ଅଟକଳରେ ଚାଲିଥିବା ଟ୍ରାକ କାମକୁ ବିରୋଧ କରାଯାଉଛି। ଏକ୍ସପ୍ରେସନ ଅଫ ଇଣ୍ଟର୍ସ (ଇଓଆଇ) ମାଧ୍ୟମରେ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀକୁ ଚୟନ କରି କାର୍ଯ୍ୟଗୁଡିକୁ ମହିଳା ଗୋଷ୍ଠି କରିବାର ନିୟମ ରହିଛି। ହେଲେ ମହିଳା ଗୋଷ୍ଠିକୁ ଚୟନ ନ କରି ସିଧାସଳଖ ଠିକାଦାରମାନଙ୍କୁ ଦିଆଯାଇଛି। ମୁକ୍ତା ଯୋଜନାରେ ଫ୍ଲାଗଶିପ କାର୍ଯ୍ୟକ୍ରମ ହେଉଛି କ୍ଷୁଦ୍ର ସମ୍ପ୍ରଦାୟର ଭିତ୍ତିଭୂମି ଦ୍ୱାରା ସ୍ୱୟଂ ସହାୟକ ମହିଳା ଗୋଷ୍ଠି ମାଧ୍ୟମରେ ସହରାଞ୍ଚଳର ବେକାର ଶ୍ରମିକମାନଙ୍କୁ ନିଯୁକ୍ତି ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀ ଏସ୍‌ଏଚ୍‌ଜି ଓ ସହରୀ ଶ୍ରମଶକ୍ତିକୁ ସଶକ୍ତ କରିବା ପାଇଁ ଏହାକୁ କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନାକୁ ନିର୍ବାଚିତ ପ୍ରତିନିଧି ଓ କର୍ମଚାରୀମାନେ ଉଲ୍ଲଂଘନ କରୁଥିବାରୁ ବିରୋଧ କରିଛନ୍ତି। ଏହାର ଉପଯୁକ୍ତ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ଥାନୀୟ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀର ଲିଲି ରାଉତ, ଲକ୍ଷ୍ମୀ ନିଆଲ, ଶୁଶିଳା ରାଉତ, ମଥୁରା ହଂସ, ହେମଲତା ହଂସ, ରେଖାରି ନିଆଲ, ଉମା ରାଉତ, ପ୍ରମିଳା ଯାଦବ, ଅନୁ ମହାନନ୍ଦ ପ୍ରମୁଖ ଓ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ଦାବି କରିଛନ୍ତି।

### ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଏନ୍‌ଏସି କାର୍ଯ୍ୟାଳୟ ଘେରାଉ

# କଳାହାଣ୍ଡିରେ ଗଡ଼ିବ ୬୩ ଲକ୍ଷ୍ମୀ ବସ୍


କଳାହାଣ୍ଡି ଜିଲାରେ ଚାଲିବା ପାଇଁ ରହିଥିବା ଲକ୍ଷ୍ମୀ ବସ୍।

**ଭବାନୀପାଟଣା, ୧୬।୧୦ (ଉତ୍ତମ କୁମାର ଦାଶ)**

### ୩୦ରେ ମୁଖ୍ୟମନ୍ତ୍ରୀ କରିବେ ଶୁଭାରମ୍ଭ

କଳାହାଣ୍ଡି ଜିଲାର ୧୩ଟି ବ୍ଲକରେ ଗଡିବ ରାଜ୍ୟ ସରକାରଙ୍କ ୬୩ଟି ଲକ୍ଷ୍ମୀ ବସ୍। ଆସନ୍ତା ୩୦ ତାରିଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶୁଭାରମ୍ଭ କରିବା ପରେ ଜିଲାରେ ଚଳାଚଳ କରିବ ଲକ୍ଷ୍ମୀ ବସ୍। ଏହି ମାସ ଶେଷ ସପ୍ତାହରେ ଏହି ବସ୍‌ଗୁଡିକ କଳାହାଣ୍ଡିକୁ ପହଞ୍ଚିବ। କଳାହାଣ୍ଡି ଜିଲାର ୧୩ଟି ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳକୁ ୫୦ଟି ବସ୍ ପ୍ରତ୍ୟହ ସ୍ଥାନୀୟ ବ୍ଲକ ମୁଖ୍ୟାଳୟ ପର୍ଯ୍ୟନ୍ତ ଚଳାଚଳ କରିବ। ସେହିପରି ସ୍ଥାନୀୟ ବ୍ଲକ ମୁଖ୍ୟାଳୟରୁ ୧୩ଟି ବସ୍ ପ୍ରତ୍ୟହ ଜିଲା ମୁଖ୍ୟାଳୟ ପର୍ଯ୍ୟନ୍ତ ଚଳାଚଳ କରିବ। ଏହି ବସ୍‌ରେ ଯାତ୍ରା ପାଇଁ ଶୁନରୁ ୧୦ କି.ମି. ଯାଏଁ ଯାତ୍ରୀଙ୍କୁ ମାତ୍ର ୫ ଟଙ୍କା ଦେବାକୁ ପଡିବ। ସେହିପରି ୧୧-୨୦ କି.ମି. ୧୦ ଟଙ୍କା, ୨୧-୪୧ କି.ମି. ୧୫ଟଙ୍କା, ୪୧-୬୦ କି.ମି. ୨୫ ଟଙ୍କା ଓ ୬୧-୮୦ କି.ମି. ୩୦ଟଙ୍କା ଦେବାକୁ ପଡିବ। ପ୍ରତ୍ୟେକ ଗ୍ରାମାଞ୍ଚଳରେ ଏହ ବସ୍ ପାଇଁ ଷ୍ଟପେଜ ବ୍ୟବସ୍ଥା ମଧ ରହିବ। ଏହାଦ୍ୱାରା ଯାତ୍ରୀମାନେ କମ୍ ଖର୍ଚ୍ଚାନ୍ତରେ ନିଜ ଅଞ୍ଚଳରୁ ଗନ୍ତବ୍ୟ ସ୍ଥଳକୁ ସୁବିଧାରେ ଯାତାୟାତ କରିପାରିବେ। ଏହି ବସ୍ ଚଳାଚଳ କରିବା ପରେ ଜିଲାର ଯୋଗାଯୋଗ ଓ ପରିବହନ କ୍ଷେତ୍ରରେ ଆଉ ଏକ ମାଇଲଖୁଣ୍ଟ ଯୋଡି ହେବ ବୋଲି କଳାହାଣ୍ଡି ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ) ଗତିକୃଷ୍ଣ ସାମନ୍ତରାୟ ପ୍ରକାଶ କରିଛନ୍ତି।

# ଯାଦବ ସମିତିର ନୂଆଁଖାଇ ଭେଟ୍‌ଘାଟ୍



ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଭବାନୀପାଟଣା, ୧୬।୧୦ (ଉତ୍ତମ କୁମାର ଦାଶ)** କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଟାଉନ ହଲଠାରେ ସ୍ଥାନୀୟ ସହର ଯାଦବ ସମିତି ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭବାନୀପାଟଣା ପୌରଧକ୍ଷା ସଂଯୁକ୍ତା ବେହେରା, ବିଶିଷ୍ଟ ଅତିଥି ଭାବେ ସଙ୍ଗୀତକାର ସର୍ବେଶ୍ୱର ଭୋଇ, ସମ୍ମାନିତ ଅତିଥି ଭାବେ କେସିଙ୍ଗା ନଗରପାଳ ନୃପରାଜ ଯାଦବ, କଳାହାଣ୍ଡି ମହିଳା ଯାଦବ ମହାସଭା ସଭାନେତ୍ରୀ ରଶ୍ମିରେଖା ରାଉତ, ଉତ୍କଳ ଯାଦବ ମହାସଭା ଉପସଭାନେତ୍ରୀ ସୁଶ୍ରୀ ଶୁଭଲକ୍ଷ୍ମୀ ନାଏକ, ଉପସଭାପତି ସକିତ ରତେ, ସମ୍ପାଦିକା ଇଲା ସେଲମା, ପୂର୍ବତନ ନଗର ସଭାପତି ନଳିନୀ ରାଉତ, ଭବାନୀପାଟଣା ବ୍ଲକ ଆମ୍ବା ଅଧକ୍ଷ ସଚ୍ଚିଦାନନ୍ଦ ମହାଖୁଡ଼, ଅଧକ୍ଷ, କୀର୍ତ୍ତନ ନାଏକ, ଉତ୍କଳ ଯାଦବ ମହାସଭାର ସାଧାରଣ ସମ୍ପାଦକ କୀର୍ତ୍ତନ ନାଏକ, ସ୍ଥାନୀୟ ସହର ଯାଦବ ସମିତିର ସଭାପତି ରବୀନ୍ଦ୍ର ଲାଲ ଯାଦବ ପ୍ରମୁଖ ଯୋଗଦେଇଥିଲେ। ଯାଦବମାନଙ୍କ ମଧ୍ୟରେ ଭାତୃଭାବ ଓ ସଙ୍ଗଠନ ପ୍ରତି ଆଗ୍ରହ ସୃଷ୍ଟିକରି ପରସ୍ପର ସାହାଯ୍ୟ କରି ଯାଦବ ସମାଜକୁ ଶିକ୍ଷା, ସ୍ୱାସ୍ଥ୍ୟ, ଅର୍ଥନୈତିକ ଓ ସ୍ୱାଭିମାନ ରକ୍ଷା କରି ସମାଜର ପ୍ରତ୍ୟେକସ୍ତରରେ ପରସ୍ପର ସାହାଯ୍ୟ ହେବା, ଆଗାମୀ ଦିନରେ ବିଭିନ୍ନ କ୍ଷେତ୍ରରେ ଯାଦବଙ୍କ ସାମ୍ବିଧାନିକ ଅଧିକାର ପାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ଦିବ୍ୟଙ୍ଗତ ଯାଦବଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଜାପାନରେ କଳା ପ୍ରଦର୍ଶନ କରି ଫେରିଥିବା ମହାବୀର ସାଂସ୍କୃତିକ ଅନୁଷ୍ଠାନ ସମସ୍ତ କଳାକାର ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ସେହିପରି ବରିଷ୍ଠ ଯାଦବ ସଙ୍ଗଠକ, ମହିଳା ଯାଦବ ସଂକୀର୍ତ୍ତନ ମଣ୍ଡଳୀ, ଯାଦବ ଜାସାଲ, ଫ୍ୟାନସି ଡ୍ରେସ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିବା କୁନି କଳାକାର ଓ ଭେଟଘାଟ କାର୍ଯ୍ୟକ୍ରମ ସଫଳ କରିଥିବା ସହର ଯାଦବ ସମିତି ସମସ୍ତ ସଦସ୍ୟା ଏବଂ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ କାର୍ତ୍ତିକ ରାଉତ, ସୁବ୍ରତ ରାଉତ, ରଞ୍ଜିତା କେତକୀ, ଶୀତଳ ରାଉତ, ଅର୍ଜୁନ ଭାଟି, ଭକ୍ତ ଚରଣ ଦାସ, ସହଦେ ବାଗ, କୃଷ୍ଣ କଟା, ମୋହନ ଲାଲ ରାଏ, ମୋହନ କୁମାର ବାଗ, ରେଣୁକା ଛତ୍ରିଆ, ବବିତା ବିଶି, ମିଥିଳା ରାଉତ, ସୁଶୀଲ ଛତ୍ରିଆ, ମନୋଜ ବାଗ, ଭୂମିସୁତା ଧଞ୍ଜ ଗୋପାଳ, ନମିତା ବାଗ, ସନ୍ଦୀପ ବାଗଙ୍କ ସମେତ ସହର ଯାଦବ ସମିତି ସମସ୍ତ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଭବାନୀପାଟଣା ସହର ଯାଦବ ସମିତି ମଞ୍ଚ କାର୍ଯ୍ୟକାରୀ ସଭାପତି ପୀତବାସ ବେହେରା କାର୍ଯ୍ୟକ୍ରମ ପରିଚାଳନା ଏବଂ ସହର ଯାଦବ ସମିତି ସଭା ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ବିଶି ଧନ୍ୟବାଦ ଦେଇଥିଲେ।

### ବିଭିନ୍ନ କ୍ଷେତ୍ରରେ ପାରିଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା

### ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ ଆନୁକୂଲ୍ୟରେ ରକ୍ତଦାନ ଶିବିର

**କର୍ଲାମୁଣ୍ଡା, ୧୬।୧୦ (ପ୍ରଦୀପ କୁମାର ସାହୁ)** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ଯୁକ୍ତ୨ ମହାବିଦ୍ୟାଳୟରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନରେ ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ ଆନୁକୂଲ୍ୟରେ ନର୍ଲା ନିର୍ବାଚନମଣ୍ଡଳୀସ୍ତରୀୟ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ନର୍ଲା ବିଧାୟକ ଭୂପିନ୍ଦର ସିଂ, ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଜିଲା ସଂଯୋଜକ ଅମିତ ଯାଦବ, ଜିଲା ବିଜେଡି ସାଧାରଣ ସମ୍ପାଦକ ଧର୍ମେନ୍ଦ୍ର ନାଏକ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ମଣ୍ଟୁ ନାଏକ, ଏମ୍. ରାମପୁର ବ୍ଲକ ବିଜେଡି ସଭାପତି ଗୋବିନ୍ଦ ଶତପଥୀ, କର୍ଲାମୁଣ୍ଡା ବିଜେଡି ବ୍ଲକ ସଭାପତି ସୁରେନ୍ଦ୍ର ସାହୁ, ନର୍ଲା ନିର୍ବାଚନମଣ୍ଡଳୀ ଛାତ୍ର ବିଜେଡି ସଭାପତି ଦେବେନ୍ଦ୍ର କୁମାର, କର୍ଲାମୁଣ୍ଡା ଯୁବ ବିଜେଡି ସଭାପତି ସଙ୍ଗୀତ ଭୋଇ, ଛାତ୍ର ବିଜେଡି ବ୍ଲକ ସଭାପତି ସଲିମଶେଖର ରଣା, ଜିଲା ଯୁବ ବିଜେଡି ସମ୍ପାଦକ ନନ୍ଦି କିଶୋର ଭୋଇ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ନର୍ଲା, ଏମ୍. ରାମପୁର, କେସିଙ୍ଗା ଓ କର୍ଲାମୁଣ୍ଡା ବ୍ଲକରୁ ୧୦୧ଜଣ ରକ୍ତଦାନ କରିଥିଲେ। କର୍ଲାମୁଣ୍ଡା ପଞ୍ଚାୟତ ଯୁବ ବିଜେଡି ସଭାପତି ଶଙ୍କର ସାହୁ, ବ୍ଲକ ଯୁବ ବିଜେଡି ଉପସଭାପତି କପିନ୍ଦ୍ର ରଣା, ବ୍ଲକ ମେଡିଆ ସେଲ ସଂଯୋଜକ ତ୍ରିଶଙ୍କ ରଣା, ରବ୍ଲକ ଯୁବ ବିଜେଡ଼ି ସାଧାରଣ ସମ୍ପାଦକ ଧନନ୍ତରୀ ସାହୁ, ଜିଲା ଛାତ୍ର ବିଜେଡି ସମ୍ପାଦକ ଅଜୟ କୁମାର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କଳାହାଣ୍ଡି ରକ୍ତ ଭଣ୍ଡାର କର୍ମଚାରୀ ଯୋଗଦେଇଥିଲେ।

# ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର



ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

**ଖଡ଼ିଆଳ, ୧୬।୧୦ (ସୁଜିତ୍ କୁମାର ପ୍ରଧାନ)** ନୂଆପଡା ଜିଲା ଖଡ଼ିଆଳ ବ୍ଲକ ସଭା ଗୃହଠାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ହେମକାନ୍ତ ସାଏଙ୍କ ଅଧକ୍ଷତାରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି ଶିବିରରେ ୭୧ଜଣ ବ୍ୟକ୍ତିଗତ ଓ ୯ଜଣ ଗୋଷ୍ଠୀଗତ ମୋଟ ୮୦ଟି ଅଭିଯୋଗ ଆସିଥିଲା। ଶିବିରରେ ଚିନ୍ଦାଗୁଡା ସନ୍ଧ୍ୟା ପଣ୍ଡାଙ୍କୁ ଚିକିତ୍ସା ପାଇଁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ଜନଶୁଣାଣି ଶିବିରରେ ଖଡ଼ିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ପିଡି ଡିଆରଡିଏ ମଧୁଛନ୍ଦା ସାହୁ, ନୂଆପଡା ଉପଜିଲାପାଳ ସୁବାଷ ଚନ୍ଦ୍ର ରଇତା, ଖଡ଼ିଆଳ ଏସ୍‌ଡିପିଓ ଅରୁପ ଅଭିଷେକ ବେହେରା, ନୂଆପଡା ଜିଲା ଚିକିତ୍ସା ଅଧିକାରୀ ଡ଼ା ଚୌଧୁରୀ ଶୋଭାରଣୀ ମିଶ୍ର, ଜିଲା ପରିଷଦ ସଦସ୍ୟ ମାଲ୍ୟବନ୍ତ ସୁନା ମଞ୍ଚାସୀନ ଥିଲେ। ଖଡ଼ିଆଳ ବିଡିଓ ବିରସେନ ବେହେରା, ଖଡ଼ିଆଳ ଏନ୍‌ଏସି ଇଓ ପ୍ରମୋଦ କୁମାର ଖିଲୋଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ବିଦେଶୀ ମଦ ଦୋକାନରେ ୨୦ % ଅଧିକ ମୂଲ୍ୟ ନେଉଛନ୍ତି

**ନୂଆପଡ଼ା, ୧୬।୧୦ (ମକାରୁ ବେମାଲ)** ନୂଆପଡା ଜିଲା କୋମନା ବିଦେଶୀ ମଦ ଦୋକାନରେ ନିର୍ଦ୍ଧାରିତ ମୂଲ୍ୟଠାରୁ ୨୦ ପ୍ରତିଶତ ଅଧିକ ନେଉଥିବା ଅଭିଯୋଗ ହେଉଛି। ଠିପି ବନ୍ଦ ମଦ ଦୋକାନ ସମ୍ମୁଖରେ ମଦ୍ୟପ ମଦ ପିଇବା ନିୟମ ନ ଥିବା ବେଳେ ମଦ୍ୟପମାନେ ଆଡ୍ଡା ଜମାଇ ମଦ ପିଇ ଆସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହିବା ସହ ବୋତଲ ଚାଷ ଜମି ଉପରେ ଫିଙ୍ଗି ଦେଉଥିବାରୁ ଚାଷ ସମୟରେ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ମଦ ଦୋକାନରେ ଧାର୍ଯ୍ୟ ମୂଲ୍ୟଠାରୁ ୨୦ ପ୍ରତିଶତ ଅଧିକ ଟଙ୍କା ନେଉଥିବାରୁ ଗ୍ରାହକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। କାହିଁକି ୨୦ % ଅଧିକ ନିଆଯାଉଛି ବୋଲି ପଚାରିଲେ, ମଦ ଦୋକାନ କର୍ମଚାରୀମାନେ ଗ୍ରାହକଙ୍କୁ ଗାଳିଗୁଲଜ କରି ଜୋରଜବରଦସ୍ତି ତଡି ଦେଉଛନ୍ତି ବୋଲି ଅଭିଯୋଗ ହେଉଛି। ସେହି ରାସ୍ତା ବଲାଙ୍ଗୀର ଜିଲାକୁ ସଂଯୋଗ କରିଛି। ଏହି ରାସ୍ତା ଦେଇ ସାଧାରଣ ଲୋକ ଓ ମହିଳାମାନେ ଯାତାୟାତ କରି ପାରୁନାହାନ୍ତି। କୋମନା ପଞ୍ଚାୟତ ଭରୁଆମୁଣ୍ଡା ଗାଁର ଲୋକେ କୋମନା ଉପରେ ନିର୍ଭର କରି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପାଇଁ ଆସିଥାନ୍ତି। ମଦ୍ୟପମାନଙ୍କ ଯୋଗୁ ପଥିକମାନେ ହଟହଟା ହେବାକୁ ପଡୁଛି। ମଦ୍ୟପମାନେ ଚାଲି ଯାଉଥିବା ଲୋକଙ୍କୁ ଲୁଟ୍‌ପାଟ କରୁଥିବା ମଧ୍ୟ ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ମଦ ଦୋକାନ କର୍ମଚାରୀଙ୍କୁ ପଚାରିବାରୁ ମାଲିକଙ୍କ ନିର୍ଦ୍ଦେଶରେ ଆମେ ୨୦ ପ୍ରତିଶତ ଅଧିକ ନେଉଛୁ। କୌଣସି ଲୋକଙ୍କୁ ଆମେ ଗାଳିଗୁଲଜ କରୁନାହୁଁ। ଲୋକେ ମିଛରେ ଦୋଷ ଦେଉଛନ୍ତି ବୋଲି କହିଥିଲେ।

# ଅଗ୍ରସେନ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ


ଅଗ୍ରସେନ ଜୟନ୍ତୀରେ ଉପସ୍ଥିତ ଜୁନାଗଡ଼ ନଗରପାଳ।

**ଜୁନାଗଡ଼, ୧୬।୧୦ (ସୁନୀଲ କୁମାର ସିଂହ)** କଳାହାଣ୍ଡି ଜିଲା ଜୁନାଗଡ଼ ସହରର ଅଗ୍ରସେନ ଭବନଠାରେ ମାରୱାଡି ସମାଜ ପକ୍ଷରୁ ଗତ ୫ ଦିନ ଧରି ଚାଲିଥିବା ଅଗ୍ରସେନଙ୍କ ଜୟନ୍ତୀ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅସରରେ ସହରରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରା ଅଗ୍ରସେନ ଭବନରୁ ବାହାରି ପୁରୁଣା ବସ୍‌ଷ୍ଟାଣ୍ଡ, ଇନ୍ଦିରା ଗାନ୍ଧୀ ଛକ, ଡାକ୍ତରଖାନା ଛକ, ନୂଆ ବସ୍‌ଷ୍ଟାଣ୍ଡ ଦେଇ ପୁଣିଥରେ ଅଗ୍ରସେନ ଭବନକୁ ଯାଇଥିଲା। ମୁଖ୍ୟଅତିଥି ଭାବେ ଜୁନାଗଡ଼ ନଗରପାଳ ମୁକେଶ ଅଗ୍ରୱାଲ, ସମ୍ମାନିତ ଅତିଥି ମାରୱାଡି ସମ୍ମେଳନ ଅଧକ୍ଷ ଚମ୍ପକ ଅଗ୍ରୱାଲ, ମାରୱାଡି ସମିତି ଅଧକ୍ଷା କାନ୍ତା ମିତ୍ତଲ, ମାରୱାଡି ଯୁବାମଞ୍ଚ ଅଧକ୍ଷ ଯୋଗେଶ ଖେମଖା ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଏହି ଉପଲକ୍ଷେ ଜୀବନବ୍ୟାପୀ ସେବା ପାଇଁ ଡ. ଭଲ ପାଣିଗ୍ରାହୀ, ଲେବଟେକନିସିୟାନ ଚିତ୍ତରଞ୍ଜନ ପାଢ଼ୀ, ରାଜେଶ କେୱାଲିନି ଓ ସୀତାକାନ୍ତ ସିଂହଙ୍କୁ ସମ୍ମାନିତ କରାଯାଇଥିଲା।

# ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

**କୋକସରା, ୧୬।୧୦ (ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)** କଳାହାଣ୍ଡି ଜିଲା କୋକସରା ବ୍ଲକ ସଭାଗୃହରେ ସୋମବାର ଜିଲାପାଳଙ୍କ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଡ଼ିଓ ଉତ୍ତମ କୁମାର ବାଗଙ୍କ ସଭାପତିତ୍ୱରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଧର୍ମଗଡ ଉପଜିଲାପାଳ ବିରଞ୍ଚିନାରାୟଣ ଦରୁଆନ, ଜିଲା ଯୋଗାଣ ବିଭାଗ, ଜିଲା ସ୍ୱାସ୍ଥ୍ୟ ବିଭାଗ, ଇନ୍ଦ୍ରାବତୀ ଓ ଉଠା ଜଳସେଚନ ବିଭାଗ, ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ସମନ୍ୱିତ ଶିଶୁ ପ୍ରକଳ୍ପ ବିଭାଗ, ସମାଜ ମଙ୍ଗଳ ବିଭାଗ, ପଞ୍ଚାୟତିରାଜ ବିଭାଗ, କୃଷି ଓ ଉଦ୍ୟାନ କୃଷି ବିଭାଗ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ, ବିଦ୍ୟୁତ୍ ବିଭାଗ ସମେତ ଅନ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଭିନ୍ନ ଅଭିଯୋଗ ନେଇ ଆସିଥିବା ୩୯ ହିତାଧିକାରୀଙ୍କ ଅଭିଯୋଗ ଶୁଣିବା ପରେ ସମାଧାନ କରିବାକୁ ଉପସ୍ଥିତ ବିଭାଗ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ମୋଟ ୩୯ଟି ଅଭିଯୋଗ ଉପରେ ଶୁଣାଣି କରିଥିଲେ। ଶିବିରକୁ ବ୍ଲକର ଅଧିକାରୀ, କର୍ମଚାରୀମାନେ ସହଯୋଗ କରିଥିଲେ।



ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି।

# ଅନ୍ୟାୟ, ଶୋଷଣ ବିରୋଧରେ ଲଢ଼ିବା ପାଇଁ ଆହ୍ୱାନ

### ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ନୂଆଁଖାଇ ଭେଟ୍‌ଘାଟ୍

**ନୂଆପଡ଼ା, ୧୬।୧୦ (ମକାରୁ ବେମାଲ)** ସ୍ଥାନୀୟ ପୋଲିସ ପଡିଆରେ ସୋମବାର ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଖଡିଆଳ ଡିଭିଜନ ଶାଖା ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସମ୍ପାଦକ ଯଦୁମଣି ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ କଳାହାଣ୍ଡି ଏମପି ବସନ୍ତ ପଣ୍ଡା ମୁଖ୍ୟଅତିଥି, ପଦ୍ମପୁର ଡିଭିଜନ ବରିଷ୍ଠ ସଂଘ ନେତା କୋକିଳ ସାହୁ, ଋଷଭ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପଦ୍ମପୁର ପୂର୍ବତନ ବିଧାୟକ ତଥା ପଦ୍ମପୁର ଡିଭିଜନ ସଂଘ ସମ୍ପାଦକ ପ୍ରଦୀପ ପୁରୋହିତ ମୁଖ୍ୟବକ୍ତା ଭାବେ ଯୋଗଦେଇ କେନ୍ଦୁପତ୍ର ତୋଳାଳି, ସିଜିନାଲ ଷ୍ଟାଫ ଓ ଅନ୍ୟାନ୍ୟ ଶ୍ରମିକମାନଙ୍କୁ ନୂଆଁଖାଇ ଜୁହାର ଜ୍ଞାପନ କରିବା ସହ ରାଜ୍ୟ ସରକାରଙ୍କ ଅନ୍ୟାୟ ଓ ଶୋଷଣ ବିରୋଧରେ ଏକଜୁଟ ହୋଇ ଲଢିବା ପାଇଁ ଆହ୍ୱାନ କରିଥିଲେ। ଆଗାମୀ ଦିନରେ ସଂଘ ଯେଉଁ ପ୍ରକାର ସହଯୋଗ ଚାହିଁବ ମୋ ଦ୍ୱାରା ସମ୍ଭବ କରିବି। କେନ୍ଦୁପତ୍ର ଏକ ସରକାରୀ ସଂସ୍ଥା ହେଲେ ମଧ୍ୟ ରାଜ୍ୟ ସରକାର କେବଳ ଭୋଟ ବ୍ୟାଙ୍କ ଭଳି ବ୍ୟବହାର କରିଛି। ଅଥଚ ତାଙ୍କ ହକ ଅଧିକାର ପ୍ରାପ୍ୟ ପ୍ରଦାନ ସମୟରେ ସେମାନଙ୍କୁ ଶୋଷଣ ଓ ପ୍ରତାରଣା କରି ମିଥ୍ୟା ପ୍ରତିଶ୍ରୁତି ଦେଇ ଠକି ଚାଲିଛି। ଏହାର ବିରୋଧରେ ସ୍ୱର ଉଠାଇବାକୁ ପଡିବ ବୋଲି ମୁଖ୍ୟଅତିଥି ପଣ୍ଡା ମତବ୍ୟକ୍ତ କରିଛନ୍ତି। ତୋଳାଳିମାନଙ୍କୁ ଶହେ ପ୍ରତିଶତ ବୋନସ, ସିଜିନାଲ ଷ୍ଟାଫଙ୍କ ଦରମା ବୃଦ୍ଧି, ୪ବର୍ଷ ହେଲା ସର୍ବନିମ୍ନ ମଜୁରି ବୃଦ୍ଧି ହୋଇ ନାହିଁ, ଝିଅ ବିବାହ ଘର ସହାୟତା, ଚିକିତ୍ସା ସହାୟତା, ଶିକ୍ଷା ସହାୟତା କାହିଁକି ଦିଆଯାଉ ନାହିଁ, ସରକାର କାହିକହିଁ ବନ୍ଦ କରି ଦେଇଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଏହାର ବିରୋଧରେ ଆଗାମୀ ଦିନରେ ଜୋରଦାର ଲଢେଇ ହେବ ବୋଲି ସଂଘକୁ ସୁଦୃଢ କରିବା ସହ ପ୍ରସ୍ତୁତ ରହିବା ପାଇଁ ସଂଘ ପକ୍ଷରୁ ଆହ୍ୱାନ କରାଯାଇଛି। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅବଦୁଲ ରସିଦ, ଡୋଲେଶ୍ୱର ପଟେଲ, ବାବୁଲାଲ ପଟେଲ, ଈଶ୍ୱର ଶବର, ଗୌତମ ବରିହା, ସନ୍ତୋଷ ସାହୁ, ସୁରେଶ ବେହେରା, ଭାସ୍କର ପ୍ରଧାନ, ରୁଦ୍ର ନାଗ, ମଙ୍ଗଳସାଏ ବର୍ଗତ୍ତି, ଦମନ ନାଏକ ପ୍ରମୁଖ ସହଯୋଗ କରିଥିଲେ।


ମୁଖ୍ୟ ଅତିଥିଙ୍କୁ ସ୍ୱାଗତ କରାଯାଉଛି।

## ସଂକ୍ଷେପରେ

### କୁସଙ୍ଗ ବନାଞ୍ଚଳରେ ବାଘ ଗଣନା

**ତଳଗାଁ, ୧୬।୧୦(କୁନା ବେହେରା)**

ବୌଦ୍ଧ ଜିଲା କୁଶଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଦ୍ୱାରା ଗତ ୧୪ ତାରିଖରୁ ବାଘ ଗଣନା ଆରମ୍ଭ ହୋଇଛି। ଏହା ୧୯ ତାରିଖ ପର୍ଯ୍ୟନ୍ତ ଚାଲୁରହିବ। ଏହି ଗଣନା କାର୍ଯ୍ୟକ୍ରମରେ ୧୧ଟି ଗ୍ରୁପ କରାଯାଇଛି। ପ୍ରତି ଗ୍ରୁପରେ ୩ ଜଣଙ୍କୁ ଦିଆଯାଇଛି। ଆଜକୁ ତିନି ଦିନ ହେବ ସେମିତି କୌଣସି ସଙ୍କେତ ମିଳି ନ ଥିବାବେଳେ ବନବିଭାଗ ପକ୍ଷରୁ ଗଣନା ଚାଲୁ ରହିଛି ବୋଲି କୁସଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ସଂସ୍କାର ବର୍ଗିଆ ସୂଚନା ଦେଇଛନ୍ତି।

### ବିଜେଡିର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ୩୫ୟୁନିଟ ସଂଗୃହୀତ

**ଘଣ୍ଟାପଡ଼ା, ୧୬।୧୦(ପ୍ରଭାତ କୁମାର ସାହୁ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୮ତମ ଜୟନ୍ତୀ ଅବସରରେ ବୌଦ୍ଧ ଜିଲା କଣ୍ଟାମାଳ ନିର୍ବାଚନ ମଣ୍ଡଳୀର କଣ୍ଟାମାଳ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ କନ୍ଧମାଳ ଏମ୍‌ପି ପ୍ରତିନିଧି ଶମ୍ଭୁପ୍ରସାଦ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଅନୁଷ୍ଠିତ ରକ୍ତଦାନ ଶିବିରରେ କଣ୍ଟାମାଳ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ମହୀଧର ରଣା ମୁଖ୍ୟଅତିଥି ଭାବେ ଯୋଗଦେଇ ରକ୍ତଦାନ ଏକ ମହତ ଦାନ ବୋଲି କହିଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟା ସୁମିତ୍ରା ସାହୁ, କଣ୍ଟାମାଳ ବ୍ଲକ ବିଜେଡି ସଭାପତି ପ୍ରେମରାଜ ରଣା, ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଶାନ୍ତ ରଣା, ରାଧାବଲ୍ଲଭ ପ୍ରଧାନ, ସୁରେଶ ଚନ୍ଦ୍ର ରଣା, ସନ୍ତୋଷ ଦନ୍ତା, ଜାନି ସେନାପତି, କଣ୍ଟାମାଳ ସରପଞ୍ଚ ପ୍ରତିନିଧି ପ୍ରକାଶ ଖଟୁଆ ସମେତ ବିଜେଡି କର୍ମକର୍ତ୍ତା, ନେତା ଓ କର୍ମୀଙ୍କ ସହ ଶୁଭେଚ୍ଛୁମାନେ ଉପସ୍ଥିତ ଥିଲେଲ। ଉକ୍ତ ଶିବିରରେ ମୋଟ ୩୫ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଶିବିରରେ ବୌଦ୍ଧ ଜିଲା ଚିକିତ୍ସାଳୟର ଡାକ୍ତର ଓ ଟେକନିସିଆନ ଟିମ ଯୋଗଦେଇ ରକ୍ତ ସଂଗ୍ରହ କାର୍ଯ୍ୟ ପରିଚାଳନା କରିଥିଲେ ।

### କଲରାକୋଠାବାସୀଙ୍କୁ ମିଳୁନି ପାନୀୟ ଜଳ

**ଘଣ୍ଟାପଡ଼ା, ୧୬।୧୦(ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ସଦର ପଞ୍ଚାୟତର କଲରାକୋଠାବାସୀଙ୍କୁ ପାନୀୟଜଳ ମିଳୁନି। ଫଳରେ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ବାସ କରନ୍ତି ପ୍ରାୟ ଦୁଇ ହଜାର ଲୋକ। ଗ୍ରାମବାସୀଙ୍କ ପାଇଁ ପାନୀୟ ଜଳ ନିମନ୍ତେ ରହିଛି ଏକମାତ୍ର ଗ୍ରାମୀଣ ଜଳ ଯୋଗାଣ ପ୍ରକଳ୍ପ। ଏହା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ। ଗ୍ରାମବାସୀଙ୍କ ଏହି ଜଳଯୋଗାଣ ପ୍ରକଳ୍ପଟି ଗତ ଦୁଇ ସପ୍ତାହ ହେଲା ଅଚଳ ହୋଇ ପଡ଼ିଥିବାରୁ ଲୋକେ ପାନୀୟଜଳ ପାଇଁ ନାହିଁ ନ ଥିବା ହଇରାଣ ହେଉଥିଲେ ହେଁ ଏଥିପ୍ରତି ଗ୍ରାମପଞ୍ଚାୟତ ନା ଜଳ ଓ ପରିମଳ ବିଭାଗ କେହି ଗୁରୁତ୍ୱ ଦେଉ ନ ଥିବା ଦେଖିବାକୁ ମିଳୁଛି। ବିଜୁଳି ମାଡ଼ରେ ମୋଟର ପମ୍ପଟି ଅଚଳ ହୋଇ ପଡ଼ିଥିବାବେଳେ ଏହାର ମରାମତି ପାଇଁ ଘର ପିଛା ଏକ ଶହ ଟଙ୍କା ଆଦାୟ ହୋଇଥିଲେ ହେଁ ଏଯାବତ ମୋଟର ପମ୍ପଟିକୁ ସଜଡ଼ାଯାଇ ପାରି ନ ଥିବା ଜଣାଯାଇଛି। ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଥିବାବେଳେ ଦୀର୍ଘ ତିନି ସପ୍ତାହ ହେଲା କଲରାକୋଠାବାସୀଙ୍କୁ ମୁନ୍ଦାଏ ଜଳ ନ ମିଳିପାରିବା ଦୁର୍ଭାଗ୍ୟଜନକ ବୋଲି ସାଧାରଣରେ ମତପ୍ରକାଶ ପାଉଛି।



ସୁବର୍ଣ୍ଣପୁର ଜିଲାର ଇଷ୍ଟଦେବୀ ମା'ସୁରେଶ୍ୱରୀ ସୋମବାର ତାରା ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ।

# ତାତିଲେ ଛାତ୍ରୀଛାତ୍ର: କଲେ ରାସ୍ତା ଅବରୋଧ

- ଆଇଟିଆଇରେ ଅଧିକ ଫି ନେବା, ମାନସିକ ନିର୍ଯାତନାର ପ୍ରତିବାଦ
- ମାମଲା ଭୟରେ ରାସ୍ତାରୁ ଓହରି ଦାବି ଜଣାଇବା ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ

**ବଘିଆପଡ଼ା/ବୌଦ୍ଧ, ୧୬।୧୦ (ଶ୍ରୀକାନ୍ତ ସାହୁ/ ଅଜିତ କୁମାର ବାରିକ)**



ଆଇଟିଆଇ ଆଗରେ ଛାତ୍ରୀଛାତ୍ର ବୌଦ୍ଧ-ବଘିଆପଡା ରାସ୍ତା ଅବରୋଧ କରିଛନ୍ତି।

ବୌଦ୍ଧ ଜିଲା ବଘିଆପଡାଠାରେ ଥିବା ଆଇଟିଆଇରେ ଅଧ୍ୟକ୍ଷଙ୍କ ମନମାନି ପ୍ରତିବାଦରେ ସୋମବାର ଛାତ୍ରୀଛାତ୍ର ତାତିବା ସହ ଉତ୍ତ୍ୟକ୍ତ ହୋଇ ବୌଦ୍ଧ -ବଘିଆପଡ଼ା ରାସ୍ତାକୁ ଟାୟାରଜାଳି ଅବରୋଧ କରିଥିଲେ। ଛାତ୍ରୀଛାତ୍ର ମାନସିକ ନିର୍ଯାତନାର ଶିକାର ହେଉଥିବା ଅଭିଯୋଗ କରିବା ସହ ଅଧିକ ମାତ୍ରାରେ ଫି ନିଆଯାଉଥିବା ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି। ଆଇଟିଆଇରେ ଛାତ୍ରୀଙ୍କ ପାଇଁ ଛାତ୍ରୀ ନିବାସ ନ ଥିବାବେଳେ ଛାତ୍ରୀମାନଙ୍କୁ ଡିପ୍ଲୋମା କଲେଜର ହଷ୍ଟେଲରେ ରଖାଯାଉଛି। ସେଠାରେ ସେମାନଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିବା ଅଭିଯୋଗ କରିଛନ୍ତି। ସେହିଭଳି ଛାତ୍ରାବାସରେ ନିମ୍ନମାନର ଖାଦ୍ୟ ସହ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି। ଆହୁରୀ ମଧ୍ୟ ସରକାରୀ ନିୟମଠାରୁ ଅଧିକ ଟଙ୍କା ରିଆଡମିଶନ ପାଇଁ ନିଆଯାଉଥିବାବେଳେ ଛାତ୍ରୀଛାତ୍ରଙ୍କୁ କୌଣସି ରସିଦ ଦିଆଯାଉନାହିଁ। ରସିଦ ମାଗିଲେ ପ୍ରାକ୍ଟିକାଲ ମାର୍କ କାଟି ଦିଆଯିବା ଭୟ ଦେଖାଯାଉଥିବା ଅଭିଯୋଗ କରିଛନ୍ତି। ଶେଷରେ ସୋମବାର ଛାତ୍ରୀଛାତ୍ର ଉତ୍ତ୍ୟକ୍ତ ହୋଇ ସକାଳେ ବୌଦ୍ଧ -ବଘିଆପଡା ରାସ୍ତା ଅବରୋଧ କରିଥିଲେ। ଦୀର୍ଘ ୩/୪ ଘଣ୍ଟା ପରେ ବୌଦ୍ଧ ଥାନା ଅଧିକାରୀ ଓ ବୌଦ୍ଧ ଅତିରିକ୍ତ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। କିନ୍ତୁ ରାସ୍ତାରୋକୋ କରିଲେ ମାମଲା ହେବା ଭୟରେ ଛାତ୍ରୀଛାତ୍ର ରାସ୍ତା ଅବରୋଧରୁ ଓହରି ଦାବି ଜଣାଇବା ପାଇଁ ବୌଦ୍ଧ ଆସି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଦୀର୍ଘ ସମୟ ଛାତ୍ରୀଛାତ୍ର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବସିରହିଥିବାବେଳେ ଜିଲାପାଳ ମିଟିଂରେ ଥିବାରୁ ଛାତ୍ରୀଛାତ୍ର ଭେଟି ନ ପାରି ନିରାଶ ହୋଇ ଫେରିଥିବା ଜଣାପଡ଼ିଛି। ଏନେଇ ଆଇଟିଆଇ ଅଧ୍ୟକ୍ଷ ଅବିନାଶ ମିଶ୍ରଙ୍କୁ ପଚାରିବାରୁ ଛାତ୍ରୀଛାତ୍ର ଜିଲାପାଳଙ୍କୁ ଅଭିଯୋଗ ପାଇଁ ଯାଇଛନ୍ତି। ଏହାର ତଦନ୍ତ ହେଲେ ସବୁ ଜଣାପଡିବ ବୋଲି କହିଥିଲେ। ଏପଟେ ଅଧ୍ୟକ୍ଷଙ୍କ ବଦଳି ନ ହେବା ପର୍ଯ୍ୟନ୍ତ ଆଇଟିଆଇରେ ତାଲା ପଡିବ ବୋଲି ଛାତ୍ରୀଛାତ୍ର ଚେତବନୀ ଦେଇଛନ୍ତି।

## ପିକ୍‌ଅପ୍ ଦୁର୍ଘଟଣା: ଜଣେ ମୃତ

**ବୌଦ୍ଧ, ୧୬।୧୦(ଅଜିତ କୁମାର ବାରିକ)**



ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଗାଡ଼ି।

ବୌଦ୍ଧ ଜିଲା ଜଗନ୍ନାଥ ସଡ଼କର ହାଟଗାଁଠାରେ ସୋମବାର ଏକ ଧାନ ବୋଝେଇ ପିକ୍‌ଅପ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ସୂଚନା ମୁତାବକ ଅନୁଗୋଳ ଜିଲା ଆଠମଲିକ ଅଞ୍ଚଳରୁ ସୋମବାର ଏକ ପିକ୍‌ଅପ୍ ଗାଡି (ଓଡି ୧୯ଭି ୮୭୩୮) ଧାନ ବୋଝେଇ କରି ବୌଦ୍ଧ ଜିଲାର କୌଣସି ଏକ ମିଲକୁ ଜଗନ୍ନାଥ ସଡକରେ ନେଇ ଆସୁଥିବାବେଳେ ହାଟଗାଁଠାରେ ଗାଡିଟି ୩୦ ଫୁଟ ଏକ ପୋଲତଳକୁ ଖସି ପଡ଼ିଥିଲା। ଫଳରେ ଗାଡିରେ ବସିଥିବା ଆଠମଲିକ ଥାନା ଅଞ୍ଚଳର ଟୁନା ସାହୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିବାବେଳେ ପ୍ରମୋଦ ଭୋକ୍ତା ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣା ପରେ ଗାଡିର ଚାଳକ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ଜଣାପଡିଛି। ଆହତଙ୍କୁ ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନସ ସହାୟତାରେ ବୌଦ୍ଧ ମେଡିକାଲକୁ ପଠାଇଥିଲେ। ଖବରପାଇ ବୌଦ୍ଧ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ପଠାଇଛି। ଏପଟେ ଗାଡିର ଚାଳକଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଚାନ୍ଦା ମାଗାଯାଉଥିବାରୁ ଗାଡିର ବେଗ ଟିକିଏ ଅଧିକ ଥିଲା, ତେଣୁ ବ୍ରେକ ମାରିବାରୁ ଗାଡିଟି ଭାରସାମ୍ୟ ହରାଇ ପୋଲ ତଳକୁ ଖସି ପଡ଼ିଥିଲା।

## ନିର୍ମାଣର ଦୁଇ ମାସରେ ଭାଙ୍ଗିଗଲା ଗାର୍ଡ ୱାଲ



ଗାର୍ଡ ୱାଲ ଭାଙ୍ଗିପଡ଼ିଛି।

**ଘଣ୍ଟାପଡ଼ା, ୧୬।୧୦(ପ୍ରଭାତ କୁମାର ସାହୁ)**

ଗ୍ରାମ୍ୟ ସଂଯୋଗୀକରଣ ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ରାସ୍ତା ନିର୍ମାଣ ସହ ଏହାର ସ୍ଥାୟିତ୍ୱ ନିମନ୍ତେ ଗାର୍ଡ ୱାଲ ନିର୍ମାଣ କରୁଛନ୍ତି। ହେଲେ ବିଭାଗର ଖାମଖିଆଲି ଏବଂ ଆବଶ୍ୟକ ତତ୍ତ୍ୱାବଧାନର ଅଭାବ ଯୋଗୁ ନିହାତି ନିମ୍ନମାନର କାର୍ଯ୍ୟ ହେଉଛି। ଫଳରେ ଗାର୍ଡ ୱାଲଗୁଡିକ ନିର୍ମାଣର ମାତ୍ର ଦୁଇ ମାସ ମଧ୍ୟରେ ଭାଙ୍ଗି ମାଟିରେ ମିଶି ଯାଉଥିବା ଦେଖିବାକୁ ମିଳୁଛି। ସମ୍ପ୍ରତି ବୌଦ୍ଧ ଜିଲା କଣ୍ଟାମାଳ ରାସ୍ତା ଓ କୋଠାବାଡି ଉପଖଣ୍ଡ ଅଧିନସ୍ଥ ଲମ୍ବସରୀ-ଦପଲା-ବରଗୋଛା ରାସ୍ତାର ମନୋହରପୁରଠାରେ ନିର୍ମିତ ପ୍ରାୟ ୫୦ ମିଟର ଗାର୍ଡ ୱାଲ ଗତ ବର୍ଷାରେ ଭାଙ୍ଗି ଧାନ ବିଲରେ ପଡିଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ ନିମ୍ନମାନର କାମ ସହ ତଦାରଖ ବିଭାଗ ଆଦୌ କରୁ ନ ଥିବାରୁ ଗାଡ୍‌ୱାଲଗୁଡିକର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ସାଧାରଣ ବର୍ଷାରେ ବି ଭାଙ୍ଗି ଯାଉଛି। ଭାଙ୍ଗିଥିବା ଗାର୍ଡ ୱାଲ ସମ୍ପର୍କରେ ରାସ୍ତା ଓ କୋଠାବାଡି ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ଏହି କାର୍ଯ୍ୟର ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ବଦଳି ଅନ୍ୟତ୍ର ହୋଇଯାଇଛି। ଏଣୁ ଏହା ସମ୍ପର୍କରେ କୌଣସି ସୂଚନା ଆମ ପାଖରେ ନାହିଁ।

## ରାବଣ ଦରବାର ଆରମ୍ଭ: ବିନିକା ଉତ୍ସବ ମୁଖରିତ

**ବିନିକା, ୧୬।୧୦(ରାମଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ପୁରୁଣା ବସଷ୍ଟାଣ୍ଡଠାରେ ରବିବାର ମା' ଜଗତଜନନୀ ଦୁର୍ଗାଙ୍କର ପୂଜା ମହାସମାରୋହରେ ଆରମ୍ଭ ହୋଇଛି। ଦୀର୍ଘ ୧୦ ଦିନ ଧରି ପୂଜା ହେବାକୁ ଥିବାବେଳେ ସୋମବାର ରାବଣ ରାଜଦରବାର (ପୌରାଣିକ ନାଟକ) ଆରମ୍ଭ ହୋଇଯାଇଛି। ପ୍ରଥମ ଦିନରେ ଯଜ୍ଞକର୍ତ୍ତା ଭାବେ ଦୁଃଖୀରାମ ନାଏକ, ସ୍ତ୍ରୀ ବିଜୟ ଲକ୍ଷ୍ମୀ ନାଏକ କାର୍ଯ୍ୟନିର୍ବାହ କରିଛନ୍ତି। କିଛିଦିନ ପାଇଁ ଧରାପୃଷ୍ଠରେ ଅବତରଣ କରିଛନ୍ତି ମା' ଦୁର୍ଗା। ଏଥିପାଇଁ ସାରା ସହର ଉତ୍ସବ ମୁଖରିତ ହୋଇ ଉଠିଛି। ସର୍ବପୁରାତନ ବିନିକା ପୁରୁଣାବସଷ୍ଟାଣ୍ଡ ଦୁର୍ଗା ପୂଜା ୫୩ ବର୍ଷରେ ପଦାର୍ପଣ କରିଛି। ଚଳିତବର୍ଷ ପୂଜା ପାଳନ କରାଯାଉଛି। ମଣ୍ଡପକୁ ରଙ୍ଗ ବେରଙ୍ଗର ଆଲୋକମାଳାରେ ସଜ୍ଜିତ କରାଯାଇଛି।

## ହରିଣ ଶାବକ ଉଦ୍ଧାର

**ତଳଗାଁ, ୧୬।୧୦(କୁନା ବେହେରା)**

ବୌଦ୍ଧ ଜିଲା ମାଧପୁର ରେଞ୍ଜର ତଳଗାଁ ଫରେଷ୍ଟ ସେକ୍ସନର ଗଣ୍ଡାପାଜୁ ଗ୍ରାମରେ ଗତ ରବିବାର ଏକ ହରିଣ ଶାବକ ଉଦ୍ଧାର ହୋଇଥିବା ଜଣାପଡିଛି। ସୂଚନା ମତେ, ଗଣ୍ଡାପାଜୁ ଗ୍ରାମର ଅବଧୂତ ଭୋଇ(୫୨) ଗାଈ ଚରାଉଥିବା ସମୟରେ ଏକ ହରିଣ ଶାବକ ଗାଈଗୋଠକୁ ଦୌଡି ପଳାଇ ଆସିଥିଲା। କାଳେ କୁକୁର କି ଅନ୍ୟ ହିଂସ୍ର ଜନ୍ତୁ ଖାଇଯିବ ଭାବି ତାକୁ ଧରି ଘରକୁ ଧରି ଆସିଥିଲେ। ଘରେ ଖାଇବା ପିଇବା ଦେବା ସହ ବନ ବିଭାଗକୁ ଖବର ଦେଇଥିଲେ। ଖବରପାଇ ସୋମବାର ମାଧପୁର ଫରେଷ୍ଟର ସୁଶିଲ ହୋତା, ଅଭିମନ୍ୟୁ ମହାନ୍ତି, ଦୀପକ ପ୍ରଧାନ ଗଣ୍ଡାପଜୁରେ ପହଞ୍ଚି ଶାବକକୁ ଉଦ୍ଧାର କରିଥିଲେ। ଶାବକଟି ସୁସ୍ଥ ଥିବା ଜଣାପଡୁଥିବାବେଳେ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ।

## ହାସ୍ୟକବି ସମ୍ମିଳନୀ, ସାଂସ୍କୃତିକ କାର୍ଯ୍ୟକ୍ରମ ମନମୋହିଲା

### ସୁବର୍ଣ୍ଣପୁରରେ ଅଗ୍ରସେନ ଜୟନ୍ତୀ

**ସୋନପୁର, ୧୬।୧୦(ମୃତ୍ୟୁଞ୍ଜୟ ଶତପଥୀ)**



ଅଗ୍ରସେନ ଜୟନ୍ତୀ ପାଳନ ଅବସରରେ ଜଣେ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସୁବର୍ଣ୍ଣପୁର ସହରସ୍ଥିତ ମାରଓ୍ୱାଡି ଧର୍ମଶାଳା ପରିସରରେ ଅଗ୍ରସେନ ମହାରାଜଙ୍କ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଅଗ୍ରଓ୍ୱାଲ ସମାଜ ପକ୍ଷରୁ ଜୟନ୍ତୀ ଅବସରରେ ଦିବସ ବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସକାଳେ ଅଗ୍ରସେନଙ୍କ ପୂଜା ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ନୃତ୍ୟ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା, ମହିଳାଙ୍କ ମଧ୍ୟରେ ରଙ୍ଗୋଲି, ମ୍ୟୁଜିକ୍ ଚେୟାର ଓ ପୁରୁଷଙ୍କ ମଧ୍ୟରେ ଏକକ ଅଭିନୟ ଭଳି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ସନ୍ଧ୍ୟାରେ ଆୟୋଜିତ ହାସ୍ୟ କବି ସମ୍ମିଳନୀରେ ଛତିଶଗଡ ବିଳାସପୁରର ଅଞ୍ଜୁଲତା, ରାୟଗଡର ଅମିତ ଦୁବେ, ଡୁଙ୍ଗୁରିପାଲି ଶୁଖାର ରୋହିତ କୁମାର ଅଗ୍ରଓ୍ୱାଲ ଓ ଖରିଆର ରୋଡର ରାକେଶ ଜୈନ ପ୍ରମୁଖ ଯୋଗଦାନ କରି କବିତା ଦ୍ୱାରା ସମସ୍ତଙ୍କ ମନୋରଞ୍ଜନ କରିଥିଲେ। ସେହିଭଳି ଛୋଟ ପିଲାଙ୍କ ନୃତ୍ୟ ଓ ସଙ୍ଗୀତ ଏବଂ ମହିଳାଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ଜନସାଧାରଣଙ୍କ ମନମୋହିଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିଥିଲା। ଏହି ଅବସରରେ ସୋନପୁର ସହରର ମହିଳା କୌଶଲ୍ୟା ଦେବୀ ଅଗ୍ରଓ୍ୱାଲ(୬୫) ମୃତ୍ୟୁ ପରେ ନିଜର ଚକ୍ଷୁ ରିସର୍ଚ୍ଚ ପାଇଁ ଦାନ କରିବା ସକାଶେ ଘୋଷଣା କରିଥିଲେ। ତାଙ୍କୁ ମାରଓ୍ୱାଡି ସମାଜ ଓ ମାରଓ୍ୱାଡି ଯୁବା ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁବର୍ଣ୍ଣପୁର ମାରଓ୍ୱାଡି ସମାଜର ସଭାପତି ଗୋପାଳ ପ୍ରସାଦ ଭୁତ, ମାରଓ୍ୱାଡି ଯୁବା ମଞ୍ଚର ସଭାପତି ଅମିତ ଅଗ୍ରଓ୍ୱାଲ, କାର୍ଯ୍ୟକ୍ରମ ପରିଚାଳକ ନନ୍ଦକିଶୋର କମାଣି ପ୍ରମୁଖ ଅତିଥି ଭାବରେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ମନୋଜ କୁମାର ଅଗ୍ରଓ୍ୱାଲ, ମୀନ ଅଗ୍ରଓ୍ୱାଲ, ମୁନି ଅଗ୍ରଓ୍ୱାଲ, ଆନନ୍ଦ ପ୍ରସାଦ ଭୁତ, ବୁଧୁରାମ ଅଗ୍ରଓ୍ୱାଲ, ନନ୍ଦ କିଶୋର ଅଗ୍ରଓ୍ୱାଲ, ଅଙ୍କିତ ଅଗ୍ରଓ୍ୱାଲ, ରଞ୍ଜୁ କୁମାର ଅଗ୍ରଓ୍ୱାଲ, ଅଶୋକ ଭୁତ ଓ ଓମ୍‌କାର ଶର୍ମା ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

## ଉଠାଜଳସେଚନ ପ୍ରକଳ୍ପରୁ ପାଣିପମ୍ପ ଚୋରି ଅଭିଯୋଗ

**ଅମରପାଲି, ୧୬।୧୦(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନ୍ଦୁଝରିଆପାଲି ପଞ୍ଚାୟତ ଅନ୍ତର୍ଗତ ରୁଗୁଡ଼ିପାଲି ଗ୍ରାମରେ ଥିବା ୪ନମ୍ବର ଉଠା ଜଳସେଚନ ପ୍ରକଳ୍ପର ପାଣି ପମ୍ପ ଓ ଅନ୍ୟ କେତେକ ଯନ୍ତ୍ରାଂଶ ଚୋରି ହୋଇଛି। ଏନେଇ ବୀରମହାରାଜପୁର ଥାନାରେ ଅଭିଯୋଗ ହୋଇଛି। ବୀରମହାରାଜପୁର ବ୍ଲକର ଅଧିକାଂଶ ପଞ୍ଚାୟତକୁ ଜଳସେଚନର ସୁବିଧା ନାହିଁ। ତେବେ କେତେକ ସ୍ଥାନରେ ଜଳସେଚନ ପାଇଁ ଉଠା ଜଳସେଚନର ବ୍ୟବସ୍ଥା ରହିଛି। ମାତ୍ର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବ ଯୋଗୁ ତାହା ଠିକରେ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ରୁଗୁଡିପାଲି ଗ୍ରାମରର ୪ ନମ୍ବର ଉଠାଜଳସେଚନ ପ୍ରକଳ୍ପରୁ ଦୁଇଟି ପାଣିପମ୍ପ ଏବଂ ଅନ୍ୟ କିଛି ଯନ୍ତ୍ର ଚୋରି ହୋଇଥିବା ବୀରମହାରାଜପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ମୁତାବକ ରୁଗୁଡିପାଲି ୪ ନମ୍ବର ଉଠାଜଳସେଚନ ପ୍ରକଳ୍ପ ପାଇଁ ଲାଗିଥିବା ପାଣିପମ୍ପକୁ କେତେଜଣ ବ୍ୟକ୍ତି ଚୋରି କରିଛନ୍ତି, ଫଳରେ ୪୦ ରୁ ୫୦ ଏକର ଚାଷ ଜମିରେ ଧାନ ଫସଲ ପାଣି ଅଭାବରୁ ନଷ୍ଟ ହେବାର ଆଶଙ୍କା ରହିଛି। ଅତୀତରେ ଅନେକ ପାଣିମୋଟର ଚୋରି ହୋଇଥିବା ଅଭିଯୋଗ ହୋଇଥିଲେ ମଧ୍ୟ ଉକ୍ତ ପାଣିମୋଟରକୁ ଉଦ୍ଧାର କରାଯାଇ ପାରିନାହିଁ। ତେବେ ପୋଲିସ ଉକ୍ତ ଘଟଣାର ତଦନ୍ତ କରି ଚୋରି ଜିନିଷ ଉଦ୍ଧାର କରିବାକୁ ସାଧାରଣରେ ଦାବି ହେଉଛି।

## ହାଇୱା ଚୋରି ଉଦ୍ୟମ, ଚୋରକୁ ଧରି ପୋଲିସକୁ ହସ୍ତାନ୍ତର

**ବାଉଁଶୁଣୀ, ୧୬।୧୦(ଦେବାଶୀଷ ନେପାକ)**

ଶନିବାର ବିଳମ୍ବିତ ରାତିରେ ବାଉଁଶୁଣୀ ଥାନା ବିଜାପଦର ନିକଟରେ ଥିବା ଏକ କ୍ରସରରୁ ହାଇୱା ଚୋରି ବେଳେ ଜଣେ ଯୁବକଙ୍କୁ ଧରି କର୍ମଚାରୀମାନେ ବାଉଁଶୁଣୀ ଥାନାକୁ ହସ୍ତାନ୍ତର କରିଛନ୍ତି। ସେଠାରେ ଚୋରକୁ ଧରି ଲୋକେ ଉତ୍ତମ ମଧ୍ୟମ ଦେଇ ଗୁରୁତର କରି ଦେଇଥିଲେ। ଗୁରୁତର ଅବସ୍ଥାରେ ବାଉଁଶୁଣୀ ପୋଲିସ ଚୋରକୁ ଉଦ୍ଧାର କରି ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ରାତି ୨ ଟାରେ ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। କ୍ରସରୁ ହାଇୱାକୁ ଚୋରିକରି ଚାଲି ଆସୁଥିବାବେଳେ ପଥର କୁଆଁରୀ ନିକଟ ରାସ୍ତାରେ ହାଇୱା ଚକ ଦବି ଯାଇଥିଲା। ଏହା ଦେଖି କ୍ରସର କର୍ମଚାରୀମାନେ ହାଇୱା ନିକଟକୁ ଆସି ଯୁବକଙ୍କୁ କାବୁ କରି ଉତ୍ତମମଧ୍ୟମ ଦେଇ ପୋଲିସକୁ ଖବର ଦେଇଥିଲେ। ଯୁବକ ଜଣକ ପୁରୁଣାକଟକ ଥାନା କରଞ୍ଜକଟା ଗ୍ରାମର ରାକେଶ ଦେହୁରୀ ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି। ବାଉଁଶୁଣୀ ପୋଲିସ ଯୁବକଙ୍କୁ ଗିରଫ କରି ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡିଛି।

## ବିନିକାରେ କଂଗ୍ରେସର ଜନସମ୍ପର୍କ ପଦଯାତ୍ରା

**ବିନିକା, ୧୬।୧୦(ରାମଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକାରେ କଂଗ୍ରେସର ଭାରତ ଜୋଡୋ ଘରେ ଘରେ ହାତ, ଘରେ ଘରେ ଜନସମ୍ପର୍କ ପଦଯାତ୍ରା ଚାଲିଥିବାବେଳେ ଶୁକ୍ରବାର ବିନିକା ଏନ୍‌ଏସି ଓ ବ୍ଲକ ଅଞ୍ଚଳରେ ଅନୁଷ୍ଠିତ ହୋଇଯାଇଛି। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିନିକା ବ୍ଲକ ସଭାପତି ରବୀନ୍ଦ୍ର ହୋତାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ସାମିଲ ହୋଇ "ଘରେ ଘରେ କଂଗ୍ରେସ ଘରେ ଘରେ ହାତ" ସ୍ଲୋଗାନ ଦେଇ ସ୍ଥାନୀୟ ବିନିକା ତହସିଲ ଛକଠାରୁ ସହର ପରିକ୍ରମା କରି ସିଂଘିଯୁବା ପଞ୍ଚାୟତ ସର୍ଗୁଣା, ପାପୀ, କଦଳିପାଲି, ଚୁଲିମାଲ, ଭଣ୍ଡାର, ମହୁଲପାଲି ଗାଁ ପର୍ଯ୍ୟନ୍ତ ଭାରତ ଜୋଡୋ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟକ ବିନୋଦ ପାତ୍ରଙ୍କ ସମେତ ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟବ୍ରତ ସାହୁ, ଜିଲା ଆଇନ ସେଲ ସଭାପତି ସୁଧୀର ପଣ୍ଡା, ସନ୍ତୋଷ ପଣ୍ଡା, ନରେନ୍ଦ୍ର ସାହୁ, ସଂଗ୍ରାମ କେଶରୀ ନାୟକ, ବିଜୟ ଭୋଇ, ନରସିଂହ ଭୋଇ, ତିକେଶ୍ୱର୍ ପ୍ରଧାନ, କୃଷ୍ଣଚନ୍ଦ୍ର ପ୍ରଧାନ, ପଞ୍ଚାନନ ପାତ୍ର, ଶିବ ପ୍ରସାଦ ଖମାରୀ, ଜୟ ନାରାୟଣ ନାୟକ, ସୂର୍ଯ୍ୟ କୁମାର ଖେତି, ରାଜା ମିଶ୍ର, ରଶ୍ମିରଞ୍ଜନ ବିଶି, ବାଲେଶର ସାହୁ, ସରୋଜ ଚନ୍ଦ୍ର ପ୍ରଧାନ, ମିତ୍ରଭାନୁ ଭୋଇ, ଆନନ୍ଦ ଦାଶ, ସୀତାରାମ ବହିଦାର, ନରସିଂହ ମିଶ୍ର, ଦୁର୍ଯ୍ୟୋଧନ ଖେତି, ସୌମିତ୍ରି ତରିଆ, ଭାଗରଥି ବଗର୍ତ୍ତି, ଋଷଭ ଭୋଇ, ସତ୍ୟାନନ୍ଦ ପଟେଲ ପ୍ରମୁଖ କର୍ମକର୍ତ୍ତା ପଦଯାତ୍ରାରେ ସାମିଲ ହୋଇଥିଲେ।

## ମିଳିବ ୨ଟି ଡାଏଲିସିସ, ୧ଟି ସି ଆର୍ମ ମେଶିନ

### ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷଙ୍କ ପ୍ରତିଶ୍ରୁତି

**ସୋନପୁର, ୧୬।୧୦(ମୃତ୍ୟୁଞ୍ଜୟ ଶତପଥୀ)**



ସୁବର୍ଣ୍ଣପୁରରେ ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀ ସମୀକ୍ଷା କରୁଛନ୍ତି।

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀ ବୌଦ୍ଧ ଓ ସୁବର୍ଣ୍ଣପୁର ଜିଲା ଗସ୍ତରେ ଆସି ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅର୍ଥ ଅନୁଦାନରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସ୍ଥିତି ଓ ଅଗ୍ରଗତିର ସମୀକ୍ଷା କରିଛନ୍ତି। ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଜିଲାପାଳ ବିମଳେନ୍ଦୁ ରାୟ, ବୌଦ୍ଧ ଜିଲାପାଳ ନୃସିଂହ ଚରଣ ସାଇଁ ନିଜ ଜିଲାରେ ପରିଷଦ ଅନୁଦାନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ବନ୍ଧରେ ତାଙ୍କୁ ଅବଗତ କରିଥିଲେ। ସୋନପୁର ସହର ଝିଙ୍କିଠାରେ ୬ କୋଟି ୪୫ ଲକ୍ଷ ଟଙ୍କା ଡବ୍ଲ୍ୟୁଓଡିସି ଅର୍ଥ ଅନୁଦାନରେ ନିର୍ମାଣଧୀନ ଡବ୍ଲ୍ୟୁଓଡିସି ହସ୍ତତନ୍ତ ମଲର ନିର୍ମାଣ କାର୍ଯ୍ୟ ଶୀଘ୍ର ସମାପନ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ମଲକୁ ସମ୍ପୂର୍ଣ୍ଣ ଭାବରେ ଶୀତତାପ ନିୟନ୍ତ୍ରିତ କରାଯିବା ସହିତ ପାରିପାର୍ଶ୍ୱକୁ ସମ୍ପୂର୍ଣ୍ଣ ଭାବରେ ଆକର୍ଷଣୀୟ କରାଯିବ ବୋଲି କହିଥିଲେ। ଏହାଦ୍ୱାରା ବୁଣାକାର ଓ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତ ବସ୍ତ୍ରର ବିକ୍ରୟ ସହିତ ସେମାନଙ୍କ ଅର୍ଥନୈତିକ ବିକାଶରେ ସହାୟକ ହେବ। ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ପାଇଁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଦୁଇଟି ନୂତନ ଡାଏଲିସିସ ମେଶିନ ସହିତ ଅର୍ଥୋପେଡ଼ିକ ଅସ୍ତ୍ରୋପଚାର ପାଇଁ ଦୁଇ ଜିଲା ସକାଶେ ଗୋଟିଏ ଲେଖାଏ ସି ଆର୍ମ ଏକ୍ସରେ ମେଶିନ ଯୋଗାଇ ଦିଆଯିବ ବୋଲି ଅଧ୍ୟକ୍ଷ ତ୍ରିପାଠୀ ପ୍ରତିଶ୍ରୁତି ଦେଇଥିଲେ। ଜିଲାରେ କୃଷକମାନଙ୍କ ଅର୍ଥନୈତିକ ବିକାଶ ପାଇଁ କୃଷି ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ବିଭାଗରେ ଉପଲବ୍ଧ ଥିବା ସମସ୍ତ ସଂସାଧନକୁ ବ୍ୟବହାର କରି କିଭଳି ଭାବରେ ସେମାନଙ୍କ ଆୟ ଦ୍ୱିଗୁଣିତ ହୋଇପାରିବ ତା ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ। ଏଥିପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ସହାୟତାରେ ଦୁଗ୍ଧ ଉତ୍ପାଦନ, ମାଛ ଚାଷ, ପଶୁପାଳନ, ଉଦ୍ୟାନ କୃଷି ଭଳି ବିଭିନ୍ନ କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ପାଇଁ ସମସ୍ତ ପ୍ରଚେଷ୍ଟା କରିବା ପାଇଁ ସେ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସୁବର୍ଣ୍ଣପୁର ଜିଲା ଗ୍ରନ୍ଥାଗାର ଯେଉଁଥିରେ କି ପ୍ରତ୍ୟହ ଶତାଧିକ ଛାତ୍ରୀଛାତ୍ର ଆସି ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଛନ୍ତି ତାର ଭିତ୍ତିଭୂମି ବିକାଶ ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦ ତରଫରୁ ୫୦ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯିବ । ତରଭା ମିନି ଷ୍ଟାଡ଼ିୟମ ପାଇଁ ୧କୋଟି ଟଙ୍କା ଦିଆଯିବ। ବୌଦ୍ଧ ଜିଲାର ବୀରନରସିଂହପୁରଠାରେ ନିର୍ମାଣାଧୀନ ଇକୋପାର୍କର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହିତ ଏହାକୁ ଆକର୍ଷଣୀୟ କରି ଗଢିତୋଳିବା ପାଇଁ ପରାମର୍ଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଜିତ କୁମାର ମିଶ୍ର ଓ ଉଭୟ ଜିଲାର ସମସ୍ତ ବିଡିଓ ଏବଂ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୭ ଅକ୍ଟୋବର ୨୦୨୩



## ସଂକ୍ଷେପରେ

### କୁତ୍ରାରେ ମାଡ଼ି ଚାଲିଛି ଲମ୍ପି ଭାଇରସ୍



**କୁତ୍ରା,୧୬।୧୦(ଦେବାଶିଷ ସାହୁ):** ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅଞ୍ଚଳରେ ମାଡି ଚାଲିଛି ଲମ୍ପି ଭାଇରସ୍। ଏହି ଭାଇରସ୍ ଅଞ୍ଚଳରେ ଗତ ୩ମାସରୁ ଉର୍ଦ୍ଧ୍ୱ ହେବ ଦେଖାଦେଇଛି। ଏଥିରେ ଏକାଧିକ ଗୋରୁ ମୃତ୍ୟୁବରଣ କରିଥିବାବେଳେ ସୋମବାର ପୁଣି ଏକ ଗୋରୁ ଦେହରେ ଏହି ଭାଇରସ୍ ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ଏହି ଭାଇରସ୍ ୩ ମାସ ତଳେ ପ୍ରଥମେ କୁତ୍ରା ବ୍ଲକ ରାଞ୍ଚିରୋଡ ନିକଟରେ ଏକ ବଳଦ ଦେହରେ ଦେଖିବାକୁ ମିଳିଥିଲା। ପରବର୍ତ୍ତୀ ସମୟରେ ଏହା ପୁରା ଅଞ୍ଚଳକୁ ମାଡିଯିବା ସହିତ ଏକାଧିକ ଗୋରୁ ମୃତ୍ୟୁବରଣ କରିଥିଲେ।

# ବିଲୁପ୍ତି ପଥର ପଥିକ

## ହାତୀ ବଂଶ

ଟେନ୍ସା,୧୬।୧୦(ସମୀର କୁମାର ପାଢ଼ୀ)

ଦିନକୁ ଦିନ ବଢ଼ିବାରେ ଲାଗିଛି ହାତୀ ମଣିଷ ଲଢ଼େଇ। କେତେବେଳେ ହାତୀ ଆକ୍ରମଣରେ ଧନ ଜୀବନ ନଷ୍ଟ ହେଲାଣି ତ ପୁଣି କେତେବେଳେ ମଣିଷ ହାତୀ ଜୀବନ ନେଉଛି। ବଢ଼ୁଥିବା ହାତୀ ମୃତ୍ୟୁ ସଂଖ୍ୟା ଏବଂ ହାତୀ-ମଣିଷ ଲଢ଼େଇକୁ ଦେଖି ଡାଇନେସର ପରି ହାତୀ ବଂଶ ଲୋପ ପାଇବା ନେଇ ଆଶଙ୍କା କରାଯାଉଛି। ବଣ ପାହାଡ଼ ଘେରା ସୁନ୍ଦରଗଡ଼ ଜଲାରେ କୋଇଡା ଖଣି ରହିଛି। ଏହି ଅଞ୍ଚଳର ଭବାନୀ ପାହାଡ଼, ଘୋଡାବୁଡାଣୀ, ଚାନ୍ଦିପୋଷି, ବରସୁଆଁ, କୁଶୁମୁଣ୍ଡି, ଗଣୁଆ, ନାରାୟଣପୋଷି, କଦଳିଆ, ମାଲଦା, ରାଇକେଳା, କାଲଟା, ଭଞ୍ଜପାଲି, ସାରଖୁଣ୍ଟା, ଖଣ୍ଡାଧାର, ଜଲଡ଼ି ଆଦି ଜଙ୍ଗଲ ଅଞ୍ଚଳରେ ବହୁ ସଂଖ୍ୟାରେ ହାତୀ ବସବାସ କରନ୍ତି। ଏହି ସବୁ ଅଞ୍ଚଳରେ ବ୍ୟାପକ ଖଣି ଖନନ ଯୋଗୁ ଖଣି ମାଲିକ ଅବାଧରେ ହଜାର ହଜାର ସଂଖ୍ୟାରେ ଗଛ କାଟି ଜଙ୍ଗଲ ସଫା କରିଦେଇଛନ୍ତି। ହାତୀ ଖାଦ୍ୟ ଅନ୍ୱେଷଣରେ ନିକଟସ୍ଥ ଗ୍ରାମକୁ ପଶି ଆସୁଛନ୍ତି। ହାତୀ ଆକ୍ରମଣ ଗତ କିଛି ମାସ ମଧ୍ୟରେ ୧୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। ସେହିପରି ଗତ ୨ବର୍ଷ ମଧ୍ୟରେ ୪ ହାତୀଙ୍କ ଜୀବନ ଗଲାଣି। ଗତ ଶନିବାର ରାତିରେ କୋଇଡା ରେଞ୍ଜ ଓରାଘାଟ ଗ୍ରାମର ପାରମସାହିରେ ବିଦ୍ୟୁତ୍ ସ୍ପର୍ଶରେ ଆସି ଏକ ଦନ୍ତା ହାତୀର ମୃତ୍ୟୁ ଘଟିଥିଲା। ସେହିପରି ରବିବାର ଦିନଦ୍ୱିପହରରେ କନ୍ତର କୋଇଡା, ତେନ୍ତୁଳିଡ଼ି, ଶିଡିଆ ଆଦି ଗ୍ରାମରେ ହାତୀ ପଲ ପଶି ଧାନ ଫସଲ ନଷ୍ଟ କରିବା ସହ ଗ୍ରାମରେ ଆତଙ୍କ ସୃଷ୍ଟି କରିଥିଲା। କେନ୍ଦ୍ର ଓ ରାଜ୍ୟ ଫରେଷ୍ଟ ଆଣ୍ଡ ପରିବେଷ ବିଭାଗ ଏଥିପ୍ରତି ଦୃଷ୍ଟି ନ ଦେଲେ ହାତୀ- ମଣିଷ ଲଢ଼େଇରେ ହାତୀ ବଂଶ ଲୋପ ପାଇଯିବ।



### ବୃନ୍ଦାମୁଣ୍ଡା ଶିକ୍ଷକ ବିଭୂତି ଦିଲ୍ଲୀରେ ସମ୍ମାନିତ

**ବନ୍ଧମୁଣ୍ଡା,୧୬।୧୦(ସୁବ୍ରତ ଡେ):** ସ୍କୁଲ ଅଫ ପଲିଟିକ୍ସ ଏବଂ ମାନସିଂହ ଫାଉଣ୍ଡେଶନ ଦ୍ୱାରା ଅକ୍ଟୋବର୧୫ରେ ନୂଆଦିଲ୍ଲୀର ଇଣ୍ଡିଆ ଇଣ୍ଟରନ୍ୟାସନାଲ ସେଣ୍ଟର ବିଲଡିଂ ଲୋଦି ରୋଡଠାରେ ବିଶ୍ୱ ଛାତ୍ର ଦିବସ ଅବସରରେ ସାଲ୍ୟୁଟ ଟୁ କଲାମ ସମାରୋହ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଦେଶର ପ୍ରାୟ ୫୦ ବ୍ୟକ୍ତି ବିଶେଷ, ଯେଉଁମାନେ ଶିକ୍ଷା ଏବଂ ସମାଜ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି, ସେମାନଙ୍କୁ ମାନପତ୍ର ଓ ଉପଢ୍ୌକନ ଦେଇ ସମ୍ମାନିତ କରାଯାଇଥିଲା। ଯେଉଁଥିରେ ବନ୍ଧମୁଣ୍ଡା ଅଞ୍ଚଳର ବିଭୂତି କୁମାର ଗୁପ୍ତାଙ୍କୁ ଆୟୋଜକ କମିଟି ଦାରା ସମ୍ମାନିତ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ବିଗତ ୨୫ ବର୍ଷ ଧରି ବନ୍ଧମୁଣ୍ଡା ଅଞ୍ଚଳରେ ବିଭୂତି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ବିଭୂତି ସମ୍ମାନିତ ହେବା ପରେ ବିଦ୍ୟାଳୟ ଶିକ୍ଷକ, ଅଭିଭାବକ ଏବଂ ଛାତ୍ର ତଥା ଅଞ୍ଚଳର ଲୋକଙ୍କ ମଧ୍ୟରେ ବିଶେଷ ଉତ୍ସାହ ଦେଖାଦେଇଛି।

### ଅବସରପ୍ରାପ୍ତ ପୋଲିସ ଏଏସ୍ଆଇଙ୍କୁ ୩ ବର୍ଷ ଜେଲଦଣ୍ଡ

**ସୁନ୍ଦରଗଡ,୧୬।୧୦(ଜୟ ନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ଜଜ୍ ରାଜଲକ୍ଷ୍ମୀ ପଟ୍ଟନାୟକ ସୋମବାର ଏକ ଲାଞ୍ଚ ମାମଲାର ଶୁଣାଣି କରି ଅଭିଯୁକ୍ତ ଅବସରପ୍ରାପ୍ତ ପୋଲିସ ଏଏସ୍ଆଇ ଉଦୟ ନାଥ ସ୍ୱାଇଁଙ୍କୁ(୭୧)ଙ୍କୁ ୨ବର୍ଷ



ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୩ହଜାର ଟଙ୍କା ଜୋରିମାନା ଓ ଅନାଦେୟ ଅଧିକ ୩ ମାସ ଜେଲ ଦଣ୍ଡାଇ ପାଇଁ ଅଦାଲତ ଆଦେଶ କରିଛନ୍ତି। ମାମଲା ରାୟର ବିବରଣୀରୁ ପ୍ରକାଶ ଯେ, ଅଭିଯୁକ୍ତ ସ୍ୱାଇଁ ୨୦୦୨ରେ ସୁନ୍ଦରଗଡ ଜିଲା ହେମଗିର ଥାନା ବଲିଙ୍ଗା ଫାଣ୍ଡି ଅଧିକାରୀ ଥିବାବେଳେ ଜଣେ ଡମ୍ପର ଡ୍ରାଇଭର ବୁଧନ ମାଝିଙ୍କ ଠାରୁ ଏକ ମାମଲାରେ ଦଫରଫା ପାଇଁ୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଅଭିଯୋଗକାରୀ ଏ ସମ୍ପର୍କରେ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକାରୀଙ୍କଠାରୁ ୫ହଜର ଟଙ୍କା ନେଉଥିଲା ବେଳେ ଭିଜିଲାନ୍ସ ବିଭାଗଦ୍ୱାରା ଧରାପଡି ଗିରଫ ହୋଇଥିଲେ। ସରକାରଙ୍କ ପକ୍ଷରୁ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଶ୍ୟାମ ସୁନ୍ଦର ମିଶ୍ର ଏହି ମାମଲାର ପରିଚାଳନା କରୁଥିଲେ। ଅଭିଯୁକ୍ତ ଅବସରପ୍ରାପ୍ତ ପୋଲିସ ଏଏସ୍ଆଇ ସ୍ୱାଇଁ ଜେଲକୁ ପଠାଇଦେଇଥିବା ବେଳେ ତାଙ୍କ ପେନସନ ବନ୍ଦ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଆଦେଶ ଦେଇଛନ୍ତି।

### ଭାରତୀୟ ହକିର ସମ୍ବର୍ଦ୍ଧନା ସଭା

**ହେମଗିର,୧୬।୧୦(ଚୈତନ୍ୟ ପଟେଲ):** ହେମଗିର ବ୍ଲକ ମାଣିକେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟର ଗଡ ଡୁମୁଲିଆଠାରେ ଭାରତୀୟ ହକିର ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଧକ୍ଷ ଲକ୍ଷ୍ମୀକାନ୍ତ ଜେନା ହକିର ଗୌରବ ତଥା ଏହାର ମହତ୍ତ୍ୱପୂର୍ଣ୍ଣ ବିଷୟରେ ଅବଗତ କରାଇଥିଲେ। ଆଜିର ଯୁବ ଗୋଷ୍ଠୀ କ୍ରିଡା ଶକ୍ତିରେ ବିଶ୍ୱାସ କରେ। ଏହି ଅବସରରେ ରସାୟନିକ ବିଭାଗର ଅଧାପକ ସୁରଜ କୁମାର ନାଏକ ସଭାକାର୍ଯ୍ୟ ପରିଚାଳନା କରିଥିଲେ।

# ଶକ୍ତି ଉପଦେଷ୍ଟାଙ୍କ ବିଭିନ୍ନ କାର୍ଯ୍ୟ ପରିଦର୍ଶନ

ବଡ଼ଗାଁ,୧୬।୧୦( ଅଶୋକ ଷଡ଼ଙ୍ଗୀ)

ରାଜ୍ୟ ସରକାରଙ୍କ ଶକ୍ତି ଉପଦେଷ୍ଟା ଦୀପ୍ତିମାନ ବଳ ସୁନ୍ଦରଗଡ ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ନିର୍ମାଣଧୀନ ଗ୍ରିଡ ସବ୍ ଷ୍ଟେସନ, ଅନ୍ୟାନ୍ୟ କାର୍ଯ୍ୟ ଗୁଡିକର ଅଗ୍ରଗତି ଓ ବିଦ୍ୟୁତ୍ ଯୋଗାଣରେ ଥିବା ସମସ୍ୟା ଉପରେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଗ୍ରାମାଞ୍ଚଳର ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଶକ୍ତି ଉପଦେଷ୍ଟା ଗସ୍ତ କରିଥିବା କୁହାଯାଉଛି। କୋଇଡା ବ୍ଲକର କାଲଟା, ଲହୁଣୀପଡ଼ା ବ୍ଲକର ଲଲେଇ, ବାରଘାଟ, ଲାଠିକଟା ବ୍ଲକର ନାକଖଣ୍ଡି, କୁଆଁରମୁଣ୍ଡା ବ୍ଲକର ଗୋବରା, କୁତ୍ରା ବ୍ଲକର ଝାରମୁଣ୍ଡା, ଟାଙ୍ଗରପାଲି ବ୍ଲକର ବାଉରୀମୁଣ୍ଡା, ଲେଫ୍ରୀପଡା ବ୍ଲକର ଗୁଣ୍ଡିଆଡିହି ଆଦି ବିଭିନ୍ନ ଗ୍ରାମକୁ ଯାଇ ନିର୍ମାଣଧୀନ କାର୍ଯ୍ୟ ଦେଖିଥିଲେ। ଶକ୍ତି ଉପଦେଷ୍ଟାଙ୍କ ପରିଦର୍ଶନ ବେଳେ ଟାଟା କମ୍ପାନୀ ଅଧିକାରୀ ଉପସ୍ଥିତ ଥିଲେ।



ଶକ୍ତି ଉପଦେଷ୍ଟା ଦୀପ୍ତିମାନ ବଳ ବିଭିନ୍ନ କାର୍ଯ୍ୟ ପରିଦର୍ଶନ କରୁଛନ୍ତି।

# ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



ଲହୁଣୀପଡା,୧୬।୧୦(ଦାଶରଥି ପଣ୍ଡା)

ଲହୁଣୀପଡା ବ୍ଲକ କାର୍ଯ୍ୟାଳୟଠାରେ ଯୁଗ୍ମ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡ.ଗାଭାଲି ପରାଗ ହର୍ଷଦ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଶୁଣିବା ସହିତ କେତେକ ସମସ୍ୟାର ସମାଧାନ କରିଥିଲେ। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ମୋଟ ୧୦୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ୭୮ ଓ ସାମୂହିକ ୨୯ ଅଭିଯୋଗ ରହିଥିଲା। ସେହିପରି ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୦ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ ପ୍ରଭାକର ମହାଜନ, ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର, ଉପ ଜିଲାପାଳ ସୁରଞ୍ଜନ କୁମାର ସାହୁ, ଉପଖଣ୍ଡ ପୋଲିସ ଅଧିକାରୀ ସ୍ୱରାଜ ଦେବତା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଧରଣୀ ରଞ୍ଜନ ଶତପଥୀ, ବିଡିଓ ଅନୁରାଗ ମିଶ୍ର, ଡେପୁଟି କଲେକ୍ଟର (ଆପାତକାଳୀନ) କୁନ୍ତୀରାଣୀ ନାୟକ, ଲହୁଣୀପଡ଼ା ତହସିଲଦାର ସୌଦାମିନୀ ନାୟକ ଓ ବିଭିନ୍ନ ବିଭାଗର ଅଧିକାରୀ କର୍ମଚାରୀ ତଥା ଜନ ସାଧାରଣ ଉପସ୍ଥିତ ଥିଲେ। ଲୋକମାନେ ଆବାସ ଯୋଜନା, ରାସ୍ତା, ଡ୍ରେନ, ପାନୀୟ ଜଳ ଓ ବିଦ୍ୟୁତ୍ ସମସ୍ୟା, ରାସନ କାର୍ଡ, ସ୍ୱାସ୍ଥ୍ୟ, ଗ୍ରାମ୍ୟ ରାସ୍ତା, ଶୌଚାଳୟ, ପୋଖରୀ ପୁନରୁଦ୍ଧାର, ଅଙ୍ଗନୱାଡ଼ି, ସ୍କୁଲ ଆଦି ସମସ୍ୟା ସମ୍ପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏହିସବୁ ଅଭିଯୋଗଗୁଡ଼ିକର ବିଚାର କରି ତୁରନ୍ତ ପଦକ୍ଷେପ ନେବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### ବ୍ଲକସ୍ତରୀୟ ଖେଳ ପ୍ରତିଯୋଗିତା

ବଡ଼ଗାଁ,୧୬।୧୦(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଦାଣ୍ଡଜମରା ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ସୋମବାର ବ୍ଲକସ୍ତରୀୟ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏକ ଦିବସୀୟ ଏହି ଖେଳ ପ୍ରତିଯୋଗିତାର ଉଦ୍‌ଘାଟନୀ ଓ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତି ମୁନି ସୁରେଖା ହରୋ ମୁଖ୍ୟ ଅତିଥି, ସିଆର୍‌ସିସି ଏରେନ କୁଜୁର ମୁଖ୍ୟ ବକ୍ତା ଓ ସମ୍ମାନୀୟ ଅତିଥି ଭାବେ ବରଙ୍ଗାକଛାର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁବରାଜ ଗୋଖରା, ଡୁଡାଲଗା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନାତନ ଷଡ଼ଙ୍ଗୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ୧ ଶହ, ୨ ଶହ, ୩ଶହ, ୬ ଶହ,୧୫୦୦ ଶହ ଓ ୩ ହଜାର ମିଟର ଦୌଡ଼, ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ସଟପୁଟ, ଜାଭେଲିନ, ପ୍ରତିଯୋଗିତା କରାଯାଇଥିଲା। ଖେଳ ଶିକ୍ଷକ ପ୍ରଭାତ ଦ୍ୱାରୀ, ମୂରଲୀଧର ବେହେରା, କାଦମ୍ବିନୀ ପଟେଲ, ବିଜୟ ପଟେଲ, ଅମିତ କୁମାର ମହାରଣା, ଚିତ୍ତରଞ୍ଜନ ଡାକୁଆ, ମିଳନ ମଞ୍ଜରୀ ନାୟକ ଖେଳ ପରିଚାଳନା କରିଥିଲେ। ଦାଣ୍ଡଜମରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୃଦାନନ୍ଦ ସାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ପରିଚାଳନା କରିଥିଲେ।

### ମହିଳାଙ୍କୁ ଆକ୍ରମଣ, ମାମଲା ରୁଜୁ

ବଡ଼ଗାଁ,୧୬।୧୦( ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ମୁଣ୍ଡାଗାଁରେ ଜଣେ ମହିଳା ଘରେ ଏକାକୀ ଥିବାବେଳେ ସେହି ଗ୍ରାମର ଜଣେ ଯୁବକ ଘରେ ପଶି ତାଙ୍କୁ ମାଡ଼ ମାରିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି। ପୋଲିସ କେସ (ନଂ ୧୮୧/୨୩)ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନାଅନୁଯାୟୀ, ଉକ୍ତ ଗ୍ରାମର ସମାରୁ ନାଏକଙ୍କ ପତ୍ନୀ ସୁମତି ଘରେ ଏକାକୀ ଥିବାବେଳେ ସୁଶିଲ ସୋରେଙ୍ଗ ଘରେ ପଶି ମାଡ଼ ମାରିଥିଲେ।

# ଅଖିଳ ଭାରତ ଯୁବକ ସଂଘ, ବିସ୍ଥାପିତଙ୍କ ପକ୍ଷରୁ ଦାବିପତ୍ର

ହେମଗିର,୧୬।୧୦(ଚୈତନ୍ୟ ପଟେଲ)

ସୁନ୍ଦରଗଡ ଜିଲା ହେମଗିର ବ୍ଲକ ଜାମକାନୀ କୋଇଲା ଖଣିରେ ଅଖିଳ ଭାରତ ଯୁବକ ସଂଘ (ଏଆଇୟାଇଏଫ) ଓ ଜାମକାନି, ଗିରିସିମା, ଖାରପଲମ ଓ ମେଣ୍ଡ୍ରା ଗ୍ରାମବାସୀଙ୍କ ପକ୍ଷରୁ ସୋମବାର ଜାମକାନି ଗ୍ରାମରୁ ଏକ ବିଶାଳ ରାଲି ବାହାରିଥିଲା। ୬ଦଫା ଦାବି ନେଇ ପତ୍ର ବେଦନା ଓ ବିଜିଆର କମ୍ପାନୀକୁ ପ୍ରଦାନ କରାଯାଇଛି। ସ୍ଥାନୀୟ ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି ପ୍ରଦାନ କରିବା, ସ୍ଥାନୀୟ ବେକାର ଯୁବତୀ ଯୁବକଙ୍କୁ ତାଲିମ ପ୍ରଦାନ କରିବାର ବ୍ୟବସ୍ଥା କରିବା, ସିଏସ୍ଆର ଫଣ୍ଡରୁ ସ୍ଥାନୀୟ ସ୍କୁଲ ଗୁଡିକରେ ଶିକ୍ଷା ସହାୟକ ନିଯୁକ୍ତି କରିବା, ସ୍ଥାନୀୟ ୧୮ବର୍ଷର ଯୁବତୀ ଯୁବକଙ୍କୁ କମ୍ପାନୀରେ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା ନଚେତ ଚାକିରି ବାବଦକୁ ୧୬ଲକ୍ଷ ପ୍ରଦାନ କରିବା, ପ୍ରଦୂଷଣ ନିୟନ୍ତ୍ରଣ ବ୍ୟବସ୍ଥାକୁ କଡାକଡି ଭାବେ ପାଳନ କରିବା, କଲେଜର ଛାତ୍ରୀଛାତ୍ରଙ୍କ ପାଇଁ ବସନ୍ତି ସେବା ପ୍ରଦାନ କରିବା ଦାବି ପତ୍ରରେ ଉଲ୍ଲେଖ ରହିଛି। ମାସେ ମଧ୍ୟରେ ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏହାର ଏକ ନକଲ କପି ଜିଲାପାଳ, ଏସ୍‌ପିଙ୍କୁ ପ୍ରଦାନ କରାଯାଇଛି। ଏହି ଅବସରରେ ଅଖିଳ ଭାରତ ଯୁବକ ସଂଘର ରାଜ୍ୟ ଉପସଭାପତି ରାଜେନ୍ଦ୍ର ନାଏକ, ରାଧେଶ୍ୟାମ ଗାଡିଆ, ଶୁକଦେବ ପଧାନ, ବିରେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ବନ୍ଧମୁଣ୍ଡାରେ ଡୁମେର୍ତା ଦିବସ



ଅତିଥି ଜଣେ ଛାତ୍ରୀଙ୍କୁ ସମ୍ମାନିତ କରୁଛନ୍ତି।

ବନ୍ଧମୁଣ୍ଡା,୧୬।୧୦(ସୁବ୍ରତ ଡେ)

ବିଶ୍ରା ବ୍ଲକ ବନ୍ଧମୁଣ୍ଡା ପଞ୍ଚାୟତ ଡୁମେରତାସ୍ଥିତ ପ୍ରଗତି ସ୍ପୋର୍ଟସ୍ ଗ୍ରାଉଣ୍ଡରେ ଦ୍ୱିତୀୟ ଡୁମେର୍ତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବନ୍ଧମୁଣ୍ଡା ସରପଞ୍ଚ ଅନୀତା ତିର୍କୀ ମୁଖ୍ୟ ଅତିଥି ଏବଂ ରବି ନାରାୟଣ ମାଝି ସମ୍ମାନିତ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନେକ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଯେଉଁଥିରେ ଅଞ୍ଚଳର ବହୁ ସଂଖ୍ୟାକ ଯୁବତୀ ଓ ଯୁବକମାନେ ସାମିଲ ହୋଇଥିଲେ। ଶେଷରେ ବିଭିନ୍ନ କାର୍ଯ୍ୟକ୍ରମରେ କୃତୀତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିତୁ ମହାତୋ, ତ୍ରିନାଥ ପ୍ରମାନିକ, ମହେନ୍ଦ୍ର ସର୍ଦ୍ଦାର, ଅଜିତ ଏକ୍କା, ଛତୁ ମହାତୋ, ମନୁ କିସପଟ୍ଟା, ରୋଶନ କେରେକେଟ୍ଟା, ସୌରଭ ତିଗା, ରାଜୁ ଏକ୍କା, ସୁମିତ ଏକ୍କା, ରୋମି ଖାଲକୋ, ବିଶାଲ ଏକ୍କା, କିରଣ ଖାଲଖୋ, ଅମିତ ତିଗା, ରୋଶନି ଟପ୍ପୋ ଉପସ୍ଥିତ ଥିଲେ।

# ଭୂୟାଁ ସମାଜର ନୂତନ ସାନିଗାଦି ପ୍ରତିଷ୍ଠା

ବଡ଼ଗାଁ,୧୬।୧୦(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ହେମଗିରି ବ୍ଲକ ସୁମରା ପଞ୍ଚାୟତ ସରଡେଗା ଗ୍ରାମରେ ଜାତି ୫ ଶହ ଘର ଭୂୟାଁ ସମାଜର ନୂତନ ସାନିଗାଦି ରବିବାର ପ୍ରତିଷ୍ଠା ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭୂୟାଁ ସମାଜର କେନ୍ଦ୍ରୀୟ କମିଟି ସଭାପତି ଅମିୟ କୁମାର ପ୍ରଧାନଙ୍କ ସହିତ ସମାଜର କର୍ମକର୍ତ୍ତା ଭୀଷ୍ମଦେବ କାଲୋ, ଜଗବନ୍ଧୁ ଭୋଇ, କୌସିକ ବୁଡ଼ା, ଠଣ ସୁନ୍ଦର ଚୌଧୁରୀ, ପୁଷ୍ପକ ପ୍ରଧାନ, ପ୍ରଦୀପ କାଲୋ, ସୁରେନ୍ଦ୍ର କାଲୋ, ଦୁର୍ଗା ପ୍ରସାଦ ନାଏକ, ଭିମସେନ ସା, ନକୂଳ ପ୍ରଧାନ, ରୁକ୍ମିଣୀ ପ୍ରଧାନ, ଶେଷବତୀ ସା, ସୁଧାରାଣୀ ରଉତିଆ,ବଦନ ସା ଯୋଗଦେଇଥିଲେ। ଜାତି ସମାଜର କେନ୍ଦ୍ରୀୟ ସଭାପତି ପ୍ରଧାନ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କଲେତପାନି, ଟିକିଲିପଡା, ସାରଙ୍ଗିଝରିଆ ଓ ସୁମରା ଗ୍ରାମକୁ ନେଇ ସରଡେଗା ଗ୍ରାମରେ ସାନିଗାଦି ପ୍ରତିଷ୍ଠା କରାଯାଇଛି। ଆୟୋଜିତ ବୈଠକରେ କର୍ମକର୍ତ୍ତାମାନେ ନୂତନ ସାନିଗାଦି ହେବା ଦ୍ୱାରା ନିଜ ଅଞ୍ଚଳରେ ଜାତି ସମାଜର ବିକାଶ ଓ ସଂଗଠିତ ହେବାରେ ସହାୟକ ହେବ ବୋଲି କହିଥିଲେ। ଏହା ସହିତ ସାନିଗାଦିର ସୁ ପରିଚାଳନା, ପାଣ୍ଠି ସଂଗ୍ରହ, ପ୍ରତ୍ୟେକ ବର୍ଷ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଗୁଡିକୁ କରିବା ଓ ସ୍ୱଚ୍ଛ ହିସାବ ରଖିବା ଉପରେ ଆଲୋଚନା ହୋଇଥିଲା। ନୂତନ ସାନିଗାଦିର ସଭାପତି ଭାବେ ସିତାରାମ ସା ଓ ସମ୍ପାଦକ ଭାବେ ବଦନ ପ୍ରଧାନଙ୍କୁ ଚୟନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ସିତାରାମ ସା ଧନ୍ୟବାଦ ଅର୍ପଣ କରିଥିଲେ।



ସାନିଗାଦି ପ୍ରତିଷ୍ଠା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

# ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବଣାଇଁ,୧୬।୧୦ (ପ୍ରଦୀପ ତ୍ରିପାଠୀ)

ଉତ୍କଳ ସାମ୍ବାଦିକ ସଂଘ ସୁନ୍ଦରଗଡ଼ ଜିଲା ଶାଖା ପକ୍ଷରୁ ସଭାପତି ପ୍ରଦୀପ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ରାଜ୍ୟରେ କାର୍ଯ୍ୟରତ ଖବରଦାତାଙ୍କ ଦାବି ପୂରଣ ପାଇଁ ଏକ ଦାବିପତ୍ର ଜିଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଜିଲାପାଳ ଡ.ଗଭାଲି ପରାଗ ହର୍ଷଦ ସଭାପତିଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାବି ପତ୍ର ଗ୍ରହଣ କରି ତୁରନ୍ତ ପ୍ରେରଣ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଖବରଦାତାଙ୍କ ପାଇଁ ଉଦ୍ଦିଷ୍ଟ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ହିତାଧିକାରୀଙ୍କ ମାତାପିତାଙ୍କୁ ବୀମାଭୁକ୍ତ କରାଯାଇ ନ ଥିବାରୁ ତୁରନ୍ତ ସେମାନଙ୍କୁ ବୀମାଭୁକ୍ତ କରିବା, ସ୍ୱାସ୍ଥ୍ୟବୀମା ହିତାଧିକାରୀଙ୍କ ସନ୍ତାନ ୨୫ ବର୍ଷ ପର୍ଯ୍ୟନ୍ତ ଏଥିରେ ବୀମାଭୁକ୍ତ ଥିବାକୁ ପରିବର୍ତ୍ତନ କରି ୩୦ ବର୍ଷ ଧାର୍ଯ୍ୟ କରାଯିବା, ରାଜ୍ୟରେ ତୁରନ୍ତ ଏକ ପ୍ରେସ୍ ଏକାଡେମୀ ଗଠନ କରିବା, ଅନ୍ୟ ରାଜ୍ୟ ଭଳି ଆମ ରାଜ୍ୟର ଖବରଦାତାଙ୍କୁ ଅବସରକାଳୀନ ଭତ୍ତା ନେଇ ନିଷ୍ପତ୍ତି ଓ ପ୍ରଦାନ କରାଯିବା, ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରାଯିବା ଇତ୍ୟାଦି ଉଲ୍ଲେଖ ରହିଛି। ଏହି ଦାବିପତ୍ର ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ନିର୍ଦ୍ଦେଶକ୍ରମେ ଦିଆଯାଉଥିବା ବେଳେ ପ୍ରଦତ୍ତ ଦାବି ଗୁଡିକ ଉପରେ ଆଗାମୀ ୨ମାସ ମଧ୍ୟରେ ରାଜ୍ୟ ସରକାର ଯଦି ଗୁରୁତର ସହ ବିଚାରକୁ ନ ନିଅନ୍ତି ତେବେ ରାଜ୍ୟର ଖବରଦାତା ଭୁବନେଶ୍ୱରରେ ସମ୍ମିଳିତ ହୋଇ ନିଶ୍ଚିତ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ସଂଘ ରାଜ୍ୟ ଉପ ସଭାପତି ତଥା ସୁନ୍ଦରଗଡ଼ ଜିଲା ଶାଖା ସଭାପତି ତ୍ରିପାଠୀ ଚେତାବନୀ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ପରିଷଦ ସଦସ୍ୟ ଶିବ ଶରଣ ମିଶ୍ର, ସୁନ୍ଦରଗଡ଼ ଜିଲା ଶାଖା ସମ୍ପାଦକ ବିଭୁ କର, ଉପଦେଷ୍ଟା କୁମାର ଗୌତମ ବାରିକ, ଧୀରେନ ମାହାନ୍ତ, ଝସକେତନ ମାହାନ୍ତ, ହେମନ୍ତ ପାତ୍ର, ଦାଶରଥି ପଣ୍ଡା, ଉମେଶ ସାହୁ, ଦୋଳ ଗୋବିନ୍ଦ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।



ଦାବିପତ୍ର ଦେବାକୁ ଆସିଥିବା ସଂଘ କର୍ମକର୍ତ୍ତା।

## ସଂକ୍ଷେପରେ

### ବାଇକ୍ ଧକ୍କାରେ ବୃଦ୍ଧା ମୃତ

**ଦେବଗଡ, ୧୬।୧୦(ଶଶାଙ୍କ ଶେଖର ଝାଙ୍କର):** ଦେବଗଡ ପୌରାଞ୍ଚଳ ନୀଳବେର୍ଣ୍ଣି ସାହି ଟ୍ରାଫିକ ଛକରେ ସୋମବାର ବାଇକ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତ ମିରିଗିଡିଆ ସାହିର ବୁଧ୍ନୀ ମୁଣ୍ଡା(୭୮)। ବୁଧ୍ନୀ ଗୋହିରା ସାହିରୁ ନିଜ ଘରକୁ ଫେରୁଥିବା ବେଳେ ନିଳବେର୍ଣ୍ଣି ସାହି ରାସ୍ତାରୁ ୪୯ ନମ୍ବର ଜାତୀୟ ରାଜପଥକୁ ଯାଉଥିବା ଏକ ବାଇକ ତାଙ୍କୁ ସନ୍ଧ୍ୟା ପ୍ରାୟ ୬ଟାରେ ଧକ୍କା ଦେଇଥିଲା। ଏଥିରେ ସେ ରାସ୍ତାରେ ଛିଟିକି ପଡି ଚେତାଶୂନ୍ୟ ହୋଇପଡିଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ବାଇକରେ ରିଆମାଳ ଅଞ୍ଚଳର ଏକ ଦମ୍ପତି ଯାଉଥିବା ବେଳେ ସେମାନେ ମଧ୍ୟ ଆହତ ହୋଇଛନ୍ତି। ସେମାନଙ୍କ ପରିଚୟ ମିଳିନାହିଁ। ଦେବଗଡ ଥାନା ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି।

### କଲରାକୋଠାବାସୀଙ୍କୁ ମିଳୁନି ପାନୀୟ ଜଳ

**ଘଣ୍ଟାପଡ଼ା, ୧୬।୧୦(ପ୍ରଭାତ କୁମାର ସାହୁ)** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ସଦର ପଞ୍ଚାୟତର କଲରାକୋଠାବାସୀଙ୍କୁ ପାନୀୟଜଳ ମିଳୁନି। ଫଳରେ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ବାସ କରନ୍ତି ପ୍ରାୟ ଦୁଇ ହଜାର ଲୋକ। ଗ୍ରାମବାସୀଙ୍କ ପାଇଁ ପାନୀୟ ଜଳ ନିମନ୍ତେ ରହିଛି ଏକମାତ୍ର ଗ୍ରାମୀଣ ଜଳ ଯୋଗାଣ ପ୍ରକଳ୍ପ। ଏହା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ। ଗ୍ରାମବାସୀଙ୍କ ଏହି ଜଳଯୋଗାଣ ପ୍ରକଳ୍ପଟି ଗତ ଦୁଇ ସପ୍ତାହ ହେଲା ଅଚଳ ହୋଇ ପଡ଼ିଥିବାରୁ ଲୋକେ ପାନୀୟଜଳ ପାଇଁ ନାହିଁ ନ ଥିବା ହଇରାଣ ହେଉଥିଲେ ହେଁ ଏଥିପ୍ରତି ଗ୍ରାମପଞ୍ଚାୟତ ନା ଜଳ ଓ ପରିମଳ ବିଭାଗ କେହି ଗୁରୁତ୍ୱ ଦେଉ ନ ଥିବା ଦେଖିବାକୁ ମିଳୁଛି। ବିଜୁଳି ମାଡ଼ରେ ମୋଟର ପମ୍ପଟି ଅଚଳ ହୋଇ ପଡ଼ିଥିବାବେଳେ ଏହାର ମରାମତି ପାଇଁ ଘର ପିଛା ଏକ ଶହ ଟଙ୍କା ଆଦାୟ ହୋଇଥିଲେ ହେଁ ଏଯାବତ ମୋଟର ପମ୍ପଟିକୁ ସଜଡ଼ାଯାଇ ପାରି ନ ଥିବା ଜଣାଯାଇଛି। ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଥିବାବେଳେ ଦୀର୍ଘ ତିନି ସପ୍ତାହ ହେଲା କଲରାକୋଠାବାସୀଙ୍କୁ ମୁନ୍ଦାଏ ଜଳ ନ ମିଳିପାରିବା ଦୁର୍ଭାଗ୍ୟଜନକ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

### ବିଜେଡିର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ୩୫ୟୁନିଟ ସଂଗୃହୀତ

**ଘଣ୍ଟାପଡ଼ା, ୧୬।୧୦(ପ୍ରଭାତ କୁମାର ସାହୁ)** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୮ତମ ଜୟନ୍ତୀ ଅବସରରେ ବୌଦ୍ଧ ଜିଲା କଣ୍ଟାମାଳ ନିର୍ବାଚନ ମଣ୍ଡଳୀର କଣ୍ଟାମାଳ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ କନ୍ଧମାଳ ଏମ୍‌ପି ପ୍ରତିନିଧି ଶମ୍ଭୁପ୍ରସାଦ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଅନୁଷ୍ଠିତ ରକ୍ତଦାନ ଶିବିରରେ କଣ୍ଟାମାଳ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ମହୀଧର ରଣା ମୁଖ୍ୟଅତିଥି ଭାବେ ଯୋଗଦେଇ ରକ୍ତଦାନ ଏକ ମହତ ଦାନ ବୋଲି କହିଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟା ସୁମିତ୍ରା ସାହୁ, କଣ୍ଟାମାଳ ବ୍ଲକ ବିଜେଡି ସଭାପତି ପ୍ରେମରାଜ ରଣା, ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଶାନ୍ତ ରଣାଙ୍କ ସମେତ ବିଜେଡି କର୍ମକର୍ତ୍ତା, ନେତା ଓ କର୍ମୀଙ୍କ ସହ ଶୁଭେଚ୍ଛୁମାନେ ଉପସ୍ଥିତ ଥିଲେ।



ସଚେତନତା ରାଲି ବାହାରି ସଚେତନ କରୁଛି ।

# ବାଲ୍ୟ ବିବାହ ମୁକ୍ତ ଦେବଗଡ଼ ପାଇଁ ଆହ୍ୱାନ

**ଦେବଗଡ଼, ୧୬।୧୦(ଶଶାଙ୍କ ଶେଖର ଝାଙ୍କର)**

ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନରେ ଜିତା ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଜିଲା ଶିଶୁ ସୁରକ୍ଷା ୟୁନିଟ ଓ କୈଳାଶ ସତ୍ୟାର୍ଥୀ ଚିଲଡ୍ରେନସ ଫାଉଣ୍ଡେଶନର ମିଳିତ ଉଦ୍ୟମରେ ବାଲ୍ୟ ବିବାହ ମୁକ୍ତ ଦେବଗଡ଼ ଅଭିଯାନ ଗତ ଏକ ମାସ ହେଲା ବାରକୋଟ ବ୍ଲକର ୧୫୦ଟି ଗ୍ରାମରେ ହୋଇ ଆସୁଛି। ଏହି କାର୍ଯ୍ୟକ୍ରମରେ ସୋମବାର ବାରକୋଟ ବ୍ଲକ ଉଆଁରା ପଞ୍ଚାୟତର ବାଳିକା ଉଚ୍ଚ ବିଦ୍ୟାଳୟଠାରେ ବାଲ୍ୟ ବିବାହ ମୁକ୍ତ ଦେବଗଡ଼ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ ଥିବା ୭୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିବୃନ୍ଦ ବାଲ୍ୟ ବିବାହର କୁପରିଣାମ ବିଷୟରେ ସଚେତନ ହେବାସହ ପ୍ରତିଶ୍ରୁତି ଦେଇଥିଲେ ଯେ, ସେମାନେ କେବେ ବି ବାଲ୍ୟବିବାହକୁ ସମର୍ଥନ କରିବେ ନାହିଁ କିମ୍ବା କିଏ କରୁଥିଲେ ତାକୁ କରିବାକୁ ଦେବେନାହିଁ। ଉକ୍ତ କାର୍ଯ୍ୟକ୍ରମକୁ ଅନୁପମା ରାଉତ, ସମ୍ପାଦିକା ଜିତା ଅନୁଷ୍ଠାନର ସମ୍ପାଦିକା ପରିଚାଳନା କରିଥିଲେ। ଏହି ଅଭିଯାନରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ପାତ୍ର, ବାରକୋଟ ବ୍ଲକ ଲିଲି ପ୍ରଧାନ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ବାରକୋଟ ଚିନ୍ମୟ ସ୍ୱାଇଁ, ସୁରକ୍ଷା ୟୁନିଟ, ଦେବଗଡ଼,ପୋଲିସ ଅଧିକାରୀ ଏହା ସହିତ ଆସା, ଅଙ୍ଗନୱାଡି କର୍ମୀ, ସାଂସ୍କୃତିକ ଗୋଷ୍ଠୀ (ରାଇତା ବାହାଲ), ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଓ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ଅଂଶଗ୍ରହଣ କରି ବାଲ୍ୟ ବିବାହ ବନ୍ଦ କରିବା ପାଇଁ ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଉପସ୍ଥିତ ଥିବା ସମସ୍ତଙ୍କୁ ବାଲ୍ୟ ବିବାହର କୁ ପରିଣାମ ବିଷୟରେ ଆଲୋଚନ କରିବା ସହ ବାରକୋଟ ବ୍ଲକକୁ ନଭେମ୍ବର ୧୪ ତାରିଖରେ ବାଲ୍ୟ ବିବାହ ମୁକ୍ତ ବ୍ଲକ ଘୋଷଣା କରିବା ପାଇଁ ପ୍ରସ୍ତୁତ ହେବା ଦିଗରେ ଆଲୋଚନା କରାଯାଇଥିଲା । ଏହାପରେ ଉଆଁରା ଗ୍ରାମରେ ରେ ନୃତ୍ୟ , ସଙ୍ଗୀତ, ସ୍ଲୋଗାନ, ପୋଷ୍ଟର ସହ ସଚେତନତା ରାଲି ବାହାରି ଲୋକମାନଙ୍କୁ ବାଲ୍ୟ ବିବାହ ବନ୍ଦ କରିବା ପାଇଁ ଆହ୍ୱାନ କରାଯାଇଥିଲା ।

# ମେଗା ରକ୍ତଦାନ ଶିବିର: ୪୬୨ ୟୁନିଟ ରକ୍ତ ସଂଗ୍ରହ


ପ୍ରତିଷ୍ଠାତା ରାଜକିଶୋର ଦାଶ ଓ ତାଙ୍କ ସ୍ତ୍ରୀ ରକ୍ତଦାନ କରୁଛନ୍ତି।

**ଦେବଗଡ଼, ୧୬।୧୦(ଶଶାଙ୍କ ଶେଖର ଝାଙ୍କର)**

- ରେକର୍ଡ ସୃଷ୍ଟି କଲା 'ହାପି ଟୁ ହେଲ୍ପ ଫାଉଣ୍ଡେସନ'
- ପ୍ରତିଷ୍ଠାତା ରାଜକିଶୋର ଓ ତାଙ୍କ ସ୍ତ୍ରୀ ଏକ ସାଙ୍ଗରେ କଲେ ରକ୍ତଦାନ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଉପଲକ୍ଷେ ହାପି ଟୁ ହେଲ୍ପ ଫାଉଣ୍ଡେସନ, ଓଡ଼ିଶା ମୋ ପରିବାର, ଜୀବନବିନ୍ଦୁ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ 'ରୟାଲ ଭେନ୍ୟୁ'ଠାରେ ମେଗା ରକ୍ତଦାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଜେଡି ଜିଲା ପର୍ଯ୍ୟବେକ୍ଷକ ଅମରେଶ ଜେନା, ସ୍ୱତନ୍ତ୍ର ଅତିଥି ଭାବେ କେନ୍ଦୁପତ୍ର ବୋର୍ଡର ଉପଦେଷ୍ଟା ସଞ୍ଜିତ ମହାନ୍ତି, ରାଜ୍ୟ ସମ୍ପାଦକ ରୋମାଞ୍ଚରଞ୍ଜନ ବିଶ୍ୱାଳ, ବିଜେଡି ଜିଲା ସଭାପତି ଚିତ୍ତରଞ୍ଜନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ, ଜିଲା ସରପଞ୍ଚ ସଂଘର ସଭାପତି ସତ୍ୟନାରାୟଣ ପାଣି, ଯୁବନେତା ଭୂପେନ୍ଦ୍ର ପ୍ରସାଦ ନାୟକ, ଅମରେନ୍ଦ୍ର ଗଙ୍ଗଦେବ, ଇଂ. ସୁଜିତ ପ୍ରଧାନ, ବିକାଶ ପ୍ରଧାନ, ପୁଷ୍ପାଞ୍ଜଳି ସାମଲ, ଗୀତାଞ୍ଜଳି ପାଣି, ରୀନା ଦ୍ୱିବେଦି, ସିଡିଏମ୍‌ଓ ଡ. ସାଧନା ଦାଶ, ଡିପିଏମ ଯୋଗ ଦେଇଥିଲେ। ଉକ୍ତ ରକ୍ତଦାନ ଶିବିର ଫାଉଣ୍ଡେସନର ସଭାପତି ଶୁକଦେବ ଭଞ୍ଜଙ୍କ ସଭାପତିତ୍ୱ ଓ ପ୍ରତିଷ୍ଠାତା ସଦସ୍ୟ ରାଜକିଶୋର ଦାଶଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଦେବଗଡ଼ ଜିଲାରେ ପ୍ରଥମଥର ପାଇଁ ଏହି ଶିବିରରେ ୪୬୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଯାହା କି ଇତିହାସ ସୃଷ୍ଟି କରିଲା ସାମାଜିକ ସଙ୍ଗଠନ ହାପି ଟୁ ହେଲ୍ପ ଫାଉଣ୍ଡେସନ। ପ୍ରତିଷ୍ଠାତା ରାଜକିଶୋର ଦାଶ ଓ ତାଙ୍କ ସ୍ତ୍ରୀ ସଂଘମିତ୍ରା ଦାଶ ଏକ ସାଙ୍ଗରେ ରକ୍ତଦାନ କରି ଉଦାହରଣ ସୃଷ୍ଟି କରିଥିଲେ। ଏପରି ଅନେକ ଦମ୍ପତି ମଧ୍ୟ ରକ୍ତଦାନ କରିଥିଲେ। ଜିଲାର ୭୦ ପଞ୍ଚାୟତରୁ ସ୍ୱେଚ୍ଛାସେବୀ ଏବଂ ସରପଞ୍ଚ, ସମିତି ସଭ୍ୟ ରକ୍ତଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ତୁଲେଇଥିଲେ ସମ୍ପାଦକ ଆଲୋକ ଅମାନ୍ତ, ସଦସ୍ୟ ଦୀପନ ନାୟକ, ପିଙ୍କୁନ ଯତୀନ, ସିକି ରଣା, ସୁକାନ୍ତ ନାୟକ, ରାଜୁ ମାଟିଆରୀ, ଦୀପକ ଷଣ୍ଡ, ସତ୍ୟ ନାୟକ, ଦେବେନ୍ଦ୍ର ସାହୁ, ବିକାଶ ମିଶ୍ର, ଶୈଳେନ୍ଦ୍ର ତ୍ରିବେଦ, ପ୍ରଭାତ ନାୟକ, ଦେବା ମୁଖି, ବିକାଶ ନାୟକ, କୁନା ସାହୁ, ଭାଗ୍ୟ ପ୍ରଧାନ, ମୃତ୍ୟୁଞ୍ଜୟ ପ୍ରଧାନ ପ୍ରମୁଖ।

### ଲଇମୁରା ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ
#### ବିଜୟ ଶଙ୍କର ଫୁଟ୍‌ବଲ କ୍ଲବ ଚାମ୍ପିୟନ

**ଦେବଗଡ, ୧୬।୧୦ (ଶଶାଙ୍କ ଶେଖର ଝାଙ୍କର):** ତିଲେଇବଣି ବ୍ଲକ ଲଇମୁରା ପଞ୍ଚାୟତ ସଦର ମହକୁମାରେ ଜୀବନ ଜ୍ୟୋତି କ୍ଲବ ପକ୍ଷରୁ ଅନୁଷ୍ଠିତ ଦ୍ୱିଦୀବସିୟ ଫୁଟ୍‌ବଲ ଟୁର୍ନାମେଣ୍ଟ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ସାହସବାହାଲ ଆଦିବାସୀ କ୍ଲବକୁ ପରାସ୍ତ କରି ବିଜୟ ଶଙ୍କର ଫୁଟ୍‌ବଲ କ୍ଲବ ଚାମ୍ପିୟନ ହୋଇଛି। ଏହି ଅବସରରେ ଅନୁଷ୍ଠିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଏବଂ ସମ୍ମାନୀତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ରାଜେଶ ମହାନାୟକ, ଭାଜପା ନେତା ଗଣେଶ ମହାନାୟକ ମଞ୍ଚାସୀନ ରହି ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ଦ୍ୱିତୀୟ ଦିନର ଉଦ୍‌ଘାଟନୀ ଉତ୍ସବରେ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସମ୍ମାନୀତ ଅତିଥି ଭାବେ ଜିଲା ଯୁବ କଂଗ୍ରେସ ସଭାପତି ସଲମାନ ହେନେଜ, ମଦନ ମୋହନ ସାହୁ, ଲିଙ୍କୁ ସାମଲ, ଅନନ୍ତ ଦାସ, ଲୋକନାଥ ନାଏକ, ତୁଳାନନ୍ଦ ବସନ୍ତରା, ପଣ୍ଟୁ କିଷାନ, ଗଙ୍ଗା କିଷାନ ଏବଂ ଅନିଲ ଲାକ୍ରା ଉପସ୍ଥିତ ରହି ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ଟୁର୍ନାମେଣ୍ଟ ପରିଚାଳନାରେ ଆୟୋଜକ ଅନୁଷ୍ଠାନର ମାଧବ କିଷାନ, ସୁଶାନ୍ତ କିଷାନ, ଗଣେଷ ମାଝି, ସଞ୍ଜିବ କିଷାନ, ନଟବର କିଷାନ, ଝିଙ୍ଗୁ କିଷାନ, ରାଜିବ କିଷାନଙ୍କ ସମେତ ଅନ୍ୟ ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ଦେବଗଡ, ୧୬।୧୦ (ଶଶାଙ୍କ ଶେଖର ଝାଙ୍କର)**

ରିଆମାଳ ବ୍ଲକ ନୁଆଁଡିହି ପଞ୍ଚାୟତ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାପାଳ ସୋମେସ କୁମାର ଉପାଧ୍ୟାୟ ଯୋଗଦେଇ ୪୮ ଅଭିଯୋଗର ଶୁଣାଣୀ କରିବା ସହ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ସମସ୍ୟା ଉପରେ ଆସିଥିବା ୪୮ ଅଭିଯୋଗ ମଧ୍ୟରେ ୨୪ ବ୍ୟକ୍ତିଗତ ଏବଂ ୨୪ ସାମୂହିକ ଅଭିଯୋଗ ରହିଥିଲା। ବିଶେଷ କରି ଘରବାଡି ପଟ୍ଟା, ରାସ୍ତା ମରାମତି, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ସମସ୍ୟା, ବଜ୍ରପାତରେ ମୃତ୍ୟୁବରଣ କରିଥିବା ଗୃହ ପାଳିତ ପଶୁଙ୍କ କ୍ଷତି ପୂରଣ, ବନ୍ଦ ପଡିଥିବା ବିଦ୍ୟାଳୟ ପୁନଃ କାର୍ଯ୍ୟକ୍ଷମ ଆଦି ଅଭିଯୋଗ ରହିଥିଲା। ଏହି ସବୁ ଅଭିଯୋଗ ଶୁଣିବା ପରେ ତୁରନ୍ତ ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହେମନ୍ତ କୁମାର ପଣ୍ଡା, ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଉପଜିଲାପାଳ ପରୀକ୍ଷୀତ ସାହୁଙ୍କ ସମେତ ସମସ୍ତ ବିଭାଗର ଜିଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଜନ୍ମ ଦିବସରେ ୭୮ ୟୁନିଟ୍ ରକ୍ତ ସଂଗ୍ରହ

**ଦେବଗଡ,୧୬।୧୦(ଶଶାଙ୍କ ଶେଖର ଝାଙ୍କର)**

ମୁଖ୍ୟମନ୍ତ୍ରୀଙ୍କ ୭୮ତମ ଜନ୍ମ ଦିବସରେ ବାରକୋଟ ବ୍ଲକ ବଳମ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଓଡିଶା ମୋ ପରିବାର ଓ ଜୀବନ ବିନ୍ଦୁ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଜେଡି ରାଜ୍ୟ ସମ୍ପାଦକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ମୋଟ ୭୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏଥିରେ ଜିଲା ବିଜେଡି ପର୍ଯ୍ୟବେକ୍ଷକ ଅମରେଶ ଜେନା, ଜିଲା ବିଜେଡି ସଭାପତି ଚିତରଞ୍ଜନ ପ୍ରଧାନ, ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ପାତ୍ର, ଜିଲା ପରିଷଦ ସଭ୍ୟା ଗିତାଞ୍ଜଳୀ ପାଣି, ପୁଷ୍ପାଞ୍ଜଳୀ ସାମଲ, ଜିଲା ସରପଞ୍ଚ ସଂଘ ସଭାପତି ସତ୍ୟନାରାୟଣ ପାଣି, ପୂର୍ବତନ ବାରକୋଟ ବ୍ଲକ ଅଧ୍ୟକ୍ଷ ଦେବେନ୍ଦ୍ର ବେହେରା, ଜିଲା ମହିଳା ବିଜେଡି ସଭାପତି ଆରୁଣୀ ପ୍ରଧାନ, ଜିଲା ଯୁବ ବିଜେଡି ସଭାପତି ପ୍ରତାପ ଦେବ, ଛାତ୍ର ବିଜେଡି ସଭାପତି ଭବାନୀ ଶଙ୍କର ସାହୁ, ବାରକୋଟ ବ୍ଲକ ବିଜେଡି ସଭାପତି ହିରାଲାଲ ସାହୁ, ବାରକୋଟ ବ୍ଲକ ଯୁବ ବିଜେଡି ସଭାପତି ସିକୁନ ପ୍ରଧାନ, ବିଭୂତି ଗଙ୍ଗଦେବ, ପ୍ରକାଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବଳମ ଯାଗୃତୀ କ୍ଲବର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

### କୁସଙ୍ଗ ବନାଞ୍ଚଳରେ ବାଘ ଗଣନା

**ତଳଗାଁ, ୧୬।୧୦(କୁନା ବେହେରା)**

ବୌଦ୍ଧ ଜିଲା କୁଶଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଦ୍ୱାରା ଗତ ୧୪ ତାରିଖରୁ ବାଘ ଗଣନା ଆରମ୍ଭ ହୋଇଛି। ଏହା ୧୯ ତାରିଖ ପର୍ଯ୍ୟନ୍ତ ଚାଲୁରହିବ। ଏହି ଗଣନା କାର୍ଯ୍ୟକ୍ରମରେ ୧୧ଟି ଗ୍ରୁପ କରାଯାଇଛି। ପ୍ରତି ଗ୍ରୁପରେ ୩ ଜଣଙ୍କୁ ଦିଆଯାଇଛି। ଆଜକୁ ତିନି ଦିନ ହେବ ସେମିତି କୌଣସି ସଙ୍କେତ ମିଳି ନ ଥିବାବେଳେ ବନବିଭାଗ ପକ୍ଷରୁ ଗଣନା ଚାଲୁ ରହିଛି ବୋଲି କୁସଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ସଂସ୍କାର ବର୍ଗିଆ ସୂଚନା ଦେଇଛନ୍ତି।

### ବ୍ଲକସ୍ତରୀୟ ୟୁଡାଇସ୍‌ପ୍ଲସ୍ ତାଲିମ ଶିବିର




**ରିଆମାଳ, ୧୬।୧୦(ନିରଞ୍ଜନ ବେହେରା)**

ରିଆମାଳ ବ୍ଲକ ସଦର ମହକୁମାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ୟୁଡାଇସ୍‌ପ୍ଲସ୍ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଗୋଷ୍ଠୀ ଶିକ୍ଷାଅଧିକାରୀ ବିନୋଦ କୁମାର ସିଂ ଉଦ୍‌ଘାଟନ କରି ତାଲିମ ଶିବିରର ଗୁରୁତ୍ୱ ଏବଂ ଉପାଦେୟତା ଉପରେ ଆଲୋକପାତ କରିଥିଲେ। ସରକାରଙ୍କ ନିର୍ଦ୍ଦେଶନାମା ଅନୁସାରେ ବ୍ଲକର ସମସ୍ତ ସରକାରୀ, ବେସରକାରୀ ଏବଂ ଅନୁଦାନପ୍ରାପ୍ତ ପ୍ରାଥମିକ, ଉଚ୍ଚପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚତର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଯୋଗ ଦେଇଥିଲେ। ବ୍ଲକ ଏମଆଇଏସ୍ ଧିରେନ କୁମାର ବେହେରା ଏବଂ ଜିଲା ପ୍ରୋଗ୍ରାମର ଶ୍ରୀନିବାସ ପଣ୍ଡା କାର୍ଯ୍ୟକ୍ରମ ଉପରେ ବିଶେଷ ଭାବେ ତାଲିମ ପ୍ରଦାନ କରିଥିଲେ। ଏବିଇଓ ସଂଯୁକ୍ତା ସାମଲ ଏବଂ ବନିତା ବେହେରା ତାଲିମର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବୁଡିଦୋ ସିଆର୍‌ସିସି ଘନଶ୍ୟାମ ସାହୁ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସହଯୋଗ କରିଥିଲେ ।

### ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିୟମିତ ଶାରୀରିକ ଶିକ୍ଷା ସାମିଲ

**ନାକଟିଦେଉଳ,୧୬।୧୦(ବୈକୁଣ୍ଠ ନାଥ ସାହୁ)**

ସାଧାରଣତଃ ବିଦ୍ୟାଳୟର ସମୟ ନିର୍ଘଣ୍ଟରେ ଖେଳ ପିରିୟଡ ସ୍ଥାନିତ ହୋଇ ପିଲାଙ୍କୁ ଖେଳିବାର ସୁଯୋଗ ମିଳେ। କିନ୍ତୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଖେଳ ପିରିୟଡର ବ୍ୟବସ୍ଥା ନ ଥାଏ। ଏ ସମ୍ପର୍କରେ ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଅଧ୍ୟକ୍ଷ ଡ. ମନୋରଞ୍ଜନ ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପିଲାମାନଙ୍କ ଆବେଦନକୁ ନେଇ ଷ୍ଟାଫ୍ କାଉନସିଲ ବୈଠକରେ ଆଲୋଚନା କରାଯାଇ ସର୍ବ ସମ୍ମତିକ୍ରମେ ଟାଇମ ଟେବୁଲରେ ସକାଳ ୮ଟାରୁ ୯ଟା୩୦ ପର୍ଯ୍ୟନ୍ତ ନିୟମିତ ଶାରୀରିକ ଶିକ୍ଷା ସ୍ଥାନିତ କରାଯାଇଛି। ସୋମବାର ସକାଳ ୮ଟାରେ ଅଧ୍ୟକ୍ଷଙ୍କ ଉପସ୍ଥିତିରେ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଜିତେନ୍ଦ୍ରୀୟ ପ୍ରଧାନ ଛାତ୍ରୀଛାତ୍ରଙ୍କୁ ଶାରୀରିକ ଶିକ୍ଷା ପ୍ରଦାନ କରିଥିଲେ। ଏହାକୁ ନେଇ ପିଲାମାନଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।


ଶରୀରିକ ଶିକ୍ଷା ଗ୍ରହଣ କରୁଛନ୍ତି ଛାତ୍ରୀଛାତ୍ର।

### କଳାହାଣ୍ଡି, ବଲାଙ୍ଗୀର ଜିଲାରେ ବିଦ୍ୟୁତ୍ କଟକଣା
#### କେସିଙ୍ଗା ଗ୍ରୀଡ୍ ରକ୍ଷଣାବେକ୍ଷଣ କାର୍ଯ୍ୟ

**ସମ୍ବଲପୁର,୧୬।୧୦(ବି.ଶଙ୍କର)**

ଓପିଟିସିଏଲ୍‌ର ୧୩୨/୩୩ କେଭି କେସିଙ୍ଗା ଗ୍ରୀଡ୍ ସବଷ୍ଟେଶନରେ ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯିବ। ତେଣୁ ଅକ୍ଟୋବର ୧୮ତାରିଖ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ଏଥିରେ କଳାହାଣ୍ଡି ଜିଲାର କେସିଙ୍ଗା, ନର୍ଲା, ଏମ୍ ରାମପୁର, ବଞ୍ଜାମୁଣ୍ଡା, ବଦନପୁର, ରୂପାରୋଡ, ବିଶ୍ୱନାଥପୁର, ବନ୍ଧପରା, ଲାଞ୍ଜିଗଡ, ତୁକେଲା, କର୍ଲାପଦର ଏବଂ ବଲାଙ୍ଗୀର ଜିଲାର ବେଲଗାଁ, ସଇଁତଳା, କରମତଲା, ଟିଟିଲାଗଡ, ପିପଲପଦର ଓ ଖୋଲାନ ଅଞ୍ଚଳ ପ୍ରଭାବିତ ହେବ। ସାମୟିକ ବିଦ୍ୟୁତ୍ ବ୍ୟାହତ ସକାଶେ ଟିପିଡବ୍ଲ୍ୟୁଓଡିଏଲ୍ କର୍ତ୍ତୃପକ୍ଷ ଦୁଃଖ ପ୍ରକାଶ କରି ଜନସାଧାରଣ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି।

# ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ: ପୋଲିସ କ୍ଲବ ବିଜୟୀ


ଫୁଟବଲ ଟୁର୍ନାମେଣ୍ଟରେ ଖେଳାଳି ଓ ଅତିଥିମାନେ।

**ସମ୍ବଲପୁର,୧୬।୧୦(ବି.ଶଙ୍କର)**

ଜିଲା କ୍ରୀଡ଼ା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ସୋମବାର ମ୍ୟାଚରେ ପୋଲିସ କ୍ଲବ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନିତ ହୋଇଛି। ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ପୋଲିସ କ୍ଲବ ବନାମ ଇଷ୍ଟକୋଷ୍ଟ ରେଲୱେ ମଧ୍ୟରେ ମ୍ୟାଚ ହୋଇଥିଲା। ପୋଲିସ କ୍ଲବ ୭-୦ ଗୋଲରେ ଏକତରଫା ଭାବେ ବିଜୟୀ ହୋଇଥିଲା। ଉନ୍ନତ ଖେଳ ସକାଶେ ପୋଲିସ କ୍ଲବର ଉଇଲସନ ବାର୍ଲାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା। ମ୍ୟାଚକୁ ରେଫରି ବିଜୟ ମୁଣ୍ଡା, କର୍ଣ୍ଣ ବେହେରା, ପରେଶ ଭୋଇ ଓ ବଳରାମ ମଟାରି ପରିଚାଳନା କରିଥିଲେ। ଜିଲା କ୍ରୀଡ଼ା ସଂଘ ଫୁଟ୍‌ବଲ ସମ୍ପାଦକ ଅବଦୁଲ ଗଫାରଙ୍କ ପରିଚାଳନାରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା। ଜାତୀୟ କବାଡି ଖେଳାଳି ରାଜେଶ ସେଟ ଓ ହିନ୍ଦୀ କ୍ଲବର ପୁରୁଖା ଫୁଟବଲ ଖେଳାଳି ସରିଫ ଖାନ ସମ୍ମାନିତ ଅତିଥି ଥିଲେ।

## ସଂକ୍ଷେପରେ

### ମିଶନ ଶକ୍ତି, ଗୋଷ୍ଠୀ ସହାୟିକାଙ୍କ ନୂଆଁଖାଇ ଭେଟ୍‌ଘାଟ

**କଣ୍ଟାବାଞ୍ଜି, ୧୬।୧୦(ଗୁରୁଦୟାଲ ହଂସ)** ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ମିଶନ ଶକ୍ତି ଓ ଗୋଷ୍ଠୀ ସହାୟିକାଙ୍କୁ ନେଇ ବ୍ଲକସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍ ସୋମବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ସନ୍ତୋଷ ସିଂ ସାଲୁଜା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତୁରେକେଲା ପଞ୍ଚାୟତ ସମିତି ଅଧ୍ୟକ୍ଷା ପୂଜା ବେହେରା, ତୁରେକେଲା ସଦର ପଞ୍ଚାୟତ ସରପଞ୍ଚ ଜଳନ୍ଧର ମହାକୁଡ, ଜିଲାପରିଷଦ ସଭ୍ୟ କୌଶିକ ମେହେର, ସମିତି ସଭ୍ୟ ପ୍ରମୋଦ ମହାପାତ୍ର, ତୁରେକେଲା ଫରେଷ୍ଟର ଖିରଧର ମାଝି ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ମିଶନ ଶକ୍ତି ଏବଂ ଗୋଷ୍ଠୀ ସହାୟିକାଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ବିଧାୟକ ସାଲୁଜା ପ୍ରତିଶ୍ରୁତି ଦେଇଥିଲେ।

### କଲେଜରେ ପିଲାଙ୍କୁ ପାଠ ପଢ଼ାଇଲେ ଜିଲାପାଳ

**ଦେଓଗାଁ,୧୬।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସଭାଗୃହରେ ସୋମବାର ଯୁଗ୍ମ ଜନଶୁଣାଣି ଶିବିରକୁ ଆସିଥିଲେ ଜିଲାପାଳ ଚଞ୍ଚଳ ରାଣା। ଶିବିର ପରେ ସେ ଜରାସିଂହା ପାଟଖଣ୍ଡା ମନ୍ଦିର ଓ ନିଶିଗୁଡି ଖଳା ପରିଦର୍ଶନ କରିଥିଲେ। ମନ୍ଦିର କାମଗୁଡିକର ଡିପିଆର ଦୁଇଦିନ ମଧ୍ୟରେ ପ୍ରସ୍ତୁତ କରିବା ପାଇଁ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେଠାରୁ ଜିଲାପାଳ ଦେଓଗାଁ ପଞ୍ଚାୟତ ସମିତି ଯୁକ୍ତ ୨ ଓ ଡିଗ୍ରୀ କଲେଜକୁ ଯାଇ ୫ଟି ଅଧିନରେ ଚାଲିଥିବା ରୂପାନ୍ତରୀକରଣ କାମର ତଦାରଖ କରିଥିଲେ। ଡିଗ୍ରୀ ମହାବିଦ୍ୟାଳୟରେ ଏକ ଉନ୍ନତମାନର ଲାଇବ୍ରେରୀ ହଲ ନିର୍ମାଣ କରିବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଯୁକ୍ତ ୨ କଲେଜ କାମ ତଦାରଖ ସମୟରେ ଜିଲାପାଳ ଛାତ୍ରୀଛାତ୍ରଙ୍କୁ ଲୋକାଲ ଗଭର୍ଣ୍ଣମେଣ୍ଟ ବିଷୟରେ ପାଠ ପଢ଼ାଇଥିଲେ। ଏହାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବେଶ ଉତ୍ସାହ ପରିଲକ୍ଷିତ ହୋଇଥିଲା।

### ସଂସାଧନ କର୍ମୀଙ୍କ ପ୍ରଶିକ୍ଷଣ ଶିବିର

**ଲୋଇସିଂହା,୧୬।୧୦(ସୁଶାନ୍ତ ବାରିକ)** ବଲାଙ୍ଗୀର ଜିଲା ଲୋଇସିଂହା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ସଭାଗୃହରେ ଦୁଇଦିନ ଧରି ଚାଲିଥିବା ସଂସାଧନ କର୍ମୀଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ବ୍ଲକ ପ୍ରଶାସନ ଏବଂ ବ୍ଲକ କଳା ଓ ସାଂସ୍କୃତିକ ସଂଘର ପକ୍ଷରୁ ସୂଚନା, ଶିକ୍ଷା ଓ ଗମନାଗନ ଉପରେ ଗ୍ରାମାଞ୍ଚଳ ଜନ ସାଧାରଣଙ୍କୁ ଲୋକକଳା ମାଧ୍ୟମରେ ସଚେତନା କରିବା ପାଇଁ ସଂସାଧନ କର୍ମୀଙ୍କୁ ତାଲିମ ପ୍ରଦାନ କରାଯାଇଛି। ବ୍ଲକର ୫୨ଗ୍ରୁପର ୨ ଜଣ ସଭ୍ୟଙ୍କୁ ସରୋଜ ମହାକୁର ଓ ଶଙ୍କର ବେହେରା ତାଲିମ ପ୍ରଦାନ କରିଥିଲେ । ବ୍ଲକ ସାମଜିକ ସୁରକ୍ଷା ଅଧିକାରୀ ତଥା ବ୍ଲକ କଳା ଓ ସାଂସ୍କୃତିକ ସଂଘ ସମ୍ପାଦିକା ଆଶା ପଧାନଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିଲା । ଉଦ୍‌ଯାପନୀ ଦିବସରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପଧାନ ତାଲିମ ଗ୍ରହଣ କରିଥିବା ସଂସାଧନ କର୍ମୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଭାରପ୍ରାପ୍ତ ବିଡିଓ ବିଜୟ କୁମାର ହୋତା, ସିଡିପିଓ ଗାୟତ୍ରୀ ବାରିକ ଓ ଜିଲା କଳା ଓ ସଂସ୍କୃତି ସଂଘ ଉପସଭାପତି ସୁଦାମ ବିଶି ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରିଥିଲେ । କଳାକାର ଜୀବନ ସମର୍ପିତ ଓ ଶୃଙ୍ଖଳିତ ବୋଲି ଅତିଥି ମତବ୍ୟକ୍ତ କରିଥିଲେ।

# ‘ଭାରତୀୟ ଶିକ୍ଷାପଦ୍ଧତିକୁ ଧ୍ୱଂସ ଷଡ଼ଯନ୍ତ୍ର ହୋଇଥିଲା’



ଅତିଥିମାନେ ବିଜ୍ଞାନ ମଧୁପର ଅନ୍ୟତମ ଉଦ୍ୟୋକ୍ତା ଦିବଂଗତ ଅଚ୍ୟୁତାନନ୍ଦ ଉଦ୍‌ଗାତାଙ୍କ ପରିବାର ସଦସ୍ୟଙ୍କୁ ସମ୍ମାନ ପ୍ରଦାନ କରୁଛନ୍ତି।

**ବଲାଙ୍ଗୀରରେ ଭାରତୀୟ ଶିକ୍ଷଣ ମଣ୍ଡଳ ସମ୍ମିଳନୀ**

**ବଲାଙ୍ଗୀର, ୧୬।୧୦ (ବୀରେନ୍ଦ୍ର କୁମାର ଝାଙ୍କର)** ବଲାଙ୍ଗୀର ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟରେ ଭାରତୀୟ ଶିକ୍ଷଣ ମଣ୍ଡଳ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଭାରତୀୟ ଶିକ୍ଷଣ ମଣ୍ଡଳ ପଶ୍ଚିମ ପ୍ରାନ୍ତ ଉପାଧ୍ୟକ୍ଷ ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏମପି ସଙ୍ଗୀତା କୁମାରୀ ସିଂଦେଓ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାରସ୍ୱତ ସାଧକ ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତା, ପଶ୍ଚିମ ପ୍ରାନ୍ତ ପ୍ରଭାରୀ ଡ. ଉମେଶ ସିଂ, ମୁଖ୍ୟବକ୍ତା ଭାବେ ଡା. ନିହାର ପଟ୍ଟନାୟକ ଓ ପୂର୍ବତନ ପ୍ରାନ୍ତ ସମ୍ପାଦକ ଧର୍ମବ୍ରତ ରଥ ମଞ୍ଚାସୀନ ହୋଇଥିଲେ। ସତ୍ୟ ପ୍ରଧାନ ଧେୟବାକ୍ୟ ଓ ସତ୍ୟାନନ୍ଦ ବିଶ୍ୱା ଧେୟଶ୍ଳୋକ ପଠନ କରିଥିଲେ।

ମୁଖ୍ୟ ଅତିଥି ଏମପି ସିଂଦେଓ ତାଙ୍କ ବକ୍ତବ୍ୟରେ ଭାରତୀୟ ଶିକ୍ଷାନୀତି–୨୦୨୦ ଉପରେ ଆଲୋଚନା କରିଥିଲେ। ପୂର୍ବରୁ ସ୍କୁଲ କଲେଜରେ ପଢ଼ା ଯାଉଥିବା ପାଠ୍ୟପୁସ୍ତକରେ କିଭଳି ଜାତୀୟ ବୀର ଏବଂ ମହାପୁରୁଷଙ୍କୁ ଅଣଦେଖା କରାଯାଇ ବିଦେଶୀ ଲୁଟେରାଙ୍କ ବିଷୟରେ ବିଶେଷ ଆଲୋଚନା କରାଯାଇଥିଲା ବର୍ଣ୍ଣନ କରିଥିଲେ। ଭାରତୀୟ ମହାନ ଶିକ୍ଷାପଦ୍ଧତିକୁ ଧ୍ୱଂସ କରିବାକୁ ଇଂରେଜମାନେ କିଭଳି ଷଡଯନ୍ତ୍ର କରି ଭାରତୀୟ ସଂସ୍କୃତି ଏବଂ ଐତିହ୍ୟକୁ ନଷ୍ଟ କରି ଦେଶବାସୀଙ୍କ ଅସ୍ମିତାକୁ କୁଠାରଘାତ କରିଥିଲେ ଉଲ୍ଲେଖ କରିଥିଲେ। ଜାତୀୟ ଶିକ୍ଷା ନୀତି ୨୦୨୦ ପ୍ରଚଳନ ପରେ କିଭଳି ଜାତୀୟ ବୀର, ମହାପୁରୁଷ ଏବଂ ହଜିଲା ଐତିହ୍ୟ, ଅସ୍ମିତା ଉପରେ ଗବେଷଣା କରାଯାଉଛି ସେ କହିଥିଲେ। ବଲାଙ୍ଗୀର ଜିଲାର ସ୍ୱାଧୀନତା ସଂଗ୍ରାମୀ ଧରମ୍ ସିଂ ମାଝି ମାନ୍ଧାତାଙ୍କ ବୀରତ୍ୱ ବର୍ଣ୍ଣନା କରି ତାଙ୍କ ଭଳି ବିଟ୍ରିଶ ବିରୋଧରେ ସଂଗ୍ରାମ କରିଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ସଂଘର୍ଷ ଏବଂ ବଳିଦାନ ବିଷୟରେ ଆଗାମୀ ପିଢିକୁ ଜଣାଇବାର ଆବଶ୍ୟକତା ରହିଛି ବୋଲି କହିଥିଲେ।

ପଦ୍ମଶ୍ରୀ ଉଦ୍‌ଗାତା ତାଙ୍କ ବକ୍ତବ୍ୟରେ ଆଗାମୀ ପିଢ଼ିଙ୍କୁ ଶୃଙ୍ଖଳିତ ଏବଂ ସଚେତନ କରିବାକୁ ହେଲେ ଉଚିତ୍ ଶିକ୍ଷା ଏବଂ ନୈତିକତା ଉପରେ ଜୋର ଦେବାକୁ ହେବ ବୋଲି କହିଥିଲେ। ଏହି ଅବସରରେ ବଲାଙ୍ଗୀରରୁ ପ୍ରକାଶିତ ବିଜ୍ଞାନ ବିଷୟଭିତ୍ତିକ ପୁସ୍ତକ ବିଜ୍ଞାନ ମଧୁପର ୨୦ ବର୍ଷ ପୂର୍ତ୍ତି ଅବସରରେ ଏହାର ଉଦ୍ୟୋକ୍ତା ଡ. ଅଭିମନ୍ୟୁ ମିଶ୍ର, ସନାତନ ଠାକୁର, ଡ. ବି.ଏନ୍ ଶ୍ରୀକାନ୍ତଙ୍କୁ ମାନପତ୍ର, ଉପଢୌକନ ଓ ଶ୍ରୀଫଳ ଦେଇ ସମ୍ମାନିତ କରାଯାଇଥିଲା। ବିଜ୍ଞାନ ମଧୁପର ଅନ୍ୟତମ ଉଦ୍ୟୋକ୍ତା ଦିବଙ୍ଗତ ଅଚ୍ୟୁତାନନ୍ଦ ଉଦ୍‌ଗାତାଙ୍କ ପରିବାର ସଦସ୍ୟ ସମ୍ମାନ ଗ୍ରହଣ କରିଥିଲେ।

ସଭାପତି ପ୍ରଫେସର ମିଶ୍ର ତାଙ୍କ ସଭାପତୀୟ ଅଭିଭାଷଣରେ ଦେଶର ସଂସ୍କୃତି, ପୁରାତନ ପ୍ରତିଭାକୁ ବଞ୍ଚାଇବାକୁ ହେଲେ ପ୍ରଥମେ ବ୍ୟକ୍ତିଗତ ସ୍ତରରେ ଭାରତୀୟ ସଂସ୍କୃତିର ମହାନତାକୁ ଅନୁଭବ କରିବାକୁ ହେବ। ନିଜର ଅସ୍ମିତା ଏବଂ ଐତିହ୍ୟ ବିଷୟରେ ଗର୍ବିତ ଏବଂ ସଚେତନ ହେଲେ ଆମେ ଅନ୍ୟକୁ ପ୍ରେରଣା ଯୋଗାଇ ପାରିବା ବୋଲି ସେ କହିଥିଲେ। ଶିକ୍ଷଣ ମଣ୍ଡଳର ବିଶେଷତ୍ୱ ଓ ଉଦ୍ଦେଶ୍ୟ ଉପରେ ଡ. ଉମେଶ ସିଂ ଓ ଧର୍ମବ୍ରତ ରଥ ବକ୍ତବ୍ୟ ରଖିଥିଲେ। ଅନୀଲ ନନ୍ଦ ଓ ଶିବ ପ୍ରସାଦ ତ୍ରିପାଠୀ କୁସଂସ୍କାରକୁ କିପରି ଦୂର କରିପାରିବା ନିଜ ପରୀକ୍ଷଣ ମାଧ୍ୟମରେ ଦର୍ଶାଇଥିଲେ। କସ୍ତୁରୀ ରଥ ସଭା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ବାସନ୍ତୀ ସାହୁ, ତରଣୀସେନ ପଟେଲ ମାନପତ୍ର ପଠନ କରିଥିଲେ। ସଭାରେ ସତ୍ୟବନ୍ତ ବେଦବାକ, ଜତିନ୍ଦ୍ର ମୋହନ ପାଠୀ, ଅଶୋକ ମିଶ୍ର, ସୁନିଲ ପଣ୍ଡା, ମୋତିଲାଲ ସାହୁ, ନରେନ୍ଦ୍ର କବାଟ, ରାମ କୁମାର ମିଶ୍ର, ପଙ୍କଜ ଖମାରୀ, ଡ. କୃଷ୍ଣଚନ୍ଦ୍ର ବହିଦାର, ରବିଚନ୍ଦ୍ର ଉଦ୍‌ଗାତା, ପ୍ରଭାକର ମିଶ୍ର, ଆନନ୍ଦ ବଡପଣ୍ଡା, ଜୟକୃଷ୍ଣ ନାଏକ, ପ୍ରେମଚାନ୍ଦ ମହାନ୍ତି, ଅଶୋକ ଚାନ୍ଦ ଉପସ୍ଥିତ ଥିଲେ। ସଞ୍ଜୁକ୍ତା ପରିଚ୍ଛା ଧନ୍ୟବାଦ ଦେଇଥିଲେ।

# ରାଉରକେଲାରୁ ମୁଖ୍ୟ ଅଭିଯୁକ୍ତ ଗିରଫ

**ରୂପକ ହନୁମାନ ହତ୍ୟା ମାମଲା**


ଗିରଫ ଅଭିଯୁକ୍ତ ବଡ ବାରିକ।

**ଲୋଇସିଂହା, ୧୬।୧୦(ସୁଶାନ୍ତ ବାରିକ)** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଜଡାମୁଣ୍ଡାର ରୂପକ ହନୁମାନ (କିଲୁ) ହତ୍ୟା ଘଟଣାର ୪ର୍ଥ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଦୀର୍ଘ ୧୭ ମାସ ପରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ବଡ ବାରିକଙ୍କୁ ରାଉରକେଲାରୁ ଗିରଫ କରିଛି ଲୋଇସିଂହା ପୋଲିସ। ଲୋଇସିଂହା ଡାକ୍ତରଖାନାରେ ଅଭିଯୁକ୍ତଙ୍କ ଡାକ୍ତରୀ ପରୀକ୍ଷା ପରେ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଠାରୁ ଏକ ମୋବାଇଲ ଜବତ ହୋଇଛି। ଅନ୍ୟତମ ଅଭିଯୁକ୍ତ ସତ୍ୟଜ୍ୟୋତି ବାଗ (ଲିଚୁ)ଫେରାର ଥିବା ପୋଲିସ କହିଛି।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ୨୦୨୨ ଏପ୍ରିଲ ୩୦ତାରିଖ ରାତିରେ ଲୋଇସିଂହା ହସ୍ପିଟାଲ ଛକରେ ଜଡାମୁଣ୍ଡାର ରୂପକ ହନୁମାନ ଓ ସରୋଜ ବିଶିଙ୍କୁ କେତେକ ବ୍ୟକ୍ତି ଅତର୍କିତ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରୂପକଙ୍କ ମୃତ୍ୟୁ ଘଟିଥିଲା। ସେତେବେଳେ ଏହି ଘଟଣାରେ ଦେବାନନ୍ଦ ତାଣ୍ଡିଙ୍କୁ ଏବଂ ସତ୍ୟଜ୍ୟୋତି ଫେରାର ଥିଲେ। ମୋବାଇଲ ଟ୍ରାକିଂ ବଳରେ ରାଉରକେଲା ସେକ୍ଟର ୩ର ଭାରତୀ ସୁନାଙ୍କ ଘରେ ଅଭିଯୁକ୍ତ ବଡ ଆଶ୍ରୟ ନେଇଥିବା ଜଣାପଡିଥିଲା। ଆଇଆଇସି ଯାଜ୍ଞସିନୀ ନାୟକ ଓ ଷ୍ଟାଫ ସଦଳବଳ ସେଠାକୁ ଯାଇ ବଡଙ୍କୁ ଗତ ୧୪ତାରିଖ ଗିରଫ କରିଥିବା ଆଇଆଇସି ନାୟକ କହିଛନ୍ତି। ବଡ ମୁଖ୍ୟ ଅଭିଯୁକ୍ତ ବୋଲି ସେ କହିଛନ୍ତି। ମୃତ ରୂପକଙ୍କ ବଡଭାଇ ଦୀପକଙ୍କ ଅଭିଯୋଗକୁ ନେଇ ଥାନାରେ ଏକ ମାମଲା( ୧୩୬/୨୨) ରୁଜୁ ହୋଇଛି।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ


ପ୍ରକଳ୍ପ ଶିଳାନ୍ୟାସ ଅବସରରେ ବିଜେଡି ନେତୃବୃନ୍ଦ ।

**ଲୋଇସିଂହା,୧୬।୧୦(ସୁଶାନ୍ତ ବାରିକ)** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ୩୪ ନଂ ଜିଲା ପରିଷଦ ଜୋନ ଅନ୍ତର୍ଗତ କୁଶଙ୍ଗ ପଞ୍ଚାୟତରେ ୨୧ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ସୋମବାର ଅନୁଷ୍ଠିତ ହୋଇଯାଇଛି। ଗଉନ୍ତିଆ ବୃନ୍ଦାବନ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେଡ ରାଜ୍ୟ ପରିଷଦ ସଭ୍ୟ ନିହାର ରଞ୍ଜନ ବେହେରା, ପଞ୍ଚାୟତ ସମିତି ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ, ଜିଲା ପରିଷଦ ସଭ୍ୟା ଲିଲିମା ବେହେରା, ବ୍ଲକ ବିଜେଡି ସଭାପତି ହୃଦୟାନନ୍ଦ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ୪ ଲକ୍ଷ ବ୍ୟୟ ଅଟକଳରେ କୁଶଙ୍ଗାଇ ମନ୍ଦିର, ୪ ଲକ୍ଷ ବ୍ୟୟରେ ସାଇ ମନ୍ଦିର ଉନ୍ନତୀକରଣ, ୪ ଲକ୍ଷ ବ୍ୟୟରେ ଟିକ୍ରାପଡା ପହରୀ ମଣ୍ଡପ, ବଜାଂରି ଗ୍ରାମର ରାଧାକୃଷ୍ଣ ମଣ୍ଡପ ନିର୍ମାଣ ପାଇଁ ଶିଳାନ୍ୟାସ ଦିଆଯାଇଥିଲା। ଜିଲା ପରିଷଦ ଅନୁଦାନ ପାଣ୍ଠିରୁ ୫ ଲକ୍ଷ ବ୍ୟୟ ଅଟକଳରେ କୁଶଙ୍ଗ ଯୁକ୍ତ ୨କଲେଜରେ ଏକ ଅମୃତଧାରା ପ୍ରକଳ୍ପ ପାଇଁ ଶୁଭ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ପାଢ଼ି, ଯନ୍ତ୍ରୀ ନିରଞ୍ଜନ ମହାରଣା ଉପସ୍ଥିତ ଥିଲେ। ଶିଳାନ୍ୟାସ ପୂର୍ବରୁ କୁଶଙ୍ଗାଇ ପୀଠରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମତିଥି ଉପଲକ୍ଷେ ତାଙ୍କର ସୁସ୍ଥ ଓ ଦୀର୍ଘାୟୁ କାମନା ପାଇଁ ସାମୂହିକ ଦୀପଦାନ କରିଥିଲେ ବିଜେଡି ନେତୃବୃନ୍ଦ ଓ ପଞ୍ଚାୟତବାସୀ।

# ବିନ୍ଧ୍ୟବାସିନୀ ମନ୍ଦିର ନିକଟ ଜମିର ସୁରକ୍ଷା ଚିନ୍ତା


ସମାବେଶରେ ଉପସ୍ଥିତ ବିଞ୍ଝାଲ ସମାଜର ସଦସ୍ୟମାନେ।

**ବିଞ୍ଝାଲ ସମାଜର ସମମାବେଶ**

**ଖପ୍ରାଖୋଲ, ୧୬।୧୦(ଅଭୟ ତ୍ରିପାଠୀ)** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲୁହସିଂହା ପଞ୍ଚାୟତ ବାହାଲଭଟଲି ଗାଁରେ ସର୍ବଭାରତୀୟ ସାଲାଖ ବିନ୍ଧ୍ୟଗିରୀ ବିଞ୍ଝାଲ ସମାଜର ସମାବେଶ ସୋମବାର ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ସମାଜର ଖପ୍ରାଖୋଲ ବ୍ଲକ ସଭାପତି ଚନ୍ଦ୍ରଶେଖର ବରିହା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଲାଟ ସଭାପତି ହୃଷୀକେଶ ବରିହା, ସମ୍ମାନିତ ଅତିଥି ପାଟଣାଗଡ଼ ପୂର୍ବତନ ସଭାପତି ଅଷ୍ଟରତ୍ନ ବରିହା, ଜିଲା କୋଷାଧ୍ୟକ୍ଷ ଯୁଗଳ କିଶୋର ବରିହା, ଜିଲା ମିଡ଼ିଆ ସେଲ ସଂଯୋଜକ ଗୋରେଖନାଥ ବରିହା, ଜବାହାରଲାଲ ସିଂ ବରିହା, ଗାଇସିଲେଟ ବୋର୍ଡ ସଭାପତି ବିରଞ୍ଚି ବରିହା, ପଦ୍ମପୁର ବ୍ଲକ ସଭାପତି ରାମଚନ୍ଦ୍ର ବରିହା ଯୋଗଦେଇଥିଲେ। ବୈଠକରେ ହରିଶଙ୍କର ମା’ ବିନ୍ଧ୍ୟବାସିନୀ ମନ୍ଦିର ନିକଟ ୫୬ଡିସିମିଲ ଜମିର ସୁରକ୍ଷା ସହ ସମାଜ ନାଁରେ ପାର୍ଚ୍ଚା ମିଳିବା ପର୍ଯ୍ୟନ୍ତ ଲଢ଼େଇ କରିବାକୁ ଆଲୋଚନା ହୋଇଥିଲା। ସେହିପରି ବିନ୍ଧ୍ୟବାସିନୀ ମନ୍ଦିରରେ ଆସନ୍ତା ୨୩ ଓ ୨୪ତାରିଖ ଦୁଇଦିନ ଧରି ଦଶହରା ମହୋତ୍ସବ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶଶିକାନ୍ତ ବରିହା, ବିପିନ ବରିହା, ଗନ୍ଧର୍ବ ବରିହା, ବିରଞ୍ଚି ବରିହା, କ୍ଷମା ସାଗର ବରିହା, ଯୁବରାଜ ବରିହା ଉପସ୍ଥିତ ଥିଲେ।

### କଲରାକୋଠାବାସୀଙ୍କୁ ମିଳୁନି ପାନୀୟ ଜଳ

**ଘଣ୍ଟାପଡ଼ା, ୧୬।୧୦(ପ୍ରଭାତ କୁମାର ସାହୁ)** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ସଦର ପଞ୍ଚାୟତର କଲରାକୋଠାବାସୀଙ୍କୁ ପାନୀୟଜଳ ମିଳୁନି। ଫଳରେ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀଙ୍କ ପାଇଁ ପାନୀୟ ଜଳ ନିମନ୍ତେ ରହିଛି ଏକମାତ୍ର ଗ୍ରାମୀଣ ଜଳ ଯୋଗାଣ ପ୍ରକଳ୍ପ। ଏହା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ। ଗ୍ରାମବାସୀଙ୍କ ଏହି ଜଳଯୋଗାଣ ପ୍ରକଳ୍ପଟି ଗତ ଦୁଇ ସପ୍ତାହ ହେଲା ଅଚଳ ହୋଇ ପଡ଼ିଥିବାରୁ ଲୋକେ ପାନୀୟଜଳ ପାଇଁ ନାହିଁ ନ ଥିବା ହଇରାଣ ହେଉଥିଲେ ହେଁ ଏଥିପ୍ରତି ଗ୍ରାମପଞ୍ଚାୟତ ନା ଜଳ ଓ ପରିମଳ ବିଭାଗ କେହି ଗୁରୁତ୍ୱ ଦେଉ ନ ଥିବା ଦେଖିବାକୁ ମିଳୁଛି। ବିଜୁଳି ମାଡ଼ରେ ମୋଟର ପମ୍ପଟି ଅଚଳ ହୋଇ ପଡ଼ିଥିବାବେଳେ ଏହାର ମରାମତି ପାଇଁ ଘର ପିଛା ଏକ ଶହ ଟଙ୍କା ଆଦାୟ ହୋଇଥିଲେ ହେଁ ଏଯାବତ ମୋଟର ପମ୍ପଟିକୁ ସଜଡ଼ାଯାଇ ପାରି ନ ଥିବା ଜଣାଯାଇଛି।

# ସ୍କୁଲସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

**ଟିଟିଲାଗଡ,୧୬।୧୦(ଶରତ ମିଶ୍ର)** ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ବିଦ୍ୟାଳୟସ୍ତରୀୟ ଦ୍ୱିଦିବସୀୟ କ୍ରୀଡା ଉତ୍ସବ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡା ପତକା ଉତ୍ତୋଳନ ସହ ଏହାର ଶୁଭାରମ୍ଭ କରିଥିଲେ। ବାଳକ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରବୀର ପଣ୍ଡା, ବ୍ଲକ କ୍ରୀଡା ସମ୍ପାଦିକା ପଦ୍ମଜା ବହିଦାର ଉପସ୍ଥିତ ଥିଲେ। ଅନୁଷ୍ଠିତ ୧୭ ବର୍ଷରୁ କମ୍ ବର୍ଗରେ ବ୍ଲକ ଅଞ୍ଚଳର ୨୧ଟି ସରକାରୀ ତଥା ଘରୋଇ ବିଦ୍ୟାଳୟର ୩୩ ଛାତ୍ରୀଙ୍କ ସମେତ ମୋଟ ୯୩ଜଣ ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ଏଥିରେ ଉଚ୍ଚଡିଆଁ, ଲମ୍ବଡିଆଁ, ଜାଭେଲିନ ଥ୍ରୋ ଆଦି କ୍ରୀଡା ଅନୁଷ୍ଠିତ ହେଉଛି। ଖେଳ ଶିକ୍ଷକ ରାଜେଶ ସ୍ୱାଇଁ, ଦିଲୀପ ତ୍ରିପାଠୀ, ମାୟାଧର ଦଳେଇ, ଶୁଭମ ପାଣିଗ୍ରାହୀ, ବନମାଳୀ ସ୍ୱାଇଁ, ଦନାର୍ଦନ ପାଣ୍ଡେ, ସଞ୍ଜୀବ ସାହୁ, ଅଜୁ ଜାନି, ସେଲିଷ୍ଟାନ ଲାକ୍ରା, ପ୍ରଦୋଷ ପଟ୍ଟନାୟକ ପ୍ରମୁଖ କ୍ରୀଡା ପରିଚାଳନା କରୁଛନ୍ତି ।


ମୁଖ୍ୟ ଅତିଥି ପତାକା ଦେଖାଇ ପ୍ରତିଯୋଗିତାର ଉଦ୍‌ଘାଟନ କରୁଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ଉପଲକ୍ଷେ ରକ୍ତଦାନ ଶିବିର

**ବଲାଙ୍ଗୀର, ୧୬।୧୦ (ବୀରେନ୍ଦ୍ର କୁମାର ଝାଙ୍କର)** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୭ତମ ଜନ୍ମଦିନ ଉପଲକ୍ଷେ ବଲାଙ୍ଗୀର ବିଜୁ ଜନତା ଦଳ ପକ୍ଷରୁ ସୋମବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ ତଥା ପୂର୍ବତନ ଏମ୍‌ପି କଲିକେଶ ନାରାୟଣ ସିଂଦେଓ ଏବଂ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓଙ୍କ ନିର୍ଦ୍ଦେଶକ୍ରମେ ଓଡିଶା ମୋ ପରିବାର ଜିଲା ସଂଯୋଜକ ସାଗର ସଙ୍ଗମ ଶତପଥିଙ୍କ ସଂଯୋଜନାରେ ବଲାଙ୍ଗୀରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ୮୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଜିଲା ପରିଷଦ ସଭାପତି ଦେବକୀ ସାହୁ, ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା ଲିକା ସାହୁ, ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ଦେଓଗାଁ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ନେତା କୈଳାସ ଚନ୍ଦ୍ର ମହାନ୍ତି, ଜିଲା ମହିଳା ସଭାପତି ଦମୟନ୍ତୀ ବାଗ, ସମ୍ପାଦିକା ଲିପିଶ୍ରୀ ସାଏ, ନଗର ସଭାପତି ଶମ୍ଭୁ ନାଗ, ମୁନା ଖାନ, ଛାତ୍ର ବିଜେଡି ସଭାପତି ସୁମନ ନନ୍ଦ, ଦେଓଗାଁ ବ୍ଲକ ବିଜେଡି ସଭାପତି ସୁଶୀଲ ଚାନ୍ଦ, ସଦର ବ୍ଲକ ସଭାପତି ନିହାର ରଞ୍ଜନ ସ୍ୱାଇଁ, ଗୋଲାପ ବାଗ, ଓମକାର ନାୟକ, ନରସିଂହ ବାଗ, ଶିବ ପ୍ରସାଦ ବେହେରା, ପ୍ରଦ୍ୟୁମ୍ନ ହୋତା, ଆଶୀର୍ବାଦ ସାହୁ ଦୀପକ ବାଗ, ରାମ ନାଏକ, ଦେବାଶିଷ ଲେଙ୍କା ଉପସ୍ଥିତ ଥିଲେ।

# ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର

**ଦେଓଗାଁ,୧୬।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସଭାକକ୍ଷରେ ସୋମବାର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୁରେନ୍ଦ୍ର କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ଜିଲାପାଳ ଚଞ୍ଚଳ ରାଣା, ଜିଲା ଆରକ୍ଷୀ ଅଧୀକ୍ଷକ ଖିଲାରୀ ରିଷିକେଶ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀ ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଶିବିରରେ ପ୍ରଧାନମନ୍ତ୍ରୀ ଆବାସ ପାଇଁ ୧୫୧ଜଣଙ୍କ ସହ ଅନ୍ୟ ୬୮ଜଣ ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ।

କାର୍ଯ୍ୟସୂଚୀ ଅନୁସାରେ ଜନଶୁଣାଣି ଶିବିର ଆରମ୍ଭ ହେଲା। ପୂର୍ବାହ୍ନ ୧୧ଟାରୁ ୧ଟାଯାଏ



ଜନଶୁଣାଣି ଶିବିରରେ ଜିଲାପାଳ, ଏସ୍‌ପି ଓ ଅନ୍ୟମାନେ।

**ଶୁଣାଣି ଅଧାରୁ ଯାଉଥିବା ଜିଲାପାଳଙ୍କୁ ଘେରିଲେ ଅଭିଯୋଗକାରୀ**

ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣିଲେ। କିନ୍ତୁ କେବଳ ଆବାସ ପାଇଁ ଅଭିଯୋଗ ଆସୁଥିବାରୁ ଜିଲାପାଳ ଅନ୍ୟ ଅଧିକାରୀଙ୍କୁ ଅଭିଯୋଗ ଶୁଣିବାକୁ ନିର୍ଦ୍ଦେଶ ଦେଇ ସଭାକକ୍ଷରୁ ବାହାରି ଆସିଲେ । ବାହାରେ ଅପେକ୍ଷା କରିଥିବା ଅଭିଯୋଗକାରୀ ଏହା ଦେଖି ଜିଲାପାଳ ରାଣାଙ୍କ ଗାଡିକୁ ଘେରିଯାଇଥିଲେ। ଏହାପରେ ଜିଲାପାଳ ଗାଡିରୁ ଓହ୍ଲାଇ ଲୋକଙ୍କ ସହ ଆଲୋଚନା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ସମସ୍ତ ସମସ୍ୟାର ସମାଧାନ ପାଇଁ ଜିଲାପାଳ ପ୍ରତିଶ୍ରୁତି ଦେବା ପରେ ଲୋକେ ଅଭିଯୋଗଗୁଡିକୁ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରିଥିଲେ।

# ରେଲ୍‌ୱେ ଜମିରୁ ଜବରଦଖଲ ଉଚ୍ଛେଦ

**ଲାଠୋର, ୧୬।୧୦ (ଭୁବନେଶ୍ୱର ବାରିକ)** ବଲାଙ୍ଗୀର ଜିଲା ହରିଶଙ୍କର ରୋଡ଼ ରେଳ ଷ୍ଟେଶନ ଅମୃତ ଭାରତ ଯୋଜନାରେ ସାମିଲ ହୋଇଛି। ଏଥିରେ ଷ୍ଟେଶନ ପାରିପାର୍ଶ୍ୱିକ ଅଞ୍ଚଳର ଉନ୍ନତୀକରଣ କରାଯାଉଛି। ଏଥିପାଇଁ ଷ୍ଟେଶନ ନିକଟବର୍ତ୍ତୀ ଜବରଦଖଲରେ ଥିବା ରେଳ ବିଭାଗ ଜମିକୁ ଦଖଲକୁ ନେବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ପଞ୍ଚାୟତ ପଡ଼ା ଏବଂ ରେଳ ଷ୍ଟେଶନ ପଡ଼ାର ଜବରଦଖଲକାରୀ ପରିବାରଙ୍କୁ ଜମି ଛାଡି ଦେବାକୁ ନୋଟିସ୍ କରାଯାଇଥିଲା। କେତେକ ସ୍ୱେଚ୍ଛାକୃତ ଭାବେ ହଟି ଯାଇଥିଲେ। ଯେଉଁମାନେ ଧାର୍ଯ୍ୟ ତାରିଖ ମଧ୍ୟରେ ହଟି ନ ଥିଲେ ସୋମବାର ସେମାନଙ୍କୁ ରେଳ ବିଭାଗ ଜବରଦଖଲ ଜମିରୁ ବେଦଖଲ କରିଛି। କଣ୍ଟାବାଞ୍ଜି ଏଡ଼ିଏନ, ସିନିୟର ସେକ୍ସନ ଇଞ୍ଜିନିୟର, ରେଳ ପୋଲିସ ବଳ ଏବଂ ଲାଠୋର ପୋଲିସ ଉପସ୍ଥିତିରେ ଦୁଇଟି ବୁଲଡୋଜରରେ ସରକାରୀ ଜମିରେ ଥିବା ଘର ଏବଂ ଛୋଟ ଦୋକାନକୁ ଭାଙ୍ଗିଥିଲେ। ଆଉ କିଛି ଦିନର ସମୟ ମାଗିଥିଲେ ବି ସେମାନଙ୍କ କଥା ଶୁଣା ଯାଇ ନ ଥିଲା। ଏବେ ଏହି ଭୂମିହୀନ ପରିବାର କୁଆଡେ ଯିବେ ସେଥିନେଇ ସମସ୍ୟାରେ ପଡିଛନ୍ତି। ସ୍ଥାନୀୟ ରାଜସ୍ୱ ପ୍ରଶାସନ ସେମାନଙ୍କ ମଧ୍ୟରୁ କେତେକଙ୍କୁ ଜମ ପଟ୍ଟା ପ୍ରଦାନ କରିଥିଲେ ବି ଜମି ଚିହ୍ନଟ କରି ନଥିବା ଜଣାପଡିଛି। ଲାଠୋର ସରପଞ୍ଚ ଏ ନେଇ ଖପ୍ରାଖୋଲ ତହସିଲଦାରଙ୍କ ସହ ପୂର୍ବରୁ ଆଲୋଚନା କରି ଥାଇଥାନ ପାଇଁ ଅନୁରୋଧ କରିଥିଲେ। ହେଲେ ଏ ନେଇ କୌଣସି ପଦକ୍ଷେପ ନିଆଯାଇ ନାହିଁ ବୋଲି କହିଛନ୍ତି। ସମ୍ପୃକ୍ତ ପରିବାର ଗୁଡିକୁ ତୁରନ୍ତ ରିଲିଫ ଯୋଗାଇ ଦେବା ସହ ଜମି ଚିହ୍ନଟ କରି ଥଇଥାନ କରିବାକୁ ସାଧାରଣରେ ଦାବି ହେଉଛି।


ଜବରଦଖଲ ଉଚ୍ଛେଦ କରାଯାଉଛି।

## ସଂକ୍ଷେପରେ

### ସମ୍ବଲପୁରୀ ସିନେମା ପୁରସ୍କୃତ

**ବରପାଲି,୧୬।୧୦(ଚିତ୍ତରଞ୍ଜନ ସାହୁ):** ସିଲଭର ସିଟି ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ସମ୍ବଲପୁରୀ ଚଳଚ୍ଚିତ୍ର 'ମାଏଝି ବୁଦ୍ଧିଆ' ପୁରସ୍କୃତ ହୋଇଛି। ଏ ନେଇ କଟକରେ ଆୟୋଜିତ ଏକ ଉତ୍ସବରେ ସିନେମାର ନିର୍ଦ୍ଦେଶକ ସରୋଜ ମେହେର ଓ ପ୍ରାୟୋଜକ କିଶୋର କୁଷ୍ଟା ଅଭିନେତା ପ୍ରଶାନ୍ତ ନନ୍ଦ, କୁନା ତ୍ରିପାଠୀଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ସିନେମାର ପ୍ରାୟୋଜକ, ନିର୍ଦ୍ଦେଶକ, ଲେଖକ ତଥା ଅଭିନେତା ଅଭିନେତ୍ରୀ ସମସ୍ତେ ବରପାଲି ଅଞ୍ଚଳର। ଏହା ମୁଖ୍ୟତଃ କନ୍ୟାଭ୍ରୂଣ ହତ୍ୟା ଉପରେ ଆଧାରିତ ଚଳଚ୍ଚିତ୍ର।

### ଜାଲରେ ପଡ଼ିଲା ଅଜଗର

**ବରଗଡ଼,୧୬।୧୦(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଭଟଲି ବନାଞ୍ଚଳ ଅନ୍ତର୍ଗତ ଦ୍ୱାରି ଗ୍ରାମର କିଛି ଯୁବକ ନିକଟସ୍ଥ ରାନୀ ସାଗର ଡ୍ୟାମରେ ସୋମବାର ମାଛ ମାରୁଥିବା ସମୟରେ ଏକ ଅଜଗର ଜାଲରେ ପଡ଼ିଛି। ଅଜଗରର ଲମ୍ବ ୮ଫୁଟ୍ ହେବ। ଏ ନେଇ ସ୍ଥାନୀୟ ବନ ବିଭାଗକୁ ଖବର ଦିଆଯିବା ପରେ ଦ୍ୱାରି ବନପାଳ ବିଷ୍ଣୁଚରଣ ବିଶ୍ୱାଳ, ବନରକ୍ଷୀ ଲିଜି ମହାପାତ୍ର, ପଦ୍ମନ ପ୍ରଧାନ ଜାଲରୁ ଅଜଗରକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଉଦ୍ଧାର ଅଜଗରକୁ ବିଜାଖୁଲିଆ ଜଙ୍ଗଲରେ ଛାଡ଼ି ଦିଆଯାଇଥିଲା।

### ଦୁର୍ଗାପୂଜା ପାଇଁ ଫୁଟ୍‌ବଲ ମ୍ୟାଚ୍

**ସୋହେଲା,୧୬।୧୦(ଅଶ୍ୱିନୀ ପାତ୍ର):** ବରଗଡ଼ ଜିଲା ସୋହେଲା ଦୁର୍ଗାପୂଜା ଅବସରରେ ଏକ ଫୁଟବଲ ପ୍ରତିଯୋଗିତା ସୋମବାର ଆରମ୍ଭ ହୋଇଛି। ପୂର୍ବତନ କ୍ରିକେଟ ଖେଳାଳି ତଥା ଡାକ୍ତର ରଞ୍ଜନ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରି ଖେଳ ଆରମ୍ଭ କରିଥିଲେ। ପ୍ରଥମ ଦିନରେ ବରଗଡ଼ ୟୁନାଇଟେଡ ଓ ଅତାବିରା ଦଳ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ଅତାବିରା ଦଳର ଜିତେନ୍ ଏକମାତ୍ର ଗୋଲ କରି ଦଳକୁ ବିଜୟୀ କରି ସେମି ଫାଇନାଲରେ ପହଞ୍ଚାଇଥିଲେ। ଶ୍ରୀନିବାସ ରାଓ, ଦୀପେସ ପଧାନ, ସଚିନ ଭୋଇ, ଶଙ୍କର ବଣିଆ ରେଫରି ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ମଙ୍ଗଳବାର ସୋହେଲା ଏବଂ ଖୁଣ୍ଟପାଲି ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

### ପଦ୍ମପୁରରେ ଅଗ୍ରସେନ ଜୟନ୍ତୀ

**ପଦ୍ମପୁର,୧୬।୧୦ (ପ୍ରଦୀପ୍ତ ଦାଶ):** ପଦ୍ମପୁର ମାରୱାଡି ସମାଜ ପକ୍ଷରୁ ଅଗ୍ରସେନ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଛି। ଏହି ଅବସରରେ ମାରୱାଡି ସମାଜର ସମସ୍ତ ସଦସ୍ୟା ସଦସ୍ୟ ସୋମବାର ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଅପରାହ୍ନରେ ମାରୱାଡି ଧର୍ମଶାଳାରେ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି, ଓଡ଼ିଶା ମାରୱାଡି ଯୁବାମଞ୍ଚର ସଭାପତି ପରାଗ ଅଗ୍ରୱାଲ, ଏନ୍ଏସି ପୌରାଧ୍ୟକ୍ଷା ସାବିତ୍ରୀ ବାଗ, ଆଦର୍ଶ ଥାନାଧିକାରୀ ମମତା ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ମାରୱାଡି ସମାଜ ସଭାପତି ଅମରଦୀପ ଅଗ୍ରୱାଲ, ଯୁବାମଞ୍ଚ ସଭାପତି ସୋମନାଥ ଅଗ୍ରୱାଲ, ଜାଗୃତି ମହିଳା ସଭାନେତ୍ରୀ ସରିତା ଅଗ୍ରୱାଲ, ମାରୱାଡି ମହିଳା ସମିତି ସଭାପତି ରାଜକୁମାରୀ ଅଗ୍ରୱାଲ ସାମିଲ ହୋଇଥିଲେ।

# ୬ ଦଫା ଦାବିକଲା ଭାରତୀୟ କିଷାନ ସଂଘ

**ବରଗଡ଼,୧୬।୧୦(ପ୍ରେମାନନ୍ଦ ଖମାରୀ)**

ଭାରତୀୟ କିଷାନ ସଂଘ ୬ଦଫା ଦାବିନେଇ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହା ସ୍ମାରକପତ୍ର ଗ୍ରହଣ କରିଥିଲେ। ସ୍ମାରକପତ୍ରରେ କୃଷି ଏବଂ କୃଷକଙ୍କ ସମସ୍ୟା ଉପରେ ଉଲ୍ଲେଖ ରହିଥିବାବେଳେ ସେଗୁଡ଼ିକର ସମାଧାନ ପାଇଁ ନିବେଦନ କରାଯାଇଛି। ଦାବି ପୂରଣ ନ ହେଲେ ସଂଘ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ସ୍ମାରକପତ୍ରରେ ଚେତାବନୀ ଦେଇଛି।

ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ଦିନକୁ ଦିନ ଧାନ ସଂଗ୍ରହ ପ୍ରକ୍ରିୟାକୁ ଜଟିଳ କରି ଦିଆଯାଉଛି। ଫଳରେ ଚାଷୀଙ୍କୁ ହଇରାଣ ହେବାକୁ ପଡୁଛି। ଏହି ପ୍ରକ୍ରିୟାର ସରଳୀକରଣ କରାଯାଇ ଜିଲା ପ୍ରଶାସନ


ଅତିରିକ୍ତ ଜିଲାପାଳ ଭାରତୀୟ କିଷାନ ସଂଘ ପ୍ରତିନିଧିଙ୍କଠାରୁ ସ୍ମାରକପତ୍ର ଗ୍ରହଣ କରୁଛନ୍ତି ।

କର୍ତ୍ତୃତ୍ୱରେ ଧାନ କିଣାବିକାର ସୁବ୍ୟବସ୍ଥା କରିବାକୁ ଭାରତୀୟ କିଷାନ ସଂଘ ଦାବି କରିଛି। ସେହିପରି ଚାଷୀଙ୍କ ଉତ୍ପାଦନ ଖର୍ଚ୍ଚ ଅହେତୁକ ବୃଦ୍ଧି ପାଉଛି। ଅନ୍ୟପଟେ ଧାନ ଉତ୍ପାଦନ ଦିନକୁ ଦିନ କମିଯାଉଛି। ଆସନ୍ତା ଖରିଫରେ ଚାଷୀଙ୍କ ସମସ୍ତ ବିକ୍ରିଯୋଗ୍ୟ ଧାନକୁ ସର୍ବନିମ୍ନ ସହାୟକ ମୂଲ୍ୟରେ କିଣାଯିବା ସହିତ କୁଇଣ୍ଟାଲ ପ୍ରତି ୮୦୦ ଟଙ୍କା ଲେଖାଏଁ ବୋନସ ଦେବାକୁ ସଂଘ ଦାବି କରିଛି। ଜିଲାର ଅନେକ ଚାଷୀ ଏପର୍ଯ୍ୟନ୍ତ ବିଗତ ଫସଲକ୍ଷତିର କ୍ଷତିପୂରଣ ପାଇପାରିନାହାନ୍ତି। ଏହି ଦୃଷ୍ଟିରୁ ଚାଷୀଙ୍କୁ ବୀମା କ୍ଷତିପୂରଣ ସହିତ ଇନପୁଟ୍ ସବ୍‌ସିଡ଼ି ସହାୟତା ତୁରନ୍ତ ପ୍ରଦାନ ପାଇଁ ଦାବି ହୋଇଛି। ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟକାର୍ଡ ଯୋଜନା କରିଛନ୍ତି। କିନ୍ତୁ ଅନେକ ଚାଷୀ ଏପର୍ଯ୍ୟନ୍ତ ଏହି ଯୋଜନାରେ ସାମିଲ ହୋଇ ପାରିନାହାନ୍ତି। ଫଳରେ ସମସ୍ତ ଚାଷୀଙ୍କୁ ସରକାରଙ୍କ ଖାଦ୍ୟ ସୁରକ୍ଷା ଆଇନରେ ଅନ୍ତର୍ଭୁକ୍ତ ସହିତ ବିଜୁ ସ୍ୱାସ୍ଥ୍ୟକାର୍ଡ ଯୋଜନାରେ ସାମିଲ କରିବାକୁ ସଂଘ ଦାବି କରିଛି ।

ବିଦ୍ୟୁତ ବିତରଣ କମ୍ପାନୀ ଟିପିଡବ୍ଲ୍ୟୁଓଡିଏଲର ଅସାବଧାନତା ଯୋଗୁ ଜିଲାର ଜଣେ ଚାଷୀ ଅନ୍ତର୍ଯାମୀ ମେହେରଙ୍କ ମୃତ୍ୟୁ ହୋଇଛି। ମୃତ ଚାଷୀଙ୍କ ପରିବାରକୁ କ୍ଷତିପୂରଣ ସହିତ ପରିବାରର ଜଣକୁ ଚାକିରି, ସ୍କ୍ରବ ଟାଇଫସ ରୋଗରେ ମୃତ ଚାଷୀଙ୍କ ପରିବାର ଲୋକଙ୍କୁ ୫ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦେବା ପାଇଁ କିଷାନ ସଂଘ ଦାବି କରିଛି। ଉକ୍ତ ଦାବି ସମୂହକୁ ତୁରନ୍ତ ପୂରଣ କରା ନ ଗଲେ ସଂଘ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ସଂଘ ସଭାପତି ପୀତାମ୍ବର ସାହୁ, କାର୍ଯ୍ୟକାରୀ ସଭାପତି ପଞ୍ଚାନନ ଦଳପତି, ଏକାଦଶିଆ ସାହୁ, ସୁରେଶ ନେକାଣ୍ଡି ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ସମଲେଶ୍ୱରୀଙ୍କ ବ୍ରହ୍ମଚାରିଣୀ ବେଶ



**ବରଗଡ଼,୧୬।୧୦(ପ୍ରେମାନନ୍ଦ ଖମାରୀ):** ବରଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀ ସୋମବାର ଆଶ୍ୱିନ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ବ୍ରହ୍ମଚାରିଣୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଦେବୀଙ୍କୁ ଏହି ବେଶରେ ଦର୍ଶନ କରିବା ପାଇଁ ସକାଳୁ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ଶ୍ରଦ୍ଧାଳୁମାନେ ଆଣିଥିବା ପୂଜା ସାମଗ୍ରୀରେ ପୂଜାର୍ଚ୍ଚନା କରିବା ସହିତ ଦେବୀଙ୍କ ଦର୍ଶନ କରି ସୌଭାଗ୍ୟ ମନେ କରିଥିଲେ। ମନ୍ଦିର ପୂଜକ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ।


ଅତିରିକ୍ତ ଜିଲାପାଳଙ୍କୁ ଆଶାକର୍ମୀମାନେ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

## ଯୁବ ରେଡକ୍ରସ୍‌ର ପ୍ରାକ୍ ପ୍ରସ୍ତୁତି ବୈଠକ

**ବରପାଲି,୧୬।୧୦(ଚିତ୍ତରଞ୍ଜନ ସାହୁ)**

ବରଗଡ ଜିଲା ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ଯୁବ ରେଡକ୍ରସର ପ୍ରାକ୍ ପ୍ରସ୍ତୁତି ବୈଠକ ମହାବିଦ୍ୟାଳୟର ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଜିଲା ରେଡ଼କ୍ରସ ସଂଯୋଜକ ପରମାନନ୍ଦ ରଥ, ଜିଲା ଆବାହକ ମାନଭଞ୍ଜନ ପାଣିଗ୍ରାହୀ ଯୋଗ ଦେଇଥିଲେ। ଆସନ୍ତା ନଭେମ୍ବର ୧୭, ୧୮ ଓ ୧୯ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ ରେଡକ୍ରସ ଶିବିରରେ ୩୬ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ୨୨ଟି ସ୍ନାତକ ମହାବିଦ୍ୟାଳୟର ମୋଟ ୫୮ଟି ମହାବିଦ୍ୟାଳୟର କାଉନସିଲର ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ପଦ୍ମଲୋଚନ ସାହୁ, କଲେଜର ପ୍ରତିଷ୍ଠାତା ଅନ୍ତର୍ଯାମୀ ପଣ୍ଡା, ରେଡ୍‌କ୍ରସ କାଉନସିଲର ଅଧ୍ୟାପକ ଯତୀନ୍ଦ୍ର କୁମାର ସାହୁ, ନେପାଳ ବିଶ୍ୱାଳ, ଅଧ୍ୟାପିକା ପିଙ୍କି ବାରିକ, ଜ୍ୟୋତି ସାହୁ, ମନ୍ଦାକିନୀ ମେହେର, ମୌସୁମୀ ରାଣୀ ମାଝୀ, ପୁନମ୍ ସାହୁ ସହକର୍ମୀ ଶଶାଙ୍କ ଶେଖର ପଧାନ, ସାର୍ଥକ ପାଣିଗ୍ରାହୀ, ବିରେନ୍ଦ୍ର ଖଟୁଆ, ନୃପରାଜ ବରିହା, ତ୍ରିପୁରା ବେହେରା ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଅଧ୍ୟାପିକା ତଥା ସହ କାଉନସିଲର ନୀଳିମା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ୪୮ ଅଭିଯୋଗର ସମାଧାନ ପାଇଁ ନିର୍ଦ୍ଦେଶ


ଶିବିରରେ ଜିଲାପାଳ, ଏସ୍‌ପି ଓ ବିଭାଗୀୟ ଅଧିକାରୀ।

**ପଦ୍ମପୁର,୧୬।୧୦(ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ପଦ୍ମପୁର-ରାଜବୋଡ଼ସମ୍ବର ବ୍ଲକରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀ, ଆରକ୍ଷୀ ଅଧୀକ୍ଷକ ପିଏସ୍ ମିନା, ପଦ୍ମପୁର ଉପଜିଲାପାଳ ଆଲୋକ ପଟେଲ, ଏସ୍‌ଡିପିଓ ବିଭୂତି ଭୋଇ, ରାଜବୋଡ଼ାସମ୍ବର ବିଡ଼ିଓ ବିଶ୍ୱନାଥ ସାହୁଙ୍କ ସମେତ ଉପଖଣ୍ଡ ପ୍ରଶାସନର ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିଥିଲେ। ଏଥିରେ ମୋଟ ୪୮ଟି ଅଭିଯୋଗର ସମାଧାନ ପାଇଁ ଲୋକେ ଆବେଦନ କରିଥିଲେ। ଏସବୁ ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଆଶାକର୍ମୀଙ୍କ ଶୋଭାଯାତ୍ରା, ସ୍ମାରକପତ୍ର ପ୍ରଦାନ

**ବରଗଡ଼,୧୬।୧୦(ପ୍ରେମାନନ୍ଦ ଖମାରୀ)**

ଅଲ୍ ଓଡ଼ିଶା ଆଶାକର୍ମୀ ସାମ୍ମୁଖ୍ୟ, ବରଗଡ଼ ଜିଲା ଶାଖା ପକ୍ଷରୁ ସୋମବାର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହା ସ୍ମାରକପତ୍ର ଗ୍ରହଣ କରିଥିଲେ। ସ୍ମାରକପତ୍ରରେ ୧୦ଦଫା ଦାବି କରାଯାଇଛି। ଆଶାକର୍ମୀମାନଙ୍କୁ କର୍ମଚାରୀ ମାନ୍ୟତା ପ୍ରଦାନ, ମାସିକ ଭତ୍ତା ଧାର୍ଯ୍ୟ ସହିତ ସର୍ବନିମ୍ନ ଭତ୍ତା ୧୮ହଜାର ଟଙ୍କା ପ୍ରଦାନ, ଅବସରକାଳୀନ ଆର୍ଥିକ ସହାୟତା ରାଶି ୫୦ହଜାର ଟଙ୍କାରୁ ୫ଲକ୍ଷ ଟଙ୍କା ବୃଦ୍ଧି କରାଯିବା ସହିତ ମାସିକ ପେନସନ ୩ହଜାର ଟଙ୍କା ପ୍ରଦାନ, ଆଶାକର୍ମୀଙ୍କ ଅବସରକାଳୀନ ବୟସ ସୀମା ୬୨ରୁ ୬୫ ବର୍ଷକୁ ବୃଦ୍ଧି କରିବାକୁ ଦାବି ହୋଇଛି । ସେହିପରି ବିଭିନ୍ନ ସ୍କିମ୍‌ରେ ପ୍ରୋତ୍ସାହନ ରାଶିକୁ ଦ୍ୱିଗୁଣିତ କରାଯିବା, ପ୍ରତ୍ୟେକ ମୃତ ଆଶାକର୍ମୀଙ୍କୁ ୫ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ, ଏଏନ୍ଏମ୍ ସମ୍ବନ୍ଧୀୟ ଶିକ୍ଷା, ପ୍ରଶିକ୍ଷଣ ପ୍ରଦାନ କରି ସ୍ଥାୟୀ ନିଯୁକ୍ତି ସୃଷ୍ଟି କରାଯିବା, ଆଶାକର୍ମୀଙ୍କ ପ୍ରତି ଦୁର୍ବ୍ୟବହାର ବନ୍ଦ କରାଯିବା ସହିତ ସାମାଜିକ ନିୟମରେ ଅନ୍ତର୍ଭୁକ୍ତ କରିବାକୁ ଦାବି ହୋଇଛି। ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ ଅଫିସକୁ ଆସି ଆଶାକର୍ମୀମାନେ ସ୍ମାରକପତ୍ର ପ୍ରଦାନ କରିଥିଲେ। ଦାବି ସମୂହ ନେଇ ସେଠାରେ ସେମାନେ ନାରାବାଜି ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅଲ୍ ଓଡ଼ିଶା ଆଶାକର୍ମୀ ସାମ୍ମୁଖ୍ୟର ରାଜ୍ୟ କାର୍ଯ୍ୟକାରୀ ସଭାନେତ୍ରୀ ପଙ୍କଜିନୀ ନାୟକ, ରାଜ୍ୟ ସାଧାରଣ ସମ୍ପାଦିକା ରୀତା ବେହେରା, ଜିଲା ସଭାନେତ୍ରୀ ସୁଲୋଚନା ସୁନା, ଜିଲା ସମ୍ପାଦିକା ସ୍ୱପ୍ନା ନନ୍ଦ, ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟ ଉପଦେଷ୍ଟା ପି. କେ. ସିଂ, ମୁଖ୍ୟ ସଂଯୋଜକ ନିରଞ୍ଜନ ପାତ୍ର, ଯୋଗେନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।


ଡ୍ରୋନ ସର୍ଭେ ପାଇଁ ବାଙ୍ଗାଲୋରରୁ ଆସିଥିବା ଟିମ୍ ।


ଡ୍ରୋନ ସର୍ଭେ କାର୍ଯ୍ୟର ଶୁଭାରମ୍ଭ କରାଯାଉଛି ।

# ରେଳପଥ ନିର୍ମାଣ ପାଇଁ ଡ୍ରୋନ ସର୍ଭେ

**ବରଗଡ଼,୧୬।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼-ରାୟପୁର ରେଳପଥ ନିର୍ମାଣ ପାଇଁ ସୋମବାର ଡ୍ରୋନ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ଏହି କ୍ରମରେ ବାଙ୍ଗାଲୋରରୁ ଆସିଥିବା ଏକ ଟିମ୍ ସୋମବାର ବରଗଡ଼ ବ୍ଲକ ଅନ୍ତର୍ଗତ କଟାପାଲି ଗ୍ରାମରେ ପହଞ୍ଚିଥିଲେ। ବରଗଡ଼ ରେଳ ଲାଇନ ନିର୍ମାଣ ସଂଘର୍ଷ ସମିତି, ବରଗଡ଼ ଜିଲା ରେଳ ଉପଭୋକ୍ତା ସଂଘ, ବରଗଡ଼ ଜିଲା ବରିଷ୍ଠ ନାଗରିକ ସଂଘର ସଦସ୍ୟ, ସ୍ଥାନୀୟ ସରପଞ୍ଚ, ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ। ଡ୍ରୋନ ସର୍ଭେ କାର୍ଯ୍ୟ ପାଇଁ ଆସିଥିବା ଟିମକୁ ଗ୍ରାମବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ସଦସ୍ୟ କେଦାର ମିଶ୍ର ମାଁ ସମଲେଶ୍ୱରୀଙ୍କୁ ସ୍ମରଣ କରି ଡ୍ରୋନ ସର୍ଭେ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ବରଗଡ଼ ରେଳ ଲାଇନ ନିର୍ମାଣ ସଂଘର୍ଷ ସମିତି ଉପସଭାପତି ସର୍ଦ୍ଦାର ପ୍ରୀତମ ସିଂ, ସଙ୍ଗଠନ ସମ୍ପାଦକ ଅଭିଜିତ ପ୍ରତିହାର, ଗୋବିନ୍ଦ ଚନ୍ଦ୍ର ଦାଶ, ନିର୍ମଳ କର, ଦେବୀ ପଟ୍ଟନାୟକ, ତୁଳସୀ ଦାଶ, ମନୋରଞ୍ଜନ ପୂଜାରୀ, ରମେଶ ସାହୁ, ହଳଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ରାମଲୀଳାରେ ଅହଲ୍ୟା ଉଦ୍ଧାର ମଞ୍ଚସ୍ଥ

**ସୋହେଲା,୧୬।୧୦(ଅଶ୍ୱିନୀ ପାତ୍ର)**

ବରଗଡ଼ ଜିଲା ସୋହେଲା ଚେତନା ମଣ୍ଡପରେ ସାର୍ବଜନୀନ ଦୁର୍ଗାପୂଜା ଅବସରରେ ରବିବାର ସନ୍ଧ୍ୟାରେ ରାମଲୀଳା ଆରମ୍ଭ ହୋଇଛି। ଦୁର୍ଗାପୂଜା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଦେବତା ମା' ସମଲେଶ୍ୱରୀଙ୍କ ଚିତ୍ରରେ ଧୂପ ପୁଷ୍ପ ଅର୍ପଣ କରି ଏହି କାର୍ଯ୍ୟକ୍ରମକୁ ଶୁଭ ଉଦ୍‌ଘାଟନ କରିଥିଲେ। ଏହା ପୂର୍ବରୁ ନବନିର୍ମିତ ଚେତନା ମଣ୍ଡପକୁ ଦେବତା ଫିତା କାଟି ଉଦ୍‌ଘାଟନ କରିଥିଲେ। ଉପସଭାପତି ମହମ୍ମଦ ରଫିକ, ବରିଷ୍ଠ ସଦସ୍ୟ ଟଙ୍କଧର ଝାଙ୍କର, ନଥୁରାମ ଅଗ୍ରୱାଲ, ଗୋବିନ୍ଦ ସାହୁ ଏବଂ ରାମଲୀଳାର ନିର୍ଦ୍ଦେଶକ ଅଗସ୍ତି ଭୋଇ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ତୁଷାର କାନ୍ତ ସାହୁ ସଂଯୋଜନା କରିଥିଲେ। ପ୍ରଥମ ରଜନୀରେ ଶିବ ମାତା ପାର୍ବତୀଙ୍କୁ ରାମକଥା ଶୁଣାଇବା, ଶ୍ରବଣ କୁମାର ଉପାଖ୍ୟାନ, ଦଶରଥଙ୍କ ପୁତ୍ରେଷ୍ଟୀ ଯଜ୍ଞ ଓ ପୁତ୍ରପ୍ରାପ୍ତି, ରାବଣର ବ୍ରହ୍ମାଙ୍କଠାରୁ ବରପ୍ରାପ୍ତି, କୁବେର ରାଜାଙ୍କୁ ବିତାଡିତ କରି ରାବଣର ଲଙ୍କା ଅଧିକାର ଆଦି ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା। ମୁକେଶ କୁମାର ପାଣିଗ୍ରାହୀ, ଜଗଦାନନ୍ଦ ମିଶ୍ର, କୃଷ୍ଣ ଦେବତା, ସ୍ୱଭାବ ସ୍ୱରୂପ ପାଣିଗ୍ରାହୀ ପ୍ରମୁଖ କଳାକାର ଅଭିନୟ କରିଥିଲେ।ସୁରେଶ ପଧାନ, ତରଣୀ ବାରିକ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଗୋପାଳ ନାୟକ, ମୁକ୍ତା ଦାଶ କଣ୍ଠଦାନ କରିଥିଲେ। କିଶୋର ଗଡତିଆ, ଦିଲୀପ ଷଡଙ୍ଗୀ ମଞ୍ଚ ପରିଚାଳନା କରିଥିଲେ। ସୋମବାର ରାମଲୀଳାର ଦ୍ୱିତୀୟ ସନ୍ଧ୍ୟାରେ ଅହଲ୍ୟା ଉଦ୍ଧାର, ଶ୍ରୀରାମ ଲକ୍ଷ୍ମଣଙ୍କ ନୌକାରେ ଗଙ୍ଗା ନଦୀ ପାରି ହେବା ଦୃଶ୍ୟ ଅଭିନୀତ ହୋଇଛି। ଏହି ମୁକ୍ତାକାଶ ଅଭିନୟ ଦେଖିବାକୁ ପ୍ରବଳ ଭିଡ଼ ହୋଇଥିଲା।


ଅହଲ୍ୟା ଉଦ୍ଧାର ଦୃଶ୍ୟ ମଞ୍ଚସ୍ଥ କରାଯାଉଛି।

# ମାତୃଛାୟା, ବାନପ୍ରସ୍ଥର ସ୍ଥାୟିତ୍ୱକୁ ଗୁରୁତ୍ୱ

**ବରଗଡ଼,୧୬।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହର ଉପକଣ୍ଠ ଚକରକେନ୍ଦସ୍ଥିତ ଶାନ୍ତି ତପୋବନ ଆଶ୍ରମ ପରିସରରେ ସୋମବାର ସାଧାରଣ ଜନସେବା ସଭା ଅନୁଷ୍ଠିତ ହୋଇଯାଇଛି । ସଂଯୁକ୍ତ ଯୁବ ସଙ୍ଗଠନର ସମ୍ପାଦକ ଦେବଦତ୍ତ ତ୍ରିପାଠୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ ଗିରିଜା ଶଙ୍କର ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ଉକ୍ତ ଜନସଭାରେ ଶାନ୍ତି ତପୋବନ ଆଶ୍ରମ, ମାତୃଛାୟା ଏବଂ ବାନପ୍ରସ୍ଥର ସ୍ଥାୟିତ୍ୱ, ଭବିଷ୍ୟତ ଉପରେ ଆଲୋଚନା କରାଯାଇଥିଲା। ସଭାରେ ସଂଯୁକ୍ତ ଯୁବ ସଙ୍ଗଠନ ସଭାପତି ସୁରେନ୍ଦ୍ର ମେହେର ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସଂଯୁକ୍ତ ଯୁବ ସଙ୍ଗଠନର ସମ୍ପାଦକ ତ୍ରିପାଠୀ ମାତୃଛାୟା, ବାନପ୍ରସ୍ଥ ଗଠନର ଅତୀତ, ଆଭିମୁଖ୍ୟ ଏବଂ ସ୍ଥିତି, ସ୍ଥାୟିତ୍ୱ ଉପରେ ସୂଚନା ପ୍ରଦାନ କରିଥିଲେ।

ଚାଷୀନେତା ଗୌରଚନ୍ଦ୍ର ଖମାରୀ, ପ୍ରଧାନ ଶିକ୍ଷକ ଧ୍ରୁବଚରଣ ହୋତା, ଅବସରପ୍ରାପ୍ତ ରାଜସ୍ୱ କର୍ମଚାରୀ ପ୍ରମୋଦ ହୋତା, ଅବସରପ୍ରାପ୍ତ ଅଧ୍ୟାପକ ପାଣ୍ଡବ ବେହେରା, ଶ୍ରୀଗିଡ଼ା ସରପଞ୍ଚ ଲୋକେଶ ସାହୁ, ଗୋବିନ୍ଦପୁର ସରପଞ୍ଚ ପ୍ରଫୁଲ୍ଲ ନାଏକ, ଅବସରପ୍ରାପ୍ତ ସୈନିକ ବନ୍ଦୋବସ୍ତ ପ୍ରଧାନ, ପ୍ରକୃତି ବନ୍ଧୁ ରାମଚନ୍ଦ୍ର ସାହୁ, ସମାଜସେବୀ ପାଣ୍ଡବ କର୍ଣ୍ଣ, ଜନ କଲ୍ୟାଣ ସେବା ଟ୍ରଷ୍ଟର ମୁଖ୍ୟ ମୁକୁନ୍ଦ ଦାଶ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଭକ୍ତ ପ୍ରଧାନ, ସାମାଜିକ କର୍ମୀ ଦିବାକର ମାଝୀ ପ୍ରମୁଖ ଜନସଭାରେ ଭାଗ ନେଇ ନିଜ ମତ ରଖିବା ସହିତ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଆଶ୍ରମ ପାଇଁ ବିକଳ୍ପ ଗୃହ, ଗୃହ ନିର୍ମାଣ ପାଇଁ ଜମି, ପାଣି ସଂଗ୍ରହ, ଜିଲାପାଳଙ୍କୁ ସାକ୍ଷାତ କରିବା, କୋର୍ କମିଟି ଗଠନ ଆଦି ଉପରେ ଆଲୋଚନା ହୋଇଥିଲା ।

ଏହି କ୍ରମରେ ଏକ କୋର୍ କମିଟି ଗଠନ କରାଯାଇଥିଲା। ଏଥିରେ ପାଣ୍ଡବ କର୍ଣ୍ଣ, ନଳିନୀ ବାଗ, ଧ୍ରୁବଚରଣ ହୋତା, ବଳିଷ୍ଠ ପ୍ରଧାନ, ଦିବାକର ମାଝୀ, ପାଣ୍ଡବ ବେହେରା, ରଞ୍ଜିତ ସାହୁ, ଗୌରଚନ୍ଦ୍ର ଖମାରୀ, ଦେବଦତ୍ତ ତ୍ରିପାଠୀ, ଭକ୍ତଚରଣ ପ୍ରଧାନ, ପ୍ରଫୁଲ୍ଲ କୁମାର ନାଏକ, ବନ୍ଦୋବସ୍ତ ପ୍ରଧାନ, ଲବଙ୍ଗ ସାହୁଙ୍କୁ ମନୋନୀତ କରାଯାଇଥିଲା। ପାଣ୍ଡବ ବେହେରା ସଭାପତି ଏବଂ ପ୍ରକାଶ ଚନ୍ଦ୍ର ଭୋଇ କୋଷାଧ୍ୟକ୍ଷ ମନୋନୀତ ହୋଇଥିଲେ। ସୁରେନ୍ଦ୍ର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।


ଜନସେବା ସଭାରେ ଉପସ୍ଥିତ ଲୋକେ।

**ଶାନ୍ତି ତପୋବନ ଆଶ୍ରମରେ ଜନସେବା ସଭା**

## ସଂକ୍ଷେପରେ

### ଟ୍ରେନ୍‌ରୁ ଅଜଣା ମୃତଦେହ ଜବତ

ରାଉରକେଲା,୧୬।୧୦(ସଙ୍ଗୀତା ଜେନା): ଧାନବାଦ-ଆଲେପୀ ଦୂରଗାମୀ ଟ୍ରେନରୁ ସୋମବାର ସକାଳେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହକୁ ଜବତ କରାଯାଇଛି। ମୃତ ବ୍ୟକ୍ତିଙ୍କ ବୟସ ୬୦ ବର୍ଷ ବୋଲି ଅନୁମାନ କରାଯାଉଛି। ଏ ନେଇ ଜିଆରପି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୭୩/୨୩) ରୁଜୁ କରି ତଦନ୍ତ କରୁଛି। ଆରଜିଏଚ୍ ମର୍ଗ ହାଉସରେ ମୃତଦେହ ରଖାଯାଇଛି।

### ବେକରେ ବେଡ୍‌ଶିଟ୍ ବାନ୍ଧି ଆତ୍ମହତ୍ୟା

ରାଉରକେଲା,୧୬।୧୦(ଦିନେଶ ମିଶ୍ର): ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀ କଲୋନୀ ଅଞ୍ଚଳରେ ଜଣେ ଯୁବତୀ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବତୀ ଜଣଙ୍କ ହେଲେ ପ୍ରିୟଙ୍କା ଜେନା(୧୮)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୭।୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ରିପୋର୍ଟ ଲେଖାଯିବା (ରାତି ୭ଟା) ପର୍ଯ୍ୟନ୍ତ ମୃତ୍ୟୁର କାରଣ ଜଣାପଡି ନ ଥିବା ପୋଲିସ କହିଛି। ସୂଚନା ଅନୁସାରେ, ବାସନ୍ତୀ କଲୋନୀର ପ୍ରିୟଙ୍କା ସୋମବାର ଦିନ ସାଢେ ୧୨ଟା ସମୟରେ କୌଣସି କାରଣରୁ ନିଜ ରୁମ୍‌ରେ ପଙ୍ଖାରେ ବେଡ୍‌ସିଟ୍ ବାନ୍ଧି ଝୁଲିପଡିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ଉଦ୍ଧାର କରି ଆର୍‌ଜିଏଚ୍‌ରେ ଚିକିତ୍ସାଲାଗି ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତା ଯୁବତୀ ଆଇନଜୀବୀ ପ୍ରଦୀପ କୁମାର ଜେନାଙ୍କ ଝିଅ ବୋଲି ଜଣାପଡିଛି।

### ରାଉରକେଲାରେ ଖୋଲିଲା ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟ

କଟକ,୧୬।୧୦(କାର୍ତ୍ତିକ ସାହୁ): ରାଉରକେଲାଠାରେ ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟକୁ ସୋମବାର ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଏହି କୋର୍ଟରେ ପୋକ୍ସୋ ଓ ବଳାତ୍କାର ମାମଲାଗୁଡ଼ିକର ବିଚାର କରାଯିବ। ସୁନ୍ଦରଗଡ଼ ଜଜ୍‌ଶିପ୍‌ର ବିଚାରପତି କୃଷ୍ଣରାମ ମହାପାତ୍ରଙ୍କ ସମେତ ହାଇକୋର୍ଟର ଅନ୍ୟ ବିଚାରପତି, ଜିଲା ଜଜ୍ ଓ ବିଚାର ବିଭାଗୀୟ ଅଧିକାରୀମାନେ ଆଭାସୀ ମାଧ୍ୟମରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇଥିଲେ। ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ଷଡ଼ଙ୍ଗୀ ନାବାଳିକା ଓ ମହିଳାଙ୍କ କ୍ଷେତ୍ରରେ ହେଉଥିବା ଅପରାଧ ମାମଲାଗୁଡ଼ିକ ଉପଯୁକ୍ତ ସମୟରେ ଫଇସଲା ହୋଇ ପ୍ରଭାବୀ ନ୍ୟାୟ ପାଇବା ଦିଗରେ ନୂତନ କୋର୍ଟ ସହାୟକ ହେବ ବୋଲି କହିଥିଲେ। ବିଚାରପତି କୃଷ୍ଣରାମ ମହାପାତ୍ର କହିଲେ, ତ୍ୱରିତ ନ୍ୟାୟ ପ୍ରଦାନ ଦିଗରେ ଜନସାଧାରଣ ଆବଶ୍ୟକ କରୁଥିବା ଆଶା ଏହି କୋର୍ଟ ପୂରଣ କରିବ। କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଯୋଜନା ଅନୁସାରେ ପୋକ୍ସୋ ଆଇନ ଓ ମହିଳାଙ୍କ କ୍ଷେତ୍ରରେ ଘଟୁଥିବା ଅପରାଧ ସଂକ୍ରାନ୍ତୀୟ ମାମଲାଗୁଡ଼ିକର ବିଚାର ପାଇଁ ଓଡ଼ିଶାର ବିଭିନ୍ନ ଜିଲା ମୁଖ୍ୟାଳୟରେ ୨୦ଟି ଫାଷ୍ଟ ଟ୍ରାକ୍ କୋର୍ଟ ଖୋଲିସାରିଛି। ଜିଲା ମୁଖ୍ୟାଳୟଠାରୁ ବାହାରେ ଫାଷ୍ଟ ଟ୍ରାକ୍ କୋର୍ଟ ପ୍ରତିଷ୍ଠା କ୍ଷେତ୍ରରେ ରାଉରକେଲା ପ୍ରଥମ ବୋଲି ଜଣାଯାଇଛି।




ଆସିଷ୍ଟାଣ୍ଟ କଲେକ୍ଟର ସୁସ୍ମିତା ମିଞ୍ଜ ଏବଂ ଏଏସ୍‌ଆଇ ଆଲିସା ଲୁଗୁନଙ୍କ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ଦାବି କରି ଜେଏମ୍‌ଏମ୍ କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

# ଏଡିଏମ୍‌ଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

ରାଉରକେଲା,୧୬।୧୦(ଦିନେଶ ମିଶ୍ର)

**ସୁସ୍ମିତା ମିଞ୍ଜ, ଆଲିସା ଲୁଗୁନଙ୍କ ହତ୍ୟା ଘଟଣାର ସିବିଆଇ ତଦନ୍ତ ଦାବି**

ଆସିଷ୍ଟାଣ୍ଟ କଲେକ୍ଟର ସୁସ୍ମିତା ମିଞ୍ଜ ଏବଂ ଏଏସ୍‌ଆଇ ଆଲିସା ଲୁଗୁନଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାର ତଦନ୍ତ ସିବିଆଇକୁ ଦେବା ପାଇଁ ଦାବି ଜୋର ଧରିଛି। ଏହି କ୍ରମରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ସୁନ୍ଦରଗଡ ଜିଲା କମିଟି ପକ୍ଷରୁ ସୋମବାର ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜେଏମ୍‌ଏମ୍‌ର ରାଜ୍ୟ ସମ୍ପାଦକ ଲେଥା ତିର୍କୀଙ୍କ ନେତୃତ୍ୱରେ ଜେଏମ୍‌ଏମ୍‌ର ଶତାଧିକ କର୍ମୀ ଉପସ୍ଥିତ ରହି ଆସିଷ୍ଟାଣ୍ଟ କଲେକ୍ଟର ସୁସ୍ମିତା ମିଞ୍ଜ ଓ ଏଏସ୍‌ଆଇ ଆଲିସା ଲୁଗୁନଙ୍କ ମୃତ୍ୟୁ ଘଟଣାର ତଦନ୍ତ ସିବିଆଇକୁ ପ୍ରଦାନ କରାଯାଉ ବୋଲି ଦାବି କରିଥିଲେ।

ସୋମବାର ସକାଳେ ସୁନ୍ଦରଗଡ ଜେଏମ୍‌ଏମ୍ କର୍ମକର୍ତ୍ତା ରାଉରକେଲାର ନେତାଜୀ ସୁବାଷ ଚନ୍ଦ୍ର ବୋଷ ପାର୍କ ନିକଟରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ। ଏହି ଶୋଭାଯାତ୍ରା ଆରଏମ୍‌ସି ସମ୍ମୁଖ ଓ ଉଦିତନଗର ଆମ୍ବେଦକର ଛକ ଦେଇ ଏଡିଏମ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସବ୍‌କଲେକ୍ଟର ସୁସ୍ମିତା ମିଞ୍ଜଙ୍କ ହତ୍ୟାକୁ ଆତ୍ମହତ୍ୟା ରୂପ ଦିଆଯାଉଥିବା ଦଳୀୟ କର୍ମୀମାନେ ଅଭିଯୋଗ କରିଥିଲେ। ଏଥିସହ ସୁସ୍ମିତାଙ୍କ ପରିବାର ଲୋକେ ଦେଇଥିବା ଏଫଆଇଆର ଅନୁଯାୟୀ ପୋଲିସ ଘଟଣାର ତଦନ୍ତ କରୁନାହିଁ ଏବଂ ଅଣ୍ଟାଏ ପାଣିରେ ସୁସ୍ମିତା ଆତ୍ମହତ୍ୟା କେମିତି କଲେ ବୋଲି ସେମାନେ ପ୍ରଶ୍ନ କରିଥିଲେ। ଏହି ଘଟଣାର ତଦନ୍ତ ସିବିଆଇ ଦ୍ୱାରା କରାଯାଉ ବୋଲି ଜେଏମ୍‌ଏମ୍ ପକ୍ଷରୁ ଦାବି କରାଯାଇ ଏଡିଏମ୍ ଡ. ଶୁଭଙ୍କର ମହାପାତ୍ରଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସ୍ମାରକପତ୍ର ପ୍ରଦାନ ସମୟରେ ଜେଏମ୍‌ଏମ୍‌ର ଜିଲା ସଭାପତି ପାତ୍ରାସ୍ ଏକ୍କା, ଶାନ୍ତି ପ୍ରକାଶ କୁଜୁର, ଜେଏମ୍‌ଏମ୍ କର୍ମୀ ବନ୍ଦନା ଟପ୍ପୋ, କୈଳାସ ତନ୍ତୀ, ଲକ୍ଷ୍ମୀଧର ସ, ଜୁଏଲ ଜୋଜୋ, ରାଜା ତନ୍ତୀ, ରୋହିତ ସାମଦ, ରଞ୍ଜିତ କଚ୍ଛପ, ପଟେଲ ବାର୍ଲା, ରେନିସ୍ ଜୋଜୋ, କୁନ୍ତି ଲାକ୍ରା, ନିଶା ଖେସଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ଦୁର୍ଗାପୂଜା ଶୃଙ୍ଖଳିତ ପରିଚାଳନାକୁ ଗୁରୁତ୍ୱ

ରାଉରକେଲା,୧୬।୧୦(ସଙ୍ଗୀତା ଜେନା)

ଚଳିତ ବର୍ଷ ଶାରଦୀୟ ଦୁର୍ଗାପୂଜା ସମେତ ଅନ୍ୟ ପୂଜାଗୁଡ଼ିକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ସୋମବାର ସନ୍ଧ୍ୟାରେ ରାଉରକେଲା ପୋଲିସ ଜିଲା ମୁଖ୍ୟାଳୟରେ ପ୍ରଶାସନ ଓ ପୂଜା କମିଟି ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ପୂଜା ପୂର୍ବରୁ ବିଭିନ୍ନ ସମସ୍ୟାର ସମାଧାନ, ଭସାଣି ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ କମିଟି ସଦସ୍ୟମାନେ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ରାଉରକେଲା ଅତିରିକ୍ତ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର ଓ ଏସପି ମିତ୍ରଭାନୁ ମହାପାତ୍ର ବୈଠକରେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଶାନ୍ତି କମିଟି ସଦସ୍ୟ ନିହାର ରାୟ ଚଳିତ ବର୍ଷ କେନ୍ଦ୍ରୀୟ ପୂଜା କମିଟି (ସିପିସି)ରେ ନିର୍ବାଚନ ହୋଇ ନ ଥିବା ପ୍ରସଙ୍ଗ ଉଠାଇଥିଲେ। ସିପିସିକୁ ପୁନଃ ମନୋନୀତ କରି ପୂଜା ପରିଚାଳନା କରିବାକୁ ସେ ମତ ଦେଇଥିଲେ। ଡିଜେ ବଜାଇବାକୁ ଅନୁମତି, ରାତି ୧୨ଟା ପର୍ଯ୍ୟନ୍ତ ପୂଜା ପେଣ୍ଡାଲରେ ଭକ୍ତଙ୍କ ଦର୍ଶନ ସୁବିଧା, ରାସ୍ତାଘାଟ ମରାମତି, ଆଲୋକ ବ୍ୟବସ୍ଥା, ଷ୍ଟ୍ରିଟ ଲାଇଟ୍ ବ୍ୟବସ୍ଥା, ପାର୍କିଂ ଓ ଟ୍ରାଫିକ ସୁପରିଚାଳନା, ଚୋରି ଛିନ୍‌ତାଇ ପାଇଁ ପୋଲିସ ମୁତୟନ, ଭସାଣୀ ପାଇଁ ବ୍ୟବହୃତ କୃତ୍ରିମ ପୋଖରୀ ନିକଟରେ ଆଲୋକ ବ୍ୟବସ୍ଥା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଆଲୋଚନାର ଉତ୍ତରରେ ଅତିରିକ୍ତ ଜିଲାପାଳ ମହାପାତ୍ର କହିଥିଲେ, ଷ୍ଟ୍ରିଟ୍ ଲାଇଟ ବ୍ୟବସ୍ଥା ଯଥାସମ୍ଭବ କରିବା, ରୌପ୍ୟ ଜୟନ୍ତୀ, ସ୍ୱର୍ଣ୍ଣକ ଜୟନ୍ତୀ ବ୍ୟତୀତ ଅନ୍ୟ ପୂଜା କମିଟିର ସାମୂହିକ ଆସନ୍ତା ୨୫ ତାରିଖରେ ଭସାଣି ଅନୁଷ୍ଠିତ ହେବ। ସେହିପରି ୬୫ ଡେସିବଲ୍ ଭିତରେ ଡିଜେ ବଜାଇବା ପାଇଁ ଅନୁମତି ପ୍ରଦାନ କରାଯାଇଥିଲା। ଅନୁରୂପ ଭାବେ ଏସ୍‌ପି ମହାପାତ୍ର ପୂଜା କମିଟି ପକ୍ଷରୁ ଶୃଙ୍ଖଳା ଓ ସୁରକ୍ଷା ଦୃଷ୍ଟିରୁ ସିସିଟିଭି ଲଗାଇବା ଓ ଏହାର ରେକର୍ଡ ସଂଗ୍ରହ କରାଯିବ ବୋଲି କହିଥିଲେ। ସେହିପରି ପେଣ୍ଡାଲରେ ରାତ୍ରି ୧୧ଟା ପର୍ଯ୍ୟନ୍ତ ଭକ୍ତଙ୍କ ଦର୍ଶନ ସୁବିଧା ଓ ରାତି ୧୦ଟା ସୁଦ୍ଧା ଡିଜେ ବନ୍ଦ କରିବାକୁ ଏସ୍‌ପି ନିର୍ଦ୍ଦେଶ ଦେଇଥିଲେ। ଜୋରଜବରଦସ୍ତ ଚାନ୍ଦା ଆଦାୟ ନ କରିବା ଏବଂ ଅଗ୍ନିଶମ ସୁରକ୍ଷା ପ୍ରତି ସଜାଗ ହେବାକୁ ସେ କହିଥିଲେ। ସୂଚନାଯୋଗ୍ୟ, ରାଉରକେଲାରେ ଷ୍ଟିଲ ଟାଉନସିପ୍, ସିଭିଲଟାଉନଶିପ୍ ଓ ଫର୍ଟିଲାଇଜର ଟାଉନଶିପ୍‌ରେ ମୋଟ ୧୦୮ଟି କମିଟି ପକ୍ଷରୁ ପୂଜା ଆୟୋଜନ ହେଉଛି। ବୈଠକରେ ସମସ୍ତ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।



ବୈଠକରେ ବିଭିନ୍ନ ପୂଜା କମିଟି କର୍ମକର୍ତ୍ତା।

# ଚେତନା ସମସ୍ୟା ସହ ମୁକାବିଲା ପାଇଁ ସାହସ ଦେଇଥାଏ



ଏନ୍‌ଆଇଟିରେ ମାନସିକ ସ୍ୱାସ୍ଥ୍ୟ ସପ୍ତାହ କାର୍ଯ୍ୟକ୍ରମ।

ରାଉରକେଲା,୧୬।୧୦(ସଙ୍ଗୀତା ଜେନା)

**ଏନ୍‌ଆଇଟିରେ ମାନସିକ ସ୍ୱାସ୍ଥ୍ୟ ସପ୍ତାହ ପାଳିତ**

ରାଉରକେଲା ସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି) ରାଉରକେଲାରେ ମାନସିକ ସ୍ୱାସ୍ଥ୍ୟ ସପ୍ତାହ ସୋମବାର ପାଳିତ ହୋଇଛି। ପରାମର୍ଶ ସେବା ପ୍ରତିଷ୍ଠାନ (ଆଇସିଏସ୍) ପକ୍ଷରୁ ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱ ବିଷୟରେ ସଚେତନତା ଓ ମାନସିକ ସ୍ୱାସ୍ଥ୍ୟର ବିଭିନ୍ନ ଦିଗ ସହିତ ମୁକାବିଲା କରିବା ପାଇଁ ଗତ ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଆୟୋଜନ ହେଉଛି। କାଉନସେଲିଂ ସାହାଯ୍ୟରେ ସେମାନଙ୍କ ସମସ୍ୟାକୁ ଦୂର କରି ଭବିଷ୍ୟତରେ ବାଧାବିଘ୍ନର ମୁକାବିଲା ପାଇଁ ଦକ୍ଷତା ବୃଦ୍ଧି କରାଯାଇପାରିବ। ରବିବାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆଇସିଏସ୍ ୟୁନିଟ୍ ମୁଖ୍ୟ ପ୍ରଫେସର ପଵନ କୁମାର ସ୍ୱାଗତ ଭାଷଣ ଦେଇ କହିଥିଲେ, ମାନସିକ ସ୍ୱାସ୍ଥ୍ୟ ସଚେତନତାର ମୂଳ ଲକ୍ଷ୍ୟ ହେଉଛି ମାନସିକ ସ୍ୱାସ୍ଥ୍ୟ ସହିତ ଜଡ଼ିତ ଭ୍ରାନ୍ତ ଚିନ୍ତାଧାରାକୁ ହ୍ରାସ କରିବା। ଏହି କାରଣ ଯୋଗୁ ପ୍ରାୟତଃ ବ୍ୟକ୍ତିବିଶେଷକୁ ସାହାଯ୍ୟ ମିଳି ନ ଥାଏ ବୋଲି କୁମାର କହିଥିଲେ। ପରେ ମୁଖ୍ୟ ଅତିଥି ଅକ୍ଷୟ ପାତ୍ର ଫାଉଣ୍ଡେଶନର ଆଞ୍ଚଳିକ ଉପାଧ୍ୟକ୍ଷ ପଞ୍ଚତନ୍ତ୍ର ଦାସଙ୍କ ଦ୍ୱାରା ଏକ ଆଲୋଚନଚକ୍ର ଅନୁଷ୍ଠିତ ହୋଇଥିଲା। ଦାସ କହିଲେ, ଉନ୍ନତ ମାନସିକ ସ୍ୱାସ୍ଥ୍ୟ ପାଇଁ ଆଧ୍ୟାତ୍ମିକତା ଓ ଚେତନାର ମହତ୍ତ୍ୱ ବହୁତ ବେଶୀ। ଚେତନା ହିଁ ସମସ୍ୟା ସହିତ ମୁକାବିଲା କରିବାକୁ ସାହସ ଦେଇଥାଏ ବୋଲି ସେ କହିଥିଲେ। ପ୍ରଥମ ଦିନରେ ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱ ଦର୍ଶାଇ ଏକ ଚଳଚ୍ଚିତ୍ର ସ୍କ୍ରିନିଂ ପ୍ରଦର୍ଶନ ହୋଇଥିଲା। ସେହିପରି ଅକ୍ରିଟ କ୍ଲବ, ଚିତ୍ରାଙ୍ଗ କ୍ଲବ ପକ୍ଷରୁ ବିଭିନ୍ନ ଚିନ୍ତାଧାରାକୁ ଚିତ୍ରଣ କରାଯାଇଥିଲା। ଜିଟିଏ କ୍ଲବ ଛାତ୍ରମାନେ ମାନସିକ ଖେଳ ପ୍ରସ୍ତୁତ କରିଥିଲେ। ଆଇଆଇଟି ଭୁବନେଶ୍ୱରର ଛାତ୍ରମାନେ ସି-କ୍ୟୁବ୍ କ୍ଲବ ଦ୍ୱାରା ଛାୟା ଆକ୍ଟ ଆୟୋଜନ କରିଥିଲେ। ମାନସିକ ସୁସ୍ଥତା କ୍ଷୁଦ୍ର ନାଟକ ଓ କଲାମ କ୍ଲବ ପକ୍ଷରୁ କବିତା ଅଧିବେଶନ କରାଯାଇଥିଲା। ସୋମବାର ମାନସିକ ସ୍ୱାସ୍ଥ୍ୟ ସପ୍ତାହର ଦ୍ୱିତୀୟ ଦିବସରେ ମାଭେରିକ୍ସ କ୍ଲବ ପକ୍ଷରୁ ଏକକ ନୃତ୍ୟ ପରିବେଷଣ, ହାର୍ଟ ବିଟ୍ସ କ୍ଲବ ଦ୍ୱାରା ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଇସିଏସ୍‌ର ଛାତ୍ର ସଂଯୋଜକ ସ୍ୱପ୍ନିଲ ଦାସ ଏହିପରି କାର୍ଯ୍ୟକ୍ରମ ଛାତ୍ରମାନଙ୍କ ମଧ୍ୟରେ ସକାରାତ୍ମକ ପରିବର୍ତ୍ତନ ଆଣିବ ବୋଲି କହିଥିଲେ। ସୂଚନାଯୋଗ୍ୟ, ଉଦ୍‌ଯାପନୀ ଦିବସରେ ରିଟଭିକ୍ଟ କ୍ଲବ ଦ୍ୱାରା ମଜାଳିଆ ଷ୍ଟ୍ରିଟ୍ ଖେଳ ତଥା ପ୍ରିଣ୍ଟ ଷ୍ଟେଶନ କ୍ଲବ ଦ୍ୱାରା ବର୍ଜ୍ୟବସ୍ତୁରୁ ଅଭିନବ ପଜଲ୍‌ଭିତ୍ତିକ କାର୍ଯ୍ୟକଳାପ କରାଯିବ ବୋଲି ସୂଚନା ମିଳିଛି।

# ଗଭୀର ଅନୁଭବ ସାହିତ୍ୟର ମୂଳବୀଜ ବର୍ଷନ କରେ

ରାଉରକେଲା,୧୬।୧୦ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଧାମରା ସଂଘ ଆନୁକୂଲ୍ୟରେ ଶାରଦୀୟ ସାହିତ୍ୟ ଆସର ଓ ସାହିତ୍ୟ କବିତା ପାଠୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ ପ୍ରାବନ୍ଧିକ ସମାଲୋଚକ ଡାକ୍ତର ଚନ୍ଦ୍ରଶେଖର ହୋତା ଯୋଗଦାନ କରି କହିଥିଲେ, ଗଭୀର ଅନୁଭବ ହିଁ ସାହିତ୍ୟର ମୂଳବୀଜ ବର୍ଷନ କରେ। କଳା, କଳ୍ପନା, ସୁକୁମାର୍ଯ୍ୟ ସାହିତ୍ୟର ବାହ୍ୟରୂପ ହେଲେ ଅନୁଭୂତିର ସିଦ୍ଧତା ତାର ଆତ୍ମା। ଅନୁଭୂତିମୟ ସାହିତ୍ୟ ମଣିଷକୁ ସର୍ବଦା ଦୂରଦୃଷ୍ଟି, ଦିବ୍ୟଦୃଷ୍ଟି ଏବଂ ସୂକ୍ଷ୍ମ ଅବବୋଧତା ସହ ଏକାତ୍ମ କରାଇଥାଏ ବୋଲି ସେ କହିଥିଲେ। ବରେଣ୍ୟ ଅତିଥି ସ୍ନିଗ୍ଧା ନାୟକ କହିଥିଲେ, ସାହିତ୍ୟ ଆଉ ସମାଜ ପରସ୍ପର ପରିପୂରକ। ସମାଜ ବିନା ସାହିତ୍ୟ ନାହିଁ। ସାହିତ୍ୟ ବିନା ସମାଜ ନାହିଁ। ପରେ ୨୦ରୁ ଊର୍ଦ୍ଧ୍ୱ କବୟିତ୍ରୀ କବି ସାହିତ୍ୟ ଭିତ୍ତିକ ଗଳ୍ପ ଏବଂ କବିତା ପଠନ କରିଥିଲେ। ସାହିତ୍ୟ ଆସର କବି ସୁଶାନ୍ତ କୁମାର ନାୟକଙ୍କ ଆବାହକତ୍ୱ କ୍ରମେ ଓ କବୟିତ୍ରୀ ନିରୂପମା ପତିଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। ଧାମରା ସଂଘର ସାଧାରଣ ସମ୍ପାଦକ ଭଗବାନ ରାଉତ ଧାମରା ସାହିତ୍ୟ ସଂସଦ ଗଠନର ଆଭିମୁଖ୍ୟ ଉପରେ ଅଭିଭାଷଣ ରଖିଥିଲେ। ସାଧାରଣ ସମ୍ପାଦକ ଅକ୍ଷୟ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। କବି ପ୍ରତାପ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଏଲ୍‌ଡିଏନ୍ କ୍ଲବର ଲୁଧିଆନା ଦଳ ଚାମ୍ପିୟନ

ରାଉରକେଲା,୧୬।୧୦(ବିପ୍ଳବ ରଞ୍ଜନ ଦାଶ)

**ପାର୍ଶ୍ୱାଞ୍ଚଳ ଫୁଟ୍‌ବଲ ଟୁର୍ନାମେଣ୍ଟ**

ଆର୍‌ଏସ୍‌ପି ଓଡିଶା ଗ୍ରୁପ୍ ଅଫ୍ ମାଇନ୍ସ ଆୟୋଜିତ ପାର୍ଶ୍ୱାଞ୍ଚଳ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଏଲ୍‌ଡିଏନ୍ କ୍ଲବର ଲୁଧିଆନା ଦଳ ଚାମ୍ପିୟନ ହୋଇଛି। ଏହି ଟୁର୍ନାମେଣ୍ଟ ଇସ୍ପାତ ହାଇସ୍କୁଲ ଖେଳ ପଡିଆ, ଟେନ୍‌ସା ଓ ବରସୁଆଁ ଇସ୍ପାତ ହାଇସ୍କୁଲ ଖେଳ ପଡିଆରେ ଚାଲିଥିଲା। ଉଦଯାପନୀ ସମାରୋହରେ ବିଆଇଏମ୍, କେଆଇଏମ୍ ଏବଂ ଡାଲଡିହି ଜିଏମ୍ ଇନଚାର୍ଜ ତିଳକ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କୃତ କରିଥିଲେ। ଏହି ଅବସରରେ ଟିଆଇଏମ୍ ମାଇନିଂ ବିଭାଗର ଜିଏମ ରାଜେଶ କୁମାର, ବିତ୍ତ ଏବଂ ଲେଖା ବିଭାଗର ଡିଜିଏମ୍ ପରିମଳ ବଂଶଲ ଏବଂ ଓଜିଏମ୍‌ର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟର ଫାଇନାଲ ଖେଳ ଏଲଡିଏନ କ୍ଲବ ଲୁଧିଆନା ଓ ବିଶ୍ରା ଛକ ନୂତନ ମାର୍କେଟ ବରସୁଆଁ ମଧ୍ୟରେ ହୋଇଥିଲା। ଟାଇବ୍ରେକରରେ ଲୁଧଆନା ଦଳ ବରସୁଆଁ ଦଳକୁ ୫-୪ ଗୋଲରେ ପରାସ୍ତ କରିଥିଲା। ଏହି ଅବସରରେ ପଟ୍ଟନାୟକ ଟୁର୍ନାମେଣ୍ଟର ବିଜୟୀ ଦଳମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହାପୂର୍ବରୁ ଖଣି ବିଭାଗର ଜିଏମ୍ ପି. ସି. ବରୁଆଙ୍କ ଦ୍ୱାରା ଇସ୍ପାତ ହାଇସ୍କୁଲ ଖେଳ ପଡିଆରେ ହୋଇଥିବା ପ୍ରଥମ ମ୍ୟାଚ୍ ଉଦ୍‌ଘାଟିତ ହୋଇଥିଲା। ଏଜିଏମ୍ ନାରାୟଣ ପଣ୍ଡାଙ୍କ ଦ୍ୱାରା ବରୁସୁଆଁ ଖେଳ ପଡିଆରେ ହୋଇଥିବା ପ୍ରଥମ ମ୍ୟାଚ୍‌ର ଉଦ୍‌ଘାଟନ ହୋଇଥିଲା। ଆସିଷ୍ଟାଣ୍ଟ ମ୍ୟାନେଜର ଅମିୟ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଯୁଧିଷ୍ଠିର କୁଲସରାଇ, ତରୁଣ ବେହେରା, ବିଜୟ ମହାକୁଡ, ଅଜିତ କୁମାର ମହନ୍ତ ଓ ଅନ୍ୟ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ।



ଟ୍ରଫି ଓ ପୁରସ୍କାର ସହ ଚାମ୍ପିୟନ ଦଳର ଖେଳାଳି।

# ଜ୍ଞାନବିକାଶ କେନ୍ଦ୍ରର ସାହିତ୍ୟ ଆସର

ରାଉରକେଲା,୧୬।୧୦(ଦିନେଶ ମିଶ୍ର)

ରାଉରକେଲା ଜେଲ୍ ରୋଡ ସ୍ଥିତ ପଦ୍ମାବତୀ ମେମୋରିଆଲ ହଲ ପରିସରରେ ସାହିତ୍ୟ ଓ ସାମାଜିକ ସେବା ଅନୁଷ୍ଠାନ ଶ୍ରୀଧର ସ୍ମୃତି ଜ୍ଞାନ ବିକାଶ କେନ୍ଦ୍ର ପକ୍ଷରୁ ଗାନ୍ଧୀ, ଶାସ୍ତ୍ରୀ ଓ ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ସ୍ୱର୍ଗତ ଶ୍ରୀଧର ଲେଙ୍କାଙ୍କ ୧୦୫ ତମ ଜୟନ୍ତୀ ସମାରୋହ ସୋମବାର ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ଡକ୍ଟର ସନାତନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ଗାନ୍ଧୀ ଓ ଶାସ୍ତ୍ରିଜୀଙ୍କ ଅବଦାନ ବିଷୟରେ ଆଲୋଚନା କରିଥିଲେ। ଶିକ୍ଷାବିତ୍ ନିଶିକାନ୍ତ ମିଶ୍ର ଓ ମଞ୍ଜୁଳା ରଥ ସମ୍ମାନିତ ଅତିଥି, ଶ୍ରୀଚୈତନ୍ୟ ରେସିଡେଣ୍ଟିଆଲ କଲେଜର ଅଧ୍ୟକ୍ଷ ଡକ୍ଟର ଏ. କେ. ପ୍ରହରାଜ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗାନ୍ଧୀ, ଶାସ୍ତ୍ରୀ ଓ ସ୍ୱର୍ଗତ ଲେଙ୍କାଙ୍କ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସଭାପତି ଡକ୍ଟର ଉମାକାନ୍ତ ପଣ୍ଡାଙ୍କ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ କବିତା ପାଠୋତ୍ସବ କବି ଉର୍ବଶୀ ପତିଙ୍କ ସଂଯୋଜନାରେ ଆୟୋଜିତ ହୋଇଥିଲା। ଏଥିରେ କବି କାର୍ତ୍ତିକ ମିଶ୍ର, ପ୍ରଣତି ଲେଙ୍କା, ଡକ୍ଟର ସୁମନ ଦତ୍ତ, ଜ୍ଞାନ ମଲ୍ଲିକ, ପ୍ରକାଶ ନାୟକ, ଅଶୋକ ପଟ୍ଟନାୟକ, ଲକ୍ଷ୍ମଣ ପରିଡା, ସୁକାନ୍ତ ଖୁଣ୍ଟିଆ, ଦିଲୀପ ଭୋଇ, ବଳରାମ ଦାସ, ରାମାନାଥ ପର୍ବତ, କୁଞ୍ଜ ରାଉତ, ଏ. ସି. ମଣ୍ଡଳ, ସମୀର ପାହାଡ, ବିନୋଦିନୀ ପ୍ରଧାନ, କିରଣ ସାହୁ, ଉମାଶଙ୍କର ତିୱାରୀ, ଲକ୍ଷ୍ମୀନାରାୟଣ ମହାପାତ୍ର, ପୁଲକ ସାହୁ ପ୍ରମୁଖ ୫୦ ଜଣ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମରେ ଦିନେଶ କୁମାର ମିଶ୍ର ସଭାପତିତ୍ୱ କରିଥିବା ବେଳେ ଜ୍ଞାନରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ସମ୍ପର୍କରେ ନିବିଡ଼ତା ଭରେ ନୂଆଁଖାଇ ଭେଟ୍‌ଘାଟ୍

ରାଉରକେଲା,୧୬।୧୦(ବିପ୍ଳବ ରଞ୍ଜନ ଦାଶ)



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତି ବିଶେଷ।

ରାଉରକେଲା ସଦଭାବନା ଲକ୍ଷେ ଘର ସମାଜ ପକ୍ଷରୁ ଭଞ୍ଜଭବନ ପ୍ରେକ୍ଷାଳୟରେ ସୋମବାର ନୂଆଁଖାଇ ଭେଟ୍‌ଘାଟ୍-୨୦୨୩ ଅନୁଷ୍ଠିତ ହୋଇଯାଇଛି। ସମାଜର ସଭାପତି ରୋହିତ କୁମାର ମହାନନ୍ଦିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ମୁଖ୍ୟ ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ମହାନନ୍ଦ ମୁଖ୍ୟ ଅତିଥି, ଅନୁଗୋଳ ଏନ୍‌କେସି କଲେଜର ରାଜନୀତି ବିଜ୍ଞାନ ପ୍ରଫେସର ବନମାଳି ବାଘ ମୁଖ୍ୟବକ୍ତା ଏବଂ ରାଉରକେଲା ଏନଆଇଟି ପ୍ରଫେସର ହୃଷୀକେଶ ନାଏକ, ଶିକ୍ଷକ ମୁରଲୀଧର ବାଙ୍କ, ଗୁରୁଣ୍ଡିଆ ତହସିଲଦାର ସାଧବି ଦେହୁରିଆ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ମହାନନ୍ଦ କହିଥିଲେ, ନୂଆଁଖାଇ ଭେଟଘାଟ ସମ୍ପର୍କରେ ନିବିଡତା ଭରିବାର ଏକ ପ୍ରୟାସ। ନୂଆଁଖାଇ କେବଳ ମାତ୍ର ପର୍ବ ନୁହେଁ, ପଶ୍ଚିମ ଓଡିଶାର ପ୍ରାଚୀନ ସଂସ୍କୃତି ସଭ୍ୟତାର ଏକ ଅବିଚ୍ଛିନ୍ନ ଇତିହାସ। ନୂଆଁଖାଇ ଭେଟଘାଟ ବିଲୁପ୍ତ ହେଉଥିବା ପଶ୍ଚିମ ଓଡିଶାର ପ୍ରାଚୀନ କଳା ସଂସ୍କୃତିକୁ ପୁନର୍ଜୀବିତ କରିବାରେ ଯୁବବର୍ଗଙ୍କୁ ମାର୍ଗଦର୍ଶନ କରାଏ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଏବଂ ଅନ୍ୟ ଅତିଥିମାନେ ନୂଆଁଖାଇ ଓ ନୂଆଁଖାଇ ଭେଟ୍‌ଘାଟ୍‌ର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ପରେ ୧୦ମ ଓ ଯୁକ୍ତ୨ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ରାଉରକେଲା ସଦଭାବନା ଲକ୍ଷେଘର ସମାଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ଶିକ୍ଷା, କ୍ରୀଡ଼ା, କଳା, ଚିକିତ୍ସା ଓ ବିଜ୍ଞାନ କ୍ଷେତ୍ରରେ ଖ୍ୟାତିଲାଭ କରିଥିବା ବ୍ୟକ୍ତିତ୍ୱଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଏବଂ ଝାରସୁଗୁଡା ଜିଲାର ୪୦ଟି ବ୍ଲକର ଲକ୍ଷେଘର ସମାଜ ସଭାପତି ସାମିଲ ହୋଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ବରଗଡର କଳାଜୀବୀ ଗ୍ରୁପ୍‌ର ପଦ୍ମାସୀ ଖଟେଇ ଏବଂ ତାଙ୍କ ଡ୍ୟାନ୍ସ ଗ୍ରୁପ ଦ୍ୱାରା ରସରକେଲି, ଡାଲଖାଇ ଆଦି ନୃତ୍ୟଗୀତ ପରିବେଷଣ ହୋଇଥିଲା। ଭେଟଘାଟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ରାଜଶ୍ରୀ ରାଜହଂସ ଓ ମହିମା ବେସନ। ସମ୍ପାଦକ ଅଶ୍ୱିନୀ ଶାସନୀ ବାର୍ଷିକୀ ବିବରଣୀ ପଠନ କରିଥିବା ବେଳେ ଉପସଭାପତି ରାମଚନ୍ଦ୍ର ବୁଖ୍ରା ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ନିଶାସକ୍ତ ଯୁବକଙ୍କ ବାଇକ୍ ଜବତ

**ସମ୍ବଲପୁର,୧୬।୧୦(ବି.ଶଙ୍କର):** ସମ୍ବଲପୁର ଜିଲ୍ଲା ଝୁଝୁମୁରା ପୋଲିସ ପକ୍ଷରୁ ପାଟ୍ରୋଲିଂ ସମୟରେ ଭିମଖୋଜ ଛକରେ ନିଶାସକ୍ତ ଯୁବକଙ୍କ ବାଇକ୍ ଜବତ କରିଛି। ଓଡି୧୫କ୍ୟୁ୩୦୨୯ ନମ୍ବର ବିଶିଷ୍ଟ ବାଇକ୍‌ରେ ୩୦ ବର୍ଷୀୟ ଯୁବକ ନିଶାସକ୍ତ ହୋଇ ବେପରୁଆ ଭାବରେ ବାଇକ୍ ଚଳାଉଥିଲେ। ଭିମଖୋଜ ଛକରେ ପୋଲିସ ଏହା ଜାଣିବା ପରେ ତାଙ୍କୁ କାବୁ କରିଥିଲା। ପୋଲିସ ବାଇକ୍ ଜବତ କରିବା ସହ ଯୁବକଙ୍କୁ ଏକ ନୋଟିସ ଜାରି କରିଛି। ଝୁଝୁମୁରା ପୋଲିସ ସୂଚିତ କରିଛି, ନିଶାସକ୍ତ ହୋଇ ବାଇକ୍ ଚଳାଇବା ଆଇନସଙ୍ଗତ ନୁହେଁ। ଏହାଦ୍ୱାରା ନିଜେ ଦୁର୍ଘଟଣାର ସମ୍ମୁଖୀନ ହେବା ସହ ଅନ୍ୟମାନଙ୍କୁ ମଧ୍ୟ ବିପଦରେ ପକାଇପାରେ। ତେଣୁ ଆଗକୁ ଏପରି ବାଇକ୍ ଚାଳକଙ୍କୁ ଧରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କ ଦ୍ୱାରସ୍ଥ

**ସମ୍ବଲପୁର,୧୬।୧୦(ବି.ଶଙ୍କର):** ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଗୋବିନ୍ଦତୋଲା ସ୍ପୋର୍ଟିଂ କ୍ରିକେଟ କ୍ଲବର ପ୍ରତିନିଧିମାନେ ବିଭିନ୍ନ ସମସ୍ୟା ସମାଧାନ ଦାବିରେ ସୋମବାର ସମ୍ବଲପୁର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। କ୍ରିକେଟ କ୍ଲବର ମଧ୍ୟଭାଗ ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସ୍ଥାନାନ୍ତରଣ କରିବାକୁ ଦାବି କରିଛନ୍ତି। ଏ ନେଇ ସେମାନେ ଦେଇଥିବା ଦାବିପତ୍ରରେ ଦର୍ଶାଯାଇଛି, ଗୋବିନ୍ଦତୋଲା କ୍ରିକେଟ କ୍ଲବକୁ ସହରର ବିଭିନ୍ନ ଅଞ୍ଚଳରୁ ଜନସାଧାରଣ ଓ କ୍ରୀଡାବିତ୍ ଆସିଥାନ୍ତି। ବିଦ୍ୟୁତ୍ ତାର ବାଜି କୌଣସି ଅଘଟଣ ଘଟିବା ଆଶଙ୍କା କରି ସେମାନେ ଭୟରେ ରହିଥାନ୍ତି। କ୍ରିକେଟ କ୍ଲବର ସମ୍ପାଦକ ସଞ୍ଜୀବ କୁମାର ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଦାବିପତ୍ର ଦେବାକୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ।

### ଜମିପଟ୍ଟା ପାଇଁ ଅତିରିକ୍ତ ଜିଲାପାଳଙ୍କୁ ଭେଟିଲେ

**ସମ୍ବଲପୁର,୧୬।୧୦(ବି.ଶଙ୍କର):** ସମ୍ବଲପୁର ଜିଲା ଝୁଝୁମୁରା ଗ୍ରାମର ୨୦ ପରିବାର ଜମିପଟ୍ଟା ପ୍ରଦାନ ଦାବି କରିଛନ୍ତି। ଏ ନେଇ ସେମାନେ ସୋମବାର ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କୁ ସାକ୍ଷାତ କରିଛନ୍ତି। ସେମାନେ ଦର୍ଶାଇଛନ୍ତି, ଗ୍ରାମର ୨୦ ପରିବାରକୁ ୪ ଡେସିମିଲ ଲେଖାଏ ଜମିପଟ୍ଟା ଦେବାପାଇଁ ସରକାର ଘୋଷଣା କରିଥିଲେ। ଏ ନେଇ ବହୁବାର ଝୁଝୁମୁରା ତହସିଲଦାରଙ୍କ କାର୍ଯ୍ୟାଳୟରେ ଦାବି ଉପସ୍ଥାପନ କରିଛନ୍ତି। ହେଲେ ସୁଫଳ ମିଳିନାହିଁ।

### କୁଚିଣ୍ଡା ଶ୍ରମିକ ଭବନ ଆଧୁନିକୀକରଣ ହେବ

**ସମ୍ବଲପୁର,୧୬।୧୦(ବି.ଶଙ୍କର):** ସମ୍ବଲପୁର ଜିଲାପାଳ ଅନନ୍ୟା ଦାସଙ୍କୁ ସୋମବାର ରାଜ୍ୟ କେନ୍ଦୁପତ୍ର କଲ୍ୟାଣ ବୋର୍ଡର ଉପଦେଷ୍ଟା ସଞ୍ଜିତ ମହାନ୍ତି ସାକ୍ଷାତ କରିଛନ୍ତି। ଏହି ସମୟରେ ସେ ଜିଲାର କେନ୍ଦୁପତ୍ର ତୋଳାଳିଙ୍କୁ ପ୍ରଶିକ୍ଷଣ ଦେବାକୁ କୁଚିଣ୍ଡାଠାରେ ଥିବା ଶ୍ରମିକ ଭବନକୁ ଉନ୍ନତୀକରଣ କରିବାକୁ ଆଲୋଚନା କରିଥିଲେ। ଏଥିପାଇଁ ସରକାରଙ୍କ ପକ୍ଷରୁ ଅନୁଦାନ ମଞ୍ଜୁର ହୋଇଛି। ଯଥାଶୀଘ୍ର ଏହାର ଆଧୁନିକୀକରଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଜିଲାପାଳ ଦାସ ଆଲୋଚନା ସମୟରେ ସୂଚନା ଦେଇଥିଲେ।

# ବୁର୍ଲାରେ ଉଚ୍ଛେଦ ବନ୍ଦ ନେଇ ସ୍ମାରକପତ୍ର

## ଥଇଥାନ ଓ ଭେଣ୍ଡିଂ ଜୋନ ନିର୍ମାଣ ଦାବି

**ସମ୍ବଲପୁର,୧୬।୧୦(ବି.ଶଙ୍କର):** ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବୁର୍ଲାର ବିକାଶ ଓ ରାସ୍ତା ପ୍ରଶସ୍ତୀକରଣ ପାଇଁ ଜିଲା ପ୍ରଶାସନ ଉଚ୍ଛେଦ ଅଭିଯାନ ଚଳାଇଛି । ରାସ୍ତା କଡ଼ରୁ ଜବରଦଖଲ ଉଚ୍ଛେଦକୁ ନେଇ ଜନ ଅସନ୍ତୋଷ ତେଜିବାରେ ଲାଗିଛି। ଗତ ୬ ତାରିଖରେ ଉଚ୍ଛେଦ ବନ୍ଦ ସାଙ୍ଗକୁ ଜମିପଟ୍ଟା ପ୍ରଦାନ ଦାବିରେ ବୁର୍ଲା ନାଗରିକ କ୍ରିୟାନୁଷ୍ଠାନ କମିଟି ୧୨ ଘଣ୍ଟିଆ ବନ୍ଦ ପାଳନ କରିଥିଲା। ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ସୋମବାର ଜିଲା ବିଜେଡି ପକ୍ଷରୁ ଜିଲାପାଳ ଅନନ୍ୟା ଦାସଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବିଜେଡି ବିକାଶ କାର୍ଯ୍ୟକୁ ସର୍ବଦା ସ୍ୱାଗତ କରିଆସୁଛି। କିନ୍ତୁ ପ୍ରଥମେ ଥଇଥାନ କରି ଉଚ୍ଛେଦ କରାଯିବା ଉଚିତ। ଏଥିସହ ବର୍ତ୍ତମାନ ସ୍ଥିତିରେ ଉଚ୍ଛେଦ ବନ୍ଦ କରାଯିବା ନେଇ ପ୍ରତିନିଧି ଦଳ ଦାବି କରିଛନ୍ତି। ସମ୍ବଲପୁର ସହରରେ ଉଠା ଦୋକାନୀଙ୍କ ଲାଗି ଭେଣ୍ଡିଂ ଜୋନ ନିର୍ମାଣ ପରେ ସେମାନଙ୍କୁ ଉଚ୍ଛେଦ କରାଯାଉ ବୋଲି ଦାବି କରିଛନ୍ତି। ଜିଲା ବିଜେଡି ସଭାପତି ତଥା ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବା ପରେ ସମ୍ବଲପୁର ମହାନଗର ନିଗମ କମିଶନର ବେଦ ଭୂଷଣଙ୍କ ସହ ଆଲୋଚନା କରିଥିଲେ। ପ୍ରତିନିଧି ଦଳରେ ରାଜ୍ୟ ବିଜେଡ଼ି ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାସ, ରାଜ୍ୟ କେନ୍ଦୁପତ୍ର କଲ୍ୟାଣ କଲ୍ୟାଣ ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି, ବିଜେଡି ରାଜ୍ୟ ପ୍ରବକ୍ତା ସଞ୍ଜୟ ବାବୁ, ବିଜେଡି ମହାନଗର ସଭାପତି ସତିଶ ବିଶି, ଦେବାଶିଷ ନନ୍ଦ ଓ ପୂର୍ବତନ ଜିଲା ସଭାପତି ଡ. ପ୍ରମୋଦ ରଥ ସାମିଲ ଥିଲେ।


ଜିଲା ବିଜେଡି ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଉଛି।

# ଅନ୍‌ଲାଇନ ଶପିଂ ଆକ୍ରମଣ ଘଟଣାରେ ୭ ଗିରଫ


ଗିରଫ ଅଭିଯୁକ୍ତମାନେ।

**କୁଚିଣ୍ଡା,୧୬।୧୦(ବିରଞ୍ଚି ଦର୍ଶା):** ଗୋବିନ୍ଦପୁର ଥାନାରେ ଅନ୍‌ଲାଇନ ଶପିଂ ଆକ୍ରମଣ ଘଟଣାରେ ରୁଜୁ ହୋଇଥିବା ମାମଲାରେ ପୋଲିସ ସୋମବାର ୭ଜଣଙ୍କୁ ଗିରଫ କରି କୁଚିଣ୍ଡା ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବାମରା ଷ୍ଟେଶନବସ୍ତି ପଡାର ମହମ୍ମଦ ସୋହେଲ ଖାନୟ, ମହମ୍ମଦ ସୋହେବ ଖାନ, ମହମ୍ମଦ ସେହେଜାଦ ଖାନ, ତୁଷାର ମରେଇ, ବାମରା ଗଣେଶନଗରର ଅଂଶୁ ଗୋସ୍ୱାମୀ, ରାଜା ସିହ୍ନା ଓ ସମୀର ସିହ୍ନା। ଗୋବିନ୍ଦପୁର ଥାନାରେ କେସ୍ ନଂ.୧୫୧/୨୩ ରେ ହୋଇଥିବା ମାମଲା ଆଧାରରେ ସମସ୍ତେ ଗିରଫ ହୋଇଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ବାସୁଦେବ ସେଠ କହିଛନ୍ତି। ସୂଚନା ଅନୁସାରେ, ଅଭିଯୋଗକାରୀ ବଡଡୁମେରମୁଣ୍ଡାର ଅଭି ବଗାରଙ୍କ ପୁଅ ହେମନ୍ତ ଓରଫ କିରଣଅନ୍‌ଲାଇନରେ ପାଣି ବୋତଲ ମଗାଇଥିଲେ। ପାର୍ଶଲ ଆସିବାରୁ ଶନିବାର ଫ୍ଲିପକାର୍ଟ ଏଜେଣ୍ଟ ମହମ୍ମଦ ସୋହେଲ ଖାନ କିରଣଙ୍କୁ ତାଙ୍କ ଜିନିଷ ନେଇଯିବାକୁ ଫୋନ କରିଥିଲେ। ଫୋନରେ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ସନ୍ଧ୍ୟାରେ ସୋହେଲ ଖାନଙ୍କ ସମେତ ଅନ୍ୟ ଅଭିଯୁକ୍ତମାନେ କିରଣଙ୍କ ଘରକୁ ଯାଇ ମାରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଅଭିଙ୍କ ମୁଣ୍ଡ ଫାଟିଯାଇଥିବା ବେଳେ ପୁଅ ଓ ସ୍ତ୍ରୀ ଗୀତା ମଧ୍ୟ ଆହତ ହୋଇଥିଲେ।

# ବିକାଶ ଦ କନ୍‌ସେପ୍ଟ ସ୍କୁଲରେ ଏନ୍‌ସିସି ଉଦ୍‌ଘାଟିତ

**ସମ୍ବଲପୁର,୧୬।୧୦(ବି.ଶଙ୍କର):** ସମ୍ବଲପୁର ଜିଲା ଶାସନସ୍ଥିତ ବିକାଶ ଦ କନ୍‌ସେପ୍ଟ ସ୍କୁଲରେ ଏନ୍‌ସିସି (ଏୟାର ଫୋର୍ସ ୱିଙ୍ଗସ) ଉଦ୍‌ଘାଟିତ ହୋଇଯାଇଛି। ସମ୍ବଲପୁର ମହାନଗର ନିଗମ କମିଶନର ବେଦ ଭୂଷଣ ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ୨୫ ଛାତ୍ରୀଛାତ୍ରଙ୍କୁ ନେଇ ଗଠିତ ଏହି ଏନ୍‌ସିସି ଟ୍ରୁପ ଆଗାମୀ ଦିନରେ ଅନୁଶାସନ, ଧର୍ମନିରପେକ୍ଷତା, ସାହସିକତା ଏବଂ ନିଃସ୍ୱାର୍ଥ ସେବା ପ୍ରତି ଆଦର୍ଶ ମନୋଭାବ ରଖି ବିକଶିତ ହେବେ ବୋଲି ସ୍କୁଲ କର୍ତ୍ତୃପକ୍ଷ କହିଛନ୍ତି । ଉତ୍ସବରେ ବିକାଶ ଗ୍ରୁପର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ, ଡାଇରେକ୍ଟର ଜି. ରାମକ୍ରିଷ୍ଣା, ବିକାଶ ଦ କନସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୀବ କୁମାର ବାବୁ, ବିକାଶ ସିନିୟର ସେକେଣ୍ଡାରୀ ସ୍କୁଲ ଅଧ୍ୟକ୍ଷା ପୁଷ୍ପିତା ପଣ୍ଡା, ବିକାଶ ହସ୍ପିଟାଲର ଆଡ୍‌ମିନିଷ୍ଟ୍ରେଟର ଡା. ଦିଲିପ କୁମାର ନନ୍ଦ ଉପସ୍ଥିତ ରହି ଏନ୍‌ସିସି ଟ୍ରୁପକୁ ଶୁଭେଚ୍ଛା ଜଣାଇଥିଲେ। କାଜଲ ସାହୁ ଏନ୍‌ସିସି ଟ୍ରୁପର ଏଏନ୍‌ଓ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ।


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି, କର୍ମକର୍ତ୍ତା ଓ ଛାତ୍ରୀଛାତ୍ର ।

### ବିଜ୍ଞାନକୁ ଗାଁରୁ ଖୋଜିଥିଲେ କଲାମ

**ସମ୍ବଲପୁର,୧୬।୧୦(ବି.ଶଙ୍କର):** ଓଡ଼ିଶା ସାଂସ୍କୃତିକ ସମାଜ ସମ୍ବଲପୁର ପକ୍ଷରୁ ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ବୈଜ୍ଞାନିକ ଡ. ଏପିଜେ ଅବଦୁଲ କଲାମଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସଭାପତି ଅଶୋକ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ସଭା ହୋଇଥିଲା। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ) କୁଳପତି ପ୍ରଫେସର ଏନ୍ ନାଗରାଜୁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଅବଦୁଲ କଲାମଙ୍କ ଜୀବନଶୈଳୀରୁ ଆମକୁ ବହୁତ କିଛି ଶିଖିବାର ଅଛି । ସେ ବିଜ୍ଞାନକୁ ଗ୍ରାମାଞ୍ଚଳରୁ ଖୋଜିଥିଲେ। ଭାରତର ବହୁ ବୈଜ୍ଞାନିକ ଗ୍ରାମାଞ୍ଚଳରୁ ହିଁ ବାହାରିଛନ୍ତି ବୋଲି କହିଥିଲେ। ମୁଖ୍ୟବକ୍ତା ଭିସୁଟ୍ର ପ୍ରଫେସର ଡ. ହରିଶ କୁମାର ସାହୁ ମହାକାଶ ବିଜ୍ଞାନ ଉପରେ ବକ୍ତବ୍ୟ ରଖି କଲାମଙ୍କ କାର୍ଯ୍ୟକାଳର ବହୁ ଭାଗ ଓଡ଼ିଶାର ଚାନ୍ଦବାଲି ଆଇଟିଆର ସକ୍ଷମ କରାଇବାରେ କଟିଛି ବୋଲି କହିଥିଲେ। ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଉପସଭାପତି ସୂର୍ଯ୍ୟ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଗୋପାଳ ଗୁପ୍ତା, ଦିଲୀପ କୁମାର ବଘାର, ଲଳିତ ମୋହନ ବେବର୍ତ୍ତା, ଲୋକନାଥ ପାଣ୍ଡେ, କୃଷ୍ଣଚନ୍ଦ୍ର ବାଗ ପ୍ରମୁଖ ସହଯୋଗ କରିଥିଲେ।

# ୯୨ ଅଭିଯୋଗର ଶୁଣାଣି କଲେ ଜିଲାପାଳ


ଉନ୍ନୟନ କାର୍ଯ୍ୟ ପରିଦର୍ଶନ କରୁଛନ୍ତି ଜିଲାପାଳ।

**କୁଚିଣ୍ଡା,୧୬।୧୦(ବିରଞ୍ଚି ଦର୍ଶା):** କୁଚିଣ୍ଡା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ ଯୋଗଦେଇ ୯୨ଗୋଟି ଅଭିଯୋଗର ଶୁଣାଣି କରିଥିଲେ। ତନ୍ମଧ୍ୟରୁ ୧୨ଟି ଗୋଷ୍ଠୀଗତ ଓ ୮୦ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ଏହି ଅବସରରେ ଜିଲାପାଳ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ୨ଜଣଙ୍କୁ ମଧୁବାବୁ ପେନ୍‌ସନ ଓ ଜଣେ ଭିନ୍ନକ୍ଷମଙ୍କୁ ଟ୍ରାଇସାଇକେଲ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ଅତିରିକ୍ତ ଏସ୍‌ପି ଆଲବିନୁସ କେର୍କେଟା, ଉପଜିଲାପାଳ ବିଭୂତି ଭୂଷଣ ନାୟକ, ବିଡିଓ ଆରୁଗୁଲା ସ୍ନେହା, ଓଏସ୍‌ଡି ନିରଞ୍ଜନ ସା, ଏସ୍‌ଡିପିଓ ଅମିତାଭ ପଣ୍ଡା, ସିଡିଏମ୍‌ଓ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲାପାଳ ଅଭିଯୋଗ ଶୁଣାଣି ପରେ କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାକୁ ଯାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଶିବିରରେ ବିଭିନ୍ନ ଏସ୍‌ଏଚ୍‌ଜି ପକ୍ଷରୁ ଲଙ୍କାଚାରା ପ୍ରସ୍ତୁତି, ଫିନାଇଲ ତିଆରି, ଝୋଟ ବ୍ୟାଗ ପ୍ରସ୍ତୁତ ଉପରେ ପ୍ରଦର୍ଶିତ ଷ୍ଟଲକୁ ଜିଲାପାଳ ଦାସ ବୁଲି ଦେଖିଥିଲେ। ଶିବିର ପରିଚାଳନାରେ ଅତିରିକ୍ତ ବିଡିଓ ସହଦେବ ନନ୍ଦ, ଆକାଉଣ୍ଟ ଅଫିସର ଅଜୟ ବାଗେ, ସେକ୍ସନ ଅଫିସର ତରୁଣ ପ୍ରସାଦ ବିଶ୍ୱାଳ, ବିପିଏମ୍ ଟିପେନସନ୍ ବେହେରାଙ୍କ ସମେତ ବ୍ଲକ କର୍ମଚାରୀମାନେ ସହଯୋଗ କରିଥିଲେ।

# ଏସ୍‌ସିଏସ୍‌ଟି ଉନ୍ନୟନ ବିଭାଗ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ ବୈଠକ

**ଜମନକିରା,୧୬।୧୦(ରବୀନ୍ଦ୍ର ପ୍ରସାଦ ଦାନି):** ଝୁଝୁମୁରା ବ୍ଲକ ଜୟନ୍ତପୁର ଆଶ୍ରମ ବିଦ୍ୟାଳୟଠାରେ ଅନୁସୂଚିତ ଜାତି ଓ ଜନଜାତି (ଏସ୍‌ସିଏସ୍‌ଟି) ଉନ୍ନୟନ ବିଭାଗର ଜିଲାସ୍ତରୀୟ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଧାନ ଶିକ୍ଷକ ରଜତ କୁମାର ରାଉତ ଅଧ୍ୟକ୍ଷତା କରିଥିବା ବେଳେ ରାଜ୍ୟ ସଂଘ ସଭାପତି ଚନ୍ଦ୍ରମଣି ତାଜନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାଧାରଣ ସମ୍ପାଦକ ବିଜୟ ରଥ, ଉପସଭାପତି ଡ. ଦୈତାରି ଦିଗାଲ, ଜୋନାଲ ସମ୍ପାଦକ ତୀର୍ଥରାଜ ନାୟକ ଓ ଜଗଦୀଶ ପାଣିଗ୍ରାହୀ ଏବଂ ନିମନ୍ତ୍ରିତ ଅତିଥି ଭାବେ ରାଜ୍ୟସଂଘ ମୁଖପାତ୍ର ରାଜେନ୍ଦ୍ର କୁମାର ଜଗତ ଯୋଗ ଦେଇଥିଲେ। ବୀରେନ୍ଦ୍ର ପଟେଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ମୁଖପାତ୍ର ଜଗତ ସଂଘର ଆବଶ୍ୟକତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିସହ ସମସ୍ତେ ନିଜର ମୌଳିକ ସମସ୍ୟା ଓ ଦାବି ଉପସ୍ଥାପନ ପାଇଁ ଆହ୍ୱାନ କରିଥିଲେ। ଶେଷରେ ସଂଘର କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ବଡମୁଣ୍ଡଲୋଇ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ବୀରେନ୍ଦ୍ର କୁମାର ପଟେଲ ସଭାପତି ଓ ପ୍ରଧାନ ଶିକ୍ଷକ ପଙ୍କଜ ବେହେରା ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। ଜିଲା ପ୍ରବକ୍ତା ଅନ୍ନପୂର୍ଣ୍ଣା ମାଝି ଧନ୍ୟବାଦ ଅର୍ପଣ କରିଥିଲେ।


ବୈଠକରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

### ଅସହାୟ ବୃଦ୍ଧଙ୍କ ମୃତ୍ୟୁ

**କୁଚିଣ୍ଡା,୧୬।୧୦(ବିରଞ୍ଚି ଦର୍ଶା):** ବାମରା ବଳଭଦ୍ର ସ୍କୁଲ ସମ୍ମୁଖରେ ସୋମବାର ଜଣେ ଅସହାୟ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ସେ ହେଲେ କୁଚିଣ୍ଡା ଅଞ୍ଚଳର ପ୍ରମୋଦ କଉଡି(୬୫)। ଏ ନେଇ ପୋଲିସ ଗୋବିନ୍ଦପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ଠିକଣା ମିଳି ନ ଥିବାରୁ ବାମରା ମେଡିକାଲ ଫ୍ରିଜରରେ ରଖାଯାଇଛି। ସୂଚନା ଅନୁଯାୟୀ ବୃଦ୍ଧ ଜଣକ ନିଜ ପରିବାରଠାରୁ ଦୂରେଇ ପ୍ରାୟ ୫ବର୍ଷ ହେବ ବାମରା ଅଞ୍ଚଳରେ ରହି ଆସୁଥିଲେ। ୪/୫ଦିନ ହେବ ସେ ଅସୁସ୍ଥ ହୋଇପଡିଥିଲେ। ବାମରାର ମିଥୁନ କୋହ୍ଲ ନାମକ ବ୍ୟକ୍ତି ତାଙ୍କୁ ଡାକ୍ତରଖାନା ନେଇ ଚିକିତ୍ସା କରାଇଥିଲେ। ସୋମବାର ସକାଳେ ଲୋକେ ତାଙ୍କୁ ଅଚେତ ଅବସ୍ଥାରେ ପଡିଥିବା ଦେଖି ଡାକ୍ତରଖାନା ନେଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନରେ ସମଲେଇ ମନ୍ଦିରରେ ଦୀପଦାନ

**ସମ୍ବଲପୁର,୧୬।୧୦(ବି.ଶଙ୍କର):** ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ଉପଲକ୍ଷେ ସୋମବାର ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ମା' ସମଲେଶ୍ୱରୀଙ୍କ ମନ୍ଦିରରେ ଦୀପଦାନ ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବ ଜନତା ଦଳର ଜିଲା ସଭାପତି ଲକ୍ଷ୍ମୀପ୍ରସାଦ ମହାପାତ୍ରଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୀର୍ଘାୟୁ କାମନା କରି ଦଳୀୟ ନେତା ଦୀପ ପ୍ରଜ୍ୱଳନ କରିଥିଲେ । ରେଢ଼ାଖୋଲ ବିଧାୟକ ତଥା ବିଜେଡି ଜିଲା ସଭାପତି ରୋହିତ ପୂଜାରୀ, ରାଜ୍ୟ ବିଜେଡ଼ି ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାସ, ରାଜ୍ୟ କେନ୍ଦୁପତ୍ର କଲ୍ୟାଣ ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି, ବିଜେଡି ରାଜ୍ୟ ପ୍ରବକ୍ତା ସଞ୍ଜୟ ବାବୁ, ବିଜେଡି ମହାନଗର ନିଗମ ସଭାପତି ସତିଶ ବିଶି, ସିପ୍ରା ମହାନ୍ତି, ବନ୍ଦିତା ମିଶ୍ର, ଦିଲୀପ ଦୁରିଆ, ଯୁବଜନତା ଦଳ ରାଜ୍ୟ ପର୍ଯ୍ୟବେକ୍ଷକ ରାଜେଶ ଲକ୍ଷ୍ମୀ ମହାପାତ୍ର, ମିଳନ ହୋତା ଉପସ୍ଥିତ ଥିଲେ।


ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଦୀପଦାନ କରାଯାଉଛି।

# ନିଜର ଦୁର୍ବଳତା ଲୁଚାଇବାକୁ କଟାକ୍ଷ: ଭାଜପା

**ସମ୍ବଲପୁର,୧୬।୧୦(ବି.ଶଙ୍କର):** ସମ୍ବଲପୁର ଭାଜପା ବାହାର ଲୋକଙ୍କ ଉପରେ ଭରସା କରିଛି। ଜିଲାରେ ନେତୃତ୍ୱ ଦୁର୍ବଳ ହୋଇଗଲାଣି ବୋଲି ସମ୍ବଲପୁର ବିଜେଡି ସଭାପତି ତଥା ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ରବିବାର କଟାକ୍ଷ କରିଥିଲେ। ଏହା ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ସୋମବାର ଭାଜପା ନେତୃବୃନ୍ଦ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି। ବିଜେଡି ଜିଲା ସଭାପତି ରୋହିତଙ୍କ ଏପରି ମନ୍ତବ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବିଗତ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେପୁରରେ ବିଧାନସଭା ପ୍ରାର୍ଥୀ ହୋଇଥିବାବେଳେ ପୂର୍ବରୁ ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ରେଢ଼ାଖୋଲ ବିଧାନସଭାରେ ନିର୍ବାଚନ ଲଢ଼ିଥିଲେ । ତେଣୁ ବରଗଡ ଜିଲାରେ ନେତୃତ୍ୱ ଦୁର୍ବଳ ଥିଲା କି ବୋଲି ଭାଜପା ପ୍ରଶ୍ନ କରିଛି । ପ୍ରକୃତ ପକ୍ଷେ ନିଜର ଦୋଷ ଦୁର୍ବଳତାକୁ ଲୁଚାଇବା ଲାଗି ବିଜେଡି ନେତା ଅନ୍ୟ ଦଳକୁ କଟାକ୍ଷ କରୁଛନ୍ତି ବୋଲି ଭାଜପା କହିଛି । ଭାଜପା ପୂର୍ବତନ ଜିଲା ଉପସଭାପତି ଶ୍ରୀକାନ୍ତ ପାଣିଗ୍ରାହୀ, ବରିଷ୍ଠ ନେତା ଦେଓକିରଣ ପଟ୍ଟନାୟକ, ମୁକେଶ ଜରିୱାଲ, ସରୋଜ ସାହୁ ଓ ପ୍ରବକ୍ତା ସୂର୍ଯ୍ୟ ପାଣିଗ୍ରାହୀ ପ୍ରେସ ବିବୃତିରେ ରୋହିତଙ୍କୁ ପାଲଟା ଜବାବ ଦେଇଛନ୍ତି। ଏ ନେଇ ରୋହିତଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳି ନ ଥିଲା ।

# ମନ୍ଦିର ଆକୃତିର ତୋରଣ ଆକର୍ଷଣ ସାଜିବ

## ଗୋବିନ୍ଦତୋଲା ଦୁର୍ଗାପୂଜା

**ସମ୍ବଲପୁର,୧୬।୧୦(ବି.ଶଙ୍କର):** ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଗୋବିନ୍ଦତୋଲା ଦୁର୍ଗାପୂଜା ୫୫ବର୍ଷରେ ପଦାର୍ପଣ କରିଛି। ୧୯୬୯ରେ ଗ୍ରାମର ଯୁବକମାନେ ମା' ଭୁବନେଶ୍ୱରୀଙ୍କୁ ପୀଠରେ ପୂଜା କରିବାକୁ ସଂକଳ୍ପ ନେଇଥିଲେ। ପରବର୍ତ୍ତୀ ସମୟରେ ଦୁର୍ଗାପୂଜା ମଣ୍ଡପ, ବିଶାଳ ତୋରଣ ଓ ଲାଇଟ ସାଜସଜ୍ଜା ସହରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଚଳିତବର୍ଷ କମିଟି ଦୁର୍ଗାପୂଜାକୁ ଆକର୍ଷଣୀୟ କରିବାକୁ ଲକ୍ଷ୍ୟ ରଖିଛି। ଏହି ପରିପ୍ରେକ୍ଷୀରେ ଜିଲା ପ୍ରଶାସନ କେତେକ ପ୍ରକଳ୍ପ ଅଧାପନ୍ତରିଆ କରିଥିବାରୁ କମିଟି କର୍ମକର୍ତ୍ତା ଅସନ୍ତୋଷ ପ୍ରକାଶ କରି ତୁରନ୍ତ ସାରିବାକୁ ଦାବି କରିଛନ୍ତି। ଏବର୍ଷ ଦୁର୍ଗାପୂଜା ଭସାଣି ଶୋଭାଯାତ୍ରାକୁ ଜିଲା ପ୍ରଶାସନ ବନ୍ଦ କରିଛି । ତଥାପି ଷାଠିଏ ଫୁଟ ଉଚ୍ଚର ମନ୍ଦିର ଆକୃତିର ତୋରଣ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିବ ବୋଲି କୁହାଯାଉଛି। ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ଏକ କିଲୋମିଟର ବ୍ୟାପୀ ଅଞ୍ଚଳରେ ବିଦ୍ୟୁତ୍ ତୋରଣ ଓ ସାଜସଜ୍ଜା ଚାଲିଛି। ୬ଟି ସୁଉଚ୍ଚ ଲାଇଟ ତୋରଣ ଝଟକିବ। ଚଳିତବର୍ଷ ସଭାପତି ପ୍ରଦୀପ ପାଢ଼ୀ, ସମ୍ପାଦକ ଶୁଭମ ମହାପାତ୍ର, କୋଷାଧକ୍ଷ ବାଙ୍କବିହାରୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଯୁବକମାନେ ବିଭିନ୍ନ ଦାୟିତ୍ୱ ନିର୍ବାହ କରୁଛନ୍ତି । କର୍ତ୍ତା ଦାଶରଥି ପଣ୍ଡା, ପୂଜକ ଜଗଦିଶ ଦାସ, ଚଣ୍ଡିପାଠକ ଅଶୋକ ପଣ୍ଡା, ଆଦିତ୍ୟ ନାୟକ ପୂଜା କାର୍ଯ୍ୟ ତୁଲାଇବେ। ଅକ୍ଟୋବର ୨୦ରୁ ୨୫ ଯାଏ ଶାରଦୀୟ ପୂଜା, ୨୧ରେ ମାଆ, ଭଉଣୀମାନଙ୍କର ଭାଇଜିଉନ୍ତିଆ ପର୍ବ ଦେବୀ ମଣ୍ଡପରେ ପାଳନ ହେବା କାର୍ଯ୍ୟକ୍ରମ ରହିଛି । ଚଳିତ ବର୍ଷ ବ୍ୟୟ ଅଟକଳ ୩୦ ଲକ୍ଷ ରହିଛି ।


ପୂଜା କମିଟି ପକ୍ଷରୁ ବିଦ୍ୟୁତ୍ ତୋରଣ ପ୍ରସ୍ତୁତ କରାଯାଉଛି।

# ବିଜେଡିର ସମାନ୍ତରାଳ ରକ୍ତଦାନ ଶିବିର ନେଇ ଚର୍ଚ୍ଚା

**କୁଚିଣ୍ଡା/ଜମନକିରା,୧୬।୧୦(ବିରଞ୍ଚି ଦର୍ଶା/ରବୀନ୍ଦ୍ର ପ୍ରସାଦ ଦାନି):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୮ତମ ଜନ୍ମଦିନ ଅବସରରେ ବିଜେଡି ପକ୍ଷରୁ ସୋମବାର ସମାନ୍ତରାଳ ଭାବେ ରକ୍ତଦାନ ଶିବିର ଆୟୋଜନକୁ ନେଇ ଚର୍ଚ୍ଚା ଜୋର ଧରିଛି। କୁଚିଣ୍ଡାରେ ବିଧାୟକ କିଶୋର ଚନ୍ଦ୍ର ନାଏକଙ୍କ ନେତୃତ୍ୱରେ ଉପଖଣ୍ଡ ଡାକ୍ତରଖାନାରେ ହୋଇଥିବା ଶିବିରରେ ଜିଲା ସଭାପତିରୋହିତ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ୨୫ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, ଏନ୍‌ଏସି ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି, ଜମନକିରା ବ୍ଲକ ଅଧ୍ୟକ୍ଷା ଆଶ୍ରିତା ଭୋଇ, ଜିଲାପରିଷଦ ସଭ୍ୟ ଅଜିତ ମହାପାତ୍ର, ଜିଲାପରିଷଦ ସଭ୍ୟା ତନୟା ଧୁରୁଆ, କୁଚିଣ୍ଡା ବ୍ଲକ ସଭାପତି ଅମୂଲ୍ୟ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସେହିପରି କୁଚିଣ୍ଡା ନିର୍ବାଚନମଣ୍ଡଳୀର ଜମନକିରା ବ୍ଲକ ମୁଖ୍ୟାଳୟ ଡାକ୍ତରଖାନାରେ ବ୍ଲକ ବିଜୁ ସେବା କେନ୍ଦ୍ର ଜମନକିରା ବ୍ଲକ ସଭାପତି ମିଳନ ଖୁଣ୍ଟିଆଙ୍କ ନେତୃତ୍ୱରେ ଆୟୋଜିତ ରକ୍ତଦାନ ଶିବିରରେ ବିଜେଡି ସମ୍ବଲପୁର ଜିଲା ଉପଦେଷ୍ଟା ବିଜୟ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ୮୯ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ସମ୍ବଲପୁର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶୋଭାରାମ ପଧାନ, ବ୍ଲକ ସଭାପତି ଆଦିପ୍ରସାଦ ମହାକୁଳ, ଜିଲାପରିଷଦ ସଭ୍ୟା ସୁଜାତା ଖୁଣ୍ଟିଆ, ରାଜ୍ୟ କେନ୍ଦୁପତ୍ର କଲ୍ୟାଣ ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି, ମହମ୍ମଦ ମୁର୍ତ୍ତୁଜା, ମହେନ୍ଦ୍ର ବାଘଙ୍କ ସମେତ ବିଜେଡ଼ିର ବହୁ ନେତା ଓ କର୍ମୀ ଯୋଗଦେଇଥିଲେ। ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ଏଭଳି ଦୁଇଗୋଟି ସ୍ଥାନରେ ରକ୍ତଦାନ ଶିବିର ଆୟୋଜନକୁ ନେଇ ଦଳ ମଧ୍ୟରେ ଗୋଷ୍ଠୀ କନ୍ଦଳ ଥିବା ଚର୍ଚ୍ଚା ହେଉଛି। କୁଚିଣ୍ଡାରେ ରକ୍ତଦାନ ଶିବିରକୁ ସଫଳ କରିବା ପାଇଁ ବିଧାୟକ ନାଏକ ରବିବାର ଏକ ପ୍ରସ୍ତୁତି ବୈଠକ କରିଥିବା ବେଳେ ଜମନକିରାରେ ସମାନ୍ତରାଳ ଭାବେ ଅନ୍ୟ ଏକ ରକ୍ତଦାନ ଶିବିର କରାଯିବା କର୍ମୀ ମହଲରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ବିଜେଡି ଜିଲା ସଭାପତି ରୋହିତ ପୂଜାରୀଙ୍କୁ ସମାନ୍ତରାଳ ରକ୍ତଦାନ ଶିବିର ସମ୍ପର୍କରେ ପଚାରିବାରେ ବିଜେଡିରେ ଗୋଷ୍ଠୀ କନ୍ଦଳ ନାହିଁ। କର୍ମୀମାନେ ବ୍ଲକ ସ୍ତରରେ ମଧ୍ୟ ଶିବିର ଆୟୋଜନ କରିପାରିବେ ବୋଲି କହିଛନ୍ତି।


ଜମନକିରାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଯାଜପୁରରେ କଲ୍ୟାଣ ଜୁଏଲର୍ସର ନୂଆ ଶୋ'ରୁମ୍

ଯାଜପୁର ରୋଡ୍,୧୬।୧୦(ପବିତ୍ର ରଞ୍ଜନ ମହାନ୍ତି)




କଲ୍ୟାଣ ଜୁଏଲର୍ସର ନୂଆ ଶୋ'ରୁମ୍ ଯାଜପୁର ରୋଡ୍‌ର ଅର୍ଜୁନ କମ୍ପ୍ଲେକ୍ସ ଠାରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହିପରିପ୍ରେକ୍ଷୀରେ ବଲିଉଡ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ସମ୍ମାନିତ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲ୍ୟାଣ ଜୁଏଲର୍ସର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଯୋଗଦେଇଥିଲେ।

ଏ ସମ୍ପର୍କରେ କଲ୍ୟାଣ ଜୁଏଲର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମେଶ କଲ୍ୟାଣ ରମଣ କହିଛନ୍ତି, କମ୍ପାନୀ ଭାବେ ଏକ ବଡ଼ ମାଇଲଖୁଣ୍ଟ ହାସଲ କରିଛୁ ଏବଂ ଗ୍ରାହକଙ୍କ ଶପିଂ ଅନୁଭୂତିରେ ଉନ୍ନତି ଆଣିବା ଲାଗି ଏକ ସାମଗ୍ରିକ ବ୍ୟବସ୍ଥା ସୃଷ୍ଟି କରିଛୁ। ଅଭିବୃଦ୍ଧି ଯାତ୍ରାର ପରବର୍ତ୍ତୀ ପର୍ଯ୍ୟାୟ ଆରମ୍ଭ କରିଥିବାବେଳେ ଯାଜପୁର ରୋଡ୍‌ରେ ନୂଆ ଶୋରୁମ୍ ଖୋଲାଯାଇଥିବା ବିଷୟରେ ଘୋଷଣା କରି ବେଶ ଆନନ୍ଦିତ। ଏହି ଉନ୍ମୋଚନ ସହିତ ଓଡ଼ିଶାରେ ଆମେ ଆମର ଭୌଗୋଳିକ ଉପସ୍ଥିତି ବଢ଼ାଇଛୁ ଏବଂ ଗ୍ରାହକମାନଙ୍କୁ ଶ୍ରେଷ୍ଠ ମାନର ଶପିଂ ଅନୁଭୂତି ପ୍ରଦାନ କରିବା ସହ ବିଶ୍ୱାସ ଓ ସ୍ୱଚ୍ଛତାକୁ ନେଇ କମ୍ପାନୀର ରହିଥିବା ମୂଲ୍ୟବୋଧ ବଜାୟ ରଖିବା ପ୍ରତି ପ୍ରତିବଦ୍ଧ ରହିଛୁ। ଏହି ନୂତନ ଶୋ'ରୁମ୍‌ର ଶୁଭାରମ୍ଭ ଉତ୍ସବକୁ ପାଳନ କରିବା ଲାଗି ସର୍ବନିମ୍ନ ୧ ଲକ୍ଷ ଟଙ୍କାର ଶପିଂ ଉପରେ ଗ୍ରାହକଙ୍କୁ କିଣାମୂଲ୍ୟର ଅଧା ଦାମ୍‌ରେ ୦% ପ୍ରତିଶତ ଗଢ଼ା ମୂଲ୍ୟ ଅଫର ପ୍ରଦାନ କରାଯାଉଛି। କଲ୍ୟାଣ ଜୁଏଲର୍ସରେ ବିକ୍ରି କରାଯାଉଥିବା ଗହଣାଗୁଡ଼ିକ ବିଆଇଏସ୍ ହଲ୍‌ମାର୍କର ଏବଂ ଏକାଧିକ ଶୁଦ୍ଧତା ପରୀକ୍ଷା ଦେଇ ଗତିକରେ। ଗ୍ରାହକମାନେ କଲ୍ୟାଣ ଜୁଏଲର୍ସର ୪-ସ୍ତରୀୟ ଆସ୍ୟୁରାନ୍ସ ସାର୍ଟିଫିକେଟ୍ ପାଇବେ, ଯାହା ଶୁଦ୍ଧତା, ଗହଣାର ଜୀବନବ୍ୟାପୀ ମରାମତି, ସମ୍ପୂର୍ଣ୍ଣ ଉତ୍ପାଦ ବିବରଣୀ, ଏକ୍ସଚେଞ୍ଜ୍ ଓ ବାଏ ବ୍ୟାକ୍ ନୀତିରେ ସ୍ୱଚ୍ଛତା ଆଦିର ଗ୍ୟାରେଣ୍ଟି ପ୍ରଦାନ କରୁଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

## ଖସିଲା ଶେୟାର ବଜାର କାରବାର

ଭୁବନେଶ୍ୱର, ୧୬।୧୦

ଗତ କିଛି ସପ୍ତାହ ହେଲା ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୧୧୬ (୧୧୫.୮୧) ପଏଣ୍ଟ ଖସି ୬୬,୧୬୭ (୬୬,୧୬୬.୯୩) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୧୯ (୧୯.୩୦) ପଏଣ୍ଟ ହ୍ରାସ ଘଟି ୧୯,୭୩୨(୧୯,୭୩୧.୭୫) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍ଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକରେ ମଧ୍ୟ ପରିବର୍ତ୍ତନ ହୋଇଥିଲା।

## ପିଜିଆଇର ନୂତନ କଲେକ୍ସନ

ଭୁବନେଶ୍ୱର, ୧୬।୧୦




ଅନ୍ତଃରାଷ୍ଟ୍ରୀୟ ଅଳଙ୍କାର ବ୍ରାଣ୍ଡ୍ ତଥା ପ୍ଲାଟିନମ୍ ଗିଲ୍ଡ ଇଣ୍ଟରନ୍ୟାଶନାଲ(ପିଜିଆଇ)ର ନୂତନ କଲେକ୍ସନ 'ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡ'କୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ବିଶେଷକରି ୯୫% ଶୁଦ୍ଧ ଓ ବିରଳ ପ୍ଲାଟିନମ୍‌ରେ ଗଢ଼ା ଏହି କଲେକ୍ସନ ପ୍ରେମର ଚରମ ପ୍ରତୀକ ବୋଲି ପିଜିଆଇ ପକ୍ଷରୁ କୁହାଯାଇଛି। ଏପରିକି ଏଭଳି କିଛି ଡିଜାଇନ ଦ୍ୱାରା ଭଲ ପାଇବାକୁ ବାଛନ୍ତି, ଯାହା ଆଧୁନିକ ମୂଲ୍ୟବୋଧ ଉପରେ ନିର୍ମିତ ହୋଇଥାଏ। ଯେଉଁଥିରେ ପରସ୍ପରର ଭାବନା ପ୍ରତିଫଳିତ ହୋଇଥାଏ। ସେହିଭଳି ଏକ ବିରଳ ପ୍ରେମକୁ ପାଳନ କରିବା ପାଇଁ ପ୍ଲାଟିନମ ଏକ ନୂଆ କଲେକ୍ସନକୁ ଉପସ୍ଥାପନ କରୁଛି। ଏହି ସୂକ୍ଷ୍ମ ସଂଗ୍ରହକୁ ଯତ୍ନର ସହ ଡିଜାଇନ କରାଯାଇଛି, ଯେଉଁଥିରେ କିଛି ସ୍ୱତନ୍ତ୍ର ଶୈଳୀ, ଡିଜାଇନ ଓ ଚମତ୍କାର ମୋଟିଫ ରହିଛି। ଏହି କଲେକ୍ସନ ମଧ୍ୟରେ ଥିବା ପ୍ରତିଟି ଡିଜାଇନ ହେଉଛି ଏକ ମାଷ୍ଟର ପିସ୍, ଯାହା ସ୍ୱତନ୍ତ୍ରତାର ପରିଚୟ ଦେଇଥାଏ। ଏହା ଉଭୟ ଆନନ୍ଦଦାୟକ ଓ ଚ୍ୟାଲେଞ୍ଜିଂ ମୁହୂର୍ତ୍ତକୁ ପ୍ରଦର୍ଶିତ କରିଥାଏ। ଏହା ଦମ୍ପତିଙ୍କ ମନରେ ଏକ ସୁଖଦ ଅନୁଭୂତି ସୃଷ୍ଟି କରିଥାଏ। ଏହି ଉପାଦାନଗୁଡ଼ିକ ଗଭୀର ଓ ଅର୍ଥପୂର୍ଣ୍ଣ ସଂଯୋଗର ମୂଳଦୁଆ ସୃଷ୍ଟି କରିଥାଏ। ଅପରପକ୍ଷରେ ଚଳିତ ଉତ୍ସବ ଋତୁ ଆରମ୍ଭ ହେବା ସଙ୍ଗେ ସଙ୍ଗେ ମନରେ ଉତ୍ସବକୁ ସ୍ମରଣୀୟ କରିବା ଭାବନା ସୃଷ୍ଟି ହୋଇଥାଏ।

# ଆଜିଠୁ ୩ଦିନିଆ ସାମୁଦ୍ରିକ ସମାରୋହ

**ଜିଏମଆଇଏସ-୨୦୨୩କୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବେ**

ଭୁବନେଶ୍ୱର, ୧୬।୧୦

ଚଳିତ ବର୍ଷ ଅକ୍ଟୋବର ୧୭ ରୁ ୧୯ ତାରିଖ ପର୍ଯ୍ୟନ୍ତ ମୁମ୍ବାଇର ଏମଏମଆରଡିଏ ପଡ଼ିଆ ଠାରେ ଅନୁଷ୍ଠିତ ହେବାକୁ ଥିବା ଗ୍ଲୋବାଲ ମେରିଟାଇମ୍ ଇଣ୍ଡିଆ ଶିଖର ସମ୍ମିଳନୀ ୨୦୨୩ (ଜିଏମଆଇଏସ-୨୦୨୩)ର ତୃତୀୟ ସଂସ୍କରଣକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭର୍ଚୁଆଲ ମାଧ୍ୟମରେ ଉଦଘାଟନ କରିବେ। ବିଶେଷ କରି ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ଦ୍ୱାରା ୩ ଦିନିଆ ସର୍ବବୃହତ ସାମୁଦ୍ରିକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଏପରିକି ଭବିଷ୍ୟତର ବନ୍ଦର, ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ, ଉପକୂଳ ଜାହାଜ ଚଳାଚଳ ଏବଂ ଆଇଡବ୍ଲ୍ୟୁଟି, ଜାହାଜ ନିର୍ମାଣ, ମରାମତି ଏବଂ ରିସାଇକ୍ଲିଂ, ଅର୍ଥ, ବୀମା ଏବଂ ମଧ୍ୟସ୍ଥତା, ସାମୁଦ୍ରିକ କ୍ଲଷ୍ଟର, ଉଦ୍ଭାବନ ଏବଂ ପ୍ରଯୁକ୍ତିବିଦ୍ୟା, ସାମୁଦ୍ରିକ ନିରାପତ୍ତା ଓ ସୁରକ୍ଷା ଏବଂ ସାମୁଦ୍ରିକ ପର୍ଯ୍ୟଟନ ଆଦି ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା ସହ ଅଧିବେଶନର ଆୟୋଜନ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ସେହିଭଳି ଉଦଘାଟନୀ ଅଧିବେଶନରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଅପରପକ୍ଷରେ ସମ୍ମିଳନୀର ଅଧିବେଶନରେ ଆର୍ମେନିଆ, ବାଂଲାଦେଶ, ବେଲାରୁସ୍, କୋମୋରୋସ୍, ଇରାନ, ଇଟାଲୀ, ଶ୍ରୀଲଙ୍କା, ତାଞ୍ଜାନିଆ, ତୁର୍କମେନିସ୍ତାନ, ଉଜବେକିସ୍ତାନ, ସ୍ୱେଡେନ୍ ଏବଂ ନେପାଳ ସମେତ ୧୨ଟି ଦେଶର ମନ୍ତ୍ରୀମାନେ ମଧ୍ୟ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଏଥିସହ ଭାରତର ୧୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୧୬ଜଣ ରାଜ୍ୟ ମନ୍ତ୍ରୀ ଓ ଉପରାଜ୍ୟପାଳ ଉପସ୍ଥିତ ରହିବେ। ବିଶେଷ କରି ଏହା କେବଳ ଭାରତ ପାଇଁ ନୁହେଁ, ବିଶ୍ୱ ସାମୁଦ୍ରିକ ସମୁଦାୟ ପାଇଁ ଏହା ଏକ ଐତିହାସିକ ସମାରୋହ ହେବ।

# ହୋଣ୍ଡାର ଅଲ୍ ନ୍ୟୁ ସିବି୩୦୦ଆର୍ ଉନ୍ମୋଚିତ

ଭୁବନେଶ୍ୱର, ୧୬।୧୦ (ଅଭୟ ଦାଶ)



ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍ଏମ୍ଏସ୍ଆଇ) ପ୍ରାଇଭେଟ ଲିମିଟେଡର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହୋଣ୍ଡା ଅଲ ନ୍ୟୁ ସିବି୩୦୦ଆରକୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ବିଶେଷ କରି ଓବିଡି୨ଏ ନିୟମ ପାଳନ କରୁଥିବା ୨୦୨୩ ସିବି୨୦୦ଆର୍‌ର ବଜାର ପ୍ରବେଶ ସୋମବାର ଆନୁଷ୍ଠାନିକ ଭାବେ ହୋଇଯାଇଛି। ଏପରିକି ନିଓ ସ୍ପୋର୍ଟସ୍ କାଫେ ରୋଡ୍‌ଷ୍ଟର୍ ଭାବେ ପ୍ରସ୍ତୁତ କରାଯାଇଥିବା ଏହି ମୋଟରସାଇକେଲ୍‌ର ବୁକିଂର ଶୁଭାରମ୍ଭ ମଧ୍ୟ କରାଯାଇଛି।

ଏ ସମ୍ପର୍କରେ ଏଚ୍ଏମ୍ଏସ୍ଆଇର ପରିଚାଳନା ନିର୍ଦ୍ଦେଶକ, ସଭାପତି ଓ ସିଇଓ ସୁତ୍ସୁମୁ ଓଟାନି କହିଛନ୍ତି, ଓବିଡି୨ଏ ନିୟମ ପାଳନ କରୁଥିବା ଇଞ୍ଜିନ ବ୍ୟବହାର କରାଯାଇଥିବା ୨୦୨୩ ସିବି୩୦୦ଆର୍‌କୁ ଉନ୍ମୋଚନ ସହ ବଜାର ପ୍ରବେଶ କରାଇ ଆମେ ବେଶ ଉତ୍ସାହିତ ଅଛୁ। ସେହିଭଳି ଏଚ୍ଏମ୍ଏସ୍ଆଇ ନିର୍ଦ୍ଦେଶକ (ସେଲ୍ସ ଆଣ୍ଡ ମାର୍କେଟିଂ) ଯୋଗେଶ ମାଥୁର କହିଛନ୍ତି, ଭାରତୀୟ ଚାଳକମାନଙ୍କ ଲାଗି ଆଜି ସିବି୩୦୦ଆର୍‌କୁ ଉନ୍ମୋଚନ କରାଯିବା ସହ ଏଚ୍ଏମ୍ଏସ୍ଆଇର ମଧ୍ୟମ-ଓଜନ ଉଚ୍ଚ ପ୍ରଦର୍ଶନ ମୋଟରସାଇକେଲ୍ ଉତ୍ପାଦ ବର୍ଗମାଳା ଆହୁରି ସମୃଦ୍ଧ ହୋଇଛି। ଉଲ୍ଲେଖଯୋଗ୍ୟ, ସିବି୧୦୦୦ଆର୍ ଡିଜାଇନ୍‌ରୁ ଅନୁପ୍ରାଣିତ ହୋଇ ନୂଆ ୨୦୨୩ ସିବି୩୦୦ଆର୍‌କୁ ପ୍ରସ୍ତୁତ କରାଯାଇଛି। ଏହାର ବଡ଼ ତେଲ ଟାଙ୍କିକୁ ନିଓ ସ୍ପୋର୍ଟ କାଫେର ଡିଏନ୍ଏ ଅନୁସାରେ ପ୍ରସ୍ତୁତ କରାଯାଇଛି। ଏଥିରେ ସମ୍ପୂର୍ଣ୍ଣ ଏଲ୍ଇଡି ଲାଇଟ୍ ବ୍ୟବହାର କରାଯାଇଛି। ୧୪୬ କେଜିର ଉକ୍ତ ବାଇକ୍ ଏହି ବର୍ଗରେ ସବୁଠୁ ହାଲୁକା ହୋଇଥିବା ବେଳେ ଏଥିରେ ଆଡଜଷ୍ଟେବଲ୍ ମୋନୋସକ୍ ଅବ୍‌ଜରବର, ଡୁଆଲ ଚ୍ୟାନେଲ୍ ଏବିଏସ୍, ସମ୍ପୂର୍ଣ୍ଣ ଡିଜିଟାଲ୍ ଇନଷ୍ଟ୍ରୁମେଂଟ୍ କ୍ଲଷ୍ଟର୍, ଏମର୍ଜେନ୍ସି ଷ୍ଟପ୍ ସିଗ୍ନାଲ୍ ଓ ହାଜାର୍ଡ ଲାଇଟ୍, ୨୮୬.୦୧ ସିସି ୪ ଷ୍ଟ୍ରୋକ୍ ସିଙ୍ଗଲ ସିଲିଣ୍ଡର ବିଏସ୍-୬ ଓବିଡି୨ଏ ନିୟମ ପାଳନ କରୁଥିବା ପିଜିଏମ୍-ଏଫ୍ଆଇଇଞ୍ଜିନ୍ ରହିଛି। ଏହା ପର୍ଲ ସ୍ପାର୍ଟାନ ରେଡ୍ ଓ ମ୍ୟାଟ୍ ମାସିଭ୍ ଗ୍ରେ ମେଟାଲିକ୍ ରଙ୍ଗରେ ଉପଲବ୍ଧ। ଅପରପକ୍ଷରେ ଆଗ୍ରହୀ ଗ୍ରାହକମାନେ ନିକଟସ୍ଥ ବିଗ୍‌ୱିଙ୍ଗ୍ ଡିଲରଶିପ୍‌ରେ ଏହାର ବୁକିଂ କରିପାରିବେ। ୨୦୨୩ ହୋଣ୍ଡା ସିବି୩୦୦ଆର୍‌ର ମୂଲ୍ୟ ୨,୪୦,୦୦୦ ଟଙ୍କା (ଏକ୍ସ ଶୋ'ରୁମ୍, ଦିଲ୍ଲୀ) ରହିଛି।

# ପିଏନ୍‌ବି ପକ୍ଷରୁ ପୁରସ୍କାର ବିତରଣ ଉତ୍ସବ

ଭୁବନେଶ୍ୱର, ୧୬।୧୦

ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ (ପିଏନ୍‌ବି)ର ସମ୍ବଲପୁର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ରାଜଭାଷା ସମାରୋହ ଓ ପୁରସ୍କାର ବିତରଣ ଉତ୍ସବ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ପିଏନ୍‌ବି ସମ୍ବଲପୁର ମଣ୍ଡଳର ମଣ୍ଡଳ ମୁଖ୍ୟ ଅଜିତ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ରାଜଭାଷା ସମାରୋହ ଆୟୋଜିତ ହୋଇଥିଲା। ଏଥିରେ ହିନ୍ଦୀ ବିଚାର ସଂଗୋଷ୍ଠୀ ସହ ଚଳିତ ବର୍ଷ ସେପ୍ଟେମ୍ବରରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଅଜିତ ମେହେର ହିନ୍ଦୀ ଏବଂ କ୍ଷେତ୍ରୀୟ ଭାଷାରେ ଗ୍ରାହକମାନଙ୍କୁ ପ୍ରଦାନ କରାଯାଉଥିବା ବ୍ୟାଙ୍କିଙ୍ଗ୍ ସେବା ସମ୍ବନ୍ଧରେ ଆଲୋଚନା କରିଥିଲେ। ସେହିଭଳି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ମହାନଦୀ କୋଲ ଫିଲ୍ଡସ ଲିଃର ମହାପ୍ରବନ୍ଧକ ଏବଂ ନରାକାସ ସମ୍ବଲପୁରର ସଦସ୍ୟ ସଚିବ କୃଷ୍ଣ ମୁରାରୀ ପ୍ରସାଦ କ୍ଷେତ୍ରୀୟ ଏବଂ ବ୍ୟବସାୟିକ ଭାଷା ରୂପରେ ହିନ୍ଦୀ ଭାଷାର ପ୍ରାଧାନ୍ୟ ଉପରେ ବିସ୍ତୃତ ଆଲୋଚନା କରିଥିଲାବେଳେ ମୁଖ୍ୟ ବକ୍ତା ଶିକ୍ଷାବିତ୍ ଏବଂ ଓଡିଶା ଷ୍ଟେଟ୍ ଓପନ ୟୁନିଭର୍ସିଟି ସମ୍ବଲପୁରର ଅବସରପ୍ରାପ୍ତ କୁଳପତି ଡ. ଜୟନ୍ତ କର ଶର୍ମା ହିନ୍ଦୀ ଏବଂ ଓଡିଆ ଭାଷାର ପାରସ୍ପରିକ ସମ୍ବନ୍ଧ ଉପରେ ନିଜର ମତାମତ ରଖିଥିଲେ। ହିନ୍ଦୀ ମାସ-୨୦୨୩ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ଏବଂ ହିନ୍ଦୀରେ ଶ୍ରେଷ୍ଠ କାର୍ଯ୍ୟ ସମ୍ପାଦନ କରିଥିବା ବିଭାଗଗୁଡ଼ିକୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପରିଶେଷରେ ରାଜଭାଷାର ମୁଖ୍ୟ ପ୍ରବନ୍ଧକ ପାର୍ଥ ସାରଥୀ ମହାପାତ୍ର ସମାରୋହରେ ଉପସ୍ଥିତ ଅତିଥି ଏବଂ କର୍ମଚାରୀମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଅପରପକ୍ଷରେ ରାଜଭାଷାର ବରିଷ୍ଠ ପ୍ରବନ୍ଧକ ଆନନ୍ଦ କୁମାର ମିଶ୍ର ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ଫୁର୍‌ସତ୍

# ଦାରିଦ୍ର୍ୟମୁକ୍ତ ପୃଥିବୀ ସମ୍ଭବ



**ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ**

ଦାରିଦ୍ର୍ୟ ହିଁ ସମସ୍ତ ସମସ୍ୟାର ମୁଖ୍ୟ କାରଣ। ତେବେ ଦାରିଦ୍ର୍ୟ ମୁକ୍ତ ପୃଥିବୀ ସମ୍ଭବ। ଏହାର ଦୂରୀକରଣ ପାଇଁ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଅକ୍ଟୋବର ୧୭ରେ ସମଗ୍ର ବିଶ୍ୱରେ ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ ପାଳନ କରାଯାଇଥାଏ। ୧୯୮୭ ମସିହାରେ ଫ୍ରାନ୍ସର ପ୍ୟାରିସ୍‌ରେ ପ୍ରଥମ ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ ପାଳନ କରାଯାଇଥିଲା।ଙ୍ ୧,୦୦,୦୦୦ଲୋକ ଟ୍ରୋକାଡେରୋରେ ମାନବ ଅଧିକାର ପାଇଁ ଲିବର୍ଟିଜ ପ୍ଲାଜାରେ ଏକତ୍ରିତ ହୋଇ ଦାରିଦ୍ର୍ୟ, କ୍ଷୁଧା, ହିଂସା ଏବଂ ଭୟର ଶିକାର ହୋଇଥିବା ଲୋକଙ୍କୁ ସମ୍ମାନ ପ୍ରଦର୍ଶନ କରିଥିଲେ। ଏହି ମର୍ମରେ ୧୯୯୨ରେ ଜୋସେଫ୍ ୱେର୍ସିନସ୍କିଙ୍କ ଦ୍ୱାରା ପ୍ରତିଷ୍ଠିତ ଅନ୍ତର୍ଜାତୀୟ ଆନ୍ଦୋଳନ ଏଟିଡି ଚତୁର୍ଥ ବିଶ୍ୱର ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଥିଲା। ୱେର୍ସିନସ୍କିଙ୍କ ମୃତ୍ୟୁର ୪ ବର୍ଷ ପରେ ମିଳିତ ଜାତିସଂଘ ଆନୁଷ୍ଠାନିକ ଭାବରେ ଅକ୍ଟୋବର ୧୭କୁ ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ ଭାବରେ ପାଳନ କରିବାକୁ ସ୍ୱୀକୃତି ପ୍ରଦାନ କରିଥିଲା।

ୱେର୍ସିନସ୍କି କହିଥିଲେ, ଯେଉଁଠାରେ ପୁରୁଷ ଏବଂ ମହିଳା ଅତ୍ୟଧିକ ଦାରିଦ୍ର୍ୟରେ ଜୀବନଯାପନ କରିବାକୁ ବାଧ୍ୟ ହୁଅନ୍ତି, ସେଠାରେ ମାନବିକ ଅଧିକାରର ଉଲ୍ଲଂଘନ ହୋଇଥାଏ। ଏହି ଅଧିକାରଗୁଡ଼ିକର ସାବ୍ୟସ୍ତକୁ ନିଶ୍ଚିତ କରିବାକୁ ଏକତ୍ରିତ ହେବା ଆମର ଏକମାତ୍ର କର୍ତ୍ତବ୍ୟ। ବେଲଜିୟମ, ବୁର୍କିନା ଫାସୋ, କାନାଡା, ଜର୍ମାନୀ, ଫିଲିପାଇନ୍ସ, ପର୍ତ୍ତୁଗାଲ ରିୟୁନିୟନ ଦ୍ୱୀପ, ସୁଇଜରଲାଣ୍ଡ, ବ୍ରିଟେନ ଏବଂ ଆମେରିକା ସମେତ ସମଗ୍ର ବିଶ୍ୱରେ ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ ପାଳନ କରିବାର ସ୍ମରଣୀୟ ପଥରର ୫୩ଟି ପ୍ରତିକୃତି ଅଛି। ସ୍ମରଣୀୟ ପଥରର ପ୍ରତିକୃତି ଷ୍ଟ୍ରାସ୍‌ବର୍ଗର କାଉନସିଲ ଅଫ୍ ୟୁରୋପରେ ଏବଂ ନ୍ୟୁୟର୍କରେ ମିଳିତ ଜାତିସଂଘର ମୁଖ୍ୟାଳୟରେ ମଧ୍ୟ ରହିଛି।

ଦାରିଦ୍ର୍ୟ ଦୂରୀକରଣ ପାଇଁ ଅନ୍ତର୍ଜାତୀୟ ଦିବସ ଦାରିଦ୍ର୍ୟରେ ବାସ କରୁଥିବା ଲୋକ ଏବଂ ସେମାନଙ୍କ ସମ୍ପ୍ରଦାୟ ଏବଂ ସମାଜ ମଧ୍ୟରେ କଥାବାର୍ତ୍ତା ଓ ବୁଝାମଣାକୁ ପ୍ରୋତ୍ସାହିତ କରେ। ଦାରିଦ୍ର୍ୟରେ ବାସ କରୁଥିବା ଲୋକଙ୍କ ଉଦ୍ୟମ ଏବଂ ସଂଘର୍ଷକୁ ସ୍ୱୀକାର କରିବା ପାଇଁ ଏହି ଦିବସ ଏକ ସୁଯୋଗ ପ୍ରତିପାଦିତ କରିଥାଏ। ଦାରିଦ୍ର୍ୟ ଦୂରୀକରଣ ପାଇଁ ଅନ୍ତର୍ଜାତୀୟ ଦିବସକୁ ପ୍ରୋତ୍ସାହିତ କରିବା ପାଇଁ ଅନ୍ତର୍ଜାତୀୟ କମିଟି ୨୦୦୮ ଅକ୍ଟୋବର ୧୭ରେ ଆରମ୍ଭ କରାଯାଇଥିଲା। ପ୍ରତିବର୍ଷ ଏହି ଦିବସ ଏକ ବାର୍ତ୍ତା ବହନ କରିଥାଏ। ଚଳିତ ବର୍ଷ ୨୦୨୩ରେ ଏହି ଦିବସ ପାଳନର ବାର୍ତ୍ତା ହେଉଛି, ' ଅଭ୍ୟାସ ମାଧ୍ୟମରେ ସମସ୍ତଙ୍କ ପାଇଁ ସମ୍ମାନ'(ଡିଗ୍‌ନିଟିଫର୍‌ଅଲ୍‌ଇନ୍‌ପ୍ରାକ୍ଟିସ୍)।

# ଘୁଞ୍ଚିଲା କଙ୍ଗନାଙ୍କ 'ଏମର୍ଜେନ୍ସି' ରିଲିଜ୍

ମୁମ୍ବାଇ



ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାୱତ୍‌ଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଏମର୍ଜେନ୍ସି'ର ରିଲିଜ୍ ତାରିଖ ଘୁଞ୍ଚିଛି। ଏନେଇ କଙ୍ଗନା ନିଜେ ସୂଚନା ଦେଇଛନ୍ତି। ଏବେ କଙ୍ଗନା ତାଙ୍କ ଅପ୍‌କମିଂ ସିନେମା 'ତେଜସ୍'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏହା ଭିତରେ ସେ ଫିଲ୍ମ 'ଏମର୍ଜେନ୍ସି'କୁ ନେଇ ଏପରି ସୂଚନା ଦେଇଛନ୍ତି। ଆସନ୍ତା ନଭେମ୍ବର ୨୪ରେ ରିଲିଜ୍ ହେବାକୁ ଥିବା 'ଏମର୍ଜେନ୍ସି' ଆସନ୍ତା ବର୍ଷ ଶେଷ ଆଡ଼କୁ ମୁକ୍ତିଲାଭ ହେବ ବୋଲି ଜଣାପଡ଼ିଛି। ଅତ୍ୟଧିକ କାମ ବ୍ୟସ୍ତତା ଯୋଗୁ ଫିଲ୍ମ ରିଲିଜ୍ ବଦଳାଯାଇଥିବା କଙ୍ଗନା କହିଛନ୍ତି। ସେ କହିଛନ୍ତି, "ଏହି ଫିଲ୍ମ ମୋ ପୂରା ଜୀବନର ଲର୍ନିଂ ଆଉ ଅର୍ନିଂ। ଏହା ମୋ ପାଇଁ କେବଳ ଏକ ଫିଲ୍ମ ନୁହେଁ, ଜଣେ ମଣିଷ ଭାବେ ଏଥିରେ ମୋର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମୋର ଏହି ଫିଲ୍ମ ଆଉ ଚରିତ୍ରକୁ ବେଶ୍ ଭଲପାଇବା ମିଳିଛି। ଏଥିପାଇଁ ସମସ୍ତଙ୍କୁ ଧନ୍ୟବାଦ।" ଉଲ୍ଲେଖଯୋଗ୍ୟ, ଏହି ସିନେମା ଦିବଂଗତ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜୀବନୀ ଉପରେ ଆଧାରିତ। କଙ୍ଗନାଙ୍କୁ ଏହି ଫିଲ୍ମରେ ଇନ୍ଦିରା ଗାନ୍ଧୀ ଭୂମିକାରେ ଦେଖିବାକୁ ମିଳିବ। ସେ ଏହି ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱ ମଧ୍ୟ ନେଇଛନ୍ତି।

## ପୂର୍ବତନ ମିସ୍ ୱାର୍ଲ୍ଡ ପ୍ରତିଯୋଗୀ ଶେରିକାଙ୍କ ଦେହାନ୍ତ




ମୁମ୍ବାଇ

ନିକଟରେ ପୂର୍ବତନ ମିସ୍ ୱାର୍ଲ୍ଡ ପ୍ରତିଯୋଗୀ ଶେରିକା ଡି ଆର୍ମାସଙ୍କ ୨୬ ବର୍ଷ ବୟସରେ ଦେହାନ୍ତ ହୋଇଛି। ସେ ୨୦୧୫ରେ ପ୍ରତିଯୋଗିତାରେ ଉରୁଗୁଏର ପ୍ରତିନିଧିତ୍ୱ କରିଥିଲେ। ଶେରିକା ଗର୍ଭାଶୟ କର୍କଟ ରୋଗରେ ପୀଡ଼ିତ ଥିଲେ। ଏନେଇ ତାଙ୍କ ଭାଇ ସୋସିଆଲ ମିଡିଆରେ ଏକ ପୋଷ୍ଟ ଲେଖିଛନ୍ତି, 'ତୁମେ ମୋ ଛୋଟ ଭଉଣୀ ଥିଲ ଆଉ ରହିବ। ତୁମ ସ୍ଥାନ କେହି ନେଇପାରିବେ ନାହିଁ। ଉରୁଗୁଏ ୨୦୨୨ର ମିସ୍ ୟୁନିଭର୍ସ କାର୍ଲା ରୋମେରୋ ଶେରିକାଙ୍କ ମୃତ୍ୟୁରେ ଦୁଃଖ ପ୍ରକାଶ କରିଛନ୍ତି। ସେ ଲେଖିଛନ୍ତି, ଏ ପର୍ଯ୍ୟନ୍ତ ସେ ଯେତେ ମହିଳାଙ୍କୁ ଭେଟିଛନ୍ତି, ସେମାନଙ୍କ ମଧ୍ୟରୁ ଶେରିକା ସବୁଠୁ ସୁନ୍ଦର ଥିଲେ। ୨୦୧୫ରେ ଚାଇନାରେ ଆୟୋଜିତ ହୋଇଥିବା ମିସ୍ ୱାର୍ଲ୍ଡ ପ୍ରତିଯୋଗିତାରେ ଶେରିକା ଶ୍ରେଷ୍ଠ ୩୦ରେ ମନୋନୀତ ହୋଇଥିଲେ। ତା' ପରେ ସେ ଦେଇଥିବା ଏକ ସାକ୍ଷାତ୍‌କାରରେ କହିଥିଲେ, 'ମୁଁ ସବୁବେଳେ ମଡେଲ ହେବାକୁ ଚାହୁଁଥିଲି।' ଯେକୌଣସି ମଡେଲ ହୁଅନ୍ତୁ ନା କାହିଁକି ଫ୍ୟାଶନ ସହ ଜଡ଼ିତ ସମସ୍ତ ଜିନିଷକୁ ସେ ଭଲ ପାଉଥିଲେ।

## ନବଜାତର ଓଜନ ୩୨୮ ଗ୍ରାମ୍



ଲଣ୍ଡନ

ଦୁନିଆରେ ପ୍ରତିଦିନ ପ୍ରାୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ପିଲା ଜନ୍ମ ନେଇଥାନ୍ତି। ସେଥିମଧ୍ୟରୁ କେତେଜଣ ଛୁଆ ବହୁ ହୃଷ୍ଟପୁଷ୍ଟ ତ କେତେଜଣ କମ୍‌ଜୋର ହୋଇଥାନ୍ତି। ନିକଟରେ ବ୍ରିଟେନର ୱେଲ୍ସରେ ଏକ ପିଲା ଜନ୍ମ ହୋଇଛି, ଯାହାର ଓଜନ ମାତ୍ର ୩୨୮ ଗ୍ରାମ୍। ଏହି ପିଲା ଜନ୍ମ ସମୟର ୫ ମାସ ଆଗରୁ ଜନ୍ମ ହୋଇଛି। ଛୁଆର ମା'ଙ୍କ ଗର୍ଭାବସ୍ଥାରେ ଏତେ କଷ୍ଟ ଅନୁଭବ ହେଲା ଯେ, ସେ ହସ୍ପିଟାଲରେ ୪ ମାସରେ ହିଁ ପିଲାକୁ ଜନ୍ମ ଦେଲେ। ଏହା ୱେଲ୍ସର ସବୁଠୁ ଛୋଟ ଜନ୍ମ ହୋଇଥିବା ପିଲା। ତା'ର ନାମ ରବିନ୍ ଚାମ୍ବର୍ସ। ମା' ଚାଣ୍ଟିଲି ଚାମ୍ବର୍ସ ଏବଂ ବାପା ଡାନିଏଲ ଚାମ୍ବର୍ସଙ୍କ କହିବା କଥା, ଯେତେବେଳେ ରବିନ୍ ଜନ୍ମହେବାକୁ ଥିଲା ସେମାନଙ୍କୁ ଜଣାଥିଲା ଯେ ତାଙ୍କ ପିଲା ଛୋଟ ହେବ। ହେଲେ ଏତେ ଛୋଟ ହେବ ବୋଲି ଜଣା ନ ଥିଲା। ରବିନ୍‌ଙ୍କୁ ଏନ୍ୟୁରିନ ବେଭନ ୟୁନିଭର୍ସିଟିର ହେଲ୍‌ଥ ବୋର୍ଡ ୱେଲ୍ସର ସବୁଠୁ ଛୋଟ ଛୁଆ ଭାବେ ଆଖ୍ୟା ଦିଆଯାଇଛି। ପିଲାଟି ଏତେ ଛୋଟ ଜନ୍ମ ହୋଇଛି ଯେ, ସେ ତା' ମା'ଙ୍କ ହାତରେ ଜାଗା ହୋଇଯାଉଛି। ଡାକ୍ତରଙ୍କ କହିବା କଥା, ରବିନ୍ ମାତ୍ର ୨୩ ସପ୍ତାହରେ ହିଁ ଜନ୍ମ ହୋଇଛନ୍ତି। ରବିନ୍ ଯେତେବେଳେ ଜନ୍ମ ହେଲେ ତାଙ୍କୁ ତୁରନ୍ତ ଭେଣ୍ଟିଲେଟରରେ ଭର୍ତ୍ତି କରିବାକୁ ପଡ଼ିଥିଲା। ଏତେ ଛୋଟ ହୋଇଥିବାରୁ ଡାକ୍ତରମାନଙ୍କୁ ତା' ଶିରା ଖୋଜିବାକୁ ବହୁ ସମୟ ଲାଗିଗଲା। ଧୀରେ ଧୀରେ ରବିନ୍‌ର ଓଜନ ବଢୁଛି। ସେ ଏବେ ୩ ମାସର ହୋଇଥିବାବେଳେ ତାଙ୍କ ଓଜନ ବଢ଼ି ୧ କେଜି ହୋଇଯାଇଛି। ଗତ ଜୁଲାଇରେ ଜନ୍ମହୋଇଥିବା ରବିନ୍ ସେବେଠାରୁ ହସ୍ପିଟାଲରେ ହିଁ ଅଛନ୍ତି।

# ଅମର୍ଦା ଏୟାରଷ୍ଟ୍ରିପ୍ ଲାଗି ବାଧକ ସାଜୁଛନ୍ତି ରାଜ୍ୟ ସରକାର: ବିଶ୍ୱେଶ୍ୱର



ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଓ ଅନ୍ୟମାନେ।

**ଭୁବନେଶ୍ୱର, ୧୬।୧୦(ସୁନିତ୍ ମିଶ୍ର):** ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ହିସାବରେ ଜିଲାକୁ ଶହ ଶହ କୋଟି ଟଙ୍କା ଦେଇ ବିଜେଡି ସରକାର ଦୁର୍ନୀତିକୁ ପ୍ରୋତ୍ସାହିତ କରୁଛନ୍ତି। ହେଲେ ଜିଲାବାସୀଙ୍କ ସାମୂହିକ ସ୍ୱାର୍ଥ ପାଇଁ ଅମର୍ଦା ଏୟାରଷ୍ଟ୍ରିପର ପୁନରୁଦ୍ଧାର ସକାଶେ ମାତ୍ର ୨୬ କୋଟି ଟଙ୍କା ଦେବାକୁ କୁଣ୍ଠାବୋଧ ପ୍ରକାଶ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଶେଷରେ ପ୍ରତିରକ୍ଷା ମନ୍ତ୍ରଣାଳୟର ତାଗିଦ୍ ପରେ ଜମା ଦେଲେ । ଅମର୍ଦା ଏୟାରଷ୍ଟ୍ରିପ ପାଇଁ ଜମି ହସ୍ତାନ୍ତରର ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବାବେଳେ ରାଜ୍ୟ ସରକାର ବାରଣ କରିବାରୁ ଜିଲାପାଳ କାର୍ଯ୍ୟକ୍ରମକୁ ଗଲେନାହିଁ । ମୟୂରଭଞ୍ଜ ଜିଲା କ'ଣ ଓଡ଼ିଶା ବାହାରେ ବୋଲି ପ୍ରଶ୍ନ କରିବା ସହିତ ମୟୂରଭଞ୍ଜ ସମେତ ଉତ୍ତର ଓଡ଼ିଶା ବିକାଶରେ ବାଧକ ବିଜେଡି ସରକାର ବୋଲି କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସମ୍ମିଳନୀରେ ବିଶ୍ୱେଶ୍ୱର କହିଛନ୍ତି ଯେ, ମୟୂରଭଞ୍ଜ ଜିଲା ସମେତ ଉତ୍ତର ଓଡ଼ିଶା ବିଗତ ଦୀର୍ଘବର୍ଷ ଧରି ବିମାନ ଯାତାୟାତ କ୍ଷେତ୍ରରେ ଅବହେଳିତ ହୋଇ ଆସୁଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁରଠାରେ ନିର୍ମିତ ଏସିଆ ମହାଦେଶର ସର୍ବବୃହତ ରନ୍‌ୱେ ଅମର୍ଦା ଏୟାରଷ୍ଟ୍ରିପ୍ ବର୍ତ୍ତମାନ ଓଡ଼ିଶା ସରକାରଙ୍କ ଉଦାସୀନତା ଓ ଅବହେଳା କାରଣରୁ ନଷ୍ଟ ହେବାକୁ ବସିଥିଲା । ୨୦୨୨ ନଭେମ୍ବର ୨୨ରେ ପ୍ରତିରକ୍ଷା ମନ୍ତ୍ରଣାଳୟ ବିମାନବନ୍ଦର ପୁନରୁଦ୍ଧାର କାର୍ଯ୍ୟ ପାଇଁ ଅନୁମତି ପ୍ରଦାନ କରିଥିଲେ ଏବଂ ରାଜ୍ୟ ସରକାରଙ୍କୁ ୨୬ କୋଟି ଟଙ୍କା କ୍ଷତିପୂରଣ ବାବଦରେ ଜମା କରିବାକୁ କହିଥିଲେ । ରାଜ୍ୟ ସରକାର ଦୀର୍ଘ ୩ ମାସ ପରେ କିଛି ସର୍ତ୍ତାବଳୀ ସହିତ ରାଜି ହୋଇଥିଲେ । ଧାର୍ଯ୍ୟ ଗତ ଅକ୍ଟୋବର ୧୦ ତାରିଖରେ ଜମି ହସ୍ତାନ୍ତର ହେବାର ଥିଲା । ଡିଆରଡିଓ, ଚାନ୍ଦିପୁରରୁ ଡିଫେନ୍ସ ଇଷ୍ଟେଟ୍ ଅଫିସର, ପ୍ରତିରକ୍ଷା ବିଭାଗର ଅଧିକାରୀମାନେ ଉପସ୍ଥିତ ଥିବା ସତ୍ତ୍ୱେ ଜିଲାପାଳଙ୍କ ଅନୁପସ୍ଥିତି କାରଣରୁ ଜମି ହସ୍ତାନ୍ତର ସମ୍ଭବ ହୋଇପାରିଲା ନାହିଁ। ଅମର୍ଦା ଏୟାରଷ୍ଟ୍ରିପ୍‌ର ପୁନରୁଦ୍ଧାର ପାଇଁ କେନ୍ଦ୍ର ସରକାର ୪୫ କୋଟି ଟଙ୍କା ପ୍ରଦାନ କରିଛନ୍ତି । ଅମର୍ଦା ଏୟାରଷ୍ଟ୍ରିପ କାର୍ଯ୍ୟକ୍ଷମ ହେଲେ କାଳେ କେନ୍ଦ୍ର ସରକାର ଓ ଭାଜପା ନାଁ ନେଇଯିବେ ସେ ଭୟରେ ବିଜେଡି ସରକାର ବାଧା ସୃଷ୍ଟି କରୁଛନ୍ତି ବୋଲି ସେ କହିଛନ୍ତି।



କଂଗ୍ରେସ ନେତା ରାହୁଲ ଗାନ୍ଧୀ ସୋମବାର ଆଇଜଲର ଚାନମାରୀଠାରୁ ରାଜଭବନ ଅଭିମୁଖେ ଦଳୀୟ ନେତା ଓ ସମର୍ଥକଙ୍କ ସହ ଏକ ପଦଯାତ୍ରାରେ ଯାଉଛନ୍ତି।

## ନିର୍ବାଚନ ଆଗରୁ ବିଭ୍ରାନ୍ତିମୂଳକ ତଥ୍ୟ ଦେଉଛନ୍ତି କେନ୍ଦ୍ରମନ୍ତ୍ରୀ: ସୁଦାମ



**ଭୁବନେଶ୍ୱର, ୧୬।୧୦ (ଅନିଲ ଦାସ):** ଅମର୍ଦା ଏୟାରଷ୍ଟ୍ରିପ୍‌କୁ ନେଇ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ଏବଂ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ମୁହାଁମୁହିଁ ହୋଇଛନ୍ତି। ସୁଦାମ ଟୁଇଟ୍ କରି କହିଛନ୍ତି ଯେ, ଅମର୍ଦା ଏୟାରଷ୍ଟ୍ରିପ୍ ପାଇଁ ରାଜ୍ୟ ସରକାର ୨୦୧୬ରୁ ଉଦ୍ୟମ ଆରମ୍ଭ କରିଛନ୍ତି। ଏୟାରଷ୍ଟ୍ରିପ୍ ଜମି ପାଇଁ ଏନ୍‌ଓସି ହେଉ କିମ୍ବା କ୍ଷତିପୂରଣ ବାବଦ ଅର୍ଥ ଆଦି ସମସ୍ତ ପ୍ରକ୍ରିୟା ସରିଛି। ହେଲେ ଦିନେ ମଧ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଟୁଡୁ ଏ ନେଇ ଉଦ୍ୟମ କରି ନ ନାହାନ୍ତି। ସେହିପରି ରେଳଲାଇନ କଥା ନ କହିଲେ ଭଲ। ବୁଢ଼ାମରା-ଚାକୁଲିଆ, ବାଙ୍ଗିରିପୋଷି-ଗୋରୁମହିଷାଣୀ ଏବଂ ବାଦାମପାହାଡ଼-କେନ୍ଦୁଝର ରେଳଲାଇନ ନେଇ ସ୍ଥାନୀୟ ଲୋକଙ୍କ ବହୁଦିନର ଦାବିକୁ କେନ୍ଦ୍ରମନ୍ତ୍ରୀ ଅଣଦେଖା କରି ଚାଲିଛନ୍ତି।

ଗତ ୫ ବର୍ଷ ମଧ୍ୟରେ ମୟୂରଭଞ୍ଜ ପାଇଁ କିଛି କରି ନ ଥିବା ଟୁଡୁ ନିର୍ବାଚନ ଆଗରୁ ଖବରଦାତା ସମ୍ମିଳନୀ କରି ବିଭ୍ରାନ୍ତିମୂଳକ ତଥ୍ୟ ଦେବା ଆରମ୍ଭ କରିଛନ୍ତି। ବାଙ୍ଗିରିପୋଷିରୁ ବିଶୋଇ ପର୍ଯ୍ୟନ୍ତ ଘାଟିରାସ୍ତା ମରଣଯନ୍ତା ସାଜିଛି। ଦୁର୍ଘଟଣା ଘଟୁଛି। ଅନେକ ଜୀବନ ଯାଉଛି। ଏ ଦିଗରେ କୌଣସି ଉଦ୍ୟମ କରି ନ ଥିବା ଟୁଡୁଙ୍କୁ ଗତ ପଞ୍ଚାୟତ ନିର୍ବାଚନରେ ସଚେତନ ମୟୂରଭଞ୍ଜବାସୀ ଉଚିତ ଜବାବ ଦେଇଥିଲେ। ଆଗାମୀ ଦିନରେ ମଧ ଉପଯୁକ୍ତ ଜବାବ ଦେବେ ବୋଲି ସୁଦାମ ମାର୍ଣ୍ଡି କହିଛନ୍ତି।

## ଓବିସି ବର୍ଗକୁ ସାମ୍ବିଧାନିକ ଅଧିକାର ମିଳିନାହିଁ: ଭାଜପା

**ଭୁବନେଶ୍ୱର, ୧୬।୧୦(ସୁନିତ୍ ମିଶ୍ର):** ରାଜ୍ୟରେ ପଛୁଆ ତଥା ଓବିସି ବର୍ଗ ହେଉଛନ୍ତି ଓଡ଼ିଶା ସମୁଦାୟ ଜନସଂଖ୍ୟାର ୫୪ ପ୍ରତିଶତ। ମାତ୍ର ଓଡ଼ିଶାରେ ଓବିସି ସମାଜ ସହ କ୍ରମାଗତ ଅନ୍ୟାୟ କରାଯାଉଛି। ଏହି ବର୍ଗଙ୍କୁ ଶିକ୍ଷା, ନିଯୁକ୍ତି ଏବଂ ସମ୍ବିଧାନପ୍ରଦତ୍ତ ସଂରକ୍ଷଣରୁ ବଞ୍ଚିତ କରାଯାଉଛି। ନାମକୁମାତ୍ର ଓବିସି କମିଶନ ଗଠନ କରାଯାଇଛି, କିନ୍ତୁ ତାଙ୍କୁ ସାମ୍ବିଧାନିକ ଅଧିକାର ମିଳିନାହିଁ ବୋଲି ଓବିସି ମୋର୍ଚ୍ଚା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସଙ୍ଗମଲାଲ୍ ଗୁପ୍ତା କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଙ୍ଗମଲାଲ୍ କହିଛନ୍ତି, ରାଜ୍ୟର କୋଟି କୋଟି ଓବିସି ବର୍ଗର ଭଉଣୀ, ଭାଇଙ୍କୁ ସମ୍ମାନ ଓ ଅଧିକାର ଦେବାରେ ପ୍ରତାରଣା କରାଯାଇଛି। ଆଗକୁ ନିର୍ବାଚନ ଥିବାରୁ ଓବିସି ସର୍ଭେ ଓ ଗଣନାର ମିଛ ବାହାନା କରାଯାଉଛି। କେନ୍ଦ୍ର ସରକାର ଡାକ୍ତରୀ, ଡେଣ୍ଟାଲ, ନବୋଦୟ, କେନ୍ଦ୍ରୀୟ ବିଦ୍ୟାଳୟ ଓ ସୈନିକ ସ୍କୁଲରେ ସଂରକ୍ଷଣ ଦେଉଛନ୍ତି। ଭାଜପା ଶାସିତ ରାଜ୍ୟଗୁଡ଼ିକରେ ଓବିସି ବର୍ଗଙ୍କ ପାଠପଢ଼ାରେ ନାମଲେଖା ପାଇଁ ୨୭% ସଂରକ୍ଷଣ ବ୍ୟବସ୍ଥା ଥିବାବେଳେ ଓଡ଼ିଶାରେ କାହିଁକି ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉନାହିଁ। ଆଉ ଏହା କେବେ କାର୍ଯ୍ୟକାରୀ କରାଯିବ ବୋଲି ସେ ପ୍ରଶ୍ନ କରିଛନ୍ତି। ଅପରପକ୍ଷେ ରାଷ୍ଟ୍ରୀୟ ଓବିସି କମିଶନଙ୍କୁ ସାମ୍ବିଧାନିକ ମାନ୍ୟତା ମିଳିଛି। ଓଡ଼ିଶାରେ ୫୪% ଓବିସି ବର୍ଗକୁ ଆଉ ଅଧିକ ଦିନ ଠକିପାରିବେ ନାହିଁ ବୋଲି ସେ କହିଛନ୍ତି।

# ବିଜେଡିରେ ଭାଜପା କର୍ମକର୍ତ୍ତା

**ଭୁବନେଶ୍ୱର,୧୬।୧୦(ଅନିଲ ଦାସ)**

ଖୋର୍ଦ୍ଧା ଜିଲା ଚିଲିକା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଣପୁର ବ୍ଲକ ଓ ଏନ୍‌ଏସିର ଭାଜପା କର୍ମକର୍ତ୍ତା ସୋମବାର ଶଙ୍ଖଭବନଠାରେ ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ତଥା ରାଜ୍ୟ ସଭା ସଦସ୍ୟ ମାନସ ରଞ୍ଜନ ମଙ୍ଗରାଜଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି। ଦଳରେ ସାମିଲ ହୋଇଥିବା ଭାଜପା କର୍ମକର୍ତ୍ତାଙ୍କୁ ଉପଢୌକନ ଦେଇ ମଙ୍ଗରାଜ ଦଳକୁ ସ୍ୱାଗତ କରିଥିଲେ। ବିଜେଡିରେ ଭାଜପା କର୍ମୀଙ୍କ ଯୋଗଦାନ ଫଳରେ ଚିଲିକା ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ମଙ୍ଗରାଜ କହିଛନ୍ତି ।

ଏହି ଅବସରରେ ସାମିଲ ହୋଇଥିବା ଭାଜପା କର୍ମକର୍ତ୍ତାମାନେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦେଲେ ବୋଲି କହିଛନ୍ତି। ଦଳରେ ଗ୍ରହଣ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ସଭା ସଦସ୍ୟ ମଙ୍ଗରାଜ ଓ ସମସ୍ତ ନେତୃବୃନ୍ଦଙ୍କୁ ସାମିଲ ହୋଇଥିବା କର୍ମୀମାନେ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ମିଶ୍ରଣ ପର୍ବରେ ବାଣପୁର ଏନ୍‌ଏସିର ପୂର୍ବତନ କାଉନସିଲର ତଥା ଖୋର୍ଦ୍ଧା ଜିଲା ଭାଜପା ମହିଳା ମୋର୍ଚ୍ଚାର ପୂର୍ବତନ ଉପସଭାପତି ପ୍ରଣତୀ ମାର୍ଥା, ୱାର୍ଡ ସଭାପତି ବିଶ୍ୱନାଥ ଦଳେଇ, ମହିଳା ସଭାପତି ପ୍ରତିମା ମଲ୍ଲିକ, ପୂର୍ବତନ କାଉନସିଲର ଝରିଆ ପ୍ରଧାନ, ବରିଷ୍ଠ ନେତା ଦୀନବନ୍ଧୁ ପ୍ରଧାନ ଓ ଯୋଗେନ୍ଦ୍ର ବାରିକ, ଯୁବ ସଙ୍ଗଠକ ମନୋଜ ସାହୁ, ପୂର୍ବତନ କାଉନସିଲର ସୁଧାକର ଭୋପା, ଖୋର୍ଦ୍ଧା ଜିଲା ଭାଜପା ମହିଳାମୋର୍ଚ୍ଚା ଉପସଭାପତି କାବେରୀ ଜେନା, ବାଣପୁର ଏନ୍‌ଏସିର ପୂର୍ବତନ ଯୁବ ସଭାପତି ନାରାୟଣ ଦାସ, ଏସ୍‌ସି ମୋର୍ଚ୍ଚାର ମହିଳା ସଭାପତି ଉରା ମଲ୍ଲିକ ଏବଂ ବାଣପୁର ବ୍ଲକ ଡୁମୁରାପୁଟ ଶାସନ ପଞ୍ଚାୟତର ସଞ୍ଜୟ କୁମାର ବଳିଆରସିଂହ, ଅନିଲ କୁମାର ସ୍ୱାଇଁ, ରାଧାକାନ୍ତ ରଥ, ରଞ୍ଜନ କୁମାର ରାଉତରାୟ, ଜୟନ୍ତ କୁମାର ସ୍ୱାଇଁ, ରାଜେଶ କୁମାର ବେହେରା, ବିଜୟ ପାତ୍ର, ମାନସ ବେହେରା, ଜିତୁନ ବେହେରା, ସଙ୍କଳ୍ପ ବେହେରା, ରଘୁନାଥ ବାରିକ, ନବଘନ ନାୟକ, ସୌରୀ ବେହେରା, ମକଦମ ବେହେରାଙ୍କ ସହ ଶତାଧିକ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଥିଲେ । ଏହି ମିଶ୍ରଣ ପର୍ବରେ ଚିଲିକା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ସୌମ୍ୟଶଙ୍କର ଚକ୍ର(ରାଜା), ବାଣପୁର ଏନ୍‌ଏସି ଚେୟାରମ୍ୟାନ ମିଟୁ ନାୟକ, ଜିଲା ପରିଷଦ ଉପସଭାପତି ଗୋପୀନାଥ ମହାରଣା, ବାଣପୁର ବ୍ଲକ ପୂର୍ବତନ ଚେୟାରମ୍ୟାନ୍ ମାନସ ପ୍ରଧାନ, ଯୁବନେତା ଜଗତ ବଲ୍ଲଭ ମହାରଥୀ, ଡୁମୁରାପୁଟ ଶାସନ ଗ୍ରାମପଞ୍ଚାୟତ ସରପଞ୍ଚ ଅକ୍ଷୟ କୁମାର ସେଠୀ, ଯଦୁ ପ୍ରଧାନ, ମନୋଜ ପ୍ରଧାନ ଓ ବିଜେଡି ମୁଖପାତ୍ର ପ୍ରିୟବ୍ରତ ମାଝି ଉପସ୍ଥିତ ଥିଲେ ।



ଶଙ୍ଖଭବନଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଜେଡି ନେତୃବୃନ୍ଦଙ୍କ ସହ ଯୋଗଦେଇଥିବା ଚିଲିକା ନିର୍ବାଚନମଣ୍ଡଳୀ ଭାଜପା କର୍ମକର୍ତ୍ତା।

# ସାର୍ଥାରେ ଭାଜପାର ମିଶ୍ରଣପର୍ବ

**ରୂପସା, ୧୬।୧୦(ବାଞ୍ଛାନିଧି ଦେ):** ବାଲେଶ୍ୱର ନିର୍ବାଚନମଣ୍ଡଳୀ ସଦର ବ୍ଲକ ଅଧୀନ ସାର୍ଥା ପଞ୍ଚାୟତ ଗନ୍ଧିଆରେ ସଦର ଭାଜପା ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପସଭାପତି ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ପଞ୍ଚାୟତର ଶତାଧିକ ବିଜେଡି, କଂଗ୍ରେସ ଦଳର ନେତା ଓ କର୍ମୀ ବିଧିବଦ୍ଧ ଭାବେ ଭାଜପାରେ ଯୋଗ ଦେଇଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଜନକଲ୍ୟାଣକାରୀ ଯୋଜନାରେ ଅନୁପ୍ରାଣିତ ହୋଇ ତଥା ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସଭାପତି ମନମୋହନ ସାମଲ ଓ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପସଭାପତି ଦତ୍ତଙ୍କ ନେତୃତ୍ୱ ପ୍ରତି ଭରସା ରଖି ଏହି ନେତା ଓ କର୍ମୀମାନେ ଭାଜପାରେ ଯୋଗ ଦେଇଥିବା କହିଛନ୍ତି। ଏହି ମିଶ୍ରଣ ପର୍ବରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ପଞ୍ଚାୟତ ସଭାପତି ଅରବିନ୍ଦ ଜେନା, ଭୂଦେବ ସାହୁ, ବିଷ୍ଣୁ ଧିଣ୍ଡା, ମଣ୍ଡଳ ସଭାପତି ବିଜୟ ଦାସ, ମଣ୍ଡଳ ପ୍ରଭାରୀ ଲୋକନାଥ ଭୂୟାଁ, ପ୍ରହଲ୍ଲାଦ ବେହେରା, ସୀତାକାନ୍ତ ସ୍ୱାଇଁ, ଉପେନ୍ଦ୍ର ଶତପଥୀ, ଅନନ୍ତ ନାୟକ, ରାଜେନ୍ଦ୍ର ଚାଟାର୍ଜୀ, ସଚିନ ପାଞ୍ଚାଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ। ସୋମବାର ଭାଜପାରେ ସାମିଲ ହୋଇଥିବା ନେତା ଓ କର୍ମୀ ହେଲେ ସୁପ୍ରକାଶ ମଣ୍ଡଳ, ସୁକୁମାର ମଣ୍ଡଳ, ଦେବଦୁଲାଲ ଗିରି, ତପନ ମଣ୍ଡଳ, ଆନନ୍ଦ ମାଇତି, ଆଶୁତୋଷ ମଣ୍ଡଳ, ସୁଖଦେବ ଦାସ, ପ୍ରଦୀପ ମାନ୍ନା, ମୁକ୍ତେଶ୍ୱର ଖମାରୀ, ପଞ୍ଚାନନ ମଣ୍ଡଳ, ରବୀନ୍ଦ୍ର ମାଇତି, ଉତ୍ତମ ବର, ମହାନନ୍ଦ ବର, ସୁଧୀର ଦାସ, ମୃତ୍ୟୁଞ୍ଜୟ ମଣ୍ଡଳ, ସଦୟ ମଣ୍ଡଳ, ଦିଲ୍ଲୀପ ମଣ୍ଡଳ, ରୁଦ୍ରନାରାୟଣ ମଣ୍ଡଳ, କାର୍ତ୍ତିକ ମଣ୍ଡଳ, ଅଭିନ୍ନ ମଣ୍ଡଳ ପ୍ରମୁଖ ।

# ପୂର୍ବତନ ବିଧାୟକ ଯୁଧିଷ୍ଠିର ସାମନ୍ତରାୟଙ୍କ ପରଲୋକ



**ପିପିଲି, (ଦୁର୍ଗାମାଧବ ମିଶ୍ର/ପ୍ରଭାତ କୁମାର ମହାପାତ୍ର) ୧୬।୧୦:** ପିପିଲିର ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ଯୁଧିଷ୍ଠିର ସାମନ୍ତରାୟଙ୍କର ସୋମବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୦ବର୍ଷ ବୟସ ହୋଇଥିଲା। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

୧୯୫୩ ମାର୍ଚ୍ଚ ୧୬ରେ ସ୍ୱର୍ଗତ ସାମନ୍ତରାୟ ମାଧିପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସେ ଛାତ୍ର ଜୀବନରୁ ରାଜନୀତିରେ ପାଦ ଦେଇଥିଲେ। ତାଙ୍କ ଦୃଢ଼ ନେତୃତ୍ୱ ପାଇଁ ସେ ୧୯୮୩ରୁ ୧୯୮୭ ପର୍ଯ୍ୟନ୍ତ ପିପିଲି ବ୍ଲକ ଅଧ୍ୟକ୍ଷ ଭାବେ କାର୍ଯ୍ୟ ତୁଲାଇଥିଲେ। ପରେ ୧୯୯୫ରୁ ୨୦୦୦ ପର୍ଯ୍ୟନ୍ତ ପିପିଲିରୁ କଂଗ୍ରେସ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ଉଦ୍ୟମରେ ପିପିଲି ଓ ଡେଲାଙ୍ଗରେ ଅନେକ ସରକାରୀ କାର୍ଯ୍ୟାଳୟ, ଦମକଳ କେନ୍ଦ୍ର, ହାଟ ଡେଲାଙ୍ଗରେ ଫାଣ୍ଡି ଓ ଜୁଡ଼ିସିଆଲ କୋର୍ଟ ପ୍ରତିଷ୍ଠା ସମେତ ତିରିମଲଠାରେ ଦୟାନଦୀ ସେତୁର ଭିତ୍ତିପ୍ରସ୍ତର ସ୍ଥାପନ ହୋଇପାରିଥିଲା। ୨୦୦୦ ମସିହା ଠାରୁ ଦିବଂଗତ ବିଧାୟକ ପ୍ରଦୀପ ମହାରଥୀଙ୍କ ସହିତ ୪ ଥର ନିର୍ବାଚନ ଲଢ଼ିଥିଲେ ମଧ୍ୟ ସେ ପରାସ୍ତ ହୋଇଥିଲେ। ୨୦୧୯ରେ କଂଗ୍ରେସ ପକ୍ଷରୁ ତାଙ୍କୁ ପିପିଲି ବିଧାୟକ ପ୍ରାର୍ଥୀ ଭାବେ ଦଳୀୟ ଟିକେଟ ମିଳିଥିଲେ ମଧ ସେ ତାହାକୁ ଫେରାଇ ଦେଇ ନିର୍ବାଚନ ଲଢ଼ିବେ ନାହିଁ ବୋଲି କହି ଚର୍ଚ୍ଚାକୁ ଆସିଥିଲେ। କିଛି ଦିନ ହେଲା ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଅବନତି ସତ୍ତ୍ୱେ ସେ ପିପିଲି ସହର ଦେଇ ବସ୍ ଚଳାଚଳ କରାଇବା, ବିଦ୍ୟୁତ୍ ଓ ସ୍ୱାସ୍ଥ୍ୟ ସମସ୍ୟା ଦୂର କରିବାକୁ ଚେଷ୍ଟା ଜାରି ରଖିଥିଲେ। ତାଙ୍କ ବିୟୋଗରେ ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଶିକ୍ଷାବିତ୍ ଡ. ପ୍ରତିଭା ମହାରଥୀ, ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଭୁବନେଶ୍ୱରରୁ ପିପିଲି ଅଣାଯିବାବେଳେ ଉତ୍ତରା ଛକ, ଜଇସିପାଟଣା, ଗୁଡ଼ିଆପୋଖରୀ, ହାଟଛକ, କୋର୍ଟଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସେହିପରି ପିପିଲି ବିଜେଡି କାର୍ଯ୍ୟାଳୟ, ପିପିଲି ବଜାର ବଜାର କମିଟି, ପିପିଲି ପେସାଦାର ସାମ୍ବାଦିକ ସଂଘ ସମେତ ବିଭିନ୍ନ ସଙ୍ଗଠନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସେଠାରୁ ନିଜ ଗାଁ ମାଧିପୁର ଗ୍ରାମକୁ ନିଆଯାଇଥିଲା। ଗ୍ରାମରେ ଶେଷ ଦର୍ଶନ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ ପରେ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁଅ ପ୍ରିୟବ୍ରତ ସାମନ୍ତରାୟ ମୁଖାଗ୍ନି ଦେଇଥିଲେ। ଏହି ସମୟରେ ଝିଅ ଜ୍ୱାଇଁ, ସାନଭାଇ ଧୀରେନ୍ଦ୍ର ସାମନ୍ତରାୟଙ୍କ ସମେତ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ।

# ସ୍ଥାୟୀ ନିଯୁକ୍ତି ଦାବିକଲେ ରାଜସ୍ୱ ଅତିରିକ୍ତ ଅସୁଲି ପିଅନ

**ଭୁବନେଶ୍ୱର,୧୬।୧୦ (ଅନୁରାଧା ମହାରଣା)**



ରାଜସ୍ୱ ଅତିରିକ୍ତ ଅସୁଲି ପିଅନମାନେ ସ୍ଥାୟୀ ନିଯୁକ୍ତି ସହ ବିଭିନ୍ନ ଦାବି ନେଇ ସୋମବାର ଲୋୟର ପିଏମ୍‌ଜିରେ ଧାରଣା ଦେଇଛନ୍ତି। ରାଜସ୍ୱ ଅତିରିକ୍ତ ପିଅନ ସଂଘର ସଭାପତି ପ୍ରମୋଦ କୁମାର ତାଣ୍ଡିଆ ଏବଂ ସମ୍ପାଦକ ଅଶ୍ୱିନୀ କୁମାର ଦାସ କହିଛନ୍ତି, ରାଜ୍ୟର ସମସ୍ତ ଜିଲାର ତହସିଲ ଓ ଆର୍‌ଆଇ କାର୍ଯ୍ୟାଳୟରେ ୧୯୯୦ରୁ ୨୦୦୩-୦୪ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିବା ଅସୁଲି ପିଅନଙ୍କୁ ୨୦୦୩ରେ ଛଟେଇ କରାଯାଇଛି। ସେବେଠାରୁ ବିନା ବେତନରେ ସେମାନେ ତହସିଲ ଓ ଆର୍‌ଆଇ ଅଫିସ୍‌ରେ ସେବା ପ୍ରଦାନ କରି ଆସୁଛନ୍ତି। ପୂର୍ବରୁ ଏସିପି ପିଲାମାନେ ୨୦୦୯ରେ ସ୍ଥାୟୀ ନିଯୁକ୍ତି ପାଇଛନ୍ତି। ସେହିଭଳି ସଂଘର ସମସ୍ତ ଆଶାୟୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯାଉ ବୋଲି ସେମାନେ ଦାବି କରିଛନ୍ତି।

# ୫ ଦଫା ଦାବିରେ ବରିଷ୍ଠ ନାଗରିକଙ୍କ ଧାରଣା




**ଭୁବନେଶ୍ୱର,୧୫।୧୦(ଅନୁରାଧା ମହାରଣା)**

ଓଡ଼ିଶା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ୫ ଦଫା ଦାବି ନେଇ ଲୋୟର ପିଏମ୍‌ଜିରେ ସୋମବାର ଧାରଣା ଦିଆଯାଇଛି। ମାସିକ ବାର୍ଦ୍ଧକ୍ୟ ଭତ୍ତା ୫ ଶହ ଟଙ୍କାରୁ ୨ ହଜାର ଟଙ୍କାକୁ ବୃଦ୍ଧି, ପ୍ରତି ଗରିବ ଲୋକଙ୍କୁ ମାସିକ ୫ କେଜି ପରିବର୍ତ୍ତେ ୧୦ କେଜି ଚାଉଳ ପ୍ରଦାନ, ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘ ପାଇଁ ଭୁବନେଶ୍ୱରଠାରେ ଏକ କାର୍ଯ୍ୟାଳୟ ଗୃହ ଯୋଗାଣ ସହ ସହରର ପ୍ରତି ୱାର୍ଡ ଓ ପ୍ରତି ଗାଁରେ ବରିଷ୍ଠମାନଙ୍କ ଲାଗି ଗୋଷ୍ଠୀ କେନ୍ଦ୍ର ଏବଂ ଦିବାଯତ୍ନ କେନ୍ଦ୍ର ନିର୍ମାଣ ପାଇଁ ଦାବି ହୋଇଛି। ସମସ୍ତ ସରକାରୀ ଓ ବେସରକାରୀ ଡାକ୍ତରଖାନାରେ ବରିଷ୍ଠ ନାଗରିକଙ୍କ ପାଇଁ ମାଗଣା ବାର୍ଷିକ ସ୍ୱାସ୍ଥ୍ୟ ପରୀକ୍ଷା ଓ ସ୍ୱତନ୍ତ୍ର ଚିକିତ୍ସା ପ୍ରଦାନ ସହ ଶ୍ରୀ ମନ୍ଦିରରେ ବରିଷ୍ଠ ନାଗରିକଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଓ ପୃଥକ ସମୟ ଧାର୍ଯ୍ୟ କରାଯିବା ଅନ୍ୟଏକ ଦାବି ରହିଛି।

### ବିଦ୍ୟାଳୟରୁ ଚାଉଳ ଚୋରାଚାଲାଣ ଘଟଣା

# ପ୍ରଧାନ ଶିକ୍ଷକ ନିଲମ୍ବିତ

**କୋରାପୁଟ,ସେମିଳିଗୁଡା/ସୁନାବେଡା, ୧୬।୧୦(ଅମିତାଭ ବେହେରା/ ବାସୁଦେବ ବରାଡ/କୃତ୍ତିବାସ ପ୍ରଧାନ):** କୋରାପୁଟ ଜିଲା ସେମିଳିଗୁଡା ବ୍ଲକ ଅଧୀନ ରେଙ୍ଗା ପଞ୍ଚାୟତ ରେଙ୍ଗା କନ୍ୟାଶ୍ରମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଏକ ଅଟୋ (ଏପି ୩୯ ଟିଡି-୭୮୫୮) ଯୋଗେ ପ୍ରଧାନ ଶିକ୍ଷକ ଗୋପୀନାଥ ନାୟକ ଚାଉଳ ଚୋରାଚାଲାଣ କରୁଥିବା ବେଳେ ଗ୍ରାମବାସୀଙ୍କ ହାତରେ ଧରାପଡିଥିଲେ। ଏହି ଘଟଣାର ବିଭାଗୀୟ ତଦନ୍ତ କରାଯାଇ ପ୍ରଧାନ ଶିକ୍ଷକ ନାୟକଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ଶିକ୍ଷା ନିର୍ଦ୍ଦେଶକଙ୍କ ଚିଠି ନଂ. ୨୧୬୦୪,୧୩।୧୦।୨୩ ଅନୁସାରେ ତାଙ୍କୁ ନିଲମ୍ବନ କରାଯାଇଥିବା ଜଣାପଡିଛି। ଗତ ୨ ତାରିଖରେ ବିଦ୍ୟାଳୟରୁ ଅଟୋ ଯୋଗେ ପ୍ରଧାନ ଶିକ୍ଷକ ନାୟକ ଚାଉଳ ଅନ୍ୟତ୍ର ଚାଲାଣ କରୁଥିବା ଦେଖି ଗ୍ରାମବାସୀ ତାଙ୍କୁ ଅଟକାଇ ଜିଲା ମଙ୍ଗଳ ଅଧିକାରୀଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିଲେ। ଉପ ଜିଲାପାଳ ବେଣୁଧର ଶବର ଓ ଜିଲା ମଙ୍ଗଳ ଅଧିକାରୀ ସୁନୀଲ ତାଣ୍ଡି ଗତ ୫ରେ ଏହାର ଯୁଗ୍ମ ତଦନ୍ତ କରିଥିଲେ। ତଦନ୍ତ ସମୟରେ ଚାଉଳ ହେରଫେର ଘଟଣାର ସତ୍ୟତା ଜଣାପଡିବା ପରେ ଏନେଇ ସରକାରଙ୍କୁ ଉଭୟ ଅଧିକାରୀ ରିପୋର୍ଟ କରିଥିଲେ। ଶୁକ୍ରବାର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ନାୟକଙ୍କୁ ନିଲମ୍ବନ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଅନୁଯାୟୀ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି। ତେବେ ଶନିବାର ଓ ରବିବାର ଛୁଟି ଥିବାରୁ ଏହା ସୋମବାର କାର୍ଯ୍ୟକାରୀ ହୋଇଛି।

ସୂଚନାଯୋଗ୍ୟ, ଗ୍ରାମବାସୀ ଚାଉଳ ଚାଲାଣ ସମ୍ପର୍କରେ ପ୍ରଧାନଶିକ୍ଷକ ନାୟକଙ୍କୁ ସେତେବେଳେ ପଚାରିବାରୁ ସେ ଏହି ଚାଉଳ ନିକଟସ୍ଥ ସୁବାଇ ଉଚ୍ଚ ବିଦ୍ୟାଳୟ ଧାର ସୂତ୍ରରେ ନେଉଥିବା କହି ଏ ସମ୍ପର୍କିତ କାଗଜପତ୍ର ଦେଖାଇଥିଲେ। ତେବେ ଘଟଣାର ତଦନ୍ତ ବେଳେ ସୁବାଇ ଉଚ୍ଚ ବିଦ୍ୟାଳୟର କୌଣସି ଚାଉଳ ଆବଶ୍ୟକ ନ ଥିଲା କି ଆମ ବିଦ୍ୟାଳୟକୁ ରେଙ୍ଗା ଉଚ୍ଚ ବାଳିକା ଆଶ୍ରମ ବିଦ୍ୟାଳୟରୁ ଧାର ସୂତ୍ରରେ ଚାଉଳ ଆସୁ ନ ଥିଲା ବୋଲି ସୁବାଇ ବିଦ୍ୟାଳୟ ପ୍ରଧାନଶିକ୍ଷକ କହିଥିଲେ। ଫଳରେ ରେଙ୍ଗା ବିଦ୍ୟାଳୟ ପ୍ରଧାନଶିକ୍ଷକ ନାୟକ ଏହି ଚାଉଳ ମନ୍ଦ ଉଦ୍ଦେଶ୍ୟରେ ଅନ୍ୟତ୍ର ନେଉଥିବା ସ୍ପଷ୍ଟ ହୋଇଥିଲା।

# ଯାଜପୁରରେ କଲ୍ୟାଣ ଜୁଏଲର୍ସର ନୂଆ ଶୋ'ରୁମ୍

ଯାଜପୁର ରୋଡ୍, ୧୬।୧୦ (ପବିତ୍ର ରଞ୍ଜନ ମହାନ୍ତି)




କଲ୍ୟାଣ ଜୁଏଲର୍ସର ନୂଆ ଶୋ'ରୁମ୍ ଯାଜପୁର ରୋଡ୍‌ର ଅର୍ଜୁନ କମ୍ପ୍ଲେକ୍ସ ଠାରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହିପରିପ୍ରେକ୍ଷୀରେ ବଲିଉଡ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ସମ୍ମାନିତ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲ୍ୟାଣ ଜୁଏଲର୍ସର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଯୋଗଦେଇଥିଲେ।

ଏ ସମ୍ପର୍କରେ କଲ୍ୟାଣ ଜୁଏଲର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମେଶ କଲ୍ୟାଣ ରମଣ କହିଛନ୍ତି, କମ୍ପାନୀ ଭାବେ ଏକ ବଡ଼ ମାଇଲଖୁଣ୍ଟ ହାସଲ କରିଛୁ ଏବଂ ଗ୍ରାହକଙ୍କ ଶପିଂ ଅନୁଭୂତିରେ ଉନ୍ନତି ଆଣିବା ଲାଗି ଏକ ସାମଗ୍ରିକ ବ୍ୟବସ୍ଥା ସୃଷ୍ଟି କରିଛୁ। ଅଭିବୃଦ୍ଧି ଯାତ୍ରାର ପରବର୍ତ୍ତୀ ପର୍ଯ୍ୟାୟ ଆରମ୍ଭ କରିଥିବାବେଳେ ଯାଜପୁର ରୋଡ୍‌ରେ ନୂଆ ଶୋରୁମ୍ ଖୋଲାଯାଇଥିବା ବିଷୟରେ ଘୋଷଣା କରି ବେଶ ଆନନ୍ଦିତ। ଏହି ଉନ୍ମୋଚନ ସହିତ ଓଡ଼ିଶାରେ ଆମେ ଆମର ଭୌଗୋଳିକ ଉପସ୍ଥିତି ବଢ଼ାଇଛୁ ଏବଂ ଗ୍ରାହକମାନଙ୍କୁ ଶ୍ରେଷ୍ଠ ମାନର ଶପିଂ ଅନୁଭୂତି ପ୍ରଦାନ କରିବା ସହ ବିଶ୍ୱାସ ଓ ସ୍ୱଚ୍ଛତାକୁ ନେଇ କମ୍ପାନୀର ରହିଥିବା ମୂଲ୍ୟବୋଧ ବଜାୟ ରଖିବା ପ୍ରତି ପ୍ରତିବଦ୍ଧ ରହିଛୁ। ଏହି ନୂତନ ଶୋ'ରୁମ୍‌ର ଶୁଭାରମ୍ଭ ଉତ୍ସବକୁ ପାଳନ କରିବା ଲାଗି ସର୍ବନିମ୍ନ ୧ ଲକ୍ଷ ଟଙ୍କାର ଶପିଂ ଉପରେ ଗ୍ରାହକଙ୍କୁ କିଣାମୂଲ୍ୟର ଅଧା ଦାମ୍‌ରେ ୦% ପ୍ରତିଶତ ଗଢ଼ା ମୂଲ୍ୟ ଅଫର ପ୍ରଦାନ କରାଯାଉଛି। କଲ୍ୟାଣ ଜୁଏଲର୍ସରେ ବିକ୍ରି କରାଯାଉଥିବା ଗହଣାଗୁଡ଼ିକ ବିଆଇଏସ୍ ହଲ୍‌ମାର୍କର ଏବଂ ଏକାଧିକ ଶୁଦ୍ଧତା ପରୀକ୍ଷା ଦେଇ ଗତିକରେ। ଗ୍ରାହକମାନେ କଲ୍ୟାଣ ଜୁଏଲର୍ସର ୪-ସ୍ତରୀୟ ଆସ୍ୟୁରାନ୍ସ ସାର୍ଟିଫିକେଟ୍ ପାଇବେ, ଯାହା ଶୁଦ୍ଧତା, ଗହଣାର ଜୀବନବ୍ୟାପୀ ମରାମତି, ସମ୍ପୂର୍ଣ୍ଣ ଉତ୍ପାଦ ବିବରଣୀ, ଏକ୍ସଚେଞ୍ଜ ଓ ବାଏ ବ୍ୟାକ୍ ନୀତିରେ ସ୍ୱଚ୍ଛତା ଆଦିର ଗ୍ୟାରେଣ୍ଟି ପ୍ରଦାନ କରୁଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

## ଖସିଲା ଶେୟାର ବଜାର କାରବାର

ଭୁବନେଶ୍ୱର, ୧୬।୧୦

ଗତ କିଛି ସପ୍ତାହ ହେଲା ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୧୬ (୧୧୫.୮୧) ପଏଣ୍ଟ ଖସି ୬୬,୧୬୭ (୬୬,୧୬୬.୯୩) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୯ (୧୯.୩୦) ପଏଣ୍ଟ ହ୍ରାସ ଘଟି ୧୯,୭୩୨(୧୯,୭୩୧.୭୫) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକରେ ମଧ୍ୟ ପରିବର୍ତ୍ତନ ହୋଇଥିଲା।

## ପିଜିଆଇର ନୂତନ କଲେକ୍ସନ

ଭୁବନେଶ୍ୱର, ୧୬।୧୦




ଅନ୍ତଃରାଷ୍ଟ୍ରୀୟ ଅଳଙ୍କାର ବ୍ରାଣ୍ଡ୍ ତଥା ପ୍ଲାଟିନମ୍ ଗିଲ୍‌ଡ ଇଣ୍ଟରନ୍ୟାଶନାଲ (ପିଜିଆଇ)ର ନୂତନ କଲେକ୍ସନ 'ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡ୍'କୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ବିଶେଷକରି ୯୫% ଶୁଦ୍ଧ ଓ ବିରଳ ପ୍ଲାଟିନମ୍‌ରେ ଗଢ଼ା ଏହି କଲେକ୍ସନ ପ୍ରେମର ଚରମ ପ୍ରତୀକ ବୋଲି ପିଜିଆଇ ପକ୍ଷରୁ କୁହାଯାଇଛି। ଏପରିକି ଏଭଳି କିଛି ଡିଜାଇନ ଦ୍ୱାରା ଭଲ ପାଇବାକୁ ବାଛନ୍ତି, ଯାହା ଆଧୁନିକ ମୂଲ୍ୟବୋଧ ଉପରେ ନିର୍ମିତ ହୋଇଥାଏ। ଯେଉଁଥିରେ ପରସ୍ପରର ଭାବନା ପ୍ରତିଫଳିତ ହୋଇଥାଏ। ସେହିଭଳି ଏକ ବିରଳ ପ୍ରେମକୁ ପାଳନ କରିବା ପାଇଁ ପ୍ଲାଟିନମ ଏକ ନୂଆ କଲେକ୍ସନକୁ ଉପସ୍ଥାପନ କରୁଛି। ଏହି ସୂକ୍ଷ୍ମ ସଂଗ୍ରହକୁ ଯତ୍ନର ସହ ଡିଜାଇନ କରାଯାଇଛି, ଯେଉଁଥିରେ କିଛି ସ୍ୱତନ୍ତ୍ର ଶୈଳୀ, ଡିଜାଇନ ଓ ଚମତ୍କାର ମୋଟିଫ ରହିଛି। ଏହି କଲେକ୍ସନ ମଧ୍ୟରେ ଥିବା ପ୍ରତିଟି ଡିଜାଇନ ହେଉଛି ଏକ ମାଷ୍ଟର ପିସ୍, ଯାହା ସ୍ୱତନ୍ତ୍ରତାର ପରିଚୟ ଦେଇଥାଏ। ଏହା ଉଭୟ ଆନନ୍ଦଦାୟକ ଓ ଚ୍ୟାଲେଞ୍ଜିଂ ମୁହୂର୍ତ୍ତକୁ ପ୍ରଦର୍ଶିତ କରିଥାଏ। ଏହା ଦମ୍ପତିଙ୍କ ମନରେ ଏକ ସୁଖଦ ଅନୁଭୂତି ସୃଷ୍ଟି କରିଥାଏ। ଏହି ଉପାଦାନଗୁଡ଼ିକ ଗଭୀର ଓ ଅର୍ଥପୂର୍ଣ୍ଣ ସଂଯୋଗର ମୂଳଦୁଆ ସୃଷ୍ଟି କରିଥାଏ। ଅପରପକ୍ଷରେ ଚଳିତ ଉତ୍ସବ ଋତୁ ଆରମ୍ଭ ହେବା ସଙ୍ଗେ ସଙ୍ଗେ ମନରେ ଉତ୍ସବକୁ ସ୍ମରଣୀୟ କରିବା ଭାବନା ସୃଷ୍ଟି ହୋଇଥାଏ।

# ଆଜିଠୁ ୩ଦିନିଆ ସାମୁଦ୍ରିକ ସମାରୋହ

**ଜିଏମଆଇଏସ-୨୦୨୩କୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବେ**

ଭୁବନେଶ୍ୱର, ୧୬।୧୦

ଚଳିତ ବର୍ଷ ଅକ୍ଟୋବର ୧୭ ରୁ ୧୯ ତାରିଖ ପର୍ଯ୍ୟନ୍ତ ମୁମ୍ବାଇର ଏମଏମଆରଡିଏ ପଡ଼ିଆ ଠାରେ ଅନୁଷ୍ଠିତ ହେବାକୁ ଥିବା ଗ୍ଲୋବାଲ ମେରିଟାଇମ୍ ଇଣ୍ଡିଆ ଶିଖର ସମ୍ମିଳନୀ ୨୦୨୩ (ଜିଏମଆଇଏସ-୨୦୨୩)ର ତୃତୀୟ ସଂସ୍କରଣକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭର୍ଚୁଆଲ ମାଧ୍ୟମରେ ଉଦଘାଟନ କରିବେ। ବିଶେଷ କରି ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ଦ୍ୱାରା ୩ ଦିନିଆ ସର୍ବବୃହତ ସାମୁଦ୍ରିକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଏପରିକି ଭବିଷ୍ୟତର ବନ୍ଦର, ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ, ଉପକୂଳ ଜାହାଜ ଚଳାଚଳ ଏବଂ ଆଇଡବ୍ଲ୍ୟୁଟି, ଜାହାଜ ନିର୍ମାଣ, ମରାମତି ଏବଂ ରିସାଇକ୍ଲିଂ, ଅର୍ଥ, ବୀମା ଏବଂ ମଧ୍ୟସ୍ଥତା, ସାମୁଦ୍ରିକ କ୍ଲଷ୍ଟର, ଉଦ୍ଭାବନ ଏବଂ ପ୍ରଯୁକ୍ତିବିଦ୍ୟା, ସାମୁଦ୍ରିକ ନିରାପତ୍ତା ଓ ସୁରକ୍ଷା ଏବଂ ସାମୁଦ୍ରିକ ପର୍ଯ୍ୟଟନ ଆଦି ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା ସହ ଅଧିବେଶନର ଆୟୋଜନ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ସେହିଭଳି ଉଦଘାଟନୀ ଅଧିବେଶନରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଅପରପକ୍ଷରେ ସମ୍ମିଳନୀର ଅଧିବେଶନରେ ଆର୍ମେନିଆ, ବାଂଲାଦେଶ, ବେଲାରୁସ୍, କୋମୋରୋସ୍, ଇରାନ, ଇଟାଲୀ, ଶ୍ରୀଲଙ୍କା, ତାଞ୍ଜାନିଆ, ତୁର୍କମେନିସ୍ତାନ, ଉଜବେକିସ୍ତାନ, ସ୍ୱେଡ଼େନ୍ ଏବଂ ନେପାଳ ସମେତ ୧୨ଟି ଦେଶର ମନ୍ତ୍ରୀମାନେ ମଧ୍ୟ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଏଥିସହ ଭାରତର ୧୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୧୬ଜଣ ରାଜ୍ୟ ମନ୍ତ୍ରୀ ଓ ଉପରାଜ୍ୟପାଳ ଉପସ୍ଥିତ ରହିବେ। ବିଶେଷ କରି ଏହା କେବଳ ଭାରତ ପାଇଁ ନୁହେଁ, ବିଶ୍ୱ ସାମୁଦ୍ରିକ ସମୁଦାୟ ପାଇଁ ଏହା ଏକ ଐତିହାସିକ ସମାରୋହ ହେବ।

# ହୋଣ୍ଡାର ଅଲ୍ ନ୍ୟୁ ସିବି୩୦୦ଆର୍ ଉନ୍ମୋଚିତ

ଭୁବନେଶ୍ୱର, ୧୬।୧୦ (ଅଭୟ ଦାଶ)

ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ) ପ୍ରାଇଭେଟ ଲିମିଟେଡର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହୋଣ୍ଡା ଅଲ ନ୍ୟୁ ସିବି୩୦୦ଆରକୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ବିଶେଷ କରି ଓବିଡି୨ଏ ନିୟମ ପାଳନ କରୁଥିବା ୨୦୨୩ ସିବି୨୦୦ଆର୍‌ର ବଜାର ପ୍ରବେଶ ସୋମବାର ଆନୁଷ୍ଠାନିକ ଭାବେ ହୋଇଯାଇଛି। ଏପରିକି ନିଓ ସ୍ପୋର୍ଟସ୍ କାଫେ ରୋଡ୍‌ଷ୍ଟର୍ ଭାବେ ପ୍ରସ୍ତୁତ କରାଯାଇଥିବା ଏହି ମୋଟରସାଇକେଲ୍‌ର ବୁକିଂର ଶୁଭାରମ୍ଭ ମଧ୍ୟ କରାଯାଇଛି।

ଏ ସମ୍ପର୍କରେ ଏଚ୍‌ଏମ୍‌ଏସ୍‌ଆଇର ପରିଚାଳନା ନିର୍ଦ୍ଦେଶକ, ସଭାପତି ଓ ସିଇଓ ସୁତ୍ସୁମୁ ଓଟାନି କହିଛନ୍ତି, ଓବିଡି୨ଏ ନିୟମ ପାଳନ କରୁଥିବା ଇଞ୍ଜିନ ବ୍ୟବହାର କରାଯାଇଥିବା ୨୦୨୩ ସିବି୩୦୦ଆର୍‌କୁ ଉନ୍ମୋଚନ ସହ ବଜାର ପ୍ରବେଶ କରାଇ ଆମେ ବେଶ ଉତ୍ସାହିତ ଅଛୁ। ସେହିଭଳି ଏଚ୍‌ଏମ୍‌ଏସ୍‌ଆଇ ନିର୍ଦ୍ଦେଶକ (ସେଲ୍‌ସ ଆଣ୍ଡ ମାର୍କେଟିଂ) ଯୋଗେଶ ମାଥୁର କହିଛନ୍ତି, ଭାରତୀୟ ଚାଳକମାନଙ୍କ ଲାଗି ଆଜି ସିବି୩୦୦ଆର୍‌କୁ ଉନ୍ମୋଚନ କରାଯିବା ସହ ଏଚ୍‌ଏମ୍‌ଏସ୍‌ଆଇର ମଧ୍ୟମ-ଓଜନ ଉଚ୍ଚ ପ୍ରଦର୍ଶନ ମୋଟରସାଇକେଲ୍ ଉତ୍ପାଦ ବର୍ଗମାଳା ଆହୁରି ସମୃଦ୍ଧ ହୋଇଛି। ଉଲ୍ଲେଖଯୋଗ୍ୟ, ସିବି୧୦୦୦ଆର୍ ଡିଜାଇନ୍‌ରୁ ଅନୁପ୍ରାଣିତ ହୋଇ ନୂଆ ୨୦୨୩ ସିବି୩୦୦ଆର୍‌କୁ ପ୍ରସ୍ତୁତ କରାଯାଇଛି। ଏହାର ବଡ଼ ତେଲ ଟାଙ୍କିକୁ ନିଓ ସ୍ପୋର୍ଟ କାଫେର ଡିଏନ୍‌ଏ ଅନୁସାରେ ପ୍ରସ୍ତୁତ କରାଯାଇଛି। ଏଥିରେ ସମ୍ପୂର୍ଣ୍ଣ ଏଲ୍‌ଇଡି ଲାଇଟ୍ ବ୍ୟବହାର କରାଯାଇଛି। ୧୪୬ କେଜିର ଉକ୍ତ ବାଇକ୍ ଏହି ବର୍ଗରେ ସବୁଠୁ ହାଲୁକା ହୋଇଥିବା ବେଳେ ଏଥିରେ ଆଡଜଷ୍ଟେବଲ୍ ମୋନୋସକ୍ ଅବ୍‌ଜରବର, ଡୁଆଲ ଚ୍ୟାନେଲ୍ ଏବିଏସ୍, ସମ୍ପୂର୍ଣ୍ଣ ଡିଜିଟାଲ୍ ଇନଷ୍ଟ୍ରୁମେଂଟ୍ କ୍ଲଷ୍ଟର୍, ଏମର୍ଜେନ୍ସି ଷ୍ଟପ୍ ସିଗ୍‌ନାଲ୍ ଓ ହାଜାର୍ଡ ଲାଇଟ୍, ୨୮୬.୦୧ ସିସି ୪ ଷ୍ଟ୍ରୋକ୍ ସିଙ୍ଗଲ ସିଲିଣ୍ଡର ବିଏସ୍-୬ ଓବିଡି୨ଏ ନିୟମ ପାଳନ କରୁଥିବା ପିଜିଏମ୍-ଏଫ୍‌ଆଇଇଞ୍ଜିନ୍ ରହିଛି। ଏହା ପର୍ଲ ସ୍ପାର୍ଟାନ ରେଡ୍ ଓ ମ୍ୟାଟ୍ ମାସିଭ୍ ଗ୍ରେ ମେଟାଲିକ୍ ରଙ୍ଗରେ ଉପଲବ୍ଧ। ଅପରପକ୍ଷରେ ଆଗ୍ରହୀ ଗ୍ରାହକମାନେ ନିକଟସ୍ଥ ବିଗ୍‌ୱିଙ୍ଗ୍ ଡିଲରଶିପ୍‌ରେ ଏହାର ବୁକିଂ କରିପାରିବେ। ୨୦୨୩ ହୋଣ୍ଡା ସିବି୩୦୦ଆର୍‌ର ମୂଲ୍ୟ ୨,୪୦,୦୦୦ ଟଙ୍କା (ଏକ୍ସ ଶୋ'ରୁମ୍, ଦିଲ୍ଲୀ) ରହିଛି।



# ପିଏନ୍‌ବି ପକ୍ଷରୁ ପୁରସ୍କାର ବିତରଣ ଉତ୍ସବ

ଭୁବନେଶ୍ୱର, ୧୬।୧୦

ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ (ପିଏନ୍‌ବି)ର ସମ୍ବଲପୁର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ରାଜଭାଷା ସମାରୋହ ଓ ପୁରସ୍କାର ବିତରଣ ଉତ୍ସବ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ପିଏନ୍‌ବି ସମ୍ବଲପୁର ମଣ୍ଡଳର ମଣ୍ଡଳ ମୁଖ୍ୟ ଅଜିତ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ରାଜଭାଷା ସମାରୋହ ଆୟୋଜିତ ହୋଇଥିଲା। ଏଥିରେ ହିନ୍ଦୀ ବିଚାର ସଂଗୋଷ୍ଠୀ ସହ ଚଳିତ ବର୍ଷ ସେପ୍ଟେମ୍ବରରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଅଜିତ ମେହେର ହିନ୍ଦୀ ଏବଂ କ୍ଷେତ୍ରୀୟ ଭାଷାରେ ଗ୍ରାହକମାନଙ୍କୁ ପ୍ରଦାନ କରାଯାଉଥିବା ବ୍ୟାଙ୍କିଙ୍ଗ୍ ସେବା ସମ୍ବନ୍ଧରେ ଆଲୋଚନା କରିଥିଲେ। ସେହିଭଳି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ମହାନଦୀ କୋଲ ଫିଲ୍ଡସ ଲିଃର ମହାପ୍ରବନ୍ଧକ ଏବଂ ନରାକାସ ସମ୍ବଲପୁରର ସଦସ୍ୟ ସଚିବ କୃଷ୍ଣ ମୁରାରୀ ପ୍ରସାଦ କ୍ଷେତ୍ରୀୟ ଏବଂ ବ୍ୟବସାୟିକ ଭାଷା ରୂପରେ ହିନ୍ଦୀ ଭାଷାର ପ୍ରାଧାନ୍ୟ ଉପରେ ବିସ୍ତୃତ ଆଲୋଚନା କରିଥିଲାବେଳେ ମୁଖ୍ୟ ବକ୍ତା ଶିକ୍ଷାବିତ୍ ଏବଂ ଓଡିଶା ଷ୍ଟେଟ୍ ଓପନ ୟୁନିଭର୍ସିଟି ସମ୍ବଲପୁରର ଅବସରପ୍ରାପ୍ତ କୁଳପତି ଡ. ଜୟନ୍ତ କର ଶର୍ମା ହିନ୍ଦୀ ଏବଂ ଓଡିଆ ଭାଷାର ପାରସ୍ପରିକ ସମ୍ବନ୍ଧ ଉପରେ ନିଜର ମତାମତ ରଖିଥିଲେ। ହିନ୍ଦୀ ମାସ-୨୦୨୩ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ଏବଂ ହିନ୍ଦୀରେ ଶ୍ରେଷ୍ଠ କାର୍ଯ୍ୟ ସମ୍ପାଦନ କରିଥିବା ବିଭାଗଗୁଡିକୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପରିଶେଷରେ ରାଜଭାଷାର ମୁଖ୍ୟ ପ୍ରବନ୍ଧକ ପାର୍ଥ ସାରଥୀ ମହାପାତ୍ର ସମାରୋହରେ ଉପସ୍ଥିତ ଅତିଥି ଏବଂ କର୍ମଚାରୀମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଅପରପକ୍ଷରେ ରାଜଭାଷାର ବରିଷ୍ଠ ପ୍ରବନ୍ଧକ ଆନନ୍ଦ କୁମାର ମିଶ୍ର ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଫୁର୍‌ସତ୍

# ଦାରିଦ୍ର୍ୟମୁକ୍ତ ପୃଥିବୀ ସମ୍ଭବ



**ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ**

ଦାରିଦ୍ର୍ୟ ହିଁ ସମସ୍ତ ସମସ୍ୟାର ମୁଖ୍ୟ କାରଣ। ତେବେ ଦାରିଦ୍ର୍ୟ ମୁକ୍ତ ପୃଥିବୀ ସମ୍ଭବ। ଏହାର ଦୂରୀକରଣ ପାଇଁ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଅକ୍ଟୋବର ୧୭ରେ ସମଗ୍ର ବିଶ୍ୱରେ ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ ପାଳନ କରାଯାଇଥାଏ। ୧୯୮୭ ମସିହାରେ ଫ୍ରାନ୍ସର ପ୍ୟାରିସ୍‌ରେ ପ୍ରଥମ ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ ପାଳନ କରାଯାଇଥିଲା।ଙ୍ ୧,୦୦,୦୦୦ଲୋକ ଟ୍ରୋକାଡେରୋରେ ମାନବ ଅଧିକାର ପାଇଁ ଲିବର୍ଟିଜ ପ୍ଲାଜାରେ ଏକତ୍ରିତ ହୋଇ ଦାରିଦ୍ର୍ୟ, କ୍ଷୁଧା, ହିଂସା ଏବଂ ଭୟର ଶିକାର ହୋଇଥିବା ଲୋକଙ୍କୁ ସମ୍ମାନ ପ୍ରଦର୍ଶନ କରିଥିଲେ। ଏହି ମର୍ମରେ ୧୯୯୨ରେ ଜୋସେଫ୍ ୱେର୍ସିନସ୍କିଙ୍କ ଦ୍ୱାରା ପ୍ରତିଷ୍ଠିତ ଅନ୍ତର୍ଜାତୀୟ ଆନ୍ଦୋଳନ ଏଟିଡି ଚତୁର୍ଥ ବିଶ୍ୱର ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଥିଲା। ୱେର୍ସିନସ୍କିଙ୍କ ମୃତ୍ୟୁର ୪ ବର୍ଷ ପରେ ମିଳିତ ଜାତିସଂଘ ଆନୁଷ୍ଠାନିକ ଭାବରେ ଅକ୍ଟୋବର ୧୭କୁ ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ ଭାବରେ ପାଳନ କରିବାକୁ ସ୍ୱୀକୃତି ପ୍ରଦାନ କରିଥିଲା।

ୱେର୍ସିନସ୍କି କହିଥିଲେ, ଯେଉଁଠାରେ ପୁରୁଷ ଏବଂ ମହିଳା ଅତ୍ୟଧିକ ଦାରିଦ୍ର୍ୟରେ ଜୀବନଯାପନ କରିବାକୁ ବାଧ୍ୟ ହୁଅନ୍ତି, ସେଠାରେ ମାନବିକ ଅଧିକାରର ଉଲ୍ଲଂଘନ ହୋଇଥାଏ। ଏହି ଅଧିକାରଗୁଡ଼ିକର ସାବ୍ୟସ୍ତକୁ ନିଶ୍ଚିତ କରିବାକୁ ଏକତ୍ରିତ ହେବା ଆମର ଏକମାତ୍ର କର୍ତ୍ତବ୍ୟ। ବେଲଜିୟମ, ବୁର୍କିନା ଫାସୋ, କାନାଡା, ଜର୍ମାନୀ, ଫିଲିପାଇନ୍ସ, ପର୍ତ୍ତୁଗାଲ ରିୟୁନିୟନ ଦ୍ୱୀପ, ସୁଇଜରଲାଣ୍ଡ, ବ୍ରିଟେନ ଏବଂ ଆମେରିକା ସମେତ ସମଗ୍ର ବିଶ୍ୱରେ ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ ପାଳନ କରିବାର ସ୍ମରଣୀୟ ପଥରର ୫୩ଟି ପ୍ରତିକୃତି ଅଛି। ସ୍ମରଣୀୟ ପଥରର ପ୍ରତିକୃତି ଷ୍ଟ୍ରାସ୍‌ବର୍ଗର କାଉନସିଲ ଅଫ୍ ୟୁରୋପରେ ଏବଂ ନ୍ୟୁୟର୍କରେ ମିଳିତ ଜାତିସଂଘର ମୁଖ୍ୟାଳୟରେ ମଧ୍ୟ ରହିଛି।

ଦାରିଦ୍ର୍ୟ ଦୂରୀକରଣ ପାଇଁ ଅନ୍ତର୍ଜାତୀୟ ଦିବସ ଦାରିଦ୍ର୍ୟରେ ବାସ କରୁଥିବା ଲୋକ ଏବଂ ସେମାନଙ୍କ ସମ୍ପ୍ରଦାୟ ଏବଂ ସମାଜ ମଧ୍ୟରେ କଥାବାର୍ତ୍ତା ଓ ବୁଝାମଣାକୁ ପ୍ରୋତ୍ସାହିତ କରେ। ଦାରିଦ୍ର୍ୟରେ ବାସ କରୁଥିବା ଲୋକଙ୍କ ଉଦ୍ୟମ ଏବଂ ସଂଘର୍ଷକୁ ସ୍ୱୀକାର କରିବା ପାଇଁ ଏହି ଦିବସ ଏକ ସୁଯୋଗ ପ୍ରତିପାଦିତ କରିଥାଏ। ଦାରିଦ୍ର୍ୟ ଦୂରୀକରଣ ପାଇଁ ଅନ୍ତର୍ଜାତୀୟ ଦିବସକୁ ପ୍ରୋତ୍ସାହିତ କରିବା ପାଇଁ ଅନ୍ତର୍ଜାତୀୟ କମିଟି ୨୦୦୮ ଅକ୍ଟୋବର ୧୭ରେ ଆରମ୍ଭ କରାଯାଇଥିଲା। ପ୍ରତିବର୍ଷ ଏହି ଦିବସ ଏକ ବାର୍ତ୍ତା ବହନ କରିଥାଏ। ଚଳିତ ବର୍ଷ ୨୦୨୩ରେ ଏହି ଦିବସ ପାଳନର ବାର୍ତ୍ତା ହେଉଛି, ' ଅଭ୍ୟାସ ମାଧ୍ୟମରେ ସମସ୍ତଙ୍କ ପାଇଁ ସମ୍ମାନ' (ଡିଗ୍‌ନିଟିଫର୍‌ଅଲ୍‌ଇନ୍‌ପ୍ରାକ୍ଟିସ୍)।

# ଘୁଞ୍ଚିଲା କଙ୍ଗନାଙ୍କ 'ଏମର୍ଜେନ୍ସି' ରିଲିଜ୍

ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ୍‌ଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଏମର୍ଜେନ୍ସି'ର ରିଲିଜ୍ ତାରିଖ ଘୁଞ୍ଚିଛି। ଏନେଇ କଙ୍ଗନା ନିଜେ ସୂଚନା ଦେଇଛନ୍ତି। ଏବେ କଙ୍ଗନା ତାଙ୍କ ଅପ୍‌କମିଂ ସିନେମା 'ତେଜସ୍'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏହା ଭିତରେ ସେ ଫିଲ୍ମ 'ଏମର୍ଜେନ୍ସି'କୁ ନେଇ ଏପରି ସୂଚନା ଦେଇଛନ୍ତି। ଆସନ୍ତା ନଭେମ୍ବର ୨୪ରେ ରିଲିଜ୍ ହେବାକୁ ଥିବା 'ଏମର୍ଜେନ୍ସି' ଆସନ୍ତା ବର୍ଷ ଶେଷ ଆଡ଼କୁ ମୁକ୍ତିଲାଭ ହେବ ବୋଲି ଜଣାପଡ଼ିଛି। ଅତ୍ୟଧିକ କାମ ବ୍ୟସ୍ତତା ଯୋଗୁ ଫିଲ୍ମ ରିଲିଜ୍ ବଦଳାଯାଇଥିବା କଙ୍ଗନା କହିଛନ୍ତି। ସେ କହିଛନ୍ତି, ''ଏହି ଫିଲ୍ମ ମୋ ପୂରା ଜୀବନର ଲର୍ନିଂ ଆଉ ଅର୍ନିଂ। ଏହା ମୋ ପାଇଁ କେବଳ ଏକ ଫିଲ୍ମ ନୁହେଁ, ଜଣେ ମଣିଷ ଭାବେ ଏଥିରେ ମୋର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମୋର ଏହି ଫିଲ୍ମ ଆଉ ଚରିତ୍ରକୁ ବେଶ୍ ଭଲପାଇବା ମିଳିଛି। ଏଥିପାଇଁ ସମସ୍ତଙ୍କୁ ଧନ୍ୟବାଦ।'' ଉଲ୍ଲେଖଯୋଗ୍ୟ, ଏହି ସିନେମା ଦିବଂଗତ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜୀବନୀ ଉପରେ ଆଧାରିତ। କଙ୍ଗନାଙ୍କୁ ଏହି ଫିଲ୍ମରେ ଇନ୍ଦିରା ଗାନ୍ଧୀ ଭୂମିକାରେ ଦେଖିବାକୁ ମିଳିବ। ସେ ଏହି ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱ ମଧ୍ୟ ନେଇଛନ୍ତି।



# ପୂର୍ବତନ ମିସ୍ ୱାର୍ଲ୍ଡ ପ୍ରତିଯୋଗୀ ଶେରିକାଙ୍କ ଦେହାନ୍ତ




ମୁମ୍ବାଇ

ନିକଟରେ ପୂର୍ବତନ ମିସ୍ ୱାର୍ଲ୍ଡ ପ୍ରତିଯୋଗୀ ଶେରିକା ଡି ଆର୍ମାସଙ୍କ ୨୬ ବର୍ଷ ବୟସରେ ଦେହାନ୍ତ ହୋଇଛି। ସେ ୨୦୧୫ରେ ପ୍ରତିଯୋଗିତାରେ ଉରୁଗୁଏର ପ୍ରତିନିଧିତ୍ୱ କରିଥିଲେ। ଶେରିକା ଗର୍ଭାଶୟ କର୍କଟ ରୋଗରେ ପୀଡ଼ିତ ଥିଲେ। ଏନେଇ ତାଙ୍କ ଭାଇ ସୋସିଆଲ ମିଡିଆରେ ଏକ ପୋଷ୍ଟ ଲେଖିଛନ୍ତି, 'ତୁମେ ମୋ ଛୋଟ ଭଉଣୀ ଥିଲ ଆଉ ରହିବ। ତୁମ ସ୍ଥାନ କେହି ନେଇପାରିବେ ନାହିଁ। ଉରୁଗୁଏ ୨୦୨୨ର ମିସ୍ ୟୁନିଭର୍ସ କାର୍ଲା ରୋମେରୋ ଶେରିକାଙ୍କ ମୃତ୍ୟୁରେ ଦୁଃଖ ପ୍ରକାଶ କରିଛନ୍ତି। ସେ ଲେଖିଛନ୍ତି, ଏ ପର୍ଯ୍ୟନ୍ତ ସେ ଯେତେ ମହିଳାଙ୍କୁ ଭେଟିଛନ୍ତି, ସେମାନଙ୍କ ମଧ୍ୟରୁ ଶେରିକା ସବୁଠୁ ସୁନ୍ଦର ଥିଲେ। ୨୦୧୫ରେ ଚାଇନାରେ ଆୟୋଜିତ ହୋଇଥିବା ମିସ୍ ୱାର୍ଲ୍ଡ ପ୍ରତିଯୋଗିତାରେ ଶେରିକା ଶ୍ରେଷ୍ଠ ୩୦ରେ ମନୋନୀତ ହୋଇଥିଲେ। ତା' ପରେ ସେ ଦେଇଥିବା ଏକ ସାକ୍ଷାତ୍‌କାରରେ କହିଥିଲେ, 'ମୁଁ ସବୁବେଳେ ମଡେଲ ହେବାକୁ ଚାହୁଁଥିଲି।' ଯେକୌଣସି ମଡେଲ ହୁଅନ୍ତୁ ନା କାହିଁକି ଫ୍ୟାଶନ ସହ ଜଡ଼ିତ ସମସ୍ତ ଜିନିଷକୁ ସେ ଭଲ ପାଉଥିଲେ।

# ନବଜାତର ଓଜନ ୩୨୮ ଗ୍ରାମ୍



ଲଣ୍ଡନ

ଦୁନିଆରେ ପ୍ରତିଦିନ ପ୍ରାୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ପିଲା ଜନ୍ମ ନେଇଥାନ୍ତି। ସେଥିମଧ୍ୟରୁ କେତେଜଣ ଛୁଆ ବହୁ ହୃଷ୍ଟପୁଷ୍ଟ ତ କେତେଜଣ କମ୍‌ଜୋର ହୋଇଥାନ୍ତି। ନିକଟରେ ବ୍ରିଟେନର ୱେଲ୍ସରେ ଏକ ପିଲା ଜନ୍ମ ହୋଇଛି, ଯାହାର ଓଜନ ମାତ୍ର ୩୨୮ ଗ୍ରାମ୍। ଏହି ପିଲା ଜନ୍ମ ସମୟର ୫ ମାସ ଆଗରୁ ଜନ୍ମ ହୋଇଛି। ଛୁଆର ମା'ଙ୍କ ଗର୍ଭାବସ୍ଥାରେ ଏତେ କଷ୍ଟ ଅନୁଭବ ହେଲା ଯେ, ସେ ହସ୍ପିଟାଲରେ ୪ ମାସରେ ହିଁ ପିଲାକୁ ଜନ୍ମ ଦେଲେ। ଏହା ୱେଲ୍ସର ସବୁଠୁ ଛୋଟ ଜନ୍ମ ହୋଇଥିବା ପିଲା। ତା'ର ନାମ ରବିନ୍ ଚାମ୍ବର୍ସ। ମା' ଚାଣ୍ଟିଲି ଚାମ୍ବର୍ସ ଏବଂ ବାପା ଡାନିଏଲ ଚାମ୍ବର୍ସଙ୍କ କହିବା କଥା, ଯେତେବେଳେ ରବିନ୍ ଜନ୍ମହେବାକୁ ଥିଲା ସେମାନଙ୍କୁ ଜଣାଥିଲା ଯେ ତାଙ୍କ ପିଲା ଛୋଟ ହେବ। ହେଲେ ଏତେ ଛୋଟ ହେବ ବୋଲି ଜଣା ନ ଥିଲା। ରବିନ୍‌ଙ୍କୁ ଏନ୍ୟୁରିନ ବେଭନ ୟୁନିଭର୍ସିଟିର ହେଲ୍‌ଥ ବୋର୍ଡ ୱେଲ୍ସର ସବୁଠୁ ଛୋଟ ଛୁଆ ଭାବେ ଆଖ୍ୟା ଦିଆଯାଇଛି। ପିଲାଟି ଏତେ ଛୋଟ ଜନ୍ମ ହୋଇଛି ଯେ, ସେ ତା' ମା'ଙ୍କ ହାତରେ ଜାଗା ହୋଇଯାଉଛି। ଡାକ୍ତରଙ୍କ କହିବା କଥା, ରବିନ୍ ମାତ୍ର ୨୩ ସପ୍ତାହରେ ହିଁ ଜନ୍ମ ହୋଇଛନ୍ତି। ରବିନ୍ ଯେତେବେଳେ ଜନ୍ମ ହେଲେ ତାଙ୍କୁ ତୁରନ୍ତ ଭେଣ୍ଟିଲେଟରରେ ଭର୍ତ୍ତି କରିବାକୁ ପଡ଼ିଥିଲା। ଏତେ ଛୋଟ ହୋଇଥିବାରୁ ଡାକ୍ତରମାନଙ୍କୁ ତା' ଶିରା ଖୋଜିବାକୁ ବହୁ ସମୟ ଲାଗିଗଲା। ଧୀରେ ଧୀରେ ରବିନ୍‌ର ଓଜନ ବଢୁଛି। ସେ ଏବେ ୩ ମାସର ହୋଇଥିବାବେଳେ ତାଙ୍କ ଓଜନ ବଢ଼ି ୧ କେଜି ହୋଇଯାଇଛି। ଗତ ଜୁଲାଇରେ ଜନ୍ମହୋଇଥିବା ରବିନ୍ ସେବେଠାରୁ ହସ୍ପିଟାଲରେ ହିଁ ଅଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ସାରଥି


@ ରଶ୍ମିତା


@ କାହ୍ନା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଚାଷୀଙ୍କ ଫସଲବୀମା ଟଙ୍କା ପ୍ରଦାନ କର

ଭବାନୀପାଟଣା,୧୬।୧୦(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ବିସିସିବି ବ୍ୟାଙ୍କ ଅଧୀନରେ ଥିବା କାମଠଣା ପାକ୍ସର କଲମ ପଞ୍ଚାୟତ ଅନେକ ଚାଷୀ ବର୍ଷେ ପରେ ମଧ୍ୟ ବକେୟା ଫସଲ ବୀମା ଟଙ୍କା ପାଇ ନାହାନ୍ତି। ଏହାକୁ ନେଇ ସେମାନେ ବିଭିନ୍ନ ସମୟରେ ସ୍ଥାନୀୟ ପାକ୍ସ ସମେତ ଭବାନୀପାଟଣା ବିସିସିବି ବ୍ୟାଙ୍କର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିବା ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ସାଇନିଂ କଳାହାଣ୍ଡି ଅଧ୍ୟକ୍ଷ ଡ.ଭବାନୀ ଶଙ୍କର ନିଆଲଙ୍କ ନେତୃତ୍ୱରେ ଚାଷୀମାନେ ଭବାନୀପାଟଣା ବିସିସିବି ସଭାପତି ଗିରିଶ ଚନ୍ଦ୍ର ବେହେରାଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଶୀଘ୍ର ତାଙ୍କ ବକେୟା ଥିବା ଫସଲ ବୀମା ଟଙ୍କାକୁ ଖଲାସ କରିବାକୁ ସେମାନେ ନିବେଦନ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଭବାନୀପାଟଣା ବିସିସିବି ବ୍ୟାଙ୍କ ଅଧୀନ କଳାହାଣ୍ଡି ଓ ନୂଆପଡା ଜିଲାର ପ୍ରାୟ ପାକ୍ସର ଚାଷୀଙ୍କ ଫସଲ ବୀମା ଟଙ୍କା ଗତ ବର୍ଷେ ହେଲା ଅଟକି ରହିଥିବା ଜଣାପଡିଛି। ଏହାକୁ ନେଇ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଅନ୍ୟ କୌଣସି ବ୍ୟାଙ୍କରେ ପ୍ରାୟ ଏହି ସମସ୍ୟା ସୃଷ୍ଟି ହୋଇ ନ ଥିବାବେଳେ ଭବାନୀପାଟଣା ବିସିସିବି ବ୍ୟାଙ୍କ କ୍ଷେତ୍ରରେ ଏହାର ସମସ୍ୟା ଦେଖାଦେଇଛି। ଅନ୍ୟପକ୍ଷରେ ଗତ ବର୍ଷେ ହେଲା ବିସିସିବି ବ୍ୟାଙ୍କକୁ ଏହି ବାବଦର ଟଙ୍କା ଆସୁ ନ ଥିବାରୁ ଚାଷୀଙ୍କୁ ଫସଲ ବୀମା ଟଙ୍କା ଦିଆଯାଇପାରୁନାହିଁ ବୋଲି ବିସିସିବି ସଭାପତି କହିଥିବା ଚାଷୀଙ୍କଠାରୁ ଜଣାପଡିଛି। ଏହି ସମସ୍ୟାକୁ ନେଇ ସାଇନିଂ କଳାହାଣ୍ଡି ପକ୍ଷରୁ ଜିଲାପାଳଙ୍କ ଜରିଆରେ ୫-ଟି ସଚିବଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।


ସାଇନିଂ କଳାହାଣ୍ଡି ଅଧ୍ୟକ୍ଷଙ୍କ ସହ ଚାଷୀମାନେ ଦାବିପତ୍ର ଦେବାକୁ ଆସିଛନ୍ତି।

### ୫-ଟି ସଚିବଙ୍କୁ ସାଇନିଂ କଳାହାଣ୍ଡିର ଦାବିପତ୍ର

## କ୍ରୀଡ଼ା ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧନା

ନୂଆପଡ଼ା,୧୬।୧୦(ମକାରୁ ବେମାଲ)

ନୂଆପଡା ସଦର ବ୍ଲକ କୁଲିଆବନ୍ଧା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ୧୪ ବର୍ଷରୁ କମ ରାଜ୍ୟସ୍ତରୀୟ ଖୋ-ଖୋ ପ୍ରତିଯୋଗିତାରେ ଭାଗ ନେଇ ଫେରିଥିବା କ୍ରୀଡା ପ୍ରତିଭାମାନଙ୍କୁ ସ୍କୁଲ କ୍ୟାବିନେଟ ଦ୍ୱାରା ଭବ୍ୟ ସ୍ୱାଗତ କରାଯାଇଥିଲା। ବରିଷ୍ଠ ଶିକ୍ଷକ କିଶୋର କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମୀର କୁମାର ବେହେରା, ଗୁଣସାଗର ଭୋଇ, ନାନ୍ତ ମାଝି, ରବି ଶଙ୍କର ଭୋଇ, ଛବିଳ ନିଆଲ, ଲିଲାବାଇ ଶବର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅନୁଗୋଳଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଖୋ-ଖୋ ପ୍ରତିଯୋଗିତାରେ ଭାଗ ନେଇ ଫେରିଥିବା କ୍ରୀଡା ପ୍ରତିଭା ଆରତୀ ପଟେଲ, ଡିଗେଶ୍ୱରଦୀ ପଟେଲ ଓ ଯଶୋଦା ମାଝିଙ୍କୁ ବିଦ୍ୟାଳୟ କ୍ୟାବିନେଟ ମୁଖ୍ୟମନ୍ତ୍ରୀ ନୃପରାଜ ଗୌଡ, ଶିକ୍ଷା ମନ୍ତ୍ରୀ ସୁରେଶ ରଣା ଓ କ୍ରୀଡା ମନ୍ତ୍ରୀ ଚନ୍ଦନ ରଣା ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ବିଦ୍ୟାଳୟସ୍ତରରୁ ଜିଲାସ୍ତରୀୟ ଖୋ-ଖୋ ପ୍ରତିଯୋଗିତାରେ ନିଜର କ୍ରୀଡା ନୈପୁଣତା ପ୍ରଦର୍ଶନ କରି ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ ହୋଇ ଅନୁଗୋଳଠାରେ ଆୟୋଜିତ ରାଜ୍ୟସ୍ତରୀୟ ଖୋ-ଖୋ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଛାତ୍ରୀମାନଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟ ଶିକ୍ଷୟତ୍ରୀ, ଶିକ୍ଷକ, କ୍ରୀଡାବିତମାନେ ପ୍ରଶଂସା କରି ଆଗାମୀ ଦିନରେ ହେବାକୁ ଥିବା ପ୍ରତିଯୋଗିତାଗୁଡିକ ପାଇଁ ନିରନ୍ତର ଅଭ୍ୟାସ କରି ପୂର୍ବ ପ୍ରସ୍ତୁତି ଉପରେ ଧ୍ୟାନ କେନ୍ଦ୍ରିତ କରିବା ପାଇଁ ଆହ୍ୱାନ କରିଛନ୍ତି।


କ୍ରୀଡା ପ୍ରତିଭାମାନଙ୍କୁ ସ୍ୱାଗତ କରାଯାଉଛି।

## ସମସ୍ୟା ଶୁଣିଲେ, ସମାଧାନ ପ୍ରତିଶ୍ରୁତି ଦେଲେ


ବିଧାୟକ ନରସିଂହ ମିଶ୍ର ଶିକାଛିଡା ଗ୍ରାମପଞ୍ଚାୟତ ପରିଦର୍ଶନ ବେଳେ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

ବଲାଙ୍ଗୀର, ୧୬।୧୦ (ବୀରେନ୍ଦ୍ର କୁମାର ଝାଙ୍କର)

### ବିଧାୟକଙ୍କ ଶିକାଛିଡ଼ା ପଞ୍ଚାୟତ ଗସ୍ତ

ବଲାଙ୍ଗୀର ସଦର ବ୍ଲକ ଶିକାଛିଡା ଗ୍ରାମ ପଞ୍ଚାୟତର ବିଭିନ୍ନ ଗାଁ ପରିଦର୍ଶନ କରିଛନ୍ତି ବିଧାୟକ ନରସିଂହ ମିଶ୍ର। ସୋମବାର ବିଭିନ୍ନ ଗାଁରେ ପହଞ୍ଚି ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିବା ସହ ସମାଧାନ ପନ୍ଥା ନେଇ ଆଲୋଚନା କରିଥିଲେ। ନିର୍ବାଚନ ପୂର୍ବରୁ ଲୋକଙ୍କ ସମସ୍ୟାର ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଅପରାହ୍ନରେ ଖର୍ଲିକାନି ଗାଁରେ ଲୋକଙ୍କଠାରୁ ଅଭିଯୋଗ ଶୁଣି ବିଧାୟକ ମିଶ୍ର କିଭଳି ଭାବେ ସମସ୍ୟାର ସମାଧାନ ପୂର୍ବରୁ ହୋଇଛି ଏବଂ ଆଗକୁ ମଧ୍ୟ କରାଯିବ ସେନେଇ ଆଲୋଚନା କରିଥିଲେ। ଅଭିଯୋଗ ଶିଣୁବା ପରେ ନିର୍ମାଣ କାର୍ଯ୍ୟ ଓ ମରାମତି ପାଇଁ ବିଧାୟକ ପାଣ୍ଠିରୁ ଅନୁଦାନ ଘୋଷଣା କରିଥିଲେ । ସେଠାରେ ଲୋକଙ୍କ ପିଇବା ପାଣି ସମସ୍ୟା ଏବଂ ବଲାଙ୍ଗୀର-ଟିଟିଲାଗଡ ପିଚ୍ଛୁଡି ରାସ୍ତାରୁ ଖର୍ଲିକାନି ଗାଁକୁ ଯାଇଥିବା ରାସ୍ତାର ଉନ୍ନତୀକରଣ ପାଇଁ ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀଙ୍କୁ ଗାଁକୁ ଡକାଇ ରାସ୍ତା ପାଇଁ ପଦକ୍ଷେପ ନେବାକୁ କହିଥିଲେ। ଏଠାରେ ଥିବା ପିଇବା ପାଣି ସମସ୍ୟା ଶୀଘ୍ର ସମାଧାନ ଯେପରି ହୋଇପାରିବ ସେ ଦିଗରେ ଦୁର୍ଗାପୂଜା ପରେ ପଦକ୍ଷେପ ନେବା ପାଇଁ ଗ୍ରାମ୍ୟ ଜଳଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀଙ୍କୁ କହିଥିଲେ। ବିଧାୟକ ପାଣ୍ଠିରୁ ଅନୁଦାନ ପ୍ରଦାନ କରି ରାଧାକୃଷ୍ଣ ମନ୍ଦିରର ଶିଳାନ୍ୟାସ କରିଥିଲେ । ପରେ ଶିକାଛିଡା ଗାଁରେ ପହଞ୍ଚି ସେଠାକାର ମନ୍ଦିରର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ୩ଲକ୍ଷ ଟଙ୍କା ବିଧାୟକ ପାଣ୍ଠିରୁ ଅନୁଦାନ ଘୋଷଣା କରିଥିଲେ। ବିଜୁଳି ଓ ପାଣି ସମସ୍ୟାକୁ ନେଇ ମହିଳାମାନେ କରିଥିବା ଅଭିଯୋଗ ସମାଧାନ କରାଯିବ ବୋଲି ସେ କହିଥିଲେ। ବିଧାୟକ ମିଶ୍ରଙ୍କ ସହ କଂଗ୍ରେସ ନେତା ସରୋଜ ରଥ, ପଞ୍ଚାନନ ପ୍ରଧାନ, ଭାଗିରଥି ବର୍ଗତି, ଉମାକାନ୍ତ ନାଏକ, ମନୋଜ ମିଶ୍ର, ଅଜିତ ସାହୁ, ଭୁଲୁ ପଟ୍ଟନାୟକ ଉପସ୍ଥିତ ଥିଲେ ।

## ମୁଖ୍ୟମନ୍ତ୍ରୀ ସଭାଗୃହ, ପ୍ରହରୀ ମଣ୍ଡପର ଭିତ୍ତିଭୂମି ସ୍ଥାପନ



ଲାଞ୍ଜିଗଡ଼,୧୬।୧୦(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡସ୍ଥିତ ସାପ୍ତାହିକ ହାଟ ପ୍ରାଙ୍ଗଣରେ ମୁଖ୍ୟମନ୍ତ୍ରୀ ସଭାଗୃହ ଏବଂ ପ୍ରହରୀ ମଣ୍ଡପର ଭିତ୍ତିଭୂମି ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମ ଦିନରେ ଲାଞ୍ଜିଗଡର ସାପ୍ତାହିକ ହାଟ ପ୍ରାଙ୍ଗଣରେ ମୁଖ୍ୟମନ୍ତ୍ରୀଙ୍କ ଅନୁଦାନ ପାଣ୍ଠିରୁ ନିର୍ମାଣ ଦେବାକୁ ଥିବା ମୁଖ୍ୟମନ୍ତ୍ରୀ ସଭାଗୃହ ଏବଂ ଲାଞ୍ଜିଗଡ଼ ପଞ୍ଚାୟତ ପାଣ୍ଠିରୁ ପ୍ରହରୀ ମଣ୍ଡପର ଭିତ୍ତିଭୂମି ସ୍ଥାପନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରି, ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଆଞ୍ଚଳିକ ବିକାଶ ପରିଷଦ ଅଧ୍ୟକ୍ଷ ଶିବାଜୀ ମାଝି, ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ଲାଞ୍ଜିଗଡ ଜୋନ ୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ, ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଲାଞ୍ଜିଗଡ଼ ବିଧାୟକ ପ୍ରତିନିଧି ପ୍ରଦୀପ କୁମାର ଘଡ଼େଇ, ଲାଞ୍ଜିଗଡ ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀଧର ପେଶନିଆ, ଲାଞ୍ଜିଗଡ ପୂର୍ବତନ ସରପଞ୍ଚ ଚନ୍ଦ୍ରଧଜ ପେଶନିଆ, ବ୍ଲକ ପୂର୍ବତନ ଅଧ୍ୟକ୍ଷ ମନୋହର ହରପାଲ, ବିଜେଡି ଜିଲା ସମ୍ପାଦକ ଜଗଦୀଶ ବେନିଆ, ବିଶ୍ୱନାଥପୁର ସମିତି ସଭ୍ୟ ଅଜିତ ପ୍ରଧାନୀ, ସୁବାଷ ଚନ୍ଦ୍ର ଅଗ୍ରୱାଲ, ବିଶମ୍ବର ନାୟକ, ସତ୍ୟନାରାୟଣ ନାଏକ, ସଦାନନ୍ଦ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ। ଭିତ୍ତିଭୂମି ପୂଜନରେ କର୍ତ୍ତା ଭାବେ ଯୁଜେଷ୍ଟି ପାତ୍ର ଓ ରଶ୍ମିତା ପାତ୍ର ଦାୟିତ୍ୱ ତୁଲାଇଥିଲେ। ପୂଜକ ଭାବେ ନିକୁଞ୍ଜ ଶତପଥୀ ସମ୍ପାଦନ କରିଥିବା ବେଳେ ଦୀନବନ୍ଧୁ ବାରିକ ସହଯୋଗ କରିଥିଲେ।

## ଅଲ୍ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେଶନ ପକ୍ଷରୁ ଦାବିପତ୍ର

କୋକସରା,୧୬।୧୦
(ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଅଲ ଓଡିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେଶନ ପକ୍ଷରୁ ସୋମବାର ୧୧ଦଫା ଦାବି ପ୍ରଦାନ କରାଯାଇଛି। ବ୍ଲକର କାର୍ଯ୍ୟକାରୀ ସଭାପତି ଓ ଭିମ ଆର୍ମୀ ଭାରତ ଏକତା ମିଶନ ନବରଙ୍ଗପୁର ଜୋନ ପ୍ରଭାରୀ ପ୍ରଧାନି ବାଗଙ୍କ ନେତୃତ୍ୱରେ ରାଲି, ଗଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ୧୧ଦଫା ଦାବି ନେଇ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ କୋକସରା ବ୍ଲକ ଅଞ୍ଚଳର ବିଭିନ୍ନ ସମସ୍ୟାଗୁଡ଼ିକର ଆଶୁ ସମାଧାନ ସକାଶେ ଦାବିପତ୍ର ଦିଆଯାଇଥିଲା। ଏଥିରେ ଅଲ ଓଡିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେଶନ ବ୍ଲକ ସଭାପତି କିଶୋର ଚନ୍ଦ୍ର ନାଏକ, ଉପଦେଷ୍ଟା ଗୋବର୍ଦ୍ଧନ ବାଗ, ଭିମ ଆର୍ମୀ ଓଡ଼ିଶା ରାଜ୍ୟ ସାଧାରଣ ସମ୍ପାଦକ ଜଗ ଜିବନ କୁମାର, ଓବିସି, ଏସଟି, ଏସ ସି ମିଳିତ ମଞ୍ଚର ସଂଯୋଜକ ଦିଗାମ୍ବର ଦୁରିଆ, ଡାକେଶ୍ୱର ଲହଜଲ, ସଙ୍ଗଠନର ସମ୍ପାଦକ ପ୍ରବୀଣ ପାଣିଗ୍ରାହୀ, ମହିଳା ବିଭାଗ ସଭାପତି ଇନ୍ଦୁ ରେଖା ବାଗ, ଉପସଭାପତି ଏ ସରିତା ରାଓ, ଦିଶାନ୍ତ ବେଶ୍ରା, ଘନଶ୍ୟାମ ଛତ୍ରିଆ, କ୍ଷୀରସିନ୍ଧୁ ବୋଡକିଆ, ଯୋଗେନ୍ଦ୍ର ମହାନନ୍ଦ, ସୁକାନ୍ତ ମହାନନ୍ଦ ଓ ବିଦ୍ୟାଧର ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।




## ସାଇବର ଅପରାଧ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ


ସାଇବର ସଚେତନତା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଅତିଥିଗଣ।

ଭବାନୀପାଟଣା,୧୬।୧୦(ଉତ୍ତମ କୁମାର ଦାଶ)

ବର୍ତ୍ତମାନ ସମାଜରେ ସମସ୍ତବର୍ଗର ଲୋକ ଦୈନନ୍ଦିନ ଜୀବନରେ ମୋବାଇଲ ଓ ଇନଷ୍ଟର୍‌ନେଟ ବ୍ୟବହାର କରୁଛନ୍ତି। ଏହା ଯେତିକି ସୁବିଧା ଜନକ ସେତିକି ହାନିକାରକ। ଠିକ ଭାବେ ଏହାର ବ୍ୟବହାର ନ କଲେ ବେଳେ ବେଳେ ଆମକୁ ସାଇବର ଠକାମିର ଶିକାର ହେବାକୁ ପଡ଼େ। ଏହି ଉପରେ ବିଦ୍ୟାର୍ଥୀମାନଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଭବାନୀପାଟଣା ବିକାଶ ୱାଇସଡ଼ମ ପାର୍କ ପରିସରରେ ଏକ ସାଇବର ଅପରାଧ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଶନିବାର ସ୍ଥାନୀୟ ସାଇବର ଅପରାଧ ନିୟନ୍ତ୍ରଣ ଶାଖାର ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଏସପି ଅଳକାନନ୍ଦା ସାହୁ, ସବଇନ୍ସପେକ୍ଟର୍ ଚନ୍ଦନ ସାହୁ, ସବଇନ୍ସପେକ୍ଟର୍ ଟୁନା ସେଠୀ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ଆରତୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମୋବାଇଲ ବ୍ୟବହାର କରିବା ସମୟରେ କିପରି ସଚେତନ ହେବେ ସେ ଦିଗରେ ବିଶେଷ ଭାବେ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ଅବଗତ କରିଥିଲେ। ସେହିପରି ସାଇବର ଅପରାଧ ରୋକିବା ଦିଗରେ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ସାରଥି


@ ରଶ୍ମିତା


@ କାହ୍ନା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭଲ ମଣିଷ ହେବାକୁ ସହାୟକ ହୋଇଥାଏ ପୁସ୍ତକ

**ବରଗଡ଼, ୧୬।୧୦(ପ୍ରେମାନନ୍ଦ ଖମାରୀ)**

ପୁସ୍ତକର ଆଦର କରୁ ନ ଥିବା ବ୍ୟକ୍ତି ଜୀବନରେ ଆଗକୁ ଯାଇପାରେନାହିଁ। ମାଟି ଗଣେଶ ଭଳି ସେ ରହିଯାଏ। ମନୁଷ୍ୟ ଜୀବନ ତା ପାଇଁ ମୂଲ୍ୟହୀନ ହୋଇଯାଏ ଓ ଜୀବନରେ ଭଲ ମଣିଷଟିଏ ହେବାକୁ ପୁସ୍ତକ ହିଁ ସହାୟକ ହୋଇଥାଏ ବୋଲି ୧୪୬ତମ ଭ୍ରାମ୍ୟମାଣ ପାଠାଗାର କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି। ସ୍ଥାନୀୟ ହାଟପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆବାହକ ଡକ୍ଟର ରବିନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପିଲାଙ୍କ ପାଖରେ ପାଠାଗାର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କାଉନସିଲର ରାଜକିଶୋର ଦାଶ ପୁସ୍ତକର ଆଦର କରୁ ନ ଥିବା ବ୍ୟକ୍ତି ଜୀବନରେ ଉନ୍ନତି କରିପାରେନାହିଁ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତିଳୋତ୍ତମା ଭୋଇ ପୁସ୍ତକ ପଠନ କର ୁନ ଥିବା ବ୍ୟକ୍ତି ମାଟି ଗଣେଶ ସଙ୍ଗେ ସମାନ ବୋଲି କହିଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦିବ୍ୟକାନ୍ତି ଭୋଇ, ମୀନା ପଣ୍ଡା, ସାମାଜିକ କର୍ମୀ ସଂଘମିତ୍ରା ପଟେଲ, ଶିକ୍ଷୟିତ୍ରୀ ଅନୀତା ସାହୁ, ପୁଷ୍ପାଳୟା ତନସନା ପ୍ରମୁଖ ଛାତ୍ର ଜୀବନରେ ପୁସ୍ତକ ପଠନର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରି ପୁସ୍ତକ ପଢୁ ନ ଥିବା ବ୍ୟକ୍ତି ପାଇଁ ମନୁଷ୍ୟ ଜୀବନ ମୂଲ୍ୟହୀନ ବୋଲି ମତବ୍ୟକ୍ତ କରିଥିଲେ। ଆୟୋଜିତ ପୁସ୍ତକ ପଠନ କାର୍ଯ୍ୟକ୍ରମରେ ପଠିତ ପୁସ୍ତକ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରି ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ସୂର୍ଯ୍ୟା ମଲ୍ଲିକ, ରିତେଶ ପତି ଓ ସୌମ୍ୟାପ୍ରଭା କରତୁଲ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଗ୍ରହଣ କରି ପୁରସ୍କୃତ ହୋଇଥିଲେ। 'ଶିଶୁଶ୍ରୀ'ର ସଂଯୋଜକ ପଣ୍ଡିତ ଗୋପବନ୍ଧୁ ପୁରୋହିତ ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଉମାକାନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ଓବିସି ମୋର୍ଚ୍ଚାର ରାଜ୍ୟସ୍ତରୀୟ କାର୍ଯ୍ୟାନୁଷ୍ଠାନ କମିଟି ବୈଠକ

**ପାଇକମାଲ, ୧୬।୧୦(ବଡ ଶତପଥୀ)**

ବରଗଡ ଜିଲା ପାଇକମାଲ ନୃସିଂହନାଥଠାରେ ଓବିସି ମୋର୍ଚ୍ଚାର ରାଜ୍ୟସ୍ତରୀୟ କାର୍ଯ୍ୟାନୁଷ୍ଠାନ କମିଟି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋର୍ଚ୍ଚାର ରାଜ୍ୟ ସଭାପତି ଶଙ୍କର ପାତ୍ର ମୁଖ୍ୟ ଅତିଥି ଏବଂ ସମ୍ପାଦକ ଡ. ଶୁଭେନ୍ଦୁ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ବୈଠକରେ ଓବିସିଙ୍କ ଅଧିକାର ବିଷୟରେ ଆଲୋଚନା ହୋଇଥିଲା। ଓଡ଼ିଶାରେ ୫୨ ପ୍ରତିଶତ ଓବିସି ବର୍ଗର ଲୋକେ ଥିବାରୁ ଶିକ୍ଷା, ରାଜନୀତି, ଚାକିରି ଓ ସମସ୍ତ ଦିଗରେ ଓବିସି ବ୍ୟକ୍ତି ବିଶେଷଙ୍କୁ ୫୨ ପ୍ରତିଶତ ସଂରକ୍ଷଣ ଦେବା ପାଇଁ ରାଜ୍ୟ ସରକାରଙ୍କ ପାଖରେ ଦାବି କରାଯିବ ବୋଲି ସୂଚନା ଦିଆଯାଇଥିଲା। ଏହି ଅବସରରେ ପଦ୍ମପୁର ଉପଖଣ୍ଡ ସ୍ତରୀୟ କାର୍ଯ୍ୟାନୁଷ୍ଠାନ କମିଟି ଗଠନ କରାଗଲା। ଧବଳେଶ୍ୱର ସାହୁ, ପରମାନନ୍ଦ ସାହା, ବଳରାମ ସାହୁ, ଯୁଧିଷ୍ଠିର ସାହୁଙ୍କୁ ମୁଖ୍ୟ ପରାମର୍ଶ ଦାତା ଭାବେ ଦାୟିତ୍ୱ ଦିଆଗଲା। ଆଇନ ପରାମର୍ଶଦାତା ଭାବେ ଆଇନଜୀବୀ ପ୍ରଶାନ୍ତ ମାଝୀ, ପଦ୍ମପୁର ଉପଖଣ୍ଡ ସ୍ତରୀୟ ଯୁବମୋର୍ଚ୍ଚାର ମୁଖ୍ୟ ସଙ୍ଗଠକ ଭାବେ ଯୁବନେତା ରବିନାରାୟଣ ସାହୁ ଏବଂ ରାଜୀବ ସାହୁଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସେହିପରି ଛାତ୍ର ମୋର୍ଚ୍ଚା, ମହିଳା ମୋର୍ଚ୍ଚା, କୃଷକ ମୋର୍ଚ୍ଚା, ଶ୍ରମିକ ମୋର୍ଚ୍ଚା ସର୍ବସମ୍ମତି କ୍ରମେ ଗଠନ କରାଯାଇଥିଲା। ଡୋଲାମଣି ମାହାର, ପଦ୍ମପୁର ଉପଖଣ୍ଡ ସଭାପତି ଗୋବିନ୍ଦ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଓବିସି ମୋର୍ଚ୍ଚାର କର୍ମକର୍ତ୍ତା।

# କଳାହାଣ୍ଡିରେ ଗଡ଼ିବ ୬୩ ଲକ୍ଷ୍ମୀ ବସ୍

**ଭବାନୀପାଟଣା, ୧୬।୧୦ (ଉତ୍ତମ କୁମାର ଦାଶ)**

## ୩୦ରେ ମୁଖ୍ୟମନ୍ତ୍ରୀ କରିବେ ଶୁଭାରମ୍ଭ

କଳାହାଣ୍ଡି ଜିଲାର ୧୩ଟି ବ୍ଲକରେ ଗଡିବ ରାଜ୍ୟ ସରକାରଙ୍କ ୬୩ଟି ଲକ୍ଷ୍ମୀ ବସ୍। ଆସନ୍ତା ୩୦ ତାରିଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶୁଭାରମ୍ଭ କରିବା ପରେ ଜିଲାରେ ଚଳାଚଳ କରିବ ଲକ୍ଷ୍ମୀ ବସ୍। ଏହି ମାସ ଶେଷ ସପ୍ତାହରେ ଏହି ବସ୍‌ଗୁଡିକ କଳାହାଣ୍ଡିକୁ ପହଞ୍ଚିବ। କଳାହାଣ୍ଡି ଜିଲାର ୧୩ଟି ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳକୁ ୫୦ଟି ବସ୍ ପ୍ରତ୍ୟହ ସ୍ଥାନୀୟ ବ୍ଲକ ମୁଖ୍ୟାଳୟ ପର୍ଯ୍ୟନ୍ତ ଚଳାଚଳ କରିବ। ସେହିପରି ସ୍ଥାନୀୟ ବ୍ଲକ ମୁଖ୍ୟାଳୟରୁ ୧୩ଟି ବସ୍ ପ୍ରତ୍ୟହ ଜିଲା ମୁଖ୍ୟାଳୟ ପର୍ଯ୍ୟନ୍ତ ଚଳାଚଳ କରିବ। ଏହି ବସ୍‌ରେ ଯାତ୍ରା ପାଇଁ ଶୁନରୁ ୧୦ କି.ମି. ଯାଏଁ ଯାତ୍ରୀଙ୍କୁ ମାତ୍ର ୫ ଟଙ୍କା ଦେବାକୁ ପଡିବ। ସେହିପରି ୧୧-୨୦ କି.ମି. ୧୦ ଟଙ୍କା, ୨୧-୪୧ କି.ମି. ୧୫ଟଙ୍କା, ୪୧-୬୦ କି.ମି. ୨୫ ଟଙ୍କା ଓ ୬୧-୮୦ କି.ମି. ୩୦ଟଙ୍କା ଦେବାକୁ ପଡିବ। ପ୍ରତ୍ୟେକ ଗ୍ରାମାଞ୍ଚଳରେ ଏହ ବସ୍ ପାଇଁ ଷ୍ଟପେଜ ବ୍ୟବସ୍ଥା ମଧ ରହିବ। ଏହାଦ୍ୱାରା ଯାତ୍ରୀମାନେ କମ୍ ଖର୍ଚ୍ଚାନ୍ତରେ ନିଜ ଅଞ୍ଚଳରୁ ଗନ୍ତବ୍ୟ ସ୍ଥଳକୁ ସୁବିଧାରେ ଯାତାୟାତ କରିପାରିବେ। ଏହି ବସ୍ ଚଳାଚଳ କରିବା ପରେ ଜିଲାର ଯୋଗାଯୋଗ ଓ ପରିବହନ କ୍ଷେତ୍ରରେ ଆଉ ଏକ ମାଇଲଖୁଣ୍ଟ ଯୋଡି ହେବ ବୋଲି କଳାହାଣ୍ଡି ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ) ଗତିକୃଷ୍ଣ ସାମନ୍ତରାୟ ପ୍ରକାଶ କରିଛନ୍ତି।

# ପ୍ରଧାନ ଶିକ୍ଷକ ଜାତୀୟସ୍ତରରେ ପୁରସ୍କୃତ



ପ୍ରଧାନ ଶିକ୍ଷକ ଦ୍ୱାଦଶ ପ୍ରଧାନଙ୍କୁ ପୁରସ୍କୃତ କରାଯାଉଛି।

**ପାଇକମାଲ, ୧୬।୧୦(ବଡ ଶତପଥୀ)**

ବରଗଡ ଜିଲା ପାଇକମାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଦ୍ୱାଦଶ କୁମାର ପ୍ରଧାନ ଜାତୀୟ ସ୍ତରରେ ଶ୍ରେଷ୍ଠ ପ୍ରଧାନ ଶିକ୍ଷକ ଭାବେ ପୁରସ୍କୃତ ହୋଇଛନ୍ତି। ରବିବାର ନୂଆଦିଲ୍ଲୀର ଏକ ହୋଟେଲରେ ଗ୍ଲୋବାଲ ବିଜନେସ ଓ ଏଜୁକେଶନ ସୋସାଇଟି ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଓଡ଼ିଶାରୁ ଏକମାତ୍ର ପ୍ରଧାନ ଶିକ୍ଷକ ଭାବେ ପୁରସ୍କୃତ ହୋଇଥିବା ପ୍ରଧାନ ପାଇକମାଳ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା, ପାଠ ତ୍ୟାଗୀ ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟ ସ୍ରୋତକୁ ଆଣିବା, ଦଶମ ପାସ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଉଚ୍ଚତର ଶିକ୍ଷା ପାଇଁ ପ୍ରୋତ୍ସାହନ କରିବା, ବିଦ୍ୟାଳୟରେ ସୌନ୍ଦର୍ଯ୍ୟକରଣ, ଉତ୍ତମ ସୌଖିକ ପରିବେଶ ସୃଷ୍ଟି କରିବା, ୫-ଟି ଉପକରଣ ଗୁଡିକର ଉନ୍ନତ ପ୍ରୟୋଗ କରିବା, ଛାତ୍ରୀଛାତ୍ରମାନଙ୍କ ଦକ୍ଷତା ବିକାଶ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ଏଥିପୂର୍ବରୁ ପ୍ରଧାନ ବରଗଡ ଜିଲା ଆଦର୍ଶ ଶିକ୍ଷକ, ରାଜ୍ୟ ଶ୍ରେଷ୍ଠ ଶିକ୍ଷକ, ଗୋପବନ୍ଧୁ ଜ୍ୟୋତି ସମ୍ମାନ ତଥା ଆହୁରି ଅନେକ ଅନୁଷ୍ଠାନ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ସେ ଏହି ପୁରସ୍କାର ପାଇବା ପରେ ପାଇକମାଳ ଶିକ୍ଷକ ମହଲରେ ଆନନ୍ଦ ପ୍ରକାଶ ପାଇଛି।

# ରକ୍ତଦାନ ଶିବିର, ୩୨୦ ୟୁନିଟ୍ ରକ୍ତ ସଂଗ୍ରହ

**ସରଣ୍ଡା, ୧୬।୧୦(ଯୁଧିଷ୍ଠିର ମହାପାତ୍ର)**

ବରଗଡ ଜିଲା ଅତାବିରା ଅଗ୍ରସେନ ଭବନରେ ସ୍ଥାନୀୟ ବିଜେଡି ପକ୍ଷରୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତାବିରା ବିଧାୟିକା ସେହ୍ନାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି, ବରଗଡ ଜିଲା ବିଜେଡି ପର୍ଯ୍ୟବେକ୍ଷକ ସଧୀର ସାମଲ, ଜୀବନ ବିନ୍ଦୁର ଜିଲା ସଂଯୋଜକ ଗୌରହରି ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗଦାନ କରି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ଅତାବିରା ଏନ୍‌ଏସି ଅଧ୍ୟକ୍ଷ ବନମାଳି ବରିହା, ବ୍ଲକ ଅଧ୍ୟକ୍ଷ ଗୀତାଞ୍ଜଳି ନାଏକ, ଭେଡେନ ବ୍ଲକ ଅଧ୍ୟକ୍ଷ ସୁପ୍ରଭା ମହାଲିଙ୍ଗ, ଭେଡେନ ବ୍ଲକ ବିଜେଡି ସଭାପତି ହରିଶଙ୍କର ବେହେରା, ଅତାବିରା ଏନ୍‌ଏସି ବିଜେଡି ସଭାପତି ମଣ୍ଟୁ ପଣ୍ଡା, ଟଙ୍କ ଦାସ, ସତ୍ୟଜିତ ପୁରୋହିତ, ସୁବାଷ ହୋତା, ସୁରେନ୍ଦ୍ର କର୍ମୀ, ସଦାନନ୍ଦ କର୍ଣ୍ଣ, ଗଣେଶ ସାହୁ, କାଉନସିଲର ନାରାୟଣ ସାହୁ, କାଉନସିଲର ସୁରେଖା ବାଗ, ସୁରେନ୍ଦ୍ର କଠାର, ମୁକୁନ୍ଦ ନାଏକ, ସୁଶାନ୍ତ ମିଶ୍ର, ସୁଶାନ୍ତ ସାହୁ ପ୍ରମୁଖ ବିଜେଡି କର୍ମୀ ଯୋଗଦାନ କରି ରକ୍ତଦାନ କରିଥିଲେ। ଶିବିରରେ ୩୨୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ବୁର୍ଲା ସ୍ଥିତ ଭିମ୍‌ସାରରୁ ରକ୍ତ ସଂଗ୍ରହକାରୀ ଦଳ ରକ୍ତ ସଂଗ୍ରହ କରିଥିଲେ।

# ବରପାଲି କାଳୀପୂଜା କମିଟିର ନୂତନ କର୍ମକର୍ତ୍ତା

**ବରପାଲି, ୧୬।୧୦(ଚିତ୍ତରଞ୍ଜନ ସାହୁ)**

ବରପାଲି ଶ୍ୟାମା ଛକ କାଳୀ ପୂଜା ମଣ୍ଡପରେ କାଳୀପୂଜା କମିଟିର ବରିଷ୍ଠ ସଭ୍ୟ ଅଶୋକ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ରବିବାର ସନ୍ଧ୍ୟାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଚଳିତ ବର୍ଷ ପାଇଁ କର୍ମକର୍ତ୍ତା ମନୋନୀତ ହୋଇଥିଲେ। ଏଥିରେ ସଭାପତି ଧୀରେନ କୁମାର ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ଯୁଗାନନ ବିଶି, ଉପ ସଭାପତି ରାଜେନ୍ଦ୍ର ବିଦ୍ୟାଧର, ସମ୍ପଦ ଗହୀର, ମନୋଜ ମେହେର ଓ ରୋଶନ ଅଗ୍ରୱାଲ, ସମ୍ପାଦକ ବିଷ୍ଣୁ ସେଠ, ସହ ସମ୍ପାଦକ ଶୁଭମ୍ ଦାଶ, ପଦ୍ମଲୋଚନ ଗହୀର ଓ ରାକେଶ ଥପା, କୋଷାଧ୍ୟକ୍ଷ ଶଙ୍କର ଅଗ୍ରୱାଲ ରହିଛନ୍ତି। ସେହିପରି ଉପଦେଷ୍ଟା ମଣ୍ଡଳୀରେ ୧୧ଜଣ ରହିଛନ୍ତି। ଆସନ୍ତା ୨୪ ତାରିଖ ଦଶହରାରେ କାଳୀପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପନ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି।

# ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ ଆନୁକୂଲ୍ୟରେ ରକ୍ତଦାନ ଶିବିର

**କର୍ଲାମୁଣ୍ଡା, ୧୬।୧୦(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ଯୁକ୍ତ୨ ମହାବିଦ୍ୟାଳୟରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନରେ ଓଡିଶା ମୋ ପରିବାର ଜୀବନ ବିନ୍ଦୁ ଆନୁକୂଲ୍ୟରେ ନର୍ଲା ନିର୍ବାଚନମଣ୍ଡଳୀସ୍ତରୀୟ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ନର୍ଲା ବିଧାୟକ ଭୂପିନ୍ଦର ସିଂ, ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଜିଲା ସଂଯୋଜକ ଅମିତ ଯାଦବ, ଜିଲା ବିଜେଡି ସାଧାରଣ ସମ୍ପାଦକ ଧର୍ମେନ୍ଦ୍ର ନାଏକ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ମଣ୍ଟୁ ନାଏକ, ଏମ୍. ରାମପୁର ବ୍ଲକ ବିଜେଡି ସଭାପତି ଗୋବିନ୍ଦ ଶତପଥୀ, କରିଥିଲେ।

# ଗୋଡ଼ଭଗା ଦୁର୍ଗାପୂଜା ସମନ୍ୱୟ କମିଟି ବୈଠକ


ବୈଠକରେ ଉପସ୍ଥିତ ଅତିଥି।

**ସରଣ୍ଡା, ୧୬।୧୦(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଗୋଡ଼ଭଗାରେ ସାର୍ବଜନୀନ ଦୁର୍ଗାପୂଜା ପାଇଁ ସୋମବାର ରାତି ୮ଟାରେ ଏକ ସମନ୍ୱୟ ବୈଠକ ଦୁର୍ଗାପୂଜା ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ରାମକୃଷ୍ଣ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗୋଡ଼ଭଗା ଫାଣ୍ଡି ଅଧିକାରିଣୀ ଅନିମା ଏକ୍କା, ଗୋଶାଳା ଫାଣ୍ଡି ଅଧିକାରୀ କ୍ଷୀରୋଦ୍ର ବାଗ, ଗୋଡ଼ଭଗା ସରପଞ୍ଚ ମଞ୍ଜୁଲତା ସେଟ, କଳାମାଟି ସରପଞ୍ଚ ସୁଷମା ସାହୁ, ଗୋଡ଼ଭଗା ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ଲେଲିନ ମେହେର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମଧୁସୂଦନ ଶର୍ମା ସଭା କାର୍ଯ୍ୟ ସଂଯୋଜନା କରିଥିଲେ। ସମ୍ପାଦକ ଦେବବ୍ରତ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ। ବୈଠକରେ ସମ୍ବଲପୁର ଓ ବରଗଡ଼ ଜିଲା ପୋଲିସ ଓ ପ୍ରଶାସନ ଯୋଗଦେଇ କିଭଳି ଶାନ୍ତିଶୃଙ୍ଖଳା ସହ ଯାତ୍ରା ସମାପନ ହେବ ସେ ନେଇ ଆଲୋଚନା ହୋଇଥିଲା। ପୂଜାରେ ପ୍ରଦୀପ ପ୍ରଧାନ ଓ ଶକୁନ୍ତଳା ପ୍ରଧାନ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ବହନ କରିବେ। ଆସନ୍ତା ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ବିଧି ଅନୁସାରେ ପୂଜା କାର୍ଯ୍ୟ କରାଯିବ। ବିଭିନ୍ନ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ରାବଣପୋଡି ହେବ। ୨୫ରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ପ୍ରସ୍ତୁତି ବୃତାନ୍ତ ହୋଇଥିବା ସୂଚନା ଦିଆଯାଇଥିଲା।



## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ସାରଥି



@ ରଶ୍ମିତା



@ କାହ୍ନା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନବୀନଙ୍କ ଜନ୍ମଦିନରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ

**ସୁନ୍ଦରଗଡ଼,୧୬।୧୦ (ଜୟ ନାରାୟଣ ମେଣ୍ଟୁଲି)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୭ତମ ଜନ୍ମ ଦିନ ଅବସରରେ ସୁନ୍ଦରଗଡ଼ ଟାଉନ ବିଜେଡି ତରଫରୁ ତାଙ୍କର ମଙ୍ଗଳ କାମନା କରି ସ୍ଥାନୀୟ ସମଲେଶ୍ୱରୀ ମନ୍ଦିରରେ ସୋମବାର ସନ୍ଧ୍ୟାରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଛି। ସଭାପତି ତଥା ଉପନଗରପାଳ ଲଲାଟ ପରିଡ଼ାଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ସୁସ୍ଥ ଶରୀର ଓ ଦୀର୍ଘାୟୁ କାମନା କରି ୭୭ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଦୀର୍ଘ ୨୩ ବର୍ଷ ହେଲା ଓଡିଶାର ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଆସୁଛନ୍ତି। ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପୁତ୍ର। ଏହି ସମୟ ମଧ୍ୟରେ ସେ ପୁରା ଭାରତ ବର୍ଷର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଏକ ନମ୍ବର ହେବା ସହିତ ଅନେକ ରେକର୍ଡର ଅଧିକାରୀ ହୋଇ ପାରିଛନ୍ତି ବୋଲି ପୂର୍ବତନ ବିଧାୟକ ତଥା ରାଜ୍ୟ ବିଜେଡି ସମ୍ପାଦକ ଯୋଗେଶ ସିଂ ତାଙ୍କ ବକ୍ତବ୍ୟରେ କହିଥିଲେ। ପଞ୍ଚମ ଥର ମୁଖ୍ୟମନ୍ତ୍ରୀ ହୋଇ ଭାରତର ଏକ ନମ୍ବର ମୁଖ୍ୟମନ୍ତ୍ରୀ ହୋଇ ପାରିଛନ୍ତି ବୋଲି ବିଜେଡି ଜିଲା ସଭାପତି ତଥା ଏସଡିସି ସଭାପତି ବିନୟ ଟପ୍ପୋ କହିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ ଓ ଜନହିତକର କାର୍ଯ୍ୟ, ତାଙ୍କ ସଭାପତିତ୍ୱରେ ଏବଂ ପରିଚାଳନାରେ ୨୦୨୪ ନିର୍ବାଚନରେ ସେ ପୁଣି ଥରେ ମୁଖ୍ୟମନ୍ତ୍ରୀ ହୋଇ ପୁରା ବିଶ୍ୱରେ ଲଗାତାର ଷଷ୍ଠଥର ପାଇ ଏକ ନମ୍ବର ମୁଖ୍ୟମନ୍ତ୍ରୀ ହେବେ ଏଥିରେ କୌଣସି ସନ୍ଦେହ ନାହିଁ ବୋଲି ବରିଷ୍ଠନେତା ତଥା ଜିଲା ବିଜେଡି ଉପସଭାପତି ଜୟ ନାରାୟଣ ତ୍ରିପାଠୀ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ଦୀପ ପ୍ରଜ୍ୱଳନ ସମୟରେ ପୂର୍ବତନ ବିଧାୟକ ଯୋଗେଶ ସିଂ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ମାଝି, ଜିଲା ପରିଷଦ ସଭାପତି କୁନ୍ତୀ ପ୍ରଧାନ, ଜିଲା ବିଜେଡି ଉପସଭାପତି ଜନ୍ମଜୟ ମହାପାତ୍ର, ଜିଲା ବିଜେଡି ଉପସଭାପତି ଜୟ ନାରାୟଣ ତ୍ରିପାଠୀ, ସନ୍ତୋଷ ଅମାତ, ରାଜ୍ୟ ଟିଡିସିସି ସଭାପତି ଚମେଲୀ ଓରାମ,ଉପସଭାପତି ଗୋପ ମହାନ୍ତି, ଉପସଭାପତି ବେଣୁଧର ତାଣ୍ଡିଆ, ବରିଷ୍ଠ ନେତା ଲାଳନ ଦେଓ, ବିଜେଡି ଟାଉନ ସଭାପତି ଲଲାଟ ପରିଡ଼ା,ପଞ୍ଚା ବାର୍ଲା, ଅଶ୍ୱିନ ନାଏକ, ବିଜେଡିର ସମସ୍ତ ଜିଲାପରିଷଦ ସଦସ୍ୟାସଦସ୍ୟ, ବିଜେଡିର ସମସ୍ତ କାଉନସିଲରଙ୍କ ସହିତ ବିଜେଡିର ଅନେକ ମହିଳା ଓ ପୁରୁଷ ସଦସ୍ୟ ଉପସ୍ଥିତ ଥିଲେ।



ସୁନ୍ଦରଗଡ଼ରେ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ସମୂହ ଦୀପଦାନ କରାଯାଉଛି।

**କୁଆଁରମୁଣ୍ଡା,୧୬।୧୦(ମହେନ୍ଦ୍ର କୁମାର ସାହୁ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୮ତମ ଜନ୍ମ ଦିବସ ଉପଲକ୍ଷେ ବୀରମିତ୍ରପୁର ଟାଉନ ହଲରେ ରକ୍ତ ଦାନ ଶିବିର ଏବଂ ସରକାରୀ ଡାକ୍ତରଖାନାରେ ଫଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଉରକେଲା ସାଙ୍ଗଠନିକ ଜିଲା ସମ୍ପାଦକ ତଥା ବୀରମିତ୍ରପୁର ମୁନିସିପାଲିଟି ଅଧ୍ୟକ୍ଷ ସନ୍ଦୀପ ମିଶ୍ର, ଉପାଧ୍ୟକ୍ଷା ନିବେଦିତା ବାଗେ, ନଗର ସଭାପତି କୁନା ଦେଓ ଅତିଥିଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ବିଜୁ ଛାତ୍ର ଜନତା ଦଳ ରାଉରକେଲା ସାଙ୍ଗଠନିକ ଜିଲା ଉପ ସଭାପତି ମହମ୍ମଦ ଏଜାଜ ଆଲାମ ଏବଂ ଯୁବ ନେତା ଚନ୍ଦନ ବିଶ୍ୱକର୍ମାଙ୍କ ନେତୃତ୍ୱରେ ୨୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏଥିରେ ମହିଳା ନେତ୍ରୀ ଲଳିତା କୋଲଥ, କାଉନସିଲର ମୋନା ଭେଙ୍ଗ୍ରା, ଉଷା ଜଇପୁରିଆ, ବିନୀତ କଚ୍ଛୁଆ, ବରିଷ୍ଠ ନେତା ଗୁଲାମ ଅହମଦ ପ୍ରମୁଖ ଉପସ୍ଥିତଥିଲେ। ଅନୁରୂପଭାବେ ଡାକ ବଙ୍ଗଳାରେ ଅପରାହ୍ନରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୧୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭପତି ତଥା ସରପଞ୍ଚ ରାଜେଶ ହସଦା, ବିଜେଡି ରାଉରକେଲା ସାଂଗଠନିକ ଜିଲା ସାଧାରଣ ସମ୍ପାଦକ ତଥା ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ଜିଲା ପରିଷଦ ସଭ୍ୟ ନେଭିଲ୍ କେରକେଟା, ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତି କେରକେଟା, ଉପାଧ୍ୟକ୍ଷ ସୁନୀତା ଅର୍ହି, ପୁତ୍ରିଖମନ ସରପଞ୍ଚ ନରେଶ ସୁରିନ, ମଝପଡା ସରପଞ୍ଚ ମାରୀୟାନୁସ ଏକ୍କା ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

**ରାଜଗାଙ୍ଗପୁର, (ଅଶୋକ ପାଣି):** ରାଜଗାଙ୍ଗପୁରରେ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷିରେ ସହରାଞ୍ଚଳ ବିଜେଡି ସଭାପତି ରାଜେନ୍ଦ୍ର ଲେଙ୍କାଙ୍କ ନେତୃତ୍ୱରେ ଘୋଘର ମନ୍ଦିରରେ ନବୀନଙ୍କ ଦୀର୍ଘାୟୁ ପାଇଁ ପୂଜାର୍ଚ୍ଚନା କରାଯାଇଥିଲା ଓ ସହରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସରକାରୀ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ମାଧୁରୀ ଲୁଗୁନ, ଉପନଗରପାଳ ମହମ୍ମଦ ଇରଫାନ, ସଞ୍ଜିବ ବେହୁରା ତଥା ବିଭିନ୍ନ କାଉନସିଲର ଓ ଅନ୍ୟମାନେ ରହିଥିଲେ। ପଞ୍ଚାୟତ ସ୍ତରରେ ଭାଲୁଡୁମା ଗ୍ରାମରେ ମହାବିର କ୍ଲବ ଦ୍ୱାରା ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା ଓ ୬୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜେଡି ବ୍ଲକ ସଭାପତି ରାମନାଥ କିସପୋଟା, ବରିଷ୍ଠ ବିଜେଡି ନେତା ବେନେଡ଼ିକ୍ଟ ତିର୍କୀ, ବିକ୍ରମ ଟପ୍ପୋ, ପ୍ରିୟ ଦର୍ଶୀନି ଭୋଇ, ରଶ୍ମୀ ଏକ୍କା ପ୍ରମୁଖଙ୍କ ସହ ଅନ୍ୟମାନେ ଥିଲେ।

**ବଣାଇଁ, (ପ୍ରଦୀପ ତ୍ରିପାଠୀ):** ବାବା ବାଣେଶ୍ୱର ମନ୍ଦିର ପରିସରରେ ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଉପଲକ୍ଷେ ତାଙ୍କ ଦୀର୍ଘାୟୁ ଓ ସୁସ୍ଥ ନିରାମୟ ଜୀବନ କାମନା କରି ସମୂହ ଦୀପ ଦାନ ଏବଂ ପ୍ରାର୍ଥନା ସଭା ଆୟୋଜନ କରାଯାଇଥିଲା। ଏଥିରେ ବିଜୁ ଜନତା ଦଳର ରାଉରକେଲା ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରଣଜିତ କିଷାନ, ଜିଲା ପରିଷଦ ଉପାଧ୍ୟକ୍ଷ କମଳ ଲାକ୍ରା, ଜିଲା ପରିଷଦ ସଭ୍ୟ ରାମଚନ୍ଦ୍ର ସାହୁ, ବ୍ଲକ ସଭାପତି ରଘୁନାଥ ସାହୁ, ଜିଲା ସମ୍ପାଦକ ସୁନ୍ଦରମଣି ପ୍ରଧାନ, କୁମାର ଗୌତମ ବାରିକ, ଆଦିବାସୀ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଦସ୍ୟ ପ୍ୟାରା ବାରଲା, ଗୁରୁଚରଣ ନାୟକ, ଅଜୟ ନାୟକ, ବଣାଇଗଡ଼ ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା କିଷାନଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଜେଡି ଉପସଭାପତି ରୋହିତାଶ୍ୱ ମିଶ୍ର, ସତୀନ ମହାନ୍ତ, ଧର୍ମପଦ ମହାନ୍ତ, ଚିନ୍ମୟ ତ୍ରିପାଠୀ,ତପୁ ଭୋଇ, କାନ୍ଦରୁ କିଷାନ ପ୍ରମୁଖ ସହଯୋଗ କରିଥିଲେ।

**ବଡ଼ଗାଁ,୧୬।୧୦(ଅଶୋକ ଷଡ଼ଙ୍ଗୀ):** ବଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଛି। ମଧ୍ୟାହ୍ନରେ ବିଜେଡି ଜିଲା ସଭାପତି ବିନୟ ଟପ୍ପୋଙ୍କ ସହିତ ବ୍ଲକ ସଭାପତି ଦେବାଶିଷ ମିଶ୍ର, ବ୍ଲକ କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା, ଜିଲା ସାଧାରଣ ସମ୍ପାଦକ ଅରୁଣ ଦିକ୍ଷୀତ, ଜିଲା ସମ୍ପାଦକ ଅମିୟ କୁମାର ମୁଦୁଲି, ବଡ଼ଗାଁ ସମିତି ମେମ୍ବର ସାରିକା କେରକେଟା, ହିରଧର ବେହେରା, ଜୟନ୍ତ ବିଶି, ଆଲୋକ ପଟ୍ଟନାୟକ, ଧରଣୀଧର ସା ପ୍ରମୁଖ ବ୍ୟକ୍ତି ଓ କର୍ମୀମାନେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ।

**ନୂଆଗାଁ,(ବିଜୟ ତ୍ରିପାଠୀ):** ନୂଆଗାଁ ବ୍ଲକ ସୋରଡ଼ା ପ୍ରାଥମିକ ଚିକିତ୍ସାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ସାଙ୍ଗଠନିକ ଜିଲା ସଭା ପତି ହାଲୁ ମୁଣ୍ଡାରୀ, ଏସଡିସି ଉପାଧାକ୍ଷା ଶ୍ରୀମତୀ ସୁଶିଲା ଟପ୍ପୋ, ବ୍ଲକ ଅଧ୍ୟକ୍ଷ ବିଶ୍ୱାସୀ ଟପ୍ପୋ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଲେ। ରାଜ୍ୟ ଯୁଗ୍ମ ସମ୍ପାଦକ ତଥା ଏସଡିସି ସଦସ୍ୟ ହିମାଂଶୁ ପଣ୍ଡାଙ୍କ ନେତୃତ୍ୱରେ ୩୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ସଭାପତି ଦିଗାମ୍ବର ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମଖଲୁ ଏକ୍କା, ରାଉରକେଲା ମହିଳା ଜିଲା ସଭା ପତି ସୁଶ୍ରୀ ଏମ୍ମା ଏକ୍କା, ଜିଲା ପରିଷଦ ଜ୍ୟୋତି ଦଳରସା ଟେଟେ ପ୍ରମୁଖ ଯୋଗଦେଇଥିଲେ।

# ଜିଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

**ବ୍ରଜରାଜନଗର,୧୬।୧୦(ବିଜୟ ବରାଡ଼)**

ପ୍ରଜ୍ଞାନ ମିଶନ ଜଗତପୁର କଟକ ଆନୁକୂଲ୍ୟରେ ତଥା ଝାରସୁଗୁଡ଼ା ଜିଲା ସଂଯୋଜିକା ଡ. ଶିବପ୍ରିୟା ମିଶ୍ରଙ୍କ ଆବାହକତ୍ୱରେ ବ୍ରଜରାଜନଗର ମହାବିଦ୍ୟାଳୟରେ ୫ମ ଜିଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବ୍ରଜରାଜନଗର ମହାବିଦ୍ୟାଳୟ ଅଧ୍ୟକ୍ଷ ସମୀର ରଞ୍ଜନ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶ୍ରୀ ଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ପଶ୍ଚିମ ଓଡ଼ିଶା ଶାଖା ସଭାପତି ଚିନ୍ତାମଣି ଦାସ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଅନ୍ୟତମ ସଂଯୋଜିକା ପଦ୍ମାବତୀ ମହାପାତ୍ର ସଭା ସଂଚାଳନ ପୂର୍ବକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତାରେ କ ବିଭାଗରେ ଡିଏଭି ଇବଭ୍ୟାଲିର ରୋଶନି ମହାରଣା ପ୍ରଥମ, ଶିକ୍ଷାନିକେତନର ବୈଷ୍ଣବୀ ଦାଶ ଦ୍ୱିତୀୟ ଓ ଡିଏଭି ହାଇସ୍କୁଲ ବନହରପାଲିର ବର୍ଷା ରାଣୀ ସାହୁ ତୃତୀୟ ହୋଇଥିଲେ। ଖ ବିଭାଗରେ ଡିଏଭି ହାଇସ୍କୁଲ ବନହରପାଲିର ଦେବଜାନୀ ସାହୁ ପ୍ରଥମ, ଓପିଏମ ଉଚ୍ଚ ବିଦ୍ୟାଳୟର ଲକ୍ଷ୍ମଣ ସାହୁ ଦ୍ୱିତୀୟ, ଡିଏଭି ଇବ୍ ଭ୍ୟାଲିର ସାଚୀ ସମ୍ପଦା ମିଶ୍ର ତୃତୀୟ ସ୍ଥାନରେ ଥିଲେ। ସେହିପରି ଗ ବିଭାଗରେ ଡିଏଭି ହାଇସ୍କୁଲ ବନହରପାଲିର ଶର୍ମିଷ୍ଠା ଜେନା ପ୍ରଥମ, ପତ୍ରାପାଲି ସରକାରୀ ଉଚ୍ଚବିଦ୍ୟାଳୟର ଖୁସିରାଣୀ ପଧାନ ଦ୍ୱିତୀୟ ଓ ଓପିଏମ୍ ବାଳିକା ଉଚ୍ଚବିଦ୍ୟାଳୟର ମିନି ସାହୁ ଏବଂ ଘ ବିଭାଗରେ ବ୍ରଜରାଜନଗର ମହାବିଦ୍ୟାଳୟର ଅର୍ପିତା ଦନ୍ତା ପ୍ରଥମ, ଭାବନା ସ୍ୱାଇଁ ଦ୍ୱିତୀୟ ଓ ସୀମା ରୋହିଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ ପ୍ରତିଯୋଗୀ ଆସନ୍ତା ଡ଼ିସେମ୍ବର ୨୭ ଓ ୨୮ରେ ହରିହରାନନ୍ଦ ଗୁରୁକୁଳମ ପୁରୀରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ। ବିଚାରକ ଭାବେ ଡ. ରତ୍ନପର୍ଣ୍ଣା ମହାନ୍ତି, ସୁଫଳା ବାରିକ, ସଂଗୀତା ଦାଶ, ନମିତା ପତି, ନିଖିଲେଶ ପଧାନ, ଆଶିଷ କୁମାର ସାହୁ ଯୋଗଦେଇଥିଲେ।

# ବିକାଶ ମଞ୍ଚ ପକ୍ଷରୁ ପୌର କାର୍ଯ୍ୟାଳୟ ଘେରାଉ

**ବ୍ରଜରାଜନଗର,୧୬।୧୦(ବିଜୟ ବରାଡ଼)**

ବ୍ରଜରାଜନଗର ବିକାଶ ମଞ୍ଚ ସଭାପତି ଜୀବନ ସାର୍ଥକ ଦାଶଙ୍କ ନେତୃତ୍ୱରେ ସୋମବାର ସ୍ଥାନୀୟ ପୌର କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ପୌର କାର୍ଯ୍ୟାଳୟରେ ଦୁର୍ନୀତି, ଅଞ୍ଚଳରେ ଠିକ୍ ଭାବରେ ସଫେଇ କାର୍ଯ୍ୟ ହେଉ ନ ଥିବା ଓ ବିକାଶ ମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବା ଦାବି ନେଇ ବିକାଶ ମଞ୍ଚ ଘେରାଉ କରିଥିଲା। ବ୍ରଜରାଜନଗର ପୌର ପରିଷଦ କାର୍ଯ୍ୟାଳୟରେ ଜିଲାପାଳ ଆବୋଲି ସୁନିଲ ନର୍ବାଣେଙ୍କ ଅଭିଯୋଗ ଶୁଣାଣି ଥିବାବେଳେ ଆନ୍ଦୋଳନକାରୀ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇ ଦାବି ଗୁଡ଼ିକ ଜଣାଇଥିଲେ। ସମସ୍ତ ସମସ୍ୟା ସମାଧାନ କରାଯିବ ବୋଲି ଜିଲାପାଳ ଆଶ୍ୱାସନା ଦେଲାପରେ ଆନ୍ଦୋଳନକାରୀ ହଟିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନରେ ରକ୍ତଦାନ ଶିବିର

**ବ୍ରଜରାଜନଗର,୧୬।୧୦(ବିଜୟ ବରାଡ଼)**

ସୋମବାର ଦିନ ସ୍ଥାନୀୟ ମହାନଦୀ କୋଇଲା କମ୍ପାନୀ ଅଧୀନ କଲ୍ୟାଣ ମଣ୍ଡପଠାରେ ବ୍ରଜରାଜନଗର ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଜନ୍ମ ଦିନରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ମାଧ୍ୟମରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ରଜରାଜନଗର ବିଜେଡି ସଭାପତି ରାଧାକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ଶିବିର ଅନୁଷ୍ଠିତ ହୋଇଥିଲା। ବ୍ରଜରାଜନଗର ପୌର ପରିଷଦ ଅଧ୍ୟକ୍ଷା ଯାଜ୍ଞସେନୀ ଓରାମ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଏଥିରେ ୬୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଝାରସୁଗୁଡ଼ା ଜିଲା ମୁଖ୍ୟ ଡାକ୍ତରଖାନାର କର୍ମଚାରୀ ଓ ଫାର୍ମାସିଷ୍ଟ ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ବ୍ରଜରାଜନଗର ବିଜେଡି ପର୍ଯ୍ୟବେକ୍ଷକ ହରେକୃଷ୍ଣ ଷଡ଼ଙ୍ଗୀ, ଜିଲା ବିଜେଡି ଉପସଭାପତି କୁଳମଣି ଦାଶ, ଜିଲା ସାଧାରଣ ସମ୍ପାଦକ ବିଶ୍ୱନାଥ ନାୟକ, ଶ୍ରମିକ ନେତା ପ୍ରସନ୍ନ ଚୌଧୁରୀ, ବିଜେଡି ଯୁବନେତା ଲଳିତ ତନ୍ତୀ, ବିଜେଡି ମହିଳା ନେତ୍ରୀ ସୁଜାତା ଜେନା ଓ ମନୋରମା ସାହୁ ସହଯୋଗ କରିଥିଲେ।

# ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

**ଲହୁଣୀପଡ଼ା,୧୬।୧୦(ଦାଶରଥୀ ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା କଲେଇପୋଷ ପୂର୍ତ୍ତ ବିଭାଗ ରାସ୍ତାର କେନ୍ଦୁଢ଼ିହି କଟା ନିକଟରେ ଦୁର୍ଘଟଣା ଘଟି ଜଣେ ବାଇକ୍ ଆରୋହଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୁଳିପୋଷ ଗ୍ରାମର ମାର୍ଟିନ ମୁଣ୍ଡା (୨୧)। ପୋଲିସ ମୃତଦେହ ବଣେଇଁ ଉପଖଣ୍ଡ ଚିକିତ୍ସାଳୟର ମର୍ଗହାଉସରେ ରଖିଛି। ଏଥିସହ ବାଇକ୍ ଓ ଟ୍ରକକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ,ମୁଣ୍ଡା ଓଡ଼ି-୧୪ବି-୯୨୦୪ ବାଇକ ଯୋଗେ ଲହୁଣୀପଡ଼ା ଠାରୁ କୁଳିପୋଷକୁ ଯାଉଥିବା ବେଳେ ବିପରୀତ ଦିଗରୁ ଲୁହାପଥର ବୋଝେଇ ଟ୍ରକ ଓଡ଼ି-୧୪ପି-୬୬୫୫ ବାଇକକୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଚାଳକ ଗୁରୁତର ହୋଇଥିଲେ। ପୋଲିସ ତାଙ୍କୁ ଲହୁଣୀପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସାପରେ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରୁଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା।

# ମୃତ ଗାଈ ପକାଇବାକୁ କେନ୍ଦ୍ର କରି ମାରପିଟ୍ ଘଟଣା, ୫ କୋର୍ଟଚାଲାଣ

**ଲହୁଣୀପଡ଼ା,୧୬।୧୦(ଦାଶରଥି ପଣ୍ଡା)**

ମୃତ ଗାଈ ପକାଇବାକୁ କେନ୍ଦ୍ର କରି ମାଡ ମାରିବା ଏବଂ ରାସ୍ତା ଅବରୋଧ କରିବା ଘଟଣାରେ ପୋଲିସ ୫ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଗୁଡୁ ଚୌଧୁରୀ (୨୬), ସତୀଶ ପାତ୍ର (୨୩), ସୁନୀଲ ମାହାନ୍ତ (୨୪), ସଞ୍ଜୟ ସାମଲ (୨୮), ଶିବ ସାହା (୩୩)। ଏନେଇ ଲହୁଣୀପଡ଼ା ପୋଲିସ ପୂର୍ବରୁ ପୃଥକ ପୃଥକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା।

# ଦୁର୍ଗାପୂଜା ପାଇଁ ଶାନ୍ତି କମିଟି ବୈଠକ

**ବ୍ରଜରାଜନଗର,୧୬।୧୦(ବିଜୟ ବରାଡ଼)**

ସ୍ଥାନୀୟ ପୌର ପରିଷଦ ସଭାଗୃହରେ ଉପନଗରପାଳ ଗୋପାଳ ସିତାନୀଙ୍କ ଅଧ୍ୟକ୍ଷତାରେ ଦୁର୍ଗାପୂଜା ପାଇଁ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୌରାଞ୍ଚଳରେ ଥିବା ୧୯ ପୂଜା ପେଣ୍ଡାଲର କର୍ମକର୍ତ୍ତାଙ୍କ ସମେତ ବିଦ୍ୟୁତ୍ ବିଭାଗ ଅଧିକାରୀ, ଅଗ୍ନିଶମ ଅଧିକାରୀ, ଜନସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। ଟ୍ରାଫିକ ସମସ୍ୟା, ସହରାଞ୍ଚଳର ବିଭିନ୍ନ ରାସ୍ତା, ଲାଇଟ ବ୍ୟବସ୍ଥା ପ୍ରତି ଧ୍ୟାନ ଦେବାପାଇଁ ପୂଜା କମିଟି କର୍ମକର୍ତ୍ତା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସାଇଁଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମସ୍ତ ସମସ୍ୟାର ସମାଧାନ କରିବା ପାଇଁ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶ୍ୱାସନା ଦେବା ସହ ସରକାରଙ୍କ ନିୟମ ମାନି ଶୃଙ୍ଖଳାର ସହ ପୂଜା ଯେପରି ସମାପନ ହେବ ସେ ନେଇ ପୂଜା କମିଟି କର୍ମକର୍ତ୍ତାଙ୍କୁ ଅନୁରୋଧ କରିଥିଲେ। ଭସାଣି ଶୋଭାଯାତ୍ରାରେ ଡିଜେ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ବାଣ ଫୁଟାଇବା ପାଇଁ ଝାରସୁଗୁଡ଼ା ଉପଜିଲାପାଳଙ୍କଠାରୁ ଅନୁମତି ଆଣିବା ବାଧ୍ୟତାମୂଳକ ବୋଲି ସୂଚନା ଦେଇଥିଲେ। ଏହାସହ ପୌର ପରିଷଦ ପକ୍ଷରୁ ଖୋଳାଯାଇଥିବା କୃତ୍ରିମ ପୋଖରୀରେ ମୂର୍ତ୍ତି ବିସର୍ଜନ କରିବା ପାଇଁ ପରାମର୍ଶ ଦେଇଥିଲେ। ବୈଠକରେ ପୌର ମୁଖ୍ୟଯନ୍ତ୍ରୀ ସୁଭାଷ ମିଶ୍ର ଓ ସମସ୍ତ ପୌର କର୍ମଚାରୀ ଉପସ୍ଥିତ ଥିଲେ।



# ଭଲ କରନ୍ତୁ ଶୁଖିଲା କାଶ

**ବହୁଦିନ ଧରି ଶୁଖିଲା କାଶ ଲାଗି ରହୁଥିଲେ ଏଥିରୁ ମୁକ୍ତି ପାଇବା ପାଇଁ ଜାଣିରଖନ୍ତୁ କିଛି ଘରୋଇ ଉପାୟ।**

▶▶| ଲଗାତର ଶୁଖିଲା କାଶ ହେଉଥିଲେ ପିଲାଙ୍କୁ ମହୁ ଖାଇବାକୁ ଦିଅନ୍ତୁ। ପ୍ରତିଦିନ ଉଷୁମ ପାଣିରେ ମହୁ ଖାଇଲେ କିଛିଦିନ ପରେ କାଶ ଭଲ ହୋଇଯିବ।

ଅଦା ମଧ୍ୟ କାଶ ଭଲ କରିବାରେ ବିଶେଷ ସହାୟକ ହୋଇଥାଏ। ଅଦା ଚା' ତିଆରି କରି ସେଥିରେ ମହୁ ମିଶାଇ ପିଇଲେ କାଶ ସମସ୍ୟା ଦୂର ହୋଇଥାଏ। ତେବେ ପିଲାମାନଙ୍କୁ ଅଦା ମିଶ୍ରି ମିଶାଇ କାଢ଼ା କରି ଦେଇପାରିବେ। ଅଦାକୁ ଲୁଣ ସହ ମିଶାଇ ଧୀରେ ଧୀରେ ଚୋବାଇ ଖାଇଲେ ମଧ୍ୟ କାଶ କମ୍



ହୋଇଥାଏ।

▶▶| ଶୁଖିଲା କାଶ ଦୂରକରିବା ପାଇଁ ହଳଦୀ ଅତ୍ୟନ୍ତ ଉପକାରୀ। କ୍ଷୀର କିମ୍ବା ଉଷୁମ ପାଣିରେ ୧ ଚାମଚ ହଳଦୀଗୁଣ୍ଡ, ଅଳ୍ପ ଗୋଲମରିଚ ଗୁଣ୍ଡ ମିଶାଇ ପିଅନ୍ତୁ। ବୟସ୍କ ଲୋକେ ଏହି ମିଶ୍ରଣକୁ ଚା'ରେ ମିଶାଇ ପିଇପାରିବେ।

▶▶| ମସଲାଭାବେ ବ୍ୟବହୃତ ହେଉଥିବା ପିପ୍ପଳି ଗୁଣ୍ଡକୁ ମହୁ ସହ ମିଶାଇ ପ୍ରତିଦିନ ଖାଆନ୍ତୁ। କିଛିଦିନ ପରେ ଶୁଖିଲା କାଶ ଭଲ ହୋଇଯିବ।

▶▶| ଚା'ରେ କିଛି ପୁଦିନାପତ୍ର ମିଶାଇ ପିଅନ୍ତୁ। କାଶ ଦୂରକରିବା ପାଇଁ ଏହା ଏକ ଉପାୟ ଭଳି କାମ ଦେବ।

# ଗାର୍ଡେନ ଲୁକ୍

**ଘରର ବାଲ୍‌କୋନିକୁ ଗାର୍ଡେନ ଲୁକ୍ ଦେଇ ଏକ ସମୟରେ ଆପଣ ସୌନ୍ଦର୍ଯ୍ୟ ବଢ଼ାଇବା ସହ ସବୁଜମା ସୃଷ୍ଟି କରିପାରିବେ। ଏଥିପାଇଁ ଜାଣିରଖନ୍ତୁ କିଛି ଟିପ୍ସ।**

▶▶| ବାଲ୍‌କୋନିର ଚାରିକଡ଼ରେ ଫୁଲକୁଣ୍ଡ ରଖି ସେଥିରେ ଗଛ ଲଗାନ୍ତୁ। ଯଦି ରେଲିଂ ରହିଥାଏ ସେଥିରେ ମଧ୍ୟ କୁଣ୍ଡ ରଖନ୍ତୁ।

▶▶| ବାଲ୍‌କୋନିରେ ସିଜନାଲ ଗଛ ଲଗାନ୍ତୁ ଓ ଫୁଲଗଛ ଥିବା କୁଣ୍ଡଗୁଡ଼ିକୁ ଏଭଳି ସ୍ଥାନରେ ରଖନ୍ତୁ ଯେପରି ଖରା ପଡୁଥିବ।

▶▶| ସୁନ୍ଦର ଦେଖାଯିବ ଭାବି ଅଧିକ ଫୁଲକୁଣ୍ଡ ରଖନ୍ତୁ ନାହିଁ। ବରଂ ସୁନ୍ଦର ଆକାରର ଅଳ୍ପ କୁଣ୍ଡ ରଖି ସେଥିରେ ଫୁଲଗଛ ଲଗାନ୍ତୁ।

▶▶| ବାଲ୍‌କୋନିରେ କେଉଁ ଗଛ ଲଗାଇବେ ତାହା ମଧ୍ୟ ଠିକ୍‌ଭାବେ ବିଚାର କରନ୍ତୁ। କାରଣ ସେଠାକୁ କେତେ ସମୟ ଖରା ପଡୁଛି ଏବଂ



▶▶| ବାଲ୍‌କୋନି ଯଦି ବଡ଼ ହୋଇଥାଏ ତେବେ ଗୋଟିଏ ପଟରେ ଗଛ ଲଗାନ୍ତୁ ଅନ୍ୟପଟେ ଆପଣ ବସିପାରିବେ ଓ ସୁନ୍ଦର ସ୍ଥାନକୁ ଉପଭୋଗ କରିପାରିବେ।

▶▶| ଝରକା ପାଖରେ କୌଣସି ଗଛ ରଖନ୍ତୁ ନାହିଁ। ଟିକେ ଦୂରରେ ହିଁ ରଖନ୍ତୁ।

ସେହି ଅନୁସାରେ କେଉଁ ଗଛ ଭଲ ବଢ଼ିପାରିବ ଓ ସୁନ୍ଦର ଦେଖାଯିବ ସେନେଇ ନର୍ସରିରେ ପରାମର୍ଶ କରି ଗଛ ଚୟନ କରନ୍ତୁ।

▶▶| ବାଲ୍‌କୋନିରେ ଥିବା ଗଛରେ ଠିକ୍ ସମୟରେ ପାଣି ଦିଅନ୍ତୁ ଓ ଗଛରେ କୌଣସି ପୋକ ଲାଗିବା ମାତ୍ରେ ତୁରନ୍ତ କୀଟନାଶକ ପକାନ୍ତୁ।






# ପୂଜା ପାଇଁ...

**ପାର୍ବଣରେ ଘର ଉତ୍ସବମୁଖର ହେବା ଯୋଗୁ ଗୃହିଣୀଙ୍କ ଦାୟିତ୍ୱ ବେଶ୍ ବଢ଼ିଯାଏ। ଗୋଟିଏ ପଟେ ଘରକାମ ତ ଅନ୍ୟପଟେ ବୁଲାବୁଲି ଓ ମାର୍କେଟିଂ। ତେବେ ବାହାରକୁ ବୁଲିବାକୁ ଯିବା ପୂର୍ବରୁ କେଉଁ ସବୁ ଦିଗ ପ୍ରତି ସତର୍କ ରହିବେ ସେକଥା ଜାଣିବା ନିହାତି ଦରକାର...**



ଦଶହରା ପାଇଁ ସ୍କୁଲ କଲେଜ ସବୁ ଛୁଟି ରହିଥାଏ। ତା' ସାଙ୍ଗକୁ ଘରକୁ ବନ୍ଧୁବାନ୍ଧବ ବି ଆସିଥା'ନ୍ତି। ତେଣୁ ଖିଆପିଆ ସାଙ୍ଗକୁ ବୁଲାବୁଲି ତ ନିଶ୍ଚୟ କରିବାକୁ ହେବ। ତେବେ ସେ ଶପିଂ ହେଉ କି ମେଢ଼ ଦେଖା, ଯେଉଁଠିକୁ ଗଲେ ବି ପ୍ରସ୍ତୁତ ହୋଇ ଯିବାକୁ ହେବ। ନଚେତ୍ ହସଖୁସିର ପରିବେଶ ଟେନ୍‌ସନରେ ବଦଳିଯିବାକୁ ବେଶି ସମୟ ଲାଗିବ ନାହିଁ। ତେଣୁ ବୁଲିବାକୁ ଯିବା ସମୟରେ କେଉଁ ସବୁ ଦିଗ ପ୍ରତି ନିହାତି ଦୃଷ୍ଟିଦେବାକୁ ହେବ ସେସବୁ ନେଇ ଆଗୁଆ ପ୍ରସ୍ତୁତି କରିବାକୁ ହେବ।

**ଭିଡ଼ ନ ଥିବାବେଳେ:** ଦଶହରା ପାଇଁ ଯଦି ବୁଲିବାକୁ ବାହାରିଛନ୍ତି ତେବେ ବେଶି ଗହଳି ହେଉଥିବା ସମୟରେ ଯାଆନ୍ତୁ ନାହିଁ। ପ୍ରାୟତଃ ସନ୍ଧ୍ୟା ସମୟରେ ହିଁ ଅଧିକ ଭିଡ଼ ହୋଇଥାଏ। ତେଣୁ ସନ୍ଧ୍ୟା ହେବା ପୂର୍ବରୁ କିମ୍ବା ପରେ ବୁଲିବାକୁ ଯିବା ହିଁ ବୁଦ୍ଧିମାନର ବିଷୟ ହେବ। ଅତ୍ୟଧିକ ଭିଡ଼ ଥିବା ସମୟରେ ବୁଲିବାକୁ ଗଲେ ବୁଲିବାର ମଜା ନେଇ ହେବ ନାହିଁ। ବରଂ ଭିଡ଼ ଭିତରୁ କିଭଳି ଶୀଘ୍ର ବାହାରକୁ ଯିବେ ସେଥିପାଇଁ ଉପାୟ ଚିନ୍ତା କରିବାରେ ଅଧିକ ସମୟ ଚାଲିଯିବ। ତେଣୁ ବାହାରର ସ୍ଥିତିକୁ ଲକ୍ଷ୍ୟକରି କମ୍ ଗହଳି ହେଉଥିବା ସମୟରେ ହିଁ ବୁଲିବାକୁ ଯାଆନ୍ତୁ। ଏହା ବ୍ୟତୀତ ଗହଳି ସ୍ଥାନକୁ କାର୍ ନେଇ ଯିବା ବଦଳରେ ୨ଚକିଆ ଯାନରେ ଯିବା ହିଁ ଅଧିକ ସୁବିଧା ହୋଇଥାଏ। ତେଣୁ ପରିସ୍ଥିତିକୁ ଦେଖି କେଉଁଥିରେ ଯିବେ ନିଷ୍ପତ୍ତି ନିଅନ୍ତୁ।



**ଖାଇବା ନିଷ୍ପତ୍ତି:** ବୁଲାବୁଲି କରିବାକୁ ଯିବାବେଳେ ଘରେ ଖାଇବା ପ୍ରସ୍ତୁତ କରିବେ କି ବାହାରେ ଖାଇବେ ସେନେଇ ପୂର୍ବରୁ ବିଚାର କରି ନିଅନ୍ତୁ। ସେହି ଅନୁସାରେ ବୁଲିବାକୁ ଯିବା ପୂର୍ବରୁ ଘରେ ଖାଇବା ପ୍ରସ୍ତୁତ କରି ରଖି ଦିଅନ୍ତୁ। ନଚେତ୍ ବୁଲିବା ପରେ ଘରକୁ ଫେରି ହାଲିଆ ହୋଇ ହୁଏତ ସମସ୍ତଙ୍କ ପାଇଁ ଭୋଜନ ପ୍ରସ୍ତୁତ କରିପାରିବେ ନାହିଁ। ଏହା ବ୍ୟତୀତ ଘରେ ଯଦି ଅନ୍ୟ ବୟସ୍କ ବ୍ୟକ୍ତି ଥାନ୍ତି ତେବେ ସେମାନଙ୍କ ଭୋଜନ ପାଇଁ ବି ବ୍ୟବସ୍ଥା କରିଯାଆନ୍ତୁ।

**କମ୍ ଜିନିଷ:** ପାର୍ବଣ ସମୟରେ ବୁଲିବାକୁ ଯାଉଥିଲେ ସାଙ୍ଗରେ କମ୍ ଜିନିଷ ନେଇ ଯାଆନ୍ତୁ। ନିଜର ସୁରକ୍ଷା ଦୃଷ୍ଟିରୁ ସୁନାଗହଣା ପିନ୍ଧି ବାହାରନ୍ତୁ ନାହିଁ। ଏହା ସହ ସାଙ୍ଗରେ ପିଲାମାନଙ୍କୁ ନେଇ ଯାଉଥିଲେ ସେମାନଙ୍କ ପାଇଁ ନିହାତି ଆବଶ୍ୟକ ଜିନିଷ ନିଅନ୍ତୁ। ଯଦି ଦୂର ସ୍ଥାନକୁ ବୁଲିବାକୁ ଯାଉଥାନ୍ତି ତେବେ ସବୁ ଜିନିଷ ଦାୟିତ୍ୱରେ ରଖିବାର ବ୍ୟବସ୍ଥା କରନ୍ତୁ। ଏହା ବ୍ୟତୀତ କେଉଁଠି ରହିବେ ଓ କେଉଁ ସ୍ଥାନକୁ ଯିବେ ସେନେଇ ଆଗରୁ ସବୁକିଛି ସ୍ଥିର କରନ୍ତୁ। ନଚେତ୍ ଶେଷ ମୁହୂର୍ତ୍ତରେ ହୁଏତ ଠକାମିର ଶିକାର ହୋଇପାରନ୍ତି।

## ଏମାନେ କ'ଣ କରନ୍ତି



**ବହୁ ସମୟ ବାହାରେ ବୁଲିବୁ:** ମତେ ତ ବୁଲାବୁଲି କରିବାକୁ ବହୁତ ଭଲ ଲାଗେ। ସେଥିପାଇଁ ମୁଁ ଖାଲି ସୁଯୋଗ ଖୋଜୁଥାଏ। ଆଉ ଦଶହରାରେ ଘରକୁ ନଣନ୍ଦଙ୍କ ପରିବାର ଓ ମାମୁଘର ଲୋକେ ବି ଆସନ୍ତି। ତେଣୁ ସବୁଦିନ ସନ୍ଧ୍ୟାରେ ଆମେ ବୁଲିବାକୁ ଯାଉ। ପ୍ରଥମେ ପିଲାଙ୍କୁ ସନ୍ଧ୍ୟାରେ ନେଇ ବୁଲାବୁଲି ଓ ଖିଆପିଆ କରାଇ ଆଣିବା ପରେ ଆମେ ଟିକେ ଡେରିରେ ଯାଉ। ବହୁତ ଭଲ ଲାଗେ। ବାହାରେ ବୁଲି ଖିଆପିଆ କରି ଢେର୍ ସମୟ ପରେ ଘରକୁ ଫେରୁ। ସେଥିପାଇଁ ଘରକାମ ସବୁ ଆଗୁଆ ସାରି ଦେଇଯାଏ। – ***ମମତା ଜେନା,*** *ଗୃହିଣୀ, ବରଗଡ଼ ବ୍ରିଟ୍ କଲୋନି, ଭୁବନେଶ୍ୱର*



**ପୂଜା ସାଙ୍ଗକୁ ବୁଲିବାର ମଜା ଅଲଗା:** ନବରାତ୍ରିରେ ଘରେ ପୂରା ବିଧିବିଧାନରେ ପୂଜାକରେ। ପୂଜା ଶେଷ ଦିନ ପିଲାଙ୍କୁ ଡାକି ଖାଇବାକୁ ଦିଏ ଓ ଗିଫ୍ଟ ଦିଏ। ପୂଜା ପାଇଁ ପିଠାପଣା ବି ହୁଏ। ଏସବୁ ପରେ ପାଣିପାଗ ଦେଖି କଟକ ଓ ଭୁବନେଶ୍ୱର ବୁଲି ମେଢ଼ ଦେଖିବୁ। ସ୍ୱାମୀ ଓ ନଣନ୍ଦଙ୍କ ସହ ଏଥର ବୁଲିବାକୁ ଯିବୁ। ଆମେ ବହୁତ ଜିନିଷ କିଣିବୁ ବୋଲି ପ୍ଲାନ୍ ବି କରିଛୁ। ଭୁବନେଶ୍ୱରରେ ମୋ ଭଉଣୀ ଭିଣୋଇ ଓ ଅନ୍ୟମାନେ ରହୁଛନ୍ତି। ସେଠି ସମସ୍ତେ ସାଙ୍ଗହୋଇ ବୁଲିବାକୁ ଯିବୁ ଓ ଖିଆପିଆ କରିବୁ। ବର୍ଷର ଏହି ଗୋଟିଏ ଉତ୍ସବରେ ସମସ୍ତେ ଏକାଠି ହୋଇ ବାହାରକୁ ଯାଉ ବୋଲି ଖୁବ୍ ମଜା ଲାଗେ। ମାଆଙ୍କ ପୂଜା ସାଙ୍ଗକୁ ଚାରିଆଡେ ପାର୍ବଣର ଗୋଟେ ଭିନ୍ନ ପରିବେଶରେ ବୁଲିବାର ସ୍ୱତନ୍ତ୍ର ଆକର୍ଷଣ ରହିଥାଏ। – ***ସ୍ମୃତିରେଖା ପଟ୍ଟନାୟକ,*** *ଗୃହିଣୀ, ସିଡିଏ, ସେକ୍ଟର ୬, କଟକ*



**ସମସ୍ତଙ୍କ ସହ ବୁଲିବାକୁ ଯିବୁ:** ଦଶହରା ପାଇଁ ଆମର କିଣାକିଣି ପ୍ରାୟ ସରିଗଲାଣି। ଘର ପାଇଁ ଓ ପିଲାଙ୍କ ପାଇଁ ସବୁ କିଣାକିଣି ସରି ଯାଇଛି। କାହିଁକିନା ଦଶହରା ବେଳକୁ ସବୁଆଡ଼ ଅଧିକ ଗହଳି ହେବ ବୋଲି ଆମେ ଆଗୁଆ ଶପିଂ କରିସାରିଛୁ। ବାକି ଘରକୁ ବନ୍ଧୁବାନ୍ଧବ ଆସିବେ, ସେମାନଙ୍କ ପାଇଁ କିଛି କିଣାକିଣି ସାଙ୍ଗକୁ ବୁଲାବୁଲି କରିବାର ପ୍ଲାନ୍ ରହିଛି। ସମସ୍ତେ ମିଶି ବାହାରେ ଖିଆପିଆ କରି ମଜାକରିବୁ। ବର୍ଷକୁ ଥରେ ଏହି ପୂଜାରେ ବୁଲାବୁଲି ନ କଲେ ଭଲ ଲାଗିବ ନାହିଁ। ତା' ଛଡ଼ା ମତେ ଘର ସଜାଇବାକୁ ବେଶି ଭଲ ଲାଗେ। ସେଥିପାଇଁ କୌଣସି ଉତ୍ସବରେ ଘରକୁ ବନ୍ଧୁବାନ୍ଧବ ଆସିଲେ ବହୁତ ଭଲଲାଗେ। ସେମାନଙ୍କ ସହ ଦଶହରା ଛୁଟି ବେଶ୍ ଖୁସିରେ କଟିଯାଏ। – ***ବିଶ୍ୱବନ୍ଦିତା ମହାନ୍ତି,*** *ଗୃହିଣୀ, ଲକ୍ଷ୍ମୀସାଗର, ଭୁବନେଶ୍ୱର*



**ପିଲାମାନେ ଖୁସି ହୁଅନ୍ତି:** ବୁଲିବାକୁ ଯିବା ମୋ ପାଇଁ ଭାରି କଷ୍ଟ କାମ। ଗହଳି ଭିତରେ ପିଲାଙ୍କୁ ଧରି ସବୁବେଳେ ସତର୍କ ରହିବାକୁ ହୋଇଥାଏ। ସେଥିରେ ପୁଣି କିଏ କୁଆଡ଼େ ଯେମିତି ହଜି ନ ଯିବ ସେଥିପାଇଁ ବି ଜଗିବାକୁ ହୁଏ। ଖାଲି ପିଲାମାନଙ୍କ ଖୁସି ପାଇଁ ଯାହା ବାଧ୍ୟରେ ବୁଲିବାକୁ ଯାଏ। କମ୍ ଭିଡ଼ ହେବ ଭାବି ଆମେ ସମସ୍ତେ ଦୁର୍ଗାଷ୍ଟମୀ ଦିନ ହିଁ ବୁଲିବାକୁ ଯାଉ। ସେଦିନ ବାହାରେ ଖାଇପିଇ ଡେରିରେ ଘରକୁ ଫେରୁ। ଘରକୁ ଆସିବା ପରେ ସମସ୍ତେ ଫ୍ରେଶ୍ ହୋଇ ଶୋଇପଡୁ। ବାକି ଦିନ ସବୁ ଘରେ ଭଲ ଭଲ ଖାଇବା ତିଆରି କରେ ଆଉ ବାହାରୁ ବି ଖାଇବା ମଗାହୁଏ। ପିଲାମାନେ ଦଶହରାକୁ ଖୁବ୍ ଏନ୍‌ଜଏ କରନ୍ତି। ବେଳେବେଳେ ସେମାନେ ରାବଣପୋଡ଼ି ଓ ବାଣଫୁଟା ଦେଖିବା ପାଇଁ ବି ଯାଆନ୍ତି। – ***ସୁଜାତା ଜେନା,*** *ଗୃହିଣୀ, ବେଣ୍ଟପୁର, ବାଲିଅନ୍ତା, ଭୁବନେଶ୍ୱର*





**ସୌନ୍ଦର୍ଯ୍ୟ**

# ସୁନ୍ଦର କେଶ

**ଘନ କେଶ ମହିଳାଙ୍କ ସୌନ୍ଦର୍ଯ୍ୟକୁ ଢେର୍ ଗୁଣ ବଢ଼ାଇ ଦେଇଥାଏ। ତେବେ କେଶକୁ ଗହଳିଆ କରିବା ପାଇଁ ଜାଣିରଖନ୍ତୁ କିଛି ଘରୋଇ ଉପାୟ।**

▶▶| ଭଲ କେଶ ପାଇଁ ସର୍ବପ୍ରଥମେ ନିଜ ଖାଦ୍ୟପେୟ ଉପରେ ଧ୍ୟାନ ଦିଅନ୍ତୁ। ଆଇରନ୍, ଭିଟାମିନ୍- ଡି, ଆମିନୋ ଏସିଡ୍, ଫୋଲେଟ୍, ଭିଟାମିନ୍- ବି ୧୨ ଏବଂ ସେଲେନିୟମ୍ ଥିବା ଖାଦ୍ୟ ଖାଆନ୍ତୁ।

▶▶| କେଶକୁ ଅଧିକ ଟାଇଟ୍ କରି ବାନ୍ଧନ୍ତୁ ନାହିଁ। ଏପରି କଲେ କେଶ ଅଧିକ ଉପୁଡ଼ିଯାଏ।

▶▶| କେଶ ଅଧିକ ଅଏଲି ହୋଇଥିଲେ ସପ୍ତାହକୁ ଦୁଇଥର ଧୁଅନ୍ତୁ।

▶▶| ଲମ୍ୱା କେଶ ହୋଇଥିଲେ ମୂଳକୁ ହିଁ ଭଲଭାବେ ଧୋଇବା ଉପରେ ଅଧିକ ଧ୍ୟାନ ଦିଅନ୍ତୁ।

▶▶| ଶାମ୍ପୁ କରିବା ପରେ କଣ୍ଡିସନର ନିଶ୍ଚୟ କରନ୍ତୁ।





▶▶| ପ୍ରଦୂଷଣରୁ କେଶକୁ ରକ୍ଷା କରନ୍ତୁ। ତେଣୁ ବାହାରକୁ ବାହାରିବା ସମୟରେ କେଶକୁ ଘୋଡ଼ାଇ ବାହାରନ୍ତୁ।

▶▶| ନଡ଼ିଆ ତେଲ କିମ୍ବା ଅନ୍ୟ ଯେକୌଣସି ତେଲ ମାଲିସ୍ କରନ୍ତୁ ଏବଂ ପ୍ରତିଦିନ ମୁଣ୍ଡ କୁଣ୍ଡାନ୍ତୁ।

▶▶| କେଶକୁ ଅଧିକ ଘନ କରିବା ପାଇଁ ଅଣ୍ଡା ଲଗାନ୍ତୁ। କେଶର ଲମ୍ୱ ଅନୁସାରେ ଗୋଟିଏ କିମ୍ବା ଦୁଇଟି ଅଣ୍ଡାକୁ ଫେଣ୍ଟି କେଶ ମୂଳରେ ଲଗାଇ ଦିଅନ୍ତୁ। ଅଧଘଣ୍ଟା ରଖିବା ପରେ ଉଷୁମ ପାଣିରେ ଧୋଇ ଦିଅନ୍ତୁ।

▶▶| ଅଲିଭ୍ ଅଏଲ୍ ଲଗାଇ ଅତିକମ୍‌ରେ ଅଧଘଣ୍ଟା ରଖିବା ପରେ ଶାମ୍ପୁ କରନ୍ତୁ।

▶▶| ମେଥିକୁ ଲଗାଇଲେ ବି କେଶ ଘନ ହୋଇଥାଏ। ରାତିରୁ ମେଥି ଭିଜାଇ ସକାଳେ ତାକୁ ଗ୍ରାଇଣ୍ଡିଂ କରି କେଶ ମୂଳରେ ଲଗାନ୍ତୁ। ୧୦ ରୁ ୧୫ ମିନିଟ୍ ରଖିବା ପରେ ଶାମ୍ପୁ କରି ଦିଅନ୍ତୁ।

▶▶| ଘନ କେଶ ନିମନ୍ତେ କେଶ ମୂଳରେ ଆଲୋଭେରା ଜେଲ୍ ଲଗାନ୍ତୁ।

▶▶| କେଶ ଓଦା ଥିବା ସମୟରେ କୁଣ୍ଡାନ୍ତୁ ନାହିଁ। ସବୁବେଳେ ହେୟାର ଡ୍ରାୟର ବ୍ୟବହାର କରନ୍ତୁ ନାହିଁ।

**ଖାଦ୍ୟରୁଚି**

# ପନିର ଭୁର୍ଜି

**ଆବଶ୍ୟକ ସାମଗ୍ରୀ–**
ପନିର- ୨୫୦ ଗ୍ରାମ୍, ଟମାଟୋ- ୪ଟି, ଅଦା- ୧ ଚାମଚ (କଟା), କଞ୍ଚାଲଙ୍କା- ୩ଟି, ହଳଦୀ- ୧ ଛୋଟ ଚାମଚ, ଧନିଆଗୁଣ୍ଡ- ୧ ଛୋଟ ଚାମଚ, ଜୀରା ଗୁଣ୍ଡ- ୧ ଛୋଟ ଚାମଚ, ଲଙ୍କାଗୁଣ୍ଡ ଅଳ୍ପ, ଗରମ ମସଲା ଗୁଣ୍ଡ- ଅଧା ଛୋଟ ଚାମଚ, କସ୍ତୁରୀ ମେଥି- ୧ ଛୋଟ ଚାମଚ, ଧନିଆପତ୍ର- ଅଳ୍ପ, ଆବଶ୍ୟକ ଅନୁସାରେ ଲୁଣ ଓ ତେଲ।

**ପ୍ରସ୍ତୁତି ପ୍ରଣାଳୀ–**
ପ୍ରଥମେ ପନିରକୁ ଛୋଟ ଛୋଟ ଖଣ୍ଡ କରି ରଖନ୍ତୁ। ଏହାପରେ ଟମାଟୋ, କଞ୍ଚାଲଙ୍କା ଓ ଅଦାକୁ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଗ୍ୟାସ୍‌ରେ କଡ଼େଇ ଗରମ କରି ସେଥିରେ ତେଲ ପକାନ୍ତୁ। ତେଲ ଗରମ ହେବା ପରେ ସେଥିରେ ଟମାଟୋ ପେଷ୍ଟ ପକାଇ କଷନ୍ତୁ। ଅଳ୍ପ କଷି ହୋଇଯିବା ପରେ ସେଥିରେ ଲୁଣ, ହଳଦୀ ଓ ସମସ୍ତ ମସଲା ଗୁଣ୍ଡ ପକାଇ ପୁଣି କିଛି ସମୟ କଷନ୍ତୁ। ଏବେ ଏଥିରେ କିଛି ପାଣି ଦେଇ ଭଲଭାବେ କଷିବା ପରେ ପନିର ପକାନ୍ତୁ। ପନିରକୁ ଭଲଭାବେ ମିଶାଇ କିଛି ସମୟ ପରେ ଓହ୍ଲାଇ ଦିଅନ୍ତୁ। ଏବେ ସେଥିରେ ଧନିଆପତ୍ର କାଟି ପକାନ୍ତୁ। ବିନା ପିଆଜ ରସୁଣରେ ପ୍ରସ୍ତୁତ ଏହି ପନିର ଭୁର୍ଜିକୁ ଉଭୟ ଭାତ କିମ୍ବା ରୁଟି ସହ ଖାଇହେବ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କ୍ରୀଡ଼ାମନ୍ତ୍ରୀଙ୍କ ଦ୍ୱାରା କିଶୋର ସମ୍ବର୍ଦ୍ଧିତ


କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ସୋମବାର ଜାଭେଲିନ ଥ୍ରୋ ତାରକା କିଶୋର ଜେନାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି। (ଫଟୋ: ବିକାଶ ନାୟକ)

**ଭୁବନେଶ୍ୱର, ୧୬।୧୦ (ତପନ ସ୍ୱାଇଁ)**

ଚାଇନାର ହାଙ୍ଗଝୋରେ ଅନୁଷ୍ଠିତ ଏସିଆନ ଗେମ୍ସର ପୁରୁଷ ଜାଭେଲିନ୍ ଥ୍ରୋରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଓଡ଼ିଶାର କିଶୋର ଜେନାଙ୍କୁ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ସୋମବାର ସମ୍ବର୍ଦ୍ଧିତ କରିଛନ୍ତି। କିଶୋର ବ୍ୟକ୍ତିଗତ ଶ୍ରେଷ୍ଠ ୮୭.୫୪ ମିଟର ଦୂରକୁ ଜାଭେଲିନ୍ ଥ୍ରୋ କରି ରୌପ୍ୟ ପଦକ ହାସଲ କରିବାସହ ୨୦୨୪ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ଏସିଆନ ଗେମ୍ସରେ ତାଙ୍କଠାରୁ କେବଳ ଅନ୍ୟତମ ଭାରତୀୟ ନିରଜ ଚୋପ୍ରା ଶ୍ରେଷ୍ଠ ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ପାଇଥିଲେ। କଳିଙ୍ଗ ସ୍ପୋର୍ଟ୍ସ କମ୍ପ୍ଲେକ୍ସସ୍ଥିତ ଟେନିସ ସେଣ୍ଟରରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ହକି ପ୍ରମୋଶନ କାଉନସିଲ ଚେୟାରମ୍ୟାନ ଦିଲୀପ ତିର୍କୀ, ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ଓ ରାଜ୍ୟ କ୍ରୀଡ଼ା ବିଭାଗର ଅଧିକାରୀ, କୋଚ୍ ଓ ଆଥଲେଟମାନେ ଉପସ୍ଥିତ ଥିଲେ। ନିଜର କଠିନ ପରିଶ୍ରମ ଦ୍ୱାରା କିଶୋର ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି ଏବଂ ଅନ୍ତର୍ଜାତୀୟ ସ୍ତରରେ ରାଜ୍ୟକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛନ୍ତି ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି। ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ସେ ଭାରତ ଏବଂ ଓଡ଼ିଶା ପାଇଁ ଆହୁରି ଗୌରବ ଆଣିବେ ବୋଲି ତୁଷାରକାନ୍ତି ଆଶାପ୍ରକାଶ କରିଛନ୍ତି। ଅଲିମ୍ପିକ୍ସ ପ୍ରସ୍ତୁତି ପାଇଁ କିଶୋରଙ୍କୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ସେ କହିଛନ୍ତି।

# ଡେନ୍‌ମାର୍କ ଓ ଫ୍ରେଞ୍ଚ୍ ଓପନରୁ ଓହରିଲେ ପ୍ରଣୟ

**ଓଡେଞ୍ଜ (ଡେନ୍‌ମାର୍କ), ୧୬।୧୦ (ପି.ଟି.):** ପିଠିରେ ଆଘାତ ଯୋଗୁ ଭାରତର ଷ୍ଟାର୍ ବ୍ୟାଡ୍‌ମିଣ୍ଟନ ଖେଳାଳି ଏଚ୍‌ଏସ୍ ପ୍ରଣୟ ଡେନ୍‌ମାର୍କ ଓପନ ସୁପର ୭୫୦ ଓ ଫ୍ରେଞ୍ଚ୍ ଓପନ ଟୁର୍ଣ୍ଣାମେଣ୍ଟରୁ ଓହରି ଯାଇଛନ୍ତି। ଏସିଆନ ଗେମ୍ସରେ ବ୍ରୋଞ୍ଜ ପଦକ ବିଜୟୀ ମ୍ୟାଚରେ ଏହି ଆଘାତ ତାଙ୍କୁ ସମସ୍ୟାରେ ପକାଇଥିଲା। ହାଙ୍ଗଝୋଠାରେ ଏହି ୩୧ ବର୍ଷୀୟ ଭାରତୀୟ ଦୀର୍ଘ ୪୧ ବର୍ଷ ବ୍ୟବଧାନରେ ପୁରୁଷ ସିଙ୍ଗଲ୍ସରେ ଭାରତ ପାଇଁ ପ୍ରଥମ ପଦକ ଆଣିଦେଇଥିଲେ। ଆଘାତପ୍ରାପ୍ତ ଥିବାରୁ ସେ ଆସନ୍ତା ୨ରୁ ୩ ସପ୍ତାହ ଖେଳିପାରିବେ ନାହିଁ।

# ଓଡ଼ିଶାକୁ ୨୪ ସ୍ୱର୍ଣ୍ଣ ସହ ୬୨ ପଦକ

## ପୂର୍ବାଞ୍ଚଳ କରାଟେ

**ଭୁବନେଶ୍ୱର, ୧୬।୧୦ (ତପନ ସ୍ୱାଇଁ)**

କୋଲ୍‌କାତାର ଅମାଲଦୂତ କ୍ରୀଡ଼ାଙ୍ଗନରେ ୩ୟ ପୂର୍ବାଞ୍ଚଳ କରାଟେ ପ୍ରତିଯୋଗିତା ଗତ ୧୪ ଓ ୧୫ ତାରିଖ ଦୁଇଦିନଧରି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାରୁ ମୋଟ ୭୧ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଭଲ ପ୍ରଦର୍ଶନ କରିଥିବା ଓଡ଼ିଶା ୨୪ ସ୍ୱର୍ଣ୍ଣ, ୧୩ ରୌପ୍ୟ ଓ ୨୫ ବ୍ରୋଞ୍ଜ ଏହିପରି ମୋଟ ୬୨ଟି ପଦକ ହାସଲ କରିଛି। ରାଜ୍ୟ ପକ୍ଷରୁ ସ୍ୱର୍ଣ୍ଣ ପଦକ ଜିତିଥିବା କରାଟେକାମାନେ ହେଲେ ଭାଲେନା ଭାଲେଣ୍ଟିନା, ସୁରୋମିତା ସିହ୍ନା, ଜ୍ୟୋତିରଞ୍ଜନ ରାଉତ, ଓମ୍ ଶୁଭମ୍ ମହାନ୍ତି, ପ୍ରତ୍ୟୁଷ ମହାପାତ୍ର, ତ୍ରିଲୋଚନ ରାଣା, ଭୂମିକା ସିଂ, ବେଦାନ୍ତ ଦାସ, ଅଲିଶା ସୁବୁଦ୍ଧି, ଆର୍ଯ୍ୟା ବଂଶିକା, ସୁରଭି ପଣ୍ଡା, ମେହୁଲ ପରିଡ଼ା, ଗୌତମ ମହାନ୍ତି, ସ୍ମୃତିରେଖା ରୟ, କୁଶଲ ପୋଦ୍ଦାର, ମହମ୍ମଦ ସଦାବ, ଅଭିଯୁକ୍ତା ମିଶ୍ର, ଜନଭି ଦାସ, ଓର୍ଜା ସାମନ୍ତ, ଇଶାନି ପଣ୍ଡା, ଚିତ୍ରାକ୍ସ ଦାସ ଓ ନକାଶ ପୋଦ୍ଦାର। ଏହା ବ୍ୟତୀତ ମହିଳା ସିନିୟର ଟିମ୍ କାଟା ଓ ପୁରୁଷ ସିନିୟର ଟିମ୍ କାଟାରେ ମଧ୍ୟ ଓଡ଼ିଶା ସ୍ୱର୍ଣ୍ଣ ପଦକ ପାଇଛି। ସେହିପରି ରୌପ୍ୟ ପଦକ ଜିତିଥିବା କରାଟେକାମାନେ ହେଲେ ରୋଶନ ସାଇ ପାଲ୍, ମୁରଲୀ ସାହୁ, ଆର୍ଯ୍ୟାନ୍ତ ମହାନ୍ତି, ରୋହନ ସାହୁ, ତମନା ମେହେର, ସମ୍ଭବ ପଣ୍ଡା, ରମତେଜ ସାଇ ରେଡ୍ଡୀ, ସମୀକ୍ଷା ମହନ୍ତ, ଆର୍ଯ୍ୟବୀର ନାୟକ, ଅନ୍ନଦିତା ସ୍ୱାଇଁ, ବୈଶାଳୀ ପାତ୍ର, ପର୍ଣ୍ଣମିତା ମହାନ୍ତି ଓ ଶ୍ରେୟା କାନୁନ୍‌ଗୋ। ପଦକ ବିଜେତାମାନଙ୍କୁ ଓଡ଼ିଶା କରାଟେ ସଂଘର ସମ୍ପାଦକ ଗୌରୀ ମହାନ୍ତି ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।



ପଦକ ସହ କୃତୀ କରାଟେକାମାନେ।

# ଜାତୀୟ ହ୍ୟାଣ୍ଡବଲ ଦଳରେ ଓଡ଼ିଶାର ଆର୍ଯ୍ୟନ

**ଭୁବନେଶ୍ୱର, ୧୬।୧୦(ତପନ ସ୍ୱାଇଁ)**

ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ହ୍ୟାଣ୍ଡବଲ ଖେଳାଳି ଆର୍ଯ୍ୟନ ବ୍ରାହ୍ମିନ ନିଜ କ୍ୟାରିୟରରେ ଆଉ ଗୋଟିଏ ପାଦ ଆଗକୁ ବଢ଼ିଛନ୍ତି। ସେ ଭାରତୀୟ ପୁରୁଷ ହ୍ୟାଣ୍ଡବଲ ଦଳରେ ସ୍ଥାନ ପାଇଛନ୍ତି। ୨୦୨୪ ଅଲିମ୍ପିକ୍ସ ପାଇଁ ଏସିଆନ ପୁରୁଷ ହ୍ୟାଣ୍ଡବଲ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟ କାତାରର ଦୋହାଠାରେ ଚଳିତମାସ ୧୮ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରତିଯୋଗିତା ପାଇଁ ମନୋନୀତ ଭାରତୀୟ ଖେଳାଳିଙ୍କୁ ନେଇ ଏକ କୋଚିଂ କ୍ୟାମ୍ପ ଲକ୍ଷ୍ନୌଠାରେ ଗତ ୪ ତାରିଖରୁ ଆରମ୍ଭ ହୋଇ ସୋମବାର ଶେଷ ହୋଇଛି। ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟରେ ଏସିଆ ମହାଦେଶର ୧୩ଟି ଦେଶ ଅଂଶଗ୍ରହଣ କରିବେ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**BIJAYA FINANCE**
Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ । ସୁଧ ୨%
Mob:7656825212
7656825011

**MAA BHIBHABI PARICHITA TAILORING TRAINING SCHOOL**
Regd. No: 162018011B1 (I.G.R.)
M.S. ME No. OD19D0009062
I.S.SO. No. QMS 20181403
Tailoring Training
Garment Cutting
Hand Embroidery Patchwork
Managed by:
Parichita Charitable Trust
(Govt. Regd.)
VIM-359, PO: Sailashree Vihar, Bhubaneswar-751021
Mob: 9437229575, 8260555625

**MARUTI GROUP OF INSTITUTION**
BARGARH, ODISHA
MARUTI PHARMACY COLLEGE
COURSES : D. PHARMA (2 Yrs.)
: B. PHARMA (4 Yrs.)
MARUTI INSTITUTE OF PARAMEDICAL & ALLIED SCIENCE
COURSES : DIPLOMA IN MEDICAL LABORATORY
: TECHNICIAN (DMLT) - 2 Yrs.
Consultancy required contact:
7605930501, 9438066954
Eligibility for Admission for all +2 Science Pass


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# Classified Everyday
0674-2580101, 2549949


AUTOMOBILE

SALE

TATA HYVA (Model-3118) 2018, 5 Nos., TATA HYVA (Model-2518) 2016, 4 Nos. - 9348369473, 7504690838. D-75235


REAL ESTATE

SALE

**Flat for sale 3BHK at Bijunagar, Patia Rs.90lakhs. M: 9827769868, Phone No.- 06743513969.** D-71065

Khurda ITBP & IRB ପାଖରେ Sthitiban Gharabari plot Electricity ସହିତ ମିଳୁଅଛି। Contact- 9090772843, 9800700664. D-1420

ଘରବାରି ବାସୋଉପଯୋଗୀ ପାଚେରି, ଇଲେକ୍ଟ୍ରିସହ ଭୁବନେଶ୍ୱର ନିୟୁରେଲୱେ ଷ୍ଟେସନ୍ ନିକଟରେ ପ୍ଲଟ୍ ସୁଲଭମୂଲ୍ୟରେ ଉପଲବ୍ଧ ଅଛି। ସମ୍ପର୍କ କରନ୍ତୁ। **9439924161.** D-75236

Plot sale near AIIMS Hospital, Bhubaneswar. Contact: 9777433701. D-75240

ଜଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛତାବର- 500/-, ନଖରା SC/Gen plot-300/-. 7978663279. D-75231

**Twincity ମଧ୍ୟଭାଗରେ Grand Bazar, (Nakhara NH-16) ସମ୍ମୁଖରୁ ଅଳ୍ପଦୂରତାରେ ଘରବାରି plot ସୁଲଭ ମୂଲ୍ୟରେ କିଣନ୍ତୁ, ଗୃହନିର୍ମାଣ କରନ୍ତୁ। 8249310759.** D-75238

ଭୁବନେଶ୍ୱର Gita College ନିକଟ Gridco Colony/ Infocity-2 ପାଖରେ ପ୍ଲଟ୍ sqft. 520/- ବିକ୍ରିହେବ। 8917351078. D-75237

**ଭୁବନେଶ୍ୱର NH-16 ପିତାପଲ୍ଲୀରୁ 1 K.M. ମଧ୍ୟରେ Carmel School ପାଖରେ 30' road, boundary ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଛି। 9337166296, 9853474706.** D-75233

Khurda - Bhubaneswar, ମଧ୍ୟରେ Pitapalli Chhakରେ Sthitiban plot Electricity, Boundary ସହିତ ମିଳୁଅଛି। Contact- 7735888421, 7750068828. D-1421

PURCHASE

ଭୁବନେଶ୍ୱରରେ ଘର କଲା ଭଳି କିସମ- ଘରବାରି **yellow zone** ଥାଇ ପିଚୁ ରାସ୍ତାକୁ ଲାଗି ଜାଗା ଆବଶ୍ୟକ ଅଛି। **9799798009**ରେ **Whatsapp** କରନ୍ତୁ। D-74589




**Full Body massage, expert Therapist positively health benefits. 8917243035 / 7205044659.** D-75156

**Relax, Refresh your body, Mind at Saikrupa Spa with best therapies. 8984068077.** D-1502

Spa Kerala body Massage only best Therapist @699/- Bhubaneswar. 9337672475. D-1535

**Full body massage by expert therapist positively health benefits. 9938843929.** D-75159

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75051

**Full body relax massage refresh your body with trend therapist. 9827090587.** D-1580

Newly open health benefits Spa special offer @ 999. Contact: 7749034655. D- 75157

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**Body massage by experience, good looking therapist @999/-. (Bhubaneswar) 9078484455.** D-1533


## LOST

I, Biju Behera have lost my original Degree Certificate of B.Tech year 2017-2018 (1521315001) issued from BPUT, Rourkela. If found please contact- 9861485307. D-1578

## AFFIDAVIT

By virtue of an affidavit sworn before the Executive Magistrate, Kalahandi, Bhawanipatna, I am Prakash Kumar Mohapatra, At. Ramnagarpada, PO/PS. Bhawanipatna, Dist. Kalahandi, Odisha declare that my decision to remove my name as father of Praklan Mohapatra from all her educational documents. That in all the educational documents of my daughter be inserted the name Prasanta Kumar Hansa, At- Tentol, PO/PS. Salepur, Dist. Cuttack, Odisha as her father. D-1585

I, Narayan Acharya (62), S/o. Late Shyam Sundar Acharya, At- Ganapatinagar 3rd lane, Aska Road, P.O- Panigrahypentho, P.O- Badabazar, Berhampur, Ganjam. Actualy my father's name is Shyama Sundar Acharya as per Passport bearing No.- F2579480 but in Aadhaar Card No. XXXXXXXX3684 mentioned as Shyam Sundar Acharjya both are same person. I swear this affidavit to be filed before the Concerned Passport Authority to provide the above information for my needful purposes. D-1586


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।


## LEGAL NOTICE

ପରିବାର ବିଚାରପତିଙ୍କ ଅଦାଲତ, ବୌଦ୍ଧ ସିଭିଲ ପିଟିସନ୍ ନଂ.-୪୫/୨୦୨୨
ପ୍ରଦୀପ କୁମାର ...ବାଦୀ
ବନାମ
ସସ୍ମିତା ବେହେରା @ କୁମାର ....ପ୍ରତିବାଦୀ

ପ୍ରାପ୍ତେଷୁ,
ସସ୍ମିତା ବେହେରା @ କୁମାର, ସ୍ୱାମୀ- ପ୍ରଦୀପ କୁମାର, ସା/ଗ୍ରାମ- ମହେଶ୍ୱର ପିଣ୍ଡା, ପୋ- ଦହ୍ୟା, ଥାନା- ମନମୁଣ୍ଡା, ଜିଲ୍ଲା- ବୌଦ୍ଧ।
ବର୍ତ୍ତମାନ ଠିକଣା- ସସ୍ମିତା ବେହେରା @ କୁମାର, କେଆର ଅଫ- ସୂର୍ଯ୍ୟ ବେହେରା, ସା- ଗନ୍ଧର୍ବ ମାର୍ଥା, ପ୍ଲଟ୍ ନଂ.-୨୧୧, ଲେନ-୫, ଝାରପଡ଼ା (ମହାଦେବ ନଗର), ପୋ- ବୁଦ୍ଧେଶ୍ୱରୀ, ଥାନା- ଲକ୍ଷ୍ମୀସାଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ପିନ୍-୭୫୧୦୦୬।

ଏତଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଚାଲିଥିବା ସିଭିଲ ପିଟିସନ ନଂ.-୪୫/୨୦୨୨ର ପ୍ରତିବାଦୀ ପକ୍ଷ ଅଟନ୍ତି। ଏହି କେସ୍ (Section 9 of Hindu Marriage Act for Restitution of Conjugal Right)ରେ ଆପଣଙ୍କ ବିରୁଦ୍ଧରେ କରାଯାଇଛି।

ଉପରୋକ୍ତ ଠିକଣାରେ ଅଦାଲତରୁ ନୋଟିସ ପ୍ରେରଣ କରାଗଲେ ମଧ୍ୟ ତାହା ଗ୍ରହଣ କରୁନାହାନ୍ତି। ଏଣୁ ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଆସନ୍ତା ତା୦୭।୧୧।୨୦୨୩ରିଖ ଦିନ ୧୦.୩୦ଘ. ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ହାଜର ହୋଇ ନିଜର ପକ୍ଷ ରଖିବେ, ନଚେତ ଅଦାଲତ ଆପଣଙ୍କର ଅନୁପସ୍ଥିତିରେ ବିଚାର ପ୍ରକ୍ରିୟା ଆରମ୍ଭ କରିବେ ଓ ପରେ ଆପଣଙ୍କର କୌଣସି ଆପତ୍ତି ଅଭିଯୋଗ ବିଚାରକୁ ନିଆଯିବ ନାହିଁ।

ସ୍ୱାକ୍ଷର- ବିଚାରପତି,
ପରିବାର ଅଦାଲତ, ବୌଦ୍ଧ
ଧ-୧୫୮୨

# ମନେ ପଡ଼ନ୍ତି

## ସପ୍ତଦଶ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ନିର୍ମଳା ମହାପାତ୍ର**
ପ୍ଲଟ୍ ନଂ.-୧୫୫୨, ମହାନଦୀ ବିହାର, କଟକ
ଆବିର୍ଭାବ: ୧୪।୦୨।୧୯୪୭
ତିରୋଧାନ: ୨୫।୦୯।୨୦୦୬
(ଆଶ୍ୱିନ ଶୁକ୍ଳ ତୃତୀୟା)
ଚାଲୁ ଚାଲୁ ତମେ ଥକିଗଲ ବୋଲି
ନୀରବେ ପଡ଼ିଲ ଶୋଇ,
ଜହ୍ନ ହୋଇ ତୁମେ ଜୋଛନା ଢାଳୁଥା
ସରଗ ରାଇଜେ ରହି।
ଶ୍ରଦ୍ଧାଞ୍ଜଳି ସହ: ସ୍ୱାମୀ: ଇଂ. ଯଦୁନାଥ ମହାପାତ୍ର, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।
ଧ-୧୫୮୧

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଧନଞ୍ଜୟ ପଲାଇ**
ଚାନ୍ଦବାଲି, ଜିଲ୍ଲା- ଭଦ୍ରକ
ଆବିର୍ଭାବ: ୨୪।୧୦।୧୯୨୬
ତିରୋଧାନ: ୧୪।୧୦।୨୦୨୩
ଆମ୍ଭମାନଙ୍କୁ ଅସହାୟ ଅବସ୍ଥାରେ ଛାଡ଼ି ହଠାତ୍ ଆରପାରିକୁ ଚାଲିଗଲେ ବାପା। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମ ଜୀବନରେ ଚିରସ୍ମରଣୀୟ ହୋଇ ରହିବ। ଆପଣଙ୍କ ଆଦର୍ଶ, ଆଶୀର୍ବାଦ ଏବଂ କର୍ତ୍ତବ୍ୟପରାୟଣତା ଆମମାନଙ୍କ ଜୀବନର ପଥ ପ୍ରଦର୍ଶକ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ ।
ଧ-୧୫୭୯

## ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ଶତପଥୀ**
ମାଛୁଆତି, ସାଲେପୁର, କଟକ
ଆବିର୍ଭାବ-୧୦।୦୯।୧୯୩୩
ତିରୋଧାନ- ୦୭।୧୦।୨୦୨୩
ତୁମ ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମ୍ଭମାନଙ୍କୁ ସବୁଦିନ ପାଇଁ ଅନୁପ୍ରାଣିତ କରୁଥାଉ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁତ୍ର: ଗୋପବନ୍ଧୁ ଶତପଥୀ, ହରିବନ୍ଧୁ ଶତପଥୀ, ସୁଜିତ୍ ଶତପଥୀ, ଅଜିତ୍ ଶତପଥୀ, ଅନିଲ୍ ଶତପଥୀ, ବୋହୂ: ସ୍ୱର୍ଣ୍ଣପ୍ରଭା, ଶୁଭଶ୍ରୀ, ଶୈଳବାଳା, ବୈଜୟନ୍ତୀବାଳା, ସସ୍ମିତା, କନ୍ୟା: ପ୍ରଭାସିନୀ, ଜୟଶ୍ରୀ, ଜ୍ୱାଇଁ: ପ୍ରଦୀପ୍ତ, ଅମରେନ୍ଦ୍ର, ନାତି: ଜ୍ୟୋତିପ୍ରକାଶ, ଅମ୍ଲାନ୍, ସାଇସ୍ମରଣ, ତନିଷ୍କ, ନାତୁଣୀ: ପ୍ରିୟଙ୍କା, ସମୀକ୍ଷା, ପ୍ରଣତି, ପୂର୍ଣ୍ଣାହୁତି, ତାନିଶା, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ ।
ଧ-୧୫୮୭

## ତୃତୀୟ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ରବୀନ୍ଦ୍ର ନାଥ ଦାସ**
ଆବିର୍ଭାବ: ୧୪।୦୧।୧୯୪୦
ତିରୋଧାନ: ୨୦।୦୯।୨୦୨୦
ଆପଣଙ୍କ ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ଲତା, ପୁତୁଲ୍, ନିତୁ, ବୁବୁ, ପପୁ, ପିଙ୍କି, ମିନୁ, ନାତି: ଗୁଡୁ ଓ ଡୁଗୁ
ଧ-୧୫୮୮



# ଅଷ୍ଟ୍ରେଲିଆର ପ୍ରଥମ ବିଜୟ

**ଲକ୍ଷ୍ନୌ, ୧୬।୧୦**

ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ପରେ ବ୍ୟାଟରଙ୍କ ମିଳିତ ଅବଦାନ ବଳରେ ଅଷ୍ଟ୍ରେଲିଆ ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ସୋମବାର ଅନୁଷ୍ଠିତ ମ୍ୟାଚରେ ଏହି ଦଳ ୫ ଉଇକେଟରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଭଲ ଆରମ୍ଭ ସତ୍ତ୍ୱେ ଶ୍ରୀଲଙ୍କା ଇନିଂସ ୪୩.୩ ଓଭରରେ ୨୦୯ ରନରେ ସୀମିତ ରହିଥିଲା। ଜବାବରେ ଅଷ୍ଟ୍ରେଲିଆ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲେ ମଧ୍ୟ ୩୫.୨ ଓଭରରେ ୫ ଉଇକେଟ ହରାଇ ୨୧୫ ରନ ସଂଗ୍ରହ କରି ନେଇଥିଲା। ନିଜର ପ୍ରଥମ ୨ଟି ମ୍ୟାଚରେ ଯଥାକ୍ରମେ ଭାରତ ଓ ଦକ୍ଷିଣ ଆଫ୍ରିକାଠାରୁ ହାରିଥିବା ଅଷ୍ଟ୍ରେଲିଆର ୩ ମ୍ୟାଚରୁ ଏହା ପ୍ରଥମ ବିଜୟ। ଅନ୍ୟପକ୍ଷରେ ଶ୍ରୀଲଙ୍କାର ଏହା କ୍ରମାଗତ ତୃତୀୟ ପରାଜୟ। ପୂର୍ବ ୨ ମ୍ୟାଚରେ ଏହି ଦଳ ଦକ୍ଷିଣ ଆଫ୍ରିକା ଓ ପାକିସ୍ତାନଠାରୁ ପରାସ୍ତ ହୋଇଥିଲା।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଶ୍ରୀଲଙ୍କା। ଦୁଇ ଓପନର ପଥୁମ ନିଶଙ୍କା ଓ କୁସାଲ ପେରେରା ଓପନିଂ ଯୋଡ଼ିରେ ଶତକୀୟ ଭାଗୀଦାରି ଗଢ଼ି ଦଳର ବଡ଼ ସ୍କୋର ପାଇଁ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ୧୩୦ ବଲ୍‌ରୁ ୧୨୫ ରନ ସଂଗ୍ରହ ପରେ ୨୨ତମ ଓଭରର ୪ର୍ଥ ବଲ୍‌ରେ ନିଶଙ୍କାଙ୍କୁ ଡେଭିଡ ୱାର୍ନରଙ୍କ ହାତରେ କ୍ୟାଚ କରାଇ ଅଷ୍ଟ୍ରେଲିଆକୁ ବ୍ରେକ୍ ଥ୍ରୁ ଦେଇଥିଲେ ଅଧିନାୟକ ପ୍ୟାଟ୍ କମିନ୍ସ। ଏହାର ୪ ଓଭର ପରେ ପେରେରାଙ୍କୁ କମିନ୍ସ ଆଉଟ କରିବାପରେ ଶ୍ରୀଲଙ୍କା ଆଶ୍ଚର୍ଯ୍ୟଜନକ ଭାବେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ନିଶଙ୍କା ୬୭ ବଲ୍‌ରୁ ୬୧ (୮ ଚୌକା) ଓ ପେରେରା ୮୨ ବଲ୍‌ରୁ ୭୮ (୧୨ ଚୌକା) ରନ କରି ଆଉଟ ହେବାପରେ ଶ୍ରୀଲଙ୍କା ଇନିଂସ ଭୁଶୁଡ଼ି ପଡ଼ିଥିଲା। ଦଳର ୮ ଜଣ ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଫଳରେ ଏକଦା ୧୫୭/୧ କରିଥିବା ଶ୍ରୀଲଙ୍କା ୨୦୯ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ଅର୍ଥାତ୍ ୯୨ ରନରେ ଦଳର ୯ଟି ଉଇକେଟ ପଡ଼ି ଯାଇଥିଲା। ଫଳରେ ଶ୍ରୀଲଙ୍କା ପୂରା ୫୦ ଓଭର ଖେଳିବା ସମ୍ଭବ ହୋଇ ନ ଥିଲା। ୪୩.୩ ଓଭରରେ ଦଳର ଇନିଂସ ଶେଷ ହୋଇ ଯାଇଥିଲା। ମିଡିଲ ଅର୍ଡରରେ କେବଳ ଚରିଥ ଆସାଲଙ୍କା ଦୁଇଅଙ୍କ ଛୁଇଁ ୨୫ ରନ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଆଡାମ ଜାମ୍ପା ୮ ଓଭର ବୋଲିଂ କରି ଗୋଟିଏ ମେଡେନ ସହ ୪୭ ରନ ବିନିମୟରେ ସର୍ବାଧିକ ୪ଟି ଉଇକେଟ ନେଇଥିଲେ। ମିଚେଲ ଷ୍ଟାର୍କ ଓ ପ୍ୟାଟ୍ କମିନ୍ସ ୨ଟି ଲେଖାଏ ଏବଂ ଗ୍ଲେନ ମ୍ୟାକ୍ସୱେଲ ଗୋଟିଏ ଉଇକେଟ ନେଇଥିଲେ। ଏହାକୁ ମିଶାଇ ଜାମ୍ପା ଦିନିକିଆରେ ୧୦ ଥର ୪ ଉଇକେଟ ସଫଳତା ପାଇଥିଲେ। ଅଷ୍ଟ୍ରେଲୀୟ ବୋଲରଙ୍କ ମଧ୍ୟରେ ଶେନ ୱାର୍ନ ୧୩ ଥର ୪ ଉଇକେଟ ନେଇ ଏହି ତାଲିକାର ଶୀର୍ଷରେ ଅଛନ୍ତି। ୩୨.୧ ଓଭରରେ ଶ୍ରୀଲଙ୍କା ସ୍କୋର ୧୭୮/୪ ଥିବାବେଳେ ବର୍ଷା ପବନ ଯୋଗୁ କିଛି ସମୟ ଖେଳ ବାଧାପ୍ରାପ୍ତ ହୋଇଥିଲା। ଏଥିରେ ଅନେକ ବିଜ୍ଞାପନ ହୋର୍ଡିଂ ଉଡି ଯାଇଥିଲା।

୨୧୦ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ଅଷ୍ଟ୍ରେଲିଆ ମାତ୍ର ୨୪ ରନରେ ଡେଭିଡ ୱାର୍ନର (୧୧) ଓ ଷ୍ଟିଭ୍ ସ୍ମିଥ୍ (୦)ଙ୍କ ଉଇକେଟ ହରାଇ ବିପଦରେ ପଡ଼ିଥିଲା। ତେବେ ମିଚେଲ ମାର୍ଶ ଓ ମାର୍ନସ ଲାବୁସେନ ସତର୍କତାର ସହ ବ୍ୟାଟିଂ କରି ଇନିଂସ ସମ୍ଭାଳି ନେଇଥିଲେ। ତୃତୀୟ ଉଇକେଟରେ ୫୭ ରନର ଭାଗୀଦାରି ପରେ ମାର୍ଶ ଅର୍ଦ୍ଧଶତକ ହାସଲ କରି ରନ୍‌ଆଉଟ ହୋଇ ଯାଇଥିଲେ। ସେ ୫୧ ବଲ୍‌ରୁ ୫୨ (୯ଚୌକା) ରନ କରିଥିଲେ। ମାର୍ନସ ଲାବୁସେନ ୪୦ ରନକରି ଆଉଟ ହୋଇଥିବାବେଳେ ଜୋଶ୍ ଇନ୍‌ଗ୍ଲିସ ଅର୍ଦ୍ଧଶତକ ପୂରଣ କରି ଦଳକୁ ବିଜୟ ଦିଗରେ ଅଗ୍ରସର କରାଇଥିଲେ। ସେ ୫୯ ବଲ୍‌ରୁ ୫୮ ରନ କରି ଆଉଟ ହେବା ବେଳକୁ ଅଷ୍ଟ୍ରେଲିଆ ସ୍କୋର ୧୯୨ରେ ପହଞ୍ଚି ସାରିଥିଲା। ଗ୍ଲେନ ମ୍ୟାକ୍ସୱେଲ ୨୧ ବଲ୍‌ରୁ ୩୧ (୪ ଚୌକା, ୨ ଛକା) ଓ ମାର୍କସ ଷ୍ଟୋଇନିସ ୧୦ ବଲ୍‌ରୁ ୨୦ (୨ ଚୌକା, ୧ ଛକା) ରନରେ ଅପରାଜିତ ରହି ୮୮ ବଲ୍ ବାକିଥାଇ ଅଷ୍ଟ୍ରେଲିଆକୁ ବିଜୟୀ କରାଇଥିଲେ। ଶ୍ରୀଲଙ୍କା ବୋଲରଙ୍କ ମଧ୍ୟରେ ଦିଲସାନ ମଦୁଶଙ୍କା ୩ଟି ଓ ଦୁନିଥ ୱେଲାଲାଗେ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୪୩.୩ ଓଭରରେ ୨୦୯/ଅଲ୍‌ଆଉଟ (କୁସାଲ ପେରେରା–୭୮, ପଥୁମ ନିଶଙ୍କା–୬୧, ଆଡାମ ଜାମ୍ପା–୪/୪୭, ମିଚେଲ ଷ୍ଟାର୍କ–୨/୪୩, ପ୍ୟାଟ୍ କମିନ୍ସ–୨/୩୨, ଗ୍ଲେନ ମ୍ୟାକ୍ସୱେଲ–୧/୩୬)। ଅଷ୍ଟ୍ରେଲିଆ ୩୫.୨ ଓଭରରେ ୨୧୫/୫ (ଜୋଶ ଇନ୍‌ଗ୍ଲିସ–୫୮, ମିଚେଲ ମାର୍ଶ–୫୨, ମାର୍ନସ ଲାବୁସେନ–୪୦, ଦିଲସାନ ମଦୁଶଙ୍କା–୩/୩୮, ଦୁନିଥ ୱେଲାଲାଗେ–୧/୫୩)।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଭାରତ | ୩ | ୩ | ୦ | ୬ | +୧.୮୨୧ |
| ନ୍ୟୁଜିଲାଣ୍ଡ | ୩ | ୩ | ୦ | ୬ | +୧.୬୦୪ |
| ଦକ୍ଷିଣ ଆଫ୍ରିକା | ୨ | ୨ | ୦ | ୪ | +୨.୩୬୦ |
| ପାକିସ୍ତାନ | ୩ | ୨ | ୧ | ୪ | -୦.୧୩୭ |
| ଇଂଲଣ୍ଡ | ୩ | ୧ | ୨ | ୨ | -୦.୦୮୪ |
| ଆଫଗାନିସ୍ତାନ | ୩ | ୧ | ୨ | ୨ | -୦.୬୫୨ |
| ବାଂଲାଦେଶ | ୩ | ୧ | ୨ | ୨ | -୦.୬୯୯ |
| ଅଷ୍ଟ୍ରେଲିଆ | ୩ | ୧ | ୨ | ୨ | -୦.୭୩୪ |
| ଶ୍ରୀଲଙ୍କା | ୩ | ୦ | ୩ | ୦ | -୧.୫୩୨ |
| ନେଦରଲାଣ୍ଡ | ୨ | ୦ | ୨ | ୦ | -୧.୮୦୦ |

ପ୍ଲେୟର ଅଫ୍ ଦି ମ୍ୟାଚ ଆଡାମ ଜାମ୍ପା।



ଡାଇଭ୍ ମାରି ଚିତ୍ତାକର୍ଷକ କ୍ୟାଚ ନେବା ଅବସରରେ ଅଷ୍ଟ୍ରେଲିଆର ଡେଭିଡ ୱାର୍ନର।

## ମ୍ୟାଚ୍ ବେଳେ ଷ୍ଟାଡିୟମରୁ ଖସିଲା ହୋର୍ଡିଂ

**ଲକ୍ଷ୍ନୌ, ୧୬।୧୦(ପିଟିଆଇ)**

ସୋମବାର ଅଷ୍ଟ୍ରେଲିଆ ବନାମ ଶ୍ରୀଲଙ୍କା ବିଶ୍ୱକପ୍ ମ୍ୟାଚ୍ ବେଳେ ଜୋରରେ ପବନ ବହିବାରୁ ଏକାନା ଷ୍ଟାଡିୟମର ଛାତ ଉପରୁ ବହୁ ହୋର୍ଡିଂ ତଳେ ଥିବା ଆସନଗୁଡ଼ିକ ଉପରେ ଖସିପଡ଼ିଥିଲା। ବର୍ଷାଯୋଗୁ ଖେଳକୁ କିଛି ସମୟ ସ୍ଥଗିତ ରଖାଯାଇଥିଲା। ସେତେବେଳେ ଧୂଳିଝଡ଼ ସାଙ୍ଗକୁ ଭୀଷଣ ବାୟୁପ୍ରବାହ ହୋଇଥିଲା। ଯେଉଁଠାରେ ହୋର୍ଡିଂ ଖସିପଡ଼ିଥିଲା ସେଠାରେ ଦର୍ଶକ ନ ଥିଲେ। ଆସନରେ ଲୋକେ ଥିଲେ ପରିସ୍ଥିତି ଗମ୍ଭୀର ହୋଇପଡ଼ିଥାନ୍ତା। ଦ୍ୱିତୀୟ ଇନିଂସ୍ ଆରମ୍ଭରେ ସୁରକ୍ଷା କର୍ମଚାରୀମାନେ ସମସ୍ତ ଦର୍ଶକଙ୍କୁ ସୁରକ୍ଷିତ ଉଚ୍ଚ ସ୍ଥାନକୁ ନେଇଯାଇଥିଲେ। ଏହି ଷ୍ଟାଡିୟମରେ ଅଷ୍ଟ୍ରେଲିଆ ବନାମ ଦକ୍ଷିଣ ଆଫ୍ରିକା ପ୍ରଥମ ବିଶ୍ୱକପ୍ ମ୍ୟାଚ ଗତ ସପ୍ତାହରେ ଖେଳାଯାଇଥିଲା। ଆଗକୁ ଏହି ଷ୍ଟାଡିୟମରେ ଭାରତ ବନାମ ଇଂଲଣ୍ଡ ମ୍ୟାଚ୍ ଅକ୍ଟୋବର ୨୯ରେ ଖେଳାଯିବା କାର୍ଯ୍ୟକ୍ରମ ରହିଛି।



ପବନ ଯୋଗୁ ଖସିପଡ଼ିଥିବା ହୋର୍ଡିଂ।





ବର୍ଷା ଆସିବାରୁ ଗ୍ରାଉଣ୍ଡସ୍ମ୍ୟାନମାନେ ପଡ଼ିଆକୁ କଭର କରୁଛନ୍ତି।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

(ଆଜିର ମ୍ୟାଚ)

ଦକ୍ଷିଣ ଆଫ୍ରିକା ବନାମ ନେଦରଲାଣ୍ଡ

ସ୍ଥାନ: ଧର୍ମଶାଳା,
ସମୟ: ଅପରାହ୍ନ ୨ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ପ୍ରତିଶୋଧ ଅପେକ୍ଷାରେ ଦକ୍ଷିଣ ଆଫ୍ରିକା

**ଧର୍ମଶାଳା, ୧୬।୧୦**

ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ମଙ୍ଗଳବାର ଦକ୍ଷିଣ ଆଫ୍ରିକା ଓ ନେଦରଲାଣ୍ଡ ମଧ୍ୟରେ ମୁକାବିଲା ହେବ। ଦକ୍ଷିଣ ଆଫ୍ରିକା ଏପର୍ଯ୍ୟନ୍ତ ଖେଳିଥିବା ୨ଟିଯାକ ମ୍ୟାଚ୍‌କୁ ବୃହତ୍ ବ୍ୟବଧାନରେ ଜିତିସାରିଛି। ଅନ୍ୟପକ୍ଷରେ ନେଦରଲାଣ୍ଡ ସମାନ ସଂଖ୍ୟକ ମ୍ୟାଚ ଖେଳି ସବୁଥିରେ ପରାଜିତ ହୋଇଛି। ତେଣୁ ମଙ୍ଗଳବାର ମ୍ୟାଚ୍ ପାଇଁ ଦକ୍ଷିଣ ଆଫ୍ରିକାକୁ ଫେଭରାଇଟ ବିବେଚିତ କରାଯାଉଛି। ତେବେ ସୀମିତ ଓଭର କ୍ରିକେଟରେ ନେଦରଲାଣ୍ଡ ବିପର୍ଯ୍ୟୟ ଘଟାଇବାର କ୍ଷମତା ରଖିଛି। ଗତବର୍ଷ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଟି୨୦ ବିଶ୍ୱକପର ସୁପର–୧୨ ପର୍ଯ୍ୟାୟରେ ଦକ୍ଷିଣ ଆଫ୍ରିକାକୁ ପରାଜୟ ସ୍ୱାଦ ଚଖାଇଥିଲା ନେଦରଲାଣ୍ଡ । ଏହି ଫଳାଫଳ ଦକ୍ଷିଣ ଆଫ୍ରିକାକୁ ପ୍ରତିଯୋଗିତାରୁ ବିଦାୟ ପଥ ମଧ୍ୟ ଦେଖାଇଥିଲା। ତେଣୁ ଏହାର ମଧୁର ପ୍ରତିଶୋଧ ଅପେକ୍ଷାରେ ରହିଛି ଦକ୍ଷିଣ ଆଫ୍ରିକା। ବିଜୟଧାରା ବଜାୟ ରଖି ଏହି ଦଳ ଆଗକୁ ବଢ଼ିବା ଲକ୍ଷ୍ୟରେ ରହିଛି।

ଚଳିତ ଟୁର୍ନାମେଣ୍ଟରେ ଦକ୍ଷିଣ ଆଫ୍ରିକା ନିଜର ପ୍ରଥମ ମ୍ୟାଚ୍‌ରେ ୧୦୨ ରନ୍‌ରେ ଶ୍ରୀଲଙ୍କାକୁ ହରାଇ ଅଭିଯାନ ଆରମ୍ଭ କରିଥିଲା। ଏହି ମ୍ୟାଚ୍‌ରେ ଦଳ ୪୨୮/୫ ରନ୍‌ର ବୃହତ୍ ସ୍କୋର ମଧ୍ୟ କରିଥିଲା। ଏହାପରେ ଲକ୍ଷ୍ନୌରେ ଅନୁଷ୍ଠିତ ନିଜର ଦ୍ୱିତୀୟ ମ୍ୟାଚ୍‌ରେ ୫ଥର ଚାମ୍ପିୟନ ଅଷ୍ଟ୍ରେଲିଆକୁ ୧୩୪ ରନ୍‌ରେ ପରାସ୍ତ କରିଥିଲା। ଏପର୍ଯ୍ୟନ୍ତ ଉଭୟ ବୋଲିଂ ଓ ବ୍ୟାଟିଂରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଏହି ଦଳ ସେହି ପ୍ରଦର୍ଶନ ବଜାୟ ରଖିବା ଆଶାରେ ରହିଛି। ଟପ୍ ଅର୍ଡରରେ କ୍ୱିଣ୍ଟନ ଡି'କକ୍, ରସି ଭାନ୍ ଡର ଡୁସେନ ଓ ଏଡେନ ମାରକ୍ରମ ଚମତ୍କାର ଫର୍ମରେ ଅଛନ୍ତି। ଶ୍ରୀଲଙ୍କା ବିପକ୍ଷରେ ଏହି ୩ ଖେଳାଳି ଶତକ ହାସଲ କରିଥିଲେ। ଏହା ବ୍ୟତୀତ ହେନ୍‌ରିଚ କ୍ଲାସେନ ଓ ଡେଭିଡ୍ ମିଲର ଉପଯୋଗୀ ଅବଦାନ ଦେବାରୁ ଦଳ ୪୨୮ ରନ୍ ସ୍କୋର କରିପାରିଥିଲା। ଶ୍ରୀଲଙ୍କା ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ବୋଲରମାନେ ଯଦିଓ କିଛିଟା ମହଙ୍ଗା ରହିଥିଲେ ତେବେ ଅଷ୍ଟ୍ରେଲିଆ ବିପକ୍ଷରେ ପ୍ରଭାବୀ ସାବ୍ୟସ୍ତ ହୋଇଥିଲେ। ଡି'କକ୍ କ୍ରମାଗତ ଦ୍ୱିତୀୟ ଶତକ ହାସଲ କରିଥିବାବେଳେ ଅଷ୍ଟ୍ରେଲିଆ ବିପକ୍ଷରେ ମାର୍କୋ ଜାନସେନ ଓ କାଗିସୋ ରାବାଡ଼ା ଘାତକ ବୋଲିଂ କରିଥିଲେ। ନେଦରଲାଣ୍ଡ ଦଳରେ ବିଶେଷ ନାମୀ ବ୍ୟାଟର ନ ଥିବାରୁ ଦକ୍ଷିଣ ଆଫ୍ରିକା ବୋଲରମାନେ ଅଧିକ ପ୍ରଭାବୀ ହୋଇପାରନ୍ତି। ଆଗାମୀ ମ୍ୟାଚରେ ଟପ୍ ଅର୍ଡରର ୩ ବ୍ୟାଟର ଡି'କକ୍, ଡୁସେନ ଓ ମାରକ୍ରମ ପୁଣି କ୍ଲିକ୍ କରନ୍ତୁ ବୋଲି ଦକ୍ଷିଣ ଆଫ୍ରିକା ଚାହିଁବ ନିଶ୍ଚିତ। ବଡ଼ ସ୍କୋର ହୋଇପାରିଲେ ବୋଲରମାନଙ୍କୁ ଡିଫେଣ୍ଡ କରିବା ସହଜ ହେବ।

ଅନ୍ୟପକ୍ଷରେ ଟି୨୦ ବିଶ୍ୱକପ୍‌ରେ ନେଦରଲାଣ୍ଡ ଯେ କେବଳ ଦକ୍ଷିଣ ଆଫ୍ରିକାକୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲା ତା' ନୁହେଁ, ୨୦୦୯ରେ ଲର୍ଡ୍ସଠାରେ ଇଂଲଣ୍ଡକୁ ମଧ୍ୟ ହରାଇଥିଲା। ଟି୨୦ ଓ ୫୦ ଓଭର ଫର୍ମାଟ୍ ଯଦିଓ ସମ୍ପୂର୍ଣ୍ଣ ଭିନ୍ନ ତେବେ ପୂର୍ବ ବିଜୟଗୁଡ଼ିକରୁ ସ୍କଟ୍ ଏଡ୍‌ୱାର୍ଡ୍ସଙ୍କ ନେତୃତ୍ୱାଧୀନ ଦଳ ଅନେକ କିଛି ଶିକ୍ଷା କରିଥିବ ନିଶ୍ଚିତ। ଗତ ରବିବାର ନୂଆଦିଲ୍ଲୀରେ ଇଂଲଣ୍ଡକୁ ହରାଇ ଆଫଗାନିସ୍ତାନ ବିପର୍ଯ୍ୟୟ ସୃଷ୍ଟି କରିଛି। ଏହା ମଧ୍ୟ ନେଦରଲାଣ୍ଡକୁ ପ୍ରେରଣା ଯୋଗାଇଥିବ। ତେଣୁ ଆଗାମୀ ମ୍ୟାଚ୍ ରୋମାଞ୍ଚକ ହେବା ଆଶା କରାଯାଉଛି।

## ଗତବର୍ଷ ଟି୨୦ ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକାକୁ ହରାଇଥିଲା ନେଦରଲାଣ୍ଡ







ଟ୍ରେନିଂ ସମୟରେ ଦକ୍ଷିଣ ଆଫ୍ରିକା ଦଳର ଅଧିନାୟକ ଟେମ୍ବା ବଭୁମା ଓ କ୍ୱିଣ୍ଟନ ଡି'କକ୍।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୧୭/୨୦୨୩ Bhubaneswar, Tuesday, October 17/ 2023

# ରାଜ୍ୟ ଭାରୋତ୍ତୋଳନ ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

## ହର୍ଷବର୍ଦ୍ଧନ ୬ଷ୍ଠ ଓ ମୁନା ୫ମ ଥର ପାଇଁ ନିଜ ରେକର୍ଡ ଭାଙ୍ଗିଲେ

ଭୁବନେଶ୍ୱର, ୧୬।୧୦

(ତପନ ସ୍ୱାଇଁ)

କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ଭାରୋତ୍ତୋଳନ ସଙ୍ଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ଓଡ଼ିଶା ରାଜ୍ୟ ଭାରୋତ୍ତୋଳନ ଚାମ୍ପିୟନଶିପ୍ ସୋମବାର କଳିଙ୍ଗ ଷ୍ଟାଡିୟମସ୍ଥିତ ବିଜୁ ପଟ୍ଟନାୟକ ଭାରୋତ୍ତୋଳନ କେନ୍ଦ୍ର ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଭାରୋତ୍ତୋଳନ ପଦକଧାରୀ ତଥା ଜାତୀୟ ରେଫରି ଏସ୍. ଭି. ଚନ୍ଦନା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ବୈଷୟିକ ନିର୍ଦ୍ଦେଶକ କଲୋନେଲ ଏ. ରାଜେଶ, ଜିଏମ୍ ଏଚ୍‌ପିସି କଲୋନେଲ ଆର. ଶର୍ମା, ଯୁଗ୍ମ ଶାସନ ସଚିବ ରଞ୍ଜିତ ପରିଡ଼ା, ଓଡ଼ିଶା ଭରୋତ୍ତୋଳନ ସଙ୍ଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ନାରାୟଣ ସାହୁ, ସମ୍ପାଦକ କେ. ରବି କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ୧୧ଟି ଜିଲା ଏବଂ ୟୁନିଟ୍‌ରୁ ମୋଟ ୨୫୦ ମହିଳା ଓ ପୁରୁଷ ପ୍ରତିଯୋଗୀ ଏବଂ ୪୫ ଅଫିସିଆଲ ଭାଗ ନେଇଛନ୍ତି। ୧୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ପ୍ରତିଯୋଗୀମାନେ ସର୍ବକନିଷ୍ଠ, କନିଷ୍ଠ ଏବଂ ବରିଷ୍ଠ ବର୍ଗର ମୋଟ ୬୦ଟି ଓଜନ ବର୍ଗରେ ଅଂଶଗ୍ରହଣ କରୁଛନ୍ତି।

ପ୍ରଥମ ଦିବସରେ ବିଭିନ୍ନ ବର୍ଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ହର୍ଷବର୍ଦ୍ଧନ ସାହୁ ୬ଷ୍ଠ ଥର ଏବଂ ମୁନା ନାୟକ ୫ମ ଥର ପାଇଁ ନିଜ ରେକର୍ଡ ଭାଙ୍ଗିଛନ୍ତି। ୟୁଥ୍ ୪୯ କେଜି ବାଳକରେ ଗଞ୍ଜାମର ହର୍ଷବର୍ଦ୍ଧନ ସ୍ନାଚ୍‌ରେ ୭୫, କ୍ଲିନ୍ ଆଣ୍ଡ ଜର୍କରେ ୯୬ ଏହିପରି ମୋଟ ୧୭୧ କେଜି ଉତ୍ତୋଳନ କରି ୩ଟି ଯାକ ବିଭାଗରେ ରେକର୍ଡ ଭଙ୍ଗକରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସିନିୟର ୬୧ କେଜି ପୁରୁଷରେ ଗଞ୍ଜାମର ମୁନା ନାୟକ ସ୍ନାଚ୍‌ରେ ୧୧୨, କ୍ଲିନ୍ ଆଣ୍ଡ ଜର୍କରେ ୧୪୦ କେଜି ଏହିପରି ମୋଟ ୨୫୨ କେଜି ଉତ୍ତୋଳନ କରି ରେକର୍ଡର ଅଧିକାରୀ ହୋଇଛନ୍ତି। ୟୁଥ୍ ୬୧ କେଜି ବାଳକରେ ଖୋର୍ଦ୍ଧାର ସଦାନନ୍ଦ ବରିହା ମୋଟ ୨୨୫ (ସ୍ନାଚ୍–୧୦୦, କ୍ଲିନ ଆଣ୍ଡ ଜର୍କ–୧୨୫) କେଜି ଭାର ଉଠାଇ ପ୍ରଥମ ସ୍ଥାନରେ ରହିଛନ୍ତି। ଏହି ଅବସରରେ ସେ କ୍ଲିନ୍ ଆଣ୍ଡ ଜର୍କ ଓ ମୋଟ୍ ଉତ୍ତୋଳନରେ ରେକର୍ଡ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ୟୁଥ୍ ୪୦ କେଜି ବାଳିକାରେ ଢେଙ୍କାନାଳର ପ୍ରୀତିସ୍ମିତା ଭୋଇ, ୟୁଥ୍ ୪୫ କେଜି ବାଳିକାରେ ଖୋର୍ଦ୍ଧାର ଜୟନ୍ତୀ ମଲିକ, ୟୁଥ୍ ୫୫ କେଜି ବାଳକରେ ଗଞ୍ଜାମର ରଗେବା ମଲିକ, ଜୁନିୟର ୫୫ କେଜି ପୁରୁଷରେ ଗଞ୍ଜାମର ରାମଚନ୍ଦ୍ର ମାଡ଼କାମି, ସିନିୟର ୫୫ କେଜିରେ ଢେଙ୍କାନାଳର କୁମ୍ଭେଶ୍ୱର ମଲିକ ଏବଂ ଜୁନିୟର ୬୧ କେଜି ପୁରୁଷରେ ଖୋର୍ଦ୍ଧାର ସଦାନନ୍ଦ ବରିହା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ